ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ (୨୦ ପୃଷ୍ଠା) Bhubaneswar, Friday, December 1/2023 Page 20 ₹ 7.00

୫୦ଶ ଭାଗ ୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 8 ମୂଲ୍ୟ ₹୭/-

DION GROUP
www.diongroup.in




mayabious.com




DION'S SKYWALK
CDA Sector 8

Let homecoming be as precious as ever
Win Exciting Offer on Every Booking
Come and experience a sky-high living at our model home: Lower ground stall no - PP 04

Prime location at CDA Sector 8 | Odisha's tallest river facing skyscraper
Odisha's 1st skywalk | 4 towers | 3 side open homes | Duplex penthouse
Grand shopping mall | ORERA approved | Modern Amenities

96921 41444

# ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଉଚିତ: କୁଳାଧିପତି

ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)

ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ କରିବା ପାଇଁ ଏକ ନୀତି ନିର୍ଘଣ୍ଟ ପ୍ରଣୟନ ସହ ପ୍ରଥମ ପର୍ଯ୍ୟାୟରେ ଚାରିବର୍ଷିଆ ସ୍ନାତକ ଶିକ୍ଷା ପ୍ରଚଳନର ବ୍ୟବସ୍ଥା ହେବା ଦରକାର। ଏଥିନିମନ୍ତେ ପାଠ୍ୟକ୍ରମ, ସଂରଚନା, ଦକ୍ଷତା ବିକାଶ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଆବଶ୍ୟକ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନ୍ତର୍ଗତ ପ୍ରଶିକ୍ଷଣ, ପ୍ରୋଜେକ୍ଟ କାର୍ଯ୍ୟ ଓ ଇଣ୍ଟର୍ନଶିପ୍ ସହ ଶିଳ୍ପ ସଂଯୋଗର ଭିତ୍ତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ପରାମର୍ଶ ଦେଇଛନ୍ତି।

ଗୁରୁବାର ରାଜଭବନରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କୁଳାଧିପତି ତଥା ରାଜ୍ୟପାଳ କହିଛନ୍ତି, ଓଡ଼ିଶାରେ ବହୁ ଉଚ୍ଚମାନର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ରହିଛି। ଭୁବନେଶ୍ୱର ପୂର୍ବ ଭାରତର ଶୈକ୍ଷିକ କେନ୍ଦ୍ର ହେବା ସ୍ଥଳେ ଗୋଟିଏ ବି ପ୍ରମୁଖ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ଓଡ଼ିଶାରେ ନ ରହିବା ନିଶ୍ଚିତ ରୂପେ ଚିନ୍ତାର ବିଷୟ। ଏ ଦିଗରେ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କୁଳାଧିପତି ଆହୁରି କହିଛନ୍ତି ଯେ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ସ୍ନାତକ ଶିକ୍ଷାସ୍ତରରେ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ସେଲ୍ ପ୍ରତିଷ୍ଠା ହେବା ଦରକାର ଏବଂ ବହୁ ସଂଖ୍ୟାରେ ପେଟେଣ୍ଟ ହାସଲ ପାଇଁ ଉଦ୍ୟମ କରାଯିବା ଉଚିତ। ବ୍ୟାପକ ବୈଷୟିକ ଜ୍ଞାନକୌଶଳ, ପ୍ରଯୁକ୍ତି ବିଦ୍ୟା, ଇ-ଅଫିସ୍, ଡିଜିଟାଲ୍ ମାଧ୍ୟମର ବିପୁଳ ଉପଯୋଗ ଓ ନିୟମିତ ଅଡିଟ୍ ଉପରେ କୁଳାଧିପତି ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ରହୁଛନ୍ତି, ଯେଉଁମାନେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ। ସେମାନଙ୍କ ଭାଷା, ସଂସ୍କୃତି, ନୃତ୍ୟଗୀତ, ଜୀବନଶୈଳୀ ଓ ଆଚାର ବ୍ୟବହାର ସମ୍ପର୍କରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ତଥ୍ୟ ସଂଗ୍ରହ, ଗବେଷଣା, ମ୍ୟୁଜିୟମ ପ୍ରତିଷ୍ଠା ଉପରେ ଧ୍ୟାନ ଦେବା ଦରକାର। ଭାରତ ସରକାର ଉଚ୍ଚଶିକ୍ଷାର ବିକାଶ ନିମନ୍ତେ ବିବିଧ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ପର୍ଯ୍ୟାପ୍ତ ସହଯୋଗ କରୁଛନ୍ତି। ଏସବୁର ଉପଯୋଗ କରି ଭଲ ଗ୍ରେଡ୍ ହାସଲ କରିବାକୁ ତଥା ଶିକ୍ଷା ଓ ଗବେଷଣାକୁ ପ୍ରାଧାନ୍ୟ ଦେବାକୁ କୁଳାଧିପତି ପରାମର୍ଶ ଦେଇଛନ୍ତି। ଠିକଣା ସମୟରେ ପରୀକ୍ଷା କରିବା ସହ ଠିକ୍ ସମୟରେ ଫଳ ପ୍ରକାଶନ ଓ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାକୁ କୁଳପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁଳପତି ସମ୍ମିଳନୀରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥିତି ଓ ପରିଚାଳନା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତ, ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଗଙ୍ଗାଧର ସାହୁ, ଓକାକ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ପ୍ରମୁଖ ନିଜ ବିଭାଗ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟର ସ୍ଥିତି ଓ ପ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳପତିମାନେ ବିଶ୍ୱବିଦ୍ୟାଳୟର ପ୍ରଗତି, ଭବିଷ୍ୟତର ଯୋଜନା, କାର୍ଯ୍ୟାନ୍ୱୟନ ବିଷୟରେ ତଥ୍ୟ ସୂଚନା ଦେଇଥିଲେ।


ସମ୍ମିଳନୀରେ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ଏବଂ ଅନ୍ୟମାନେ।





ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶୁଭେଚ୍ଛା ।
ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ବନ୍ଦ କରିବା ନିମନ୍ତେ ବିଶ୍ୱ ଯୁବ କେନ୍ଦ୍ର ତରଫରୁ ୨୦ ନଭେମ୍ବରଠାରୁ ୧୦ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ଜିଲା ପ୍ରଶାସନ ସହାୟତାରେ ଅଭିଯାନ ଆରମ୍ଭ ହୋଇଛି । ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶିଶୁ ଓ କିଶୋର କିଶୋରୀମାନଙ୍କୁ ନିବୃତ୍ତ କରାଇ ବିଦ୍ୟାଳୟରେ ଶିକ୍ଷାଦାନ ଓ ଥଇଥାନ କରିବାକୁ ନିବେଦନ ।
VISWA YUVA KENDRA
ମନୋଜ କୁମାର ମହାପାତ୍ର
ବିଶ୍ୱ ଯୁବ କେନ୍ଦ୍ର
ବଣିନାଳୀ, ଅନୁଗୋଳ
ମୋ- 9437191043

ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀର ସମସ୍ତ ସାମ୍ବାଦିକ, ଏଜେଣ୍ଟ ଓ ହଣ୍ଡପା ଅଞ୍ଚଳର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ଭଗବାନ୍ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ନମିତା ନାୟକ
ଆଇଆଇସି
ହଣ୍ଡପା, ଅନୁଗୋଳ




ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ 'ଧରିତ୍ରୀ'ର ସମସ୍ତ ସାମ୍ବାଦିକ, ଏଜେଣ୍ଟ ଓ କର୍ମଚାରୀଙ୍କ ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ।
ଜନତା ମହାବିଦ୍ୟାଳୟ
ବଇଣ୍ଡା, କିଶୋରନଗର, ଅନୁଗୋଳ

ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅନୁଗୋଳ ଜିଲ୍ଲାର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀଙ୍କ ସହ ଧରିତ୍ରୀର ସମସ୍ତ ଏଜେଣ୍ଟ, ସାମ୍ବାଦିକ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ଅଜିତ ପଟ୍ଟନାୟକ
ଭାଜପା ନେତା, ବଇଣ୍ଡା, ଅନୁଗୋଳ

ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀର ସମସ୍ତ ସାମ୍ବାଦିକ, ଏଜେଣ୍ଟ ଓ କିଶୋରନଗର ବ୍ଲକର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ଅନୁପମା ସାହୁ
୧୨ ନଂ. ଜୋନ୍ ଜିଲାପରିଷଦ ସଦସ୍ୟା
କିଶୋରନଗର ବ୍ଲକ

ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧରିତ୍ରୀର ସମସ୍ତ ସାମ୍ବାଦିକ, ଏଜେଣ୍ଟ ଓ କିଶୋରନଗର ବ୍ଲକର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ସରୋଜ କୁମାର ରାଉଳ
ପର୍ଯ୍ୟବେକ୍ଷକ
ବିଜେଡି, କିଶୋରନଗର




ଅଭିନନ୍ଦନ
'ଧରିତ୍ରୀ' ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ମନୋଜ ରାଉତ
(ଫକାଲୁ)
ପୂର୍ବତନ ଉପାଧ୍ୟକ୍ଷ
ମ୍ୟୁନିସିପାଲିଟି, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ନୁନୁକାପଶି ପଞ୍ଚାୟତର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ଭଗବାନ୍ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ଦୀପ୍ତିମୟୀ ସାହୁ
ସରପଞ୍ଚ
ନୁନୁକାପଶି, ଅନୁଗୋଳ, କିଶୋରନଗର

ଅଭିନନ୍ଦନ
'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆଠମଲିକ ଉପଖଣ୍ଡବାସୀଙ୍କୁ ଶୁଭେଚ୍ଛା ଜଣାଉଛି । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖିଥାନ୍ତୁ । ଧରିତ୍ରୀର ସମସ୍ତ ସାମ୍ବାଦିକ, ଏଜେଣ୍ଟ, ପାଠକ ପାଠିକାମାନଙ୍କୁ ଶୁଭେଚ୍ଛା ।

କୈଳାସ ଚନ୍ଦ୍ର ସାହୁ
ସରପଞ୍ଚ, ସାପଘରା, ଆଠମଲିକ


ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ 'ଧରିତ୍ରୀ'ର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକ ଓ ଆଠମଲିକ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ଅର୍ଜୁନ କୁମାର ସାହୁ
ସାମାଜିକ କର୍ମୀ
ଆଠମଲିକ, ଅନୁଗୋଳ

ଅଭିନନ୍ଦନ
'ଧରିତ୍ରୀ' ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ତୁଷାରକାନ୍ତି ତପସ୍ୱୀ
ସହଯୋଗୀ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ

'ଧରିତ୍ରୀ' ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆଠମଲିକ ଉପଖଣ୍ଡର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ଅସହାୟ ସହାୟତା ସଂଘ
ବଇଣ୍ଡା, କିଶୋରନଗର, ଅନୁଗୋଳ

ପ୍ରବୀଣ କୁମାର ସାହୁ ସଞ୍ଜୟ କୁମାର ପ୍ରଧାନ ପ୍ରିୟବ୍ରତ ସାହୁ





ଧରିତ୍ରୀ ଅଗଣିତ ପାଠକପାଠିକାମାନଙ୍କୁ ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।
ଶ୍ରୀଯୁକ୍ତ ରସାନନ୍ଦ ସାହୁ
ଯୋଗାଣ ନିରୀକ୍ଷକ, ପଞ୍ଚାୟତ ସମିତି, ସୋରଡ଼ା

ଦୈନିକ ଖବର କାଗଜ 'ଧରିତ୍ରୀ'ର
୫୦ ବର୍ଷ ପୂର୍ତ୍ତୀ ଅବସରରେ
ଧରିତ୍ରୀ ପରିବାର ଓ ସମସ୍ତ
ପାଠକ ପାଠିକାମାନଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ରଣେନ୍ଦ୍ର ପ୍ରତାପ ସ୍ୱାଇଁ
କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଓଡ଼ିଶା ସରକାର

'ଧରିତ୍ରୀ' ଖବର କାଗଜର
୫୦ ବର୍ଷ ପୂର୍ତ୍ତୀ ଅବସରରେ
ସମସ୍ତ ପାଠିକା ପାଠକମାନଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ଶ୍ରୀ ପ୍ରଶାନ୍ତ କୁମାର ତରାଇ
ଓ.ପ୍ର.ସେ.
ଉପଜିଲ୍ଲାପାଳ, ଆଠଗଡ଼, କଟକ

# ୪ରେ ବାତ୍ୟା

## ୫ରୁ ୭ ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩୦।୧୧(ଅନିଲ ଦାସ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନଠାରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅବପାତରେ ପରିଣତ ହୋଇଛି। ଏହାପରେ ଅବପାତ ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବ। ଡିସେମ୍ବର ୩ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ୪ ତାରିଖ ସକାଳେ ସାମୁଦ୍ରିକ ଝଡ଼ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ଉପକୂଳରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୫ରୁ ୭ ତାରିଖ ଯାଏ ଦକ୍ଷିଣ, ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷ କରି ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବାତ୍ୟା ଯୋଗୁ ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି।

ଲଘୁଚାପ ପ୍ରଭାବରେ ଡିସେମ୍ବର ୧ ତାରିଖରୁ କେନ୍ଦ୍ରୀୟ ବଙ୍ଗୋପ ସାଗର ଓ ଏହା ସଂଲଗ୍ନ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ପ୍ରବାସୀଙ୍କ ପ୍ରଭାବ**

# ହେନ୍‌ରି କିସିଙ୍ଗରଙ୍କ ପରଲୋକ



ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍‌ଙ୍କ ସହ ପୂର୍ବତନ ପରରାଷ୍ଟ୍ର ସଚିବ ହେନ୍‌ରି କିସିଙ୍ଗର(ଡାହାଣ)।

**ୱାଶିଂଟନ,୩୦।୧୧**

ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ତଥା ବରିଷ୍ଠ କୂଟନୀତିଜ୍ଞ ହେନ୍‌ରି କିସିଙ୍ଗରଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ୧୯୭୦ ଦଶକରେ ଭାରତର ନେତୃତ୍ୱକୁ ସେ ତିରସ୍କାର କରିଥିଲେ। ଏପରିକି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ସେ ଜାତିଆଣ ଏବଂ ଘୃଣ୍ୟ ଶବ୍ଦ ବ୍ୟବହାର କରିଥିଲେ। ୧୯୭୪ ଅକ୍ଟୋବର ଏବଂ ୨୦୧୨ ମାର୍ଚ୍ଚରେ ଭାରତ ଗସ୍ତରେ ଆସିଥିବା କିସିଙ୍ଗରଙ୍କୁ ଅନେକେ ରାଷ୍ଟ୍ରନେତା ବିବେଚନା କରିଥାନ୍ତି। ଭାରତ-ଆମେରିକା ସମ୍ପର୍କକୁ ମଜଭୁତ କରାଇବାରେ ସେ ପ୍ରତିଶ୍ରୁତିବଦ୍ଧ ଥିଲେ। ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଏବଂ ଗେରାଲ୍ଡ ଫୋର୍ଡଙ୍କ ସମୟରେ କିସିଙ୍ଗର ପରରାଷ୍ଟ୍ର ସଚିବ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ସେ ବୈଶ୍ୱିକ ବ୍ୟାପାରକୁ ଅସାଧାରଣ ଭାବେ ପ୍ରଭାବିତ କରିଥିଲେ। ୧୯୭୩ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା। ତାଙ୍କର ଦୀର୍ଘଦିନର ବିଦେଶ ନୀତି ଉପରେ ଏବେ ମଧ ଭାବପୂର୍ଣ୍ଣ ବିତର୍କ ହୋଇଥାଏ।

ଇହୁଦୀ ଶରଣାର୍ଥୀ କିସିଙ୍ଗର ୧୯୩୮ରେ ତାଙ୍କ ପରିବାର ସହ ନାଜି ଜର୍ମାନୀରୁ ପଳାଇଆସିଥିଲେ। ଆମେରିକାରେ ଶିକ୍ଷାଗ୍ରହଣ କରିବା ସହ ହାର୍ଭାର୍ଡ ୟୁନିଭର୍ସିଟିରୁ ୧୯୫୧ ଏବଂ ୧୯୫୪ରେ ଯଥାକ୍ରମେ ମାଷ୍ଟର ଅଫ୍ ଆର୍ଟ୍‌ସ ଏବଂ ଡକ୍ଟର ଅଫ୍ ଫିଲୋସଫି ଡିଗ୍ରୀ ହାସଲ କରିଥିଲେ। ୧୯୬୯ରୁ ୧୯୭୭ ପର୍ଯ୍ୟନ୍ତ ଆମେରିକାର ବହିର୍ବ୍ୟାପାର ନୀତିରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସୋଭିଏତ୍ ୟୁନିୟନ ସହ ଆମେରିକାର ସମ୍ପର୍କ ବଢ଼ାଇବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ। ସେ ଚାଇନା ସହ ଯୁକ୍ତରାଷ୍ଟ୍ରର ସମ୍ପର୍କ ସ୍ଥାପନ କରାଇଥିଲେ। ୟୋମ କିପ୍ପୁର ଯୁଦ୍ଧ ବନ୍ଦ କରିବାରେ ସେ ମଧ୍ୟପ୍ରାଚ୍ୟ ସହ କୂଟନୈତିକ ଆଲୋଚନାରେ ସଫଳ ହୋଇଥିଲେ। ☞ପୃଷ୍ଠା-୧୧

# ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ

## ଏମ୍‌ପି, ରାଜସ୍ଥାନରେ ଭାଜପା ସପକ୍ଷରେ ଏକ୍‌ଜିଟ୍ ପୋଲ୍

### ମଧ୍ୟପ୍ରଦେଶ

ମୋଟ ଆସନ **୨୩୦**
ମ୍ୟାଜିକ୍ ନଂ **୧୧୬**



| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଦୈନିକ ଭାସ୍କର | ୯୫-୧୧୫ | ୧୦୫-୧୨୦ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୧୪୦-୧୬୨ | ୬୮-୯୦ |
| ଜନ୍ କୀ ବାତ୍ | ୧୦୦-୧୨୩ | ୧୦୨-୧୨୫ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୧୫୧ | ୭୪ |

### ରାଜସ୍ଥାନ

ମୋଟ ଆସନ **୧୯୯**
ମ୍ୟାଜିକ୍ ନଂ **୧୦୦**



| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଏବିପି ନ୍ୟୁଜ୍ ସି-ଭୋଟର | ୯୪-୧୧୪ | ୭୧-୯୧ |
| ଦୈନିକ ଭାସ୍କର | ୯୮-୧୦୫ | ୮୫-୯୫ |
| ଇଣ୍ଡିଆ ଟୁଡେ- ଆକ୍ସିସ୍ ମାଇଁ ଇଣ୍ଡିଆ | ୮୦-୧୦୦ | ୮୬-୧୦୬ |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୮୦-୯୦ | ୯୪-୧୦୪ |

### ଛତିଶଗଡ଼

ମୋଟ ଆସନ **୯୦**
ମ୍ୟାଜିକ୍ ନଂ **୪୬**



| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଏବିପି ନ୍ୟୁଜ୍-ସି-ଭୋଟର | ୩୬-୪୮ | ୪୧-୫୩ |
| ଦୈନିକ ଭାସ୍କର | ୩୫-୪୫ | ୪୬-୫୫ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୩୬-୪୬ | ୪୦-୫୦ |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୩୦-୪୦ | ୪୬-୫୬ |

### ତେଲଙ୍ଗାନା

ମୋଟ ଆସନ **୧୧୯**
ମ୍ୟାଜିକ୍ ନଂ **୬୦**



| ସଂସ୍ଥା | ବିଆର୍‌ଏସ୍ | କଂଗ୍ରେସ | ଭାଜପା+ | ଏଆଇଏମ୍‌ଆଇଏମ୍ |
|---|---|---|---|---|
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୩୧-୪୭ | ୬୩-୭୯ | ୨-୪ | ୫-୭ |
| ଜନ୍ କୀ ବାତ୍ | ୪୦-୫୫ | ୪୮-୬୪ | ୭-୧୩ | ୪-୭ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୩୩ | ୭୧ | ୭ | ୦ |
| ରିପବ୍ଲିକ୍ ଟିଭି-ମେଟ୍ରିଜ୍ | ୪୬-୫୬ | ୫୮-୬୮ | ୭ | ୫-୭ |

### ମିଜୋରାମ



ମୋଟ ଆସନ **୪୦**
ମ୍ୟାଜିକ୍ ନଂ **୨୧**

| ସଂସ୍ଥା | ଏମ୍‌ଏନ୍‌ଏଫ୍ | ଜେଡ୍‌ପିଏମ୍ | କଂଗ୍ରେସ | ଭାଜପା |
|---|---|---|---|---|
| ଏବିପି ନ୍ୟୁଜ୍-ସି-ଭୋଟର | ୧୫-୨୧ | ୧୨-୧୮ | ୨-୮ | ୦ |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୧୪-୧୮ | ୧୨-୧୬ | ୮-୧୦ | ୦-୨ |
| ଜନ୍ କୀ ବାତ୍ | ୧୦-୧୪ | ୧୫-୨୫ | ୫-୯ | ୦-୨ |
| ରିପବ୍ଲିକ୍ ଟିଭି-ମେଟ୍ରିଜ୍ | ୧୭-୨୨ | ୭-୧୨ | ୭-୧୦ | ୧-୨ |

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ ଏବଂ ମଧ୍ୟପ୍ରଦେଶ, ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା) ଜିତିପାରେ। ସେହିପରି ଉତ୍ତର ପୂର୍ବାଞ୍ଚଳର ମିଜୋରାମରେ ଜୋରାମ୍ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ସହ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର କଡ଼ା ମୁକାବିଲା ହୋଇଥିବାବେଳେ ଦୁଇ ଜାତୀୟ ଦଳ କଂଗ୍ରେସ ଓ ଭାଜପା ପଛରେ ପଡ଼ିଯାଇଛନ୍ତି। ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହେବା ପରେ ଅଧିକାଂଶ ଏକ୍‌ଜିଟ୍ ପୋଲ ଏହି ଭବିଷ୍ୟବାଣୀ କରିଛନ୍ତି।

୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଭାଜପା ଦଖଲରେ ଥିବାବେଳେ ରାଜସ୍ଥାନ(୨୦୦) ଓ ଛତିଶଗଡ଼(୯୦)ରେ କଂଗ୍ରେସ ସରକାର ଚାଲିଛି। ତେଲଙ୍ଗାନାରେ ରାଜ୍ୟ ଗଠନ ପରଠୁ ୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) କ୍ଷମତାସୀନ ଅଛି। ମିଜୋରାମରେ ଏମ୍‌ଏନ୍‌ଏଫ୍ ସରକାରର ନେତୃତ୍ୱ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ନେଉଛନ୍ତି। ଏହି ୫ ରାଜ୍ୟରେ ନଭେମ୍ବର ୭ରୁ ୩୦ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି, ଯାହାର ଫଳାଫଳ ଡିସେମ୍ବର ୩ରେ ଆସିବ। ଏହା ପୂର୍ବରୁ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ବୁଥ୍‌ଫେରନ୍ତା ଭୋଟରଙ୍କ ମତାମତ ନେଇ ନିଜ ନିଜ ଏକ୍‌ଜିଟ୍ ପୋଲ୍ ପ୍ରସ୍ତୁତ କରିଛନ୍ତି। ତଦନୁଯାୟୀ ମଧ୍ୟପ୍ରଦେଶରେ ☞ପୃଷ୍ଠା-୧୧




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକି ଦେଲି ଭାତ ଗଣ୍ଡିକ
ଢୋକି ଦେଲି ତୋରାଣି ମୁନ୍ଦିକା।**

ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ। କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ଗରିବ ତଥା ଅଭାବୀ ଶ୍ରେଣୀର ବ୍ୟକ୍ତି ଢୋକେ ପିଇ ଦଣ୍ଡେ ଜିଇ ଜୀବନ ଅତିବାହିତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟଙ୍କା ଛଅଟି
ଭଣ୍ଡାରି ମୁଠି।**

ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ଅଭାବୀ ବ୍ୟକ୍ତି ପକ୍ଷେ ହାତରେ ଥିବା ଅଳ୍ପ ଟଙ୍କା ମଧ୍ୟ ଆଖିକୁ ବଡ଼ ଦିଶିଥାଏ। ସେତକ ଅର୍ଥ ହିଁ ତା'ର ସର୍ବସ୍ୱ ହୋଇଥିବା ବେଳେ ତାକୁ ସେ ଅନ୍ତର କରିବାକୁ ଚାହିଁନଥାଏ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ସୃଷ୍ଟି ହେଉଥିବା ଅସୀମ ବ୍ୟାକୁଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# 'ଦାସତ୍ୱ ମାନସିକତା ଛାଡ଼ି ଦେଶକୁ ବିକାଶ ଆଡ଼କୁ ନିଅ'



କାର୍ଯ୍ୟକ୍ରମରେ ମଞ୍ଚାସୀନ କେନ୍ଦ୍ର ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

### ■ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ
### ■ ଏନ୍ଆଇଟିରେ ୬ ମେଗା ପ୍ରକଳ୍ପର ଶିଳାନ୍ୟାସ

ରାଉରକେଲା, ୩୦।୧୧ (ସଙ୍ଗୀତା ଜେନା)

ଦେଶର ଯୁବପିଢ଼ିଙ୍କ ଉପରେ ଯଥେଷ୍ଟ ଭରସା ଅଛି। ଇଞ୍ଜିନିୟରିଂ କ୍ଷେତ୍ର ହେଉ ଅବା ଅନ୍ୟ କ୍ଷେତ୍ରରେ ଯୁବପିଢ଼ି ନିଜକୁ ଯୋଗ୍ୟ ସାବ୍ୟସ୍ତ କରୁଛନ୍ତି। ସେମାନେ ନିଜର ଗବେଷଣା ଓ ଆବିଷ୍କାର ବଳରେ ରାଷ୍ଟ୍ରକୁ ନୂତନ ଦିଗ୍‌ଦର୍ଶନ ଦେଉଛନ୍ତି। ବର୍ତ୍ତମାନ ଦାସତ୍ୱର ମାନସିକତାରୁ ବାହାରି ଦେଶକୁ ବିକାଶ ଆଡକୁ ଆଗେଇନେବାର ସମୟ ଆସିଛି ବୋଲି ଗୁରୁବାର ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) କ୍ୟାମ୍ପସରେ ଥିବା ଦିଲୀପ ତିର୍କୀ ଷ୍ଟାଡ଼ିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ, ଏନ୍ଆଇଟି ଛାତ୍ରୀଛାତ୍ରଙ୍କ ଉପରେ ଆମର ଭରସା ଅଛି। ପ୍ରଥମ କରି ଭାରତ ସରକାର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ପିଏସ୍‌ୟୁ ସହଯୋଗରେ ଏନ୍ଆଇଟି ଭଳି ଶିକ୍ଷାନୁଷ୍ଠାନରେ ବିକାଶକାର୍ଯ୍ୟ କରିବାକୁ ଯାଉଛନ୍ତି। ଏହି ପିଏସ୍‌ୟୁଗୁଡ଼ିକ ଆଗାମୀ ଦିନରେ ଦେଶର କୋଣ ଅନୁକୋଣରେ ଇକୋ ସିଷ୍ଟମ ବିକଶିତ କରନ୍ତୁ। ବର୍ତ୍ତମାନ ଏନ୍ଆଇଟି ଦେଶର ୧୬ତମ ସ୍ଥାନରେ ରହିଛି। ଭବିଷ୍ୟତରେ ଏହା ୧୦ ମଧ୍ୟରେ ନିଜର ସ୍ଥିତି ସଂରକ୍ଷିତ କରୁ। ଚାକିରି ଉପରେ ଗୁରୁତ୍ୱ ନ ଦେଇ କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନାରେ ଅଧିକ ରୋଜଗାର ସୃଷ୍ଟି କରିବାର ସମୟ ଆସିଛି। ଆମକୁ ଉଦ୍ୟୋଗୀକରଣ ବୃଦ୍ଧି କରିବାକୁ ହେବ। ଯେଭଳି ୨୦୪୭ ସୁଦ୍ଧା ଓଡ଼ିଶାର ଶହେ ଯୁବକ ଶହେ କୋଟି ଟଙ୍କା ରୋଜଗାର କରୁଥିବେ। ଏହାର ନେତୃତ୍ୱ ଏନ୍ଆଇଟି ଭଳି ଶିକ୍ଷାନୁଷ୍ଠାନ ନେଉ। ସୁତରାଂ ଯୁବପିଢ଼ି ବୈଷୟିକ ଓ ଅନ୍ୟ ଶିକ୍ଷାଗ୍ରହଣ ପରେ ଆତ୍ମନିର୍ଭର ପନ୍ଥା ଆପଣାଉ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଏନ୍ଆଇଟି କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟର ୩ୟ ଶାଖାର ଶୁଭାରମ୍ଭ କରିଥିଲେ। ସେହିପରି ୭୭.୫୩ କୋଟି ଟଙ୍କା ବ୍ୟୟରେ ୧ ହଜାର ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୩୮.୮୭ କୋଟି ବ୍ୟୟରେ ୫ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୧୩.୨୧ କୋଟି ବ୍ୟୟରେ ୧.୫ଏମ୍ଏଲ୍‌ଡ଼ି ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ୩୬.୨୦ କୋଟି ବ୍ୟୟରେ ଅଧ୍ୟାପକ ନିବାସ ନିର୍ମାଣ, ଏମ୍‌ସିଏଲ୍ ପାରିପାର୍ଶ୍ୱିକ ବିକାଶ ପାଣ୍ଠି୪୨.୬୯ କୋଟି ବ୍ୟୟରେ ୫ଶହ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସ ଏବଂ ପଛୁଆବର୍ଗ ଛାତ୍ରୀଙ୍କ ପାଇଁ ୫ଶହ ଶଯ୍ୟା ବିଶିଷ୍ଟ ହଷ୍ଟେଲ ତିଆରି ଲାଗି ସେ ଭୂମିପୂଜନ ଓ ଶିଳାନ୍ୟାସ କରିଥିଲେ। ଏମ୍‌ପି ଜୁଏଲ ଓରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଖଣିଜ ସମ୍ପଦପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ଆଗାମୀ ଦିନରେ ସେଣ୍ଟ୍ରାଲ ଟୁଲ୍ ରୁମ୍‌ର ଏକ ଶାଖା, ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ, ରାଉରକେଲା ବିମାନବନ୍ଦର ପାଇଁ ଅଧିକ ଜମି ଅଧିଗ୍ରହଣ କରିବାକୁ ପ୍ରୟାସ ଜାରି ରହିଛି। ସେହିପରି ସେକ୍ଟର-୧୫ଠାରେ ଥିବା ଆଦିବାସୀ ପିଲାଙ୍କ ପାଇଁ ଇନକ୍ୟୁବେଶନ ସେଣ୍ଟରକୁ ମଧ୍ୟ ପିଏସ୍‌ୟୁ ସହଯୋଗର ଆବଶ୍ୟକତା ରହିଛି ବୋଲି ଓରାମ କହିଥିଲେ। ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେଇଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଲସରା ବିଧାୟକ ଭବାନୀ ଭୋଇ, ଏମ୍‌ସିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଶବ ରାଓ, କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଶ୍ରୀହରନ୍ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଏଫ୍‌ଟିବିଆଇ ସେଣ୍ଟର ପରିଦର୍ଶନ କରି ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ଲାଇଭ୍ ସେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା, ଜମ୍ମୁ, ଦେବଗଡ଼ ଜିଲା ସମେତ ବିଭିନ୍ନ ଅଞ୍ଚଳର ହିତାଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ଜରିଆରେ ଆଲୋଚନା କରିବା ପରେ ଜନସମୂହକୁ ସମ୍ବୋଧନ କରିଥିଲେ। ଏନ୍ଆଇଟି ରେଜିଷ୍ଟ୍ରାର ରୋହନ ଧୀମାନଙ୍କ ସମେତ ସମସ୍ତ ବିଭାଗର ଡିନ୍ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ବିକାଶ ପାଇଁ ଶପଥ ଗ୍ରହଣ କରିଥିଲେ।

# ସ୍ୱାସ୍ଥ୍ୟଗତ ଅସୁସ୍ଥତା ଦର୍ଶାଇ ହାଜର ହେଲେନି ସୋମାଲିକା

## ତିର୍ତ୍ତୋଲ ବିଧାୟକଙ୍କ ବିବାହ ପଞ୍ଜୀକରଣ ଆବେଦନ ମାମଲା

### ବିବାହ ବିଚ୍ଛେଦ ଦଲିଲ ଦାଖଲ କଲେ ପ୍ରତ୍ୟୁଷାଙ୍କ ପୂର୍ବତନ ସ୍ୱାମୀ

କଟକ,୩୦।୧୧ (କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ପଞ୍ଜୀକରଣ ଆବେଦନକୁ ରଦ୍ଦ ପାଇଁ ତାଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ କରିଥିବା ଆବେଦନ ମାମଲାରେ ଏକ ଭିନ୍ନମୋଡ଼ ଦେଖିବାକୁ ମିଳିଛି। କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ (ସବ୍‌ରେଜିଷ୍ଟ୍ରାର)ଙ୍କ ନିକଟରେ ଆବେଦନକାରୀ ସୋମାଲିକା ଗୁରୁବାର ହାଜର ହୋଇନାହାନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ହାଜର ହୋଇ ନ ଥିବା ତାଙ୍କ ଓକିଲଙ୍କ ଜରିଆରେ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇଛନ୍ତି। ଅପରପକ୍ଷରେ ବିଧାୟକଙ୍କୁ ବିବାହ କରିବାକୁ ଯାଉଥିବା ମହିଳା ପ୍ରତ୍ୟୁଷା ନନ୍ଦଙ୍କ ପୂର୍ବତନ ସ୍ୱାମୀ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ହାଜର ହୋଇଛନ୍ତି। ତାଙ୍କୁ ସୋମାଲିକାଙ୍କ ଆବେଦନ ଉପରେ ଅଧିକ ଜେରା କରାଯାଇଛି। ପୂର୍ବରୁ ପ୍ରତ୍ୟୁଷାଙ୍କ ସହ ତାଙ୍କର ବିବାହ ହୋଇଥିବା ଓ ପୁଣି ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇସାରିଥିବା ନେଇ ସେ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଦଲିଲ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ, ବିଜୟଶଙ୍କର କଟକ ଅରୁଣୋଦୟ ନଗର ଅଞ୍ଚଳର ମହିଳା ପ୍ରତ୍ୟୁଷାଙ୍କୁ ବିବାହ ନିମନ୍ତେ କଟକସ୍ଥିତ ବିବାହ ପଞ୍ଜୀକରଣ ଅଧିକାରୀ (ସବ୍‌ରେଜିଷ୍ଟ୍ରାର)ଙ୍କ ନିକଟରେ ଗତ ସେପ୍ଟେମ୍ବର ୨୧ରେ ଆବେଦନ କରିଥିଲେ। ସୋମାଲିକା ଏହା ଜାଣିବା ପରେ ପଞ୍ଜୀକରଣ ଅଧିକାରୀଙ୍କୁ ଭେଟି ବିଜୟଶଙ୍କରଙ୍କ ବିବାହ ଆବେଦନ ରଦ୍ଦ କରିବାକୁ ଦାବି କରିଥିଲେ। ବିବାହ ତାରିଖ ନିକଟତର ହେଉଥିବାବେଳେ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସୋମାଲିକା ତ୍ୱରିତ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଏହି ମାମଲା ନିମ୍ନ ଅଦାଲତରେ ବିଚାରାଧୀନ ଥିବା ଦର୍ଶାଇ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେବା ସହ ଆବେଦନକୁ ଖାରଜ କରିଥିଲେ।

# ବିଜେଡିରେ ମିଶିଲେ ୪୦ ପରିବାର


ବିଜେଡି ନେତା ସହ ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀ।

ଚାନ୍ଦବାଲି,୩୦।୧୧ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ନଳଗୋରିହା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ଭଦ୍ରକ ଜିଲା ବିଜେଡି ସମ୍ପାଦକ ଇ. ଆଶୁତୋଷ ଭୋଇଙ୍କ ନେତୃତ୍ୱରେ କରଣପୋଖରୀ ଗାଁରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଉପେନ୍ଦ୍ରନାଥ ଭୋଇଙ୍କ ସଂଯୋଜନାରେ ରାଜ୍ୟ ବିଜେଡି ଯୁବ ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ପ୍ରିନ୍ସରାକେଶ ନାୟକ ଓ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପ୍ରଭାସ ନାୟକ ଯୋଗଦେଇ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଛାମୁଆ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ତ୍ରିଲୋଚନ ନାୟକ, ବସନ୍ତ ପରିଡ଼ା, ଅଭୟ ମହାନ୍ତି, ବିଦ୍ୟାଧର ସାଇଁ, ଗୌରହରି ତ୍ରିପାଠୀ, ଚନ୍ଦନ ମହାଲିକ, ସୁବାସ ମହାଲିକ, ଚକ୍ରଧର ନାୟକ, ଶ୍ରୀଧର ବେହେରା, ଗିରିଧାରୀ ନାୟକ, ବିଷ୍ଣୁମୋହନ ସାମଲ, ଗଜେନ୍ଦ୍ର ସାମଲ ପ୍ରମୁଖ ୪୦ ପରିବାରର ଶତାଧିକ ଲୋକ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ଦାସ, ସମିତିସଭ୍ୟ ତରଣୀ ମହାନ୍ତି, ସୋମନାଥ ପରିଡ଼ା, ପ୍ରଦୀପ ରାଉତ, ମାୟାଧର ରାଉତ, ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲା | ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୩୦।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଗୁରୁବାର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ଅବିନାଶ ସେନାପତି ଅଭିଯୁକ୍ତ କିଶୋର ତାଣ୍ଡି(୨୫)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ଏକବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀରୁ ପ୍ରକାଶ, ୨୦୨୧ ଏପ୍ରିଲ୍ ୧୯ ତାରିଖ ସକାଳେ ମୋତିଝରଣ ଅଞ୍ଚଳର ପୀଡ଼ିତା ଭିନ୍ନକ୍ଷମ ନାବାଳିକା ନିକଟସ୍ଥ ଦୋକାନକୁ କୌଣସି ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ସୁଯୋଗ ଦେଖି ଅଭିଯୁକ୍ତ କିଶୋର ତାଙ୍କୁ ବଳପୂର୍ବକ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା କାନ୍ଦିକାନ୍ଦି ଘରକୁ ଫେରି ନିଜ ମା'ଙ୍କୁ ସମସ୍ତ ବିଷୟ କହିଥିଲେ। ପୀଡ଼ିତାଙ୍କ ମା' କିଶୋରଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମାରିବାକୁ ଧମକ ଦେଇଥିଲେ। ପରେ ତାଙ୍କ ମା' ଧନୁପାଲି ଥାନାରେ ଏ ନେଇ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ଆଇପିସି ୩୭୬ରେ ଏକ ମାମଲା (ନଂ.୧୫୩/୨୦୨୧) ରୁଜୁ କରି ତଦନ୍ତ ପୂର୍ବକ ଅଭିଯୁକ୍ତ କିଶୋରଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ କାଳରେ ପୋଲିସ ପୋକ୍‌ସୋ କୋର୍ଟରେ ଏ ନେଇ ଚାର୍ଜଶିଟ୍ ଦାଖଲ କରିଥିଲା। ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସେନାପତି ୧୬ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ, ପ୍ରମାଣ ଆଧାରରେ କିଶୋରଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ପୋକ୍‌ସୋ କୋର୍ଟରେ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ଉକ୍ତ ମାମଲା ପରିଚାଳନା କରୁଥିଲେ।

# ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ରାୟଗଡ଼ା ଚାଷୀ

ରାୟଗଡ଼ା,୩୦।୧୧ (ଆଶିଷ ରଞ୍ଜନ ପଣ୍ଡା)

**'ବିକଶିତ ଭାରତ ସଙ୍କଳ୍ପ ଯାତ୍ରା'**




ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତ କାର୍ଯ୍ୟାଳୟଠାରେ କେନ୍ଦ୍ର ସରକାରଙ୍କ ଆମ ସଙ୍କଳ୍ପ ବିକଶିତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ରଥ ଗୁରୁବାର ହାଲୁଆରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ସରକାରଙ୍କ ଯୋଜନାର ଲାଭାର୍ଥୀ ହୋଇଥିବା ରାୟଗଡ଼ାର ଜଣେ ଚାଷୀ ପୂର୍ଣ୍ଣଚନ୍ଦ୍ର ବେନିଆଙ୍କ ସମେତ ଅନେକ ହିତାଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କଥା ହୋଇଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ତାଙ୍କର ମତ ପଚାରିଥିଲେ। ଏ ସମ୍ପର୍କରେ ହାଲୁଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭାରତ ସରକାରଙ୍କର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପିଏମ୍ କିଷାନ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଉପକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶର ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇ ସେ ଖୁବ୍ ଖୁସି ଥିବା କହିଛନ୍ତି। ୨୦୪୭ ସୁଦ୍ଧା ଦେଶକୁ କିଭଳି ବିକଶିତ ଭାରତ ଭାବେ ଗଠନ କରାଯିବ ସେଥିପାଇଁ ସଂକଳ୍ପ ନେବାକୁ ସମସ୍ତ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗାଁ ଲୋକେ ସାମିଲ ହୋଇଥିଲେ। ଲୋକଙ୍କ ପାଇଁ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ବିଭିନ୍ନ ବିଭାଗର ଷ୍ଟଲ୍, ସ୍ୱାସ୍ଥ୍ୟ ଶିବିର ଓ ସଚେତନତା ଶିବିର ଖୋଲାଯାଇଥିଲା। ଦୁଇଟି ରଥ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଯୋଜନା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ବିଡିଓ ଅମୂଲ୍ୟ ଚନ୍ଦ୍ର ସାହୁ, ଏବିଡିଓ କାଳୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ପରିସ୍ଥିତି ନିଶ୍ଚିତ ଭଲ ରହିବ ତଥାପି ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି ଉନ୍ନତ ରହିବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ଯାହାକି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସି ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ ଏପରି କି ବକେୟା ମଧ୍ୟ ପାଇପାରନ୍ତି। ପୁନଶ୍ଚ ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ** ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବା ସାଙ୍ଗକୁ କଳ୍ପନା ବିଳାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବ। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶ୍ୱଶୁରାଳୟ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଆଜି ଦିନଟିରେ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ଆଗାମୀ ସମୟର କାର୍ଯ୍ୟ ସକାଶେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇ ଦେବ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ଅପରାହ୍ନରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ସ୍ଥଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ।

**ମକର** ଆଜି ସକାଳୁ ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ। ବ୍ୟବସାୟିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆଜି ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ମାତ୍ର କଳା,ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାଆନ୍ତାରେ ସୁଯୋଗ ପାଇବେ ଓ ଆଶା ପୂରଣ ମଧ୍ୟ ହୋଇଯିବ। କିନ୍ତୁ ଏହା ସାଙ୍ଗକୁ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଘ.୧୦।୧୩ମି. ଗତେ କର୍କଟଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ମି. ଗତେ ଘ.୦୬।୫୧ମି. ମଧ୍ୟେ, ଘ.୦୭।୩୫ମି. ଗତେ ଘ.୦୮।୫୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୩ ମି. ଗତେ ଘ.୧୧।୩୫ ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
50 Years



# ୮ରେ ଚୂଡ଼ାନ୍ତ ଶୁଣାଣି

**କଟକ,୩୦।୧୧ (କାର୍ତ୍ତିକ ସାହୁ)**

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଜାରି କରିଥିବା ସ୍ଥଗିତାଦେଶ ବଳବତ୍ତର ରହିଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ଡିସେମ୍ବର ୮ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଇଜିଲାସ୍‌ରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ପୂର୍ବ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ଆସନ୍ତା ୬ ସପ୍ତାହ ମଧ୍ୟରେ ନୂଆ ମେଧା ତାଲିକା ପ୍ରକାଶ କରିବାକୁ ଗତ ଅଗଷ୍ଟ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। କେତେଜଣ ପରୀକ୍ଷାର୍ଥୀ ଏହାର ପୁନର୍ବିଚାର ନିମନ୍ତେ ଦୁଇଜଣିଆ ଖଣ୍ଡପୀଠରେ ଆବେଦନ କରିଥିଲେ। ଖଣ୍ଡପୀଠ ଉକ୍ତ ଆବେଦନକୁ ଗ୍ରହଣ କରି ଜଣିକିଆ ବିଚାରପତି ଦେଇଥିବା ନିର୍ଦ୍ଦେଶ ଉପରେ ଗତ ଅଗଷ୍ଟ ୯ ତାରିଖରେ ସ୍ଥଗିତାଦେଶ ଜାରି କରିଥିଲେ।

ସୂଚନା ଅନୁସାରେ, ୨୦୨୨ ଅଗଷ୍ଟ ୨୭ରେ ୭୯୬ଟି ଏଏସ୍‌ଓ ପଦବୀ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏଥିରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ରିଟ୍ ପିଟିଶନ୍ ଦାଖଲ କରି ଏହି ମାମଲାରେ ପକ୍ଷଭୁକ୍ତ ହେବାକୁ ପ୍ରାର୍ଥନା କରିଥିଲେ। ଗତ ଜୁଲାଇ ୩୧ ତାରିଖରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି ହୋଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖି ଦୁଇଟି ଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ। ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ' ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

**ଏଏସ୍‌ଓ ଅନିୟମିତତା ମାମଲା**

# ନବରଙ୍ଗପୁରରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୩୦।୧୧ (ଅନିଲ ଦାସ)/ନବରଙ୍ଗପୁର (ସଦାଶିବ ପ୍ରହରାଜ)**



- ■ ଚାଲିଲା ୪୪ ବସ୍
- ■ ୫ ଟଙ୍କାରେ ଗାଁରୁ ବ୍ଲକ ଯାତ୍ରା
- ■ ଉପକୃତ ହେବେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ
- ■ ନବରଙ୍ଗପୁର ଉପରେ ମୋର ସ୍ୱତନ୍ତ୍ର ଧ୍ୟାନ ଅଛି: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲାରେ ଗୁରୁବାର ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନାର ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ। ନବରଙ୍ଗପୁରରେ ୪୪ଟି ବସ୍ ୧୦ଟି ବ୍ଲକର ସବୁ ପଞ୍ଚାୟତକୁ ଯୋଡ଼ିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନବରଙ୍ଗପୁର ପ୍ରତି ମୋର ସ୍ୱତନ୍ତ୍ର ଧ୍ୟାନ ରହିଛି। ଏବେ ନବରଙ୍ଗପୁରର ଭିତ୍ତିଭୂମି ବିକାଶ ପାଇଁ ବହୁତ କାମ ଚାଲିଛି। ରାସ୍ତାଘାଟ, ସେତୁ, ଜଳସେଚନ, ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମକା ମିଶନ ଆଦି ଅନେକ କାମ ଚାଲିଛି। ଆଗାମୀ ୩ ବର୍ଷ ମଧ୍ୟରେ ଜିଲାରେ ବ୍ୟାପକ ରୂପାନ୍ତର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁର୍ଗମ ଅଞ୍ଚଳରେ ଗମନାଗମନ ଏକ ବଡ଼ ସମସ୍ୟା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତରୁ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ ମୁଁ ଜାଣିବା ପରେ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ଲକ୍ଷ୍ମୀ ଯୋଜନାରେ ଗ୍ରାମାଞ୍ଚଳରେ ସାମାଜିକ ସମ୍ପର୍କ ମଜଭୁତ ହେବା ସହିତ ଅର୍ଥନୀତି ମଧ୍ୟ ଆହୁରି ସୁଦୃଢ଼ ହେବ। ଲୋକମତକୁ ସମ୍ମାନ ଦେବା ମୋ ସରକାରର ହଲ୍‌ମାର୍କ। ଆମର ସବୁ ଯୋଜନା ଲୋକମତ ଆଧାରରେ କାର୍ଯ୍ୟକାରୀ ହେଉଛି। ଲକ୍ଷ୍ମୀ ବସ୍‌ଠାରୁ ଆରମ୍ଭକରି ଆମ ବ୍ୟାଙ୍କ, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ମଠ, ମନ୍ଦିର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର ଭଳି ସବୁ କାମ ଲୋକମାନଙ୍କର ପ୍ରସ୍ତାବ ଅନୁଯାୟୀ କରାଯାଇଛି। ଲକ୍ଷ୍ମୀ ବସ୍ ଯୋଗୁ ସମସ୍ତେ ସୁବିଧାରେ ନିଜ କାମରେ ବିଭିନ୍ନ ଜାଗାକୁ ଯାଇପାରିବେ। ଏହା ଦ୍ୱାରା ସାମାଜିକ, ଅର୍ଥନୈତିକ ବିକାଶ ଘଟିବ। ଏହା ମାଧ୍ୟମରେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀ ଆସିବେ। ଘରେ ଘରେ ଖୁସି ଓ ଆନନ୍ଦ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୋଗାଯୋଗ ହେଉଛି ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଆମର ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଏହା ରୂପାନ୍ତର ଆଣିବ। ଗାଁକୁ ଗାଁ ସହିତ ଯୋଡ଼ିବ। ଲୋକଙ୍କ ସାମାଜିକ ସମ୍ପର୍କ ମଜଭୁତ ହେବ। ଗମନାଗମନ କ୍ଷେତ୍ରରେ ସୁବିଧା ଯୋଗାଇ ଦେଇ ବିଭିନ୍ନ କାମରେ ଲକ୍ଷ୍ମୀ ବସ୍ ହେବ ଆପଣଙ୍କ ସାରଥି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମାର୍ଗଶିର ମାସ ପ୍ରଥମ ଗୁରୁବାରରେ ଆମେ ସମସ୍ତେ ଯେତେବେଳେ ମା' ଲକ୍ଷ୍ମୀଙ୍କୁ ପୂଜା କରି ସମସ୍ତଙ୍କ ସୁଖସମୃଦ୍ଧି କାମନା କରୁଛୁ, ସେତେବେଳେ ମୁଖ୍ୟମନ୍ତ୍ରୀ ଆମ ସମସ୍ତଙ୍କ ପାଇଁ ଘରେ ଘରେ ଲକ୍ଷ୍ମୀ ଆଣିଛନ୍ତି। ପରିବହନ ସେବା ଆଜି ଦ୍ୱାରଦେଶରେ ପହଞ୍ଚିଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଓ ଜିଲା ପରିଷଦ ସଭାପତି ମୋତିରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



"ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। **–ଶ୍ରୀମା**



# ପ୍ରବାସୀଙ୍କ ପ୍ରଭାବ



ଇଆନ ବୁରୁମା

ନେଦରଲାଣ୍ଡର ସବୁଠୁ ଲୋକପ୍ରିୟ ପାର୍ଟିର ଏବକାର ନେତା ଗୀର୍ଟ ୱାଇଲ୍ଡର୍ସଙ୍କୁ ଅଣଦେଖାକରି ଜଣେ ସାମ୍ବାଦିକ ଭାବେ ମୁଁ ଜୀବନର ସବୁଠୁ ବଡ଼ ଭୁଲ୍ କରିଛି। ସମ୍ଭବତଃ ସେ ନେଦରଲାଣ୍ଡର ପ୍ରଥମ ଦକ୍ଷିଣପନ୍ଥୀ ପ୍ରଧାନମନ୍ତ୍ରୀ ହେବେ । ମୁଁ ୨୦୦୫ରେ ମୋ ପୁସ୍ତକ 'ମର୍ଡର ଇନ୍ ଆମଷ୍ଟରଡାମ୍' ପାଇଁ ସାକ୍ଷାତ୍କାର ନେଇଥିଲି। ଏହି ବହିଟି ଜଣେ ମୁସଲମାନ ଉଗ୍ରପନ୍ଥୀଙ୍କ ଦ୍ୱାରା ହତ୍ୟା ହୋଇଥିବା ଫିଲ୍ମ ନିର୍ମାତା ଥେଓ ଭାନ୍ ଗୋହଙ୍କ ଉପରେ ପର୍ଯ୍ୟବସିତ। ୱାଇଲ୍ଡର୍ସ ୨୦୦୬ରେ ଦି ପାର୍ଟି ଫର୍ ଫ୍ରିଡମ(ପିଭିଭି) ଗଠନ କରିଥିଲେ ବି ଭବିଷ୍ୟତରେ ସକ୍ରିୟ ରାଜନୀତି କରିବାର କୌଣସି ଆଗ୍ରହ ନ ଥିବା ଲକ୍ଷ୍ୟକରି ମୋ ବହିରେ ସ୍ଥାନ ଦେଇ ନ ଥିଲି। କିନ୍ତୁ ଅଧିକାଂଶ ଲୋକଙ୍କ ଭଳି ତାଙ୍କ ଅଜବ ହେୟାରଷ୍ଟାଇଲ ମୋତେ ପ୍ରଭାବିତ କରିଥିଲା। ଜଣେ ଦୃଢ଼ ବ୍ୟକ୍ତିତ୍ୱ ଓ ସାଂସଦ ଭାବେ ତାଙ୍କ କେଶକୁ କଳା ବଦଳରେ ଧଳା ରଖିବାକୁ ଚାହିଁଥିଲେ। ଏହା ଥିଲା ତାଙ୍କ ଭିଜୁଆଲ ବ୍ରାଣ୍ଡିଂ। ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ୍ ଓ ବୋରିସ୍ ଜନ୍ସନଙ୍କ ସଫଳତା ଭିଜୁଆଲ ବ୍ରାଣ୍ଡିଂର ଗୁରୁତ୍ୱକୁ ଦର୍ଶାଇଛି। ଅଜବ ହେୟାର ସଂସ୍କୃତି ଦ୍ୱାରା ସୃଷ୍ଟି ଭିଜୁଆଲ ବ୍ରାଣ୍ଡିଂରେ ଏକ ଅଦ୍ଭୁତ ବ୍ୟକ୍ତିତ୍ୱ ରହିଛି। ତେବେ ୱାଇଲ୍ଡର୍ସଙ୍କ କେଶଶୈଳୀ ଭିନ୍ନ ବୋଲି ଉପସ୍ଥାପିତ କରାଯାଇପାରେ। ୨୦୦୯ରେ ଲିଜି ଭାନ୍ ଲିଓବିନ୍ ନାମକ ଜଣେ ଡଚ୍ ମାନବବିଜ୍ଞାନୀ ତଥା ଇଣ୍ଡୋନେସିଆର ବିଶେଷଜ୍ଞ ଯୁକ୍ତି ବାଢ଼ିଥିଲେ, ୱାଇଲ୍ଡର୍ସ ତାଙ୍କ ୟୁରାସିଆନ(ୟୁରୋପ ଓ ଏସିଆ ନିବାସୀ) ପୃଷ୍ଠଭୂମିକୁ ଲୁଚାଇବାକୁ ଚାହିଁ ଆସୁଥାଇପାରନ୍ତି । ହେଲେ ତାଙ୍କ ମାତାଙ୍କ ମା' ଆଂଶିକ ଇଣ୍ଡୋନେସୀୟ । ତାଙ୍କ ଜେଜେ ଓ ଜେଜେମା'ଙ୍କୁ ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁ ଡଚ୍ ଇଷ୍ଟଇଣ୍ଡିଜ ( ପରେ ଇଣ୍ଡୋନେସିଆ ହୋଇଛି) ଛାଡ଼ିବାକୁ ପଡ଼ିଥିଲା।

ଅବଶ୍ୟ ୱାଇଲ୍ଡର୍ସଙ୍କ ବିରୋଧରେ ଏସବୁ କହିବା ଅନ୍ୟାୟ ହେବ। ଜାତି କିଛି ବି ବୁଝାଇ ନ ପାରେ। କିନ୍ତୁ ପୂର୍ବର ଡଚ୍ ଇଷ୍ଟ ଇଣ୍ଡିଜରେ ଥିବା ୟୁରାସିଆନ୍ଙ୍କ ମଧ୍ୟରେ ଦକ୍ଷିଣପନ୍ଥୀ ଓ ମୁସଲମାନ ବିରୋଧୀ ମାନସିକତାର ଏକ ଇତିହାସ ଅଛି, ଯାହା ରାଜନୀତି ଦୃଷ୍ଟିକୋଣରୁ ତାଙ୍କୁ ସାହାଯ୍ୟ କରିଥାଇପାରେ। ସେମାନଙ୍କୁ ୟୁରାସିଆନ କିମ୍ବା ଇଣ୍ଡୋଜ କୁହାଯାଏ। ସେମାନଙ୍କୁ ଇଣ୍ଡୋନେସୀୟ କିମ୍ବା ଡଚ୍ ଉପନିବେଶିକ ନେତୃତ୍ୱମାନେ କେବେ ବି ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରି ନ ଥିଲେ। ସେମାନେ ଥିଲେ ପ୍ରବାସୀ। ବହୁ ସମୟରେ ଅଧିକ ଶିକ୍ଷିତ ବ୍ୟକ୍ତି ହିଁ ଦେଶର ନାଗରିକ ହେବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ। ବହୁ ସମୟରେ ଡଚ୍ ଇଷ୍ଟ ଇଣ୍ଡିଜରେ ସଂଖ୍ୟାବହୁଳ ସମ୍ପ୍ରଦାୟ ମୁସଲମାନଙ୍କ ପ୍ରତି ଘୃଣା ଭାବ ଏବଂ ଚରମ ଡଚ୍ ଜାତୀୟତାବାଦ ସୃଷ୍ଟି ହୋଇଥିଲା। ୧୯୩୦ ଦଶନ୍ଧିରେ ଉପନିବେଶରେ ଡଚ୍ ନାଜି ପାର୍ଟିର ଅନେକ ସଦସ୍ୟଙ୍କର ୟୁରାସିଆନ୍ ପୃଷ୍ଠଭୂମି ଥିଲା। ୱାଇଲ୍ଡର୍ସ ଜଣେ ଫାସୀବାଦୀ ହୋଇ ନ ପାରନ୍ତି, କିନ୍ତୁ ସାର୍ବଭୌମତା, ଜାତୀୟତା ବୋଧ ଏବଂ ସଂସ୍କୃତି ଓ ଧର୍ମୀୟ ନୈତିକତା ପ୍ରତି ତାଙ୍କ ଅନୁରାଗର ପ୍ରବାସୀଙ୍କ ବଂଶାନୁକ୍ରମ ସହ ସମ୍ପର୍କ ରହିଛି। ଇତିହାସକୁ ଦେଖିଲେ ଚରମ ରାଷ୍ଟ୍ରବାଦୀମାନେ ବହୁ ସମୟରେ ବିଭିନ୍ନ ଅଞ୍ଚଳରୁ ସାମ୍ନାକୁ ଆସିଛନ୍ତି। କୋରସିକାରୁ ନେପୋଲିଅନ, ଜର୍ଜିଆରୁ ଷ୍ଟାଲିନ, ଅଷ୍ଟ୍ରିଆରୁ ହିଟଲର ଆସିଛନ୍ତି। ଯେଉଁମାନେ ଦେଶୀୟ ଭାବେ ନିଜକୁ ପ୍ରତିପାଦିତ କରିବାକୁ ଚାହିଁ ଆସିଛନ୍ତି , ସେମାନେ ଲଗାତର ଜନ ଆକ୍ରୋଶର ଶିକାର ହୋଇଛନ୍ତି।



ନେଦରଲାଣ୍ଡରେ ୱାଇଲ୍ଡର୍ସ କେବଳ ଜଣେ ବିରଳ ବ୍ୟକ୍ତିତ୍ୱ ନୁହନ୍ତି। ୧୯୮୦ରେ ହେନେରୀ ବ୍ରୁକ୍ମ୍ୟାନ ବିଶେଷକରି ମୁସଲମାନ ପ୍ରବାସୀଙ୍କୁ ବିରୋଧ କରିବା ପାଇଁ ଦକ୍ଷିଣପନ୍ଥୀ ଡଚ୍ ସେଣ୍ଟର ପାର୍ଟି ଗଠନ କରିଥିଲେ। ବ୍ରୁକ୍ମ୍ୟାନଙ୍କର ବଂଶର ଆଧାର ଥିଲା ୟୁରାସିଆନ୍। ଅନ୍ୟ ଜଣେ ଦକ୍ଷିଣପନ୍ଥୀ ରାଜନେତା ରୀତା ଭରଡଙ୍କ୍ ମଧ୍ୟ ଥିଲେ ୟୁରାସିଆନ, ଯିଏ ୨୦୦୭ରେ ପ୍ରାଉଡ୍ ଅଫ୍ ନେଦରଲାଣ୍ଡ ପାର୍ଟି ଗଠନ କରିଥିଲେ। ବ୍ରିଟେନ୍‌ର ପୂର୍ବତନ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରେଭରମ୍ୟାନ୍ଙ୍କୁ ୱାଇଲ୍ଡର୍ସଙ୍କ ସହ ତୁଳନା କରାଯାଇପାରେ। ତାଙ୍କ ମାତାପିତା ପ୍ରଥମେ ଆଫ୍ରିକାରେ ଭାରତୀୟ ଭାବେ ରହିଥିଲେ। ପରେ ସେମାନେ ଆଫ୍ରିକୀୟ–ଭାରତୀୟ ଭାବେ ବ୍ରିଟେନ୍‌ରେ ରହିଲେ। ଜଣେ ପ୍ରବାସୀ ଶିଶୁ ଭାବେ ପ୍ରବାସୀ ଏବଂ ଶରଣାର୍ଥୀଙ୍କ ପ୍ରତି ତାଙ୍କର ବିରୋଧାତ୍ମକ ଭାବନା ବ୍ରିଟେନ୍ ଉପରେ ଏକ ପ୍ରକାର ଆକ୍ରମଣ ଥିଲା, ଯାହା ଚିନ୍ତାଜନକ ମନେହୁଏ। କିନ୍ତୁ ସେଠାରେ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଇଚ୍ଛା ତାଙ୍କ ରାଜନୀତିରେ ଏକ ଭୂମିକା ନେଇଛି। ବ୍ରିଟେନ ପାର୍ଲାମେଣ୍ଟରେ ବ୍ରେଭରମ୍ୟାନ୍ଙ୍କ ପ୍ରବେଶ ଏବଂ କଞ୍ଜରଭେଟିଭ ପାର୍ଟିରେ ତାଙ୍କ ଉତ୍ଥାନରୁ ଜଣାପଡ଼େ ଯେ, ବ୍ରିଟେନର ଦ୍ୱାର ବାହାର ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ। ଉଲ୍ଲେଖନୀୟ, ଇମିଗ୍ରେଶନ ବା ଅପ୍ରବାସନ ଉପରେ ତାଙ୍କର କଠୋର ଦକ୍ଷିଣପନ୍ଥୀ ଦୃଷ୍ଟିକୋଣ କଞ୍ଜରଭେଟିଭ ରାଜନୀତିରେ ମୁଖ୍ୟ ଧାରା ପାଲଟିଛି। କଞ୍ଜରଭେଟିଭ ପାର୍ଟିର ଶ୍ୱେତାଙ୍ଗ ସପକ୍ଷବାଦୀମାନେ ଏକ ପ୍ରବାସୀ ବିରୋଧୀ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ଜଣେ ଅପ୍ରବାସୀ କନ୍ୟାଙ୍କୁ ଉପଯୋଗକରି ଖୁସିଥିଲେ। ଅପେକ୍ଷାକୃତ ଏହି ସମୟ ପର୍ଯ୍ୟନ୍ତ ଚରମ ରାଷ୍ଟ୍ରବାଦୀ ଦଳ ଓ ରାଜନେତାମାନେ ମୁଖ୍ୟଧାରା ରକ୍ଷଣଶୀଳ ଦଳରୁ ବଞ୍ଚିତ ହୋଇଥିଲେ କିମ୍ବା ବାଦ୍ ପଡ଼ିଥିଲେ, ଯାହା ୧୯୬୮ରେ ବ୍ରିଟିଶ ରାଜନେତା ଏନୋଚ୍ ପାୱେଲଙ୍କ କ୍ଷେତ୍ରରେ ଘଟିଥିଲା। ବ୍ରିଟେନ୍‌ର ଏହି ରାଜନେତା ଅନୁମାନ କରିଥିଲେ ଯେ ଅଧିକ ଅଣଶ୍ୱେତାଙ୍ଗ ଅପ୍ରବାସନ ଯୋଗୁ ରକ୍ତର ନଦୀ ବହିବ। ଫଳରେ ସେମାନଙ୍କ ପାରିବାରିକ ପୃଷ୍ଠଭୂମି ଯାହା ହେଉନା କାହିଁକି ସେମାନଙ୍କୁ ବହିରାଗତ ରାଜନୈତିକ ବ୍ୟକ୍ତି ଭାବେ ବିବେଚନା କରାଯାଉଥିଲା। ଅଧିକରୁ ଅଧିକ ଅସନ୍ତୁଷ୍ଟ ଭୋଟରଙ୍କ ପାଇଁ ଏହା ସେମାନଙ୍କର ଏକ ବହୁମୂଲ୍ୟ ଆବେଦନ ଥିଲା। ୨୦୧୬ରେ ବ୍ରେକ୍ଜିକ୍ଟରମାନେ ଏବଂ ଟ୍ରମ୍ପ୍ ଏଥିରୁ ଉପକୃତ ହୋଇଥିଲେ ଏବଂ ୱାଇଲ୍ଡର୍ସ ଆଜି ଏଥିରୁ ଉପକୃତ ହେଉଛନ୍ତି । କିନ୍ତୁ ବିଗତ କିଛି ଦଶନ୍ଧି ହେଲା ପାରମ୍ପରିକ ରଢ଼ିବାଦୀ ଦଳଗୁଡ଼ିକ ବିଦ୍ୱେଷ ଭାବ ପ୍ରଦର୍ଶନ ବିନା ଏଭଳି ପରିଣାମ ସବୁ ଘଟିପାରିଲା ନାହିଁ। ସେମାନଙ୍କର ଭୋଟରଙ୍କୁ କାଳେ ଚରମ ଦକ୍ଷିଣପନ୍ଥୀ ନେଇଯିବେ ସେହି ଭୟରେ ସେମାନେ ସ୍ଥିତିରୁ ଲାଭ ଉଠାଉଥିବା ବିଦେଶୀଙ୍କ ବିରୋଧରେ ପକ୍ଷପାତ ନୀତି ଧରିଲେ। ଇହୁଦୀ ଓ ଖ୍ରୀଷ୍ଟିଆନ, ସହର କିମ୍ବା କୌଣସି ସ୍ଥାନରୁ ଲୋକଙ୍କ ପ୍ରତି ମୁସଲମାନମାନେ ବିପଦ ବୋଲି କହିଲେ। କିନ୍ତୁ ଏହା କେବଳ ବାକ୍‌ପଟୁତା ଥିଲା ଏବଂ ରକ୍ଷଣଶୀଳ ଦଳଗୁଡ଼ିକ କେବଳ ଧନୀ ଏବଂ ବଡ଼ ବ୍ୟବସାୟର ସ୍ୱାର୍ଥ ପାଇଁ ଲାଗିପଡ଼ିଲେ। ଯେଉଁମାନଙ୍କୁ ବାହାର ଲୋକ ଭାବେ ବ୍ୟବହାର କରାଯାଉଥିଲା ସେମାନଙ୍କ କ୍ରୋଧ ବଢ଼ିଗଲା ଏବଂ ସେମାନେ ପୁରୁଣା ବ୍ୟବସ୍ଥାକୁ ଭାଙ୍ଗିଦେବା ଲାଗି ଜଣେ ବାହାରର ବ୍ୟକ୍ତିଙ୍କୁ ଚାହିଁଲେ।

ନେଦରଲାଣ୍ଡରେ ରଢ଼ିବାଦୀ ଦଳଗୁଡ଼ିକ ବିଶେଷକରି ପାର୍ଟି ଅଫ୍ ଫ୍ରିଡମ୍ ଆଣ୍ଡ ଡେମୋକ୍ରାସି (ଭିଭିଡି) ଅତୀତରେ ଏଭଳି ସମସ୍ୟା ସାମ୍ନା କରିଥିଲେ ଓ ୱାଇଲ୍ଡର୍ସଙ୍କୁ ଶାସନ କରିବାକୁ ବାଟ ଛାଡ଼ି ନ ଥିଲା। ଭିଭିଡି ଅନ୍ତର୍ଜାତୀୟବାଦ, ୟୁରୋପୀୟ ସଂଘ, ୟୁକ୍ରେନ୍‌କୁ ସାମରିକ ସହଯୋଗ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପଦକ୍ଷେପ ସପକ୍ଷରେ ଛିଡ଼ା ହୋଇଥିଲେ ବି ୱାଇଲ୍ଡର୍ସ ଏସବୁକୁ ବିରୋଧ କରୁଛନ୍ତି। ପରିବର୍ତ୍ତନ ଏୟା ହୋଇଛି ଯେ, ଭିଭିଡି ଏହାର ଦକ୍ଷିଣପନ୍ଥୀ ସପକ୍ଷବାଦୀଙ୍କୁ ସୁରକ୍ଷା ଦେବା ଆଶାରେ ଅପ୍ରବାସନ ଉପରେ ଏକ କଠୋର ଆଭିମୁଖ୍ୟ ଗ୍ରହଣକଲେ ମଧ୍ୟ ସୂଚାଇ ଦେଇଛି ଯେ କ୍ରୋଧିତ ପ୍ରବାସୀଙ୍କ ଶାସନ କରିବା ସମ୍ଭବ ହୋଇପାରେ । ବର୍ତ୍ତମାନ ଦ୍ୱାର ଖୋଲିଗଲା ଏବଂ ଅପ୍ରବାସନ ଏକ ନିର୍ବାଚନ ପ୍ରସଙ୍ଗ ହୋଇଗଲା, ୱାଇଲ୍ଡର୍ସ ବିପୁଳ ବିଜୟ ହାସଲ କରିବାକୁ ସକ୍ଷମ ହେଲେ । ହେଲେ ବିଡ଼ମ୍ବନା ହେଉଛି ଯେ, ଭିଭିଡି ନେତା ଡିଲାନ୍ ୟିଶିଲଗୋଜ, ଯିଏକି ଏହା କରିବାକୁ ଅନୁମତି ଦେଇଥିଲେ, ସେ ଆଙ୍କାରରେ ଜଣେ ତୁର୍କୀ ମାତା ଏବଂ କୁର୍ଦ୍ଦ ପିତାଙ୍କଠାରୁ ଜନ୍ମ ନେଇଥିଲେ। ସେ ଠିକ୍ ସେହିଭଳି ଜଣେ ଡଚ୍ ନାଗରିକ ଯାହାଙ୍କୁ ୱାଇଲ୍ଡର୍ସ ରୋକିବାକୁ ଶପଥ ନେଇଛନ୍ତି।

**ପ୍ରତିଷ୍ଠିତ ଲେଖକ**

## ରାଜନୈତିକ ସଂକୀର୍ଣ୍ଣତା



ରବିନାରାୟଣ ସାମଲ

"ଅନ୍ୟାୟ ଦେଖି ରହିଯାଅ ନାହିଁ। ପ୍ରତିବାଦ କର! କାରଣ ପ୍ରତିବାଦବିହୀନ ମଣିଷ କ୍ରୀତଦାସ ସହ ସମାନ''– ସକ୍ରେଟିସ୍ । ଏବେ ଦୁର୍ନୀତିରେ ଦେଶ ଉବୁଟୁବୁ। ଚିଟ୍ ଫଣ୍ଡଠାରୁ ରାଫେଲ୍ ହେଉଛି ବଡ଼ବଡ଼ିଆଙ୍କ ଦୁର୍ନୀତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ତଥ୍ୟ ଅନୁଯାୟୀ, ବିଶ୍ୱର ୧୮୦ଟି ଦେଶ ମଧ୍ୟରେ ୨୦୧୭ରେ ଭାରତର ସ୍ଥାନ ଥିଲା ୭୯। ଦୁର୍ନୀତିର ମାତ୍ରା ପ୍ରବଳ ଯୋଗୁ ୨୦୨୧ରେ ଏହା ୮୫କୁ ଆସିଛି। ଦେଶବାସୀ ନୀରବ! ପ୍ରତିବାଦ ନାହିଁ।

ମଣିପୁରରେ ମହିଳାମାନଙ୍କ ଉପରେ ବର୍ବର ଅତ୍ୟାଚାର ହେଲା। ଘରଦ୍ୱାର ପୋଡ଼ି ଦିଆଗଲା। ଜୀବନ ରକ୍ଷା ପାଇଁ ଲୋକେ ପଡ଼ୋଶୀ ରାଜ୍ୟରେ ଆଶ୍ରୟ ନେଲେ। ଖାଦ୍ୟ ଅଭାବରୁ କୁକି ଓ ଜୋ ଆଦିବାସୀ ସମ୍ପ୍ରଦାୟ ଅନାହାରରେ ଦିନ କାଟିଲେ। ଦେଶ ବିଦେଶରେ ଏହା ଚର୍ଚ୍ଚିତ ବିଷୟ ହୋଇଗଲା। ଆମ ପ୍ରଧାନମନ୍ତ୍ରୀ ଓ ଜାତୀୟ ମହିଳା କମିଶନ ନୀରବଦ୍ରଷ୍ଟା ସାଜିଲେ। ସରକାରୀ ଦଳର ସଭ୍ୟ ଓ ସମର୍ଥକ ଉଁ କି ଚୁଁ ହେଲେ ନାହିଁ।

୨୦୧୯ ଅଗଷ୍ଟ ୫ରେ ଅପ୍ରତ୍ୟାଶିତ ଭାବେ ଜମ୍ମୁ–କଶ୍ମୀରରେ ନିର୍ବାଚିତ ସରକାରକୁ ଭାଙ୍ଗି ଦିଆଗଲା। ବିଧାନସଭାକୁ ନିଲମ୍ବନ କରାଗଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ରାଜନେତାମାନଙ୍କୁ ଗୃହବନ୍ଦୀରେ ରଖାଗଲା। ୩୭୦ ଓ ୩୫(କ) ଧାରାକୁ ପ୍ରତ୍ୟାହାର କରିନିଆଗଲା। ବିନା ମତାମତ ଓ ବିନା ପରାମର୍ଶରେ ଜମ୍ମୁ–କଶ୍ମୀରକୁ ୩ ଭାଗ କରିଦିଆଗଲା। ପ୍ରଶ୍ନ ଉଠୁଛି ଏପରି ଯଦି ହୁଏ ନିର୍ବାଚନ ହେବ କାହିଁକି, ମନ୍ତ୍ରିମଣ୍ଡଳ ଗଢ଼ାହେବ କାହିଁକି, ମନ୍ତ୍ରିମଣ୍ଡଳକୁ ବାଦ୍ ଦେଇ କେନ୍ଦ୍ର ଆଧିପତ୍ୟ ବିସ୍ତାର କରିବ କାହିଁକି? ୩୭୦ ଧାରା ଉଚ୍ଛେଦ ସପକ୍ଷରେ ସରକାରୀ ମିଡିଆ ଏମିତି ପ୍ରଚାର ରଖିଲେ ଯେ ସାଧାରଣ ଲୋକେ ବିଭ୍ରାନ୍ତ ହୋଇଗଲେ।

ଦରଦାମ ହୁ ହୁ ହୋଇ ବଢ଼ିଲା। କଂଗ୍ରେସ ସରକାର ବିରୋଧରେ ଜନ ଅସନ୍ତୋଷ ପ୍ରବଳ ହେଲା। କ୍ଷମତାକୁ ଆସିଲେ ୧୦୦ ଦିନ ମଧ୍ୟରେ ଦରଦାମ କମ୍ କରିବେ ବୋଲି ପ୍ରତିଶ୍ରୁତି ଦିଆଗଲା। ଏହା ଭିତରେ ୩୦ଟିରୁ ଊର୍ଦ୍ଧ୍ୱ ଶହେଦିନ ଯାଇ ସାରିଲାଣି। ଦରଦାମ କମିବା ପରିବର୍ତ୍ତେ ଆକାଶଛୁଆଁ ହୋଇଛି। ବୋଝ ଉପରେ ନଳିତାବିଡ଼ା ପରି ସରକାର ଚୁଡ଼ା, ଚାଉଳଠାରୁ ଆରମ୍ଭ କରି ତେଲ, ଲୁଣ ପର୍ଯ୍ୟନ୍ତ ସବୁରି ଉପରେ ଜିଏସ୍‌ଟି ବସାଇଦେଲେ। 'ଦରମା ବଢ଼ିଲା– ଦର ବଢ଼ିଲା– ଅସୁବିଧା କେଉଁଠି'– ସରକାରୀ ଦଳର ପ୍ରବକ୍ତାମାନେ କହିବୁଲିଲେ।

ମହିଳା ସଂରକ୍ଷଣ ବିଲ୍ ୧୫ ବର୍ଷ ହେଲା ଶୀତଳଭଣ୍ଡାରରେ ରହିଥିଲା। ଏବେ ଏହା ପାର୍ଲାମେଣ୍ଟରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇସାରିଛି। ମାତ୍ର ଆଗାମୀ ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବ ନାହିଁ, ଏହାକୁ ଆହୁରି ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ଭାରତୀୟ ଜନତା ପାର୍ଟି ଏହାକୁ 'ଐତିହାସିକ' ଆଖ୍ୟା ଦେଲା। ଦେଶରେ ବେରୋଜଗାରି ଯୁବତୀଯୁବକ ହାଉଯାଉ। ଟେକାଟିଏ ପକାଇଲେ ଯାହା ଦେହରେ ବାଜିବ ସେ ଜଣେ ବେକାର ହୋଇଥିବ। ବର୍ଷକୁ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି ଦେବାକୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାର ୧୦ ବର୍ଷରେ କୋଟିଏ ବି ପୂରଣ କରିପାରିଲେ ନାହିଁ। ଦେଶରେ ଶହେକେ ୪୨ ଜଣ ଯୁବ ଗ୍ରାଜୁଏଟ୍ ବେକାର ବସିଛନ୍ତି ବୋଲି ନିକଟରେ ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ତାହାର ସର୍ଭେ ରିପୋର୍ଟରେ ପ୍ରକାଶ କରିଛି। ମଝିରେ ମଝିରେ ଚାଇନା ବିରୋଧୀ ପ୍ରଚାର ଗଣମାଧ୍ୟମରେ ଜୋର୍ ଧରୁଛି। ଚାଇନା ନିର୍ମିତ ସାମଗ୍ରୀ ବର୍ଜନ କରିବାକୁ ଆନ୍ଦୋଳନ ହେଉଛି। ଏହାକୁ ମଧ୍ୟ ବେଶ୍ କିଛି ଲୋକ ସମର୍ଥନ କରୁଛନ୍ତି। ଆମ ଦେଶ ବିଦେଶୀ ରାଷ୍ଟ୍ରରୁ ଯେତେ ସାମଗ୍ରୀ ଆମଦାନୀ କରୁଛି ତାହାର ଶତକଡ଼ା ୬୦ ଭାଗ କେବଳ ଚାଇନାରୁ କରୁଛି। ଏହା ସରକାରୀ ରାଜିନାମା ଅନୁଯାୟୀ ବି ହେଉଛି। ଏବେ ଏହି ଆନ୍ଦୋଳନ ଥମିଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସିଲେ ପୁଣି ଜୀବନ୍ତ ହୋଇଉଠିବ।

ଖୋଜିଲେ ଏମିତି ତ ଶହ ଶହ ଦୃଷ୍ଟାନ୍ତ ମିଳିବ। ଏଠାରେ ଆଲୋଚିତ ଘଟଣାବଳୀ ପଛରେ ଅସଚେତନତା ଓ ରାଜନୈତିକ ସଂକୀର୍ଣ୍ଣତା ବିଦ୍ୟମାନ। ସଚେତନତା ଅଭାବରୁ ସାଧାରଣ ଲୋକେ ଜାଣନ୍ତି ନାହିଁ ଦେଶରେ କ'ଣ ଘଟୁଛି। ରାଜନୈତିକ ଦଳର ବ୍ୟକ୍ତିବିଶେଷ ଦଳୀୟ ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ଅନ୍ଧଭାବେ ସମର୍ଥନ କରୁଥିବା ଲକ୍ଷ୍ୟ କରାଯାଉଛି। ବିଚାର ବିବେକ କବର ନେଇଛି।

**ମୋ:୭୯୭୫୦୪୬୪୮୬**

## ଏଇ ଭାରତରେ

ପ୍ଲାଷ୍ଟିକ କିମ୍ବା କୃଷି ବର୍ଜ୍ୟର ପୁନଃ ଉପଯୋଗ କରିବା ଲାଗି ଅନେକେ ପ୍ରୟାସ କରୁଛନ୍ତି। କିନ୍ତୁ ଇ–ବର୍ଜ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହାତଗଣତି କେତେଜଣଙ୍କ ମଧ୍ୟରେ ବେଙ୍ଗାଲୁରୁର ବିଶ୍ୱନାଥ ମାଲାବାଡ଼ି ଦବଙ୍ଗେର ଅନ୍ୟତମ। ସେ ବିଭିନ୍ନ ସ୍ଥାନରୁ ଅଦରକାରୀ କମ୍ପ୍ୟୁଟର, କି–ବୋର୍ଡ, ଡିଭିଡି, ପୁରୁଣା ଲ୍ୟାଣ୍ଡଫୋନ, କର୍ଡଲେସ୍ ଫୋନ, ସେଟ୍‌ଅପ ବକ୍ସ, ମେଡିକାଲ ଡିଭାଇସ ଓ ଗ୍ଲୁକୋମିଟର ଇତ୍ୟାଦି ସଂଗ୍ରହ କରି ସେଥିରେ ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି। ଇ–ବର୍ଜ୍ୟରୁ ସେ କପର, ଗୋଲ୍ଡ ଓ ବିଭିନ୍ନ ରଙ୍ଗର ତା'ର ବାହାର କରି ତାହାକୁ ଜିନିଷ ତିଆରିରେ ଲଗାଉଛନ୍ତି। ଏହି ଇକୋ ଆର୍ଟିଷ୍ଟ ୨୦୦ କେଜି ଇ–ବର୍ଜ୍ୟକୁ କାମରେ ଲଗାଇ ସାରିଲେଣି। ଏଥିରୁ ସେ ଅଳଙ୍କାର, ବିଭିନ୍ନ ହସ୍ତକଳା, ୱାଲଆର୍ଟ ଏପରି କି ରୋବୋ ମଧ୍ୟ ନିର୍ମାଣ କରୁଛନ୍ତି। ଏବେ ଏହାକୁ ନେଇ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧ ଡିସେମ୍ବର ୧୯୭୪**

- ରାଜ୍ୟ ସର୍ଭିସ କମିଶନର ଚେୟାରମ୍ୟାନ ତଥା ସୁଦକ୍ଷ ପ୍ରଶାସନିକ ଅଫିସର ଆଲଫ୍ରେଡ୍ କେନେଥ୍ ବାରେନଙ୍କ ୫୭ ବର୍ଷ ବୟସରେ ପରଲୋକ।
- ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ କାରବାର ପୁନଃ ପ୍ରଚଳନ କରାଇବା ଉଦ୍ଦେଶ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆୟର୍ଲାଣ୍ଡ ସାଧାରଣତନ୍ତ୍ରର ନୂଆ ରାଷ୍ଟ୍ରପତି ରୂପେ ସିୟରଭାଲ୍ ଓଡାଲାୟା ନିର୍ବାଚିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | |
| | | | | | 5 | | | |
| | 9 | | 3 | | 2 | | | |
| 7 | | | | | | | 4 | |
| 1 | | 3 | 5 | | 7 | | 6 | |
| | 8 | | | 1 | | | 3 | |
| | 4 | | 2 | | | | 7 | 6 |
| | | | 6 | | | | | 8 |
| 5 | | | 1 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 7 | 9 | 3 | 5 | 2 |
| 9 | 6 | 2 | 4 | 5 | 3 | 1 | 7 | 8 |
| 5 | 3 | 7 | 2 | 1 | 8 | 4 | 6 | 9 |
| 6 | 4 | 3 | 7 | 9 | 2 | 5 | 8 | 1 |
| 2 | 9 | 1 | 8 | 3 | 5 | 7 | 4 | 6 |
| 8 | 7 | 5 | 1 | 4 | 6 | 9 | 2 | 3 |
| 3 | 1 | 8 | 5 | 6 | 4 | 2 | 9 | 7 |
| 7 | 5 | 6 | 9 | 2 | 1 | 8 | 3 | 4 |
| 4 | 2 | 9 | 3 | 8 | 7 | 6 | 1 | 5 |

ଗତକାଲିର ଉତ୍ତର

# ଜଳବାୟୁ ନ୍ୟାୟ



ଲଳିତ ମୋହନ ମିଶ୍ର

ସାମାଜିକ ନ୍ୟାୟ ପରି ପରିବେଶ ନ୍ୟାୟ, ପରିବେଶ ଉପରେ ବିଶ୍ୱର ସମସ୍ତ ଜନତାଙ୍କ ସମାନ ଅଧିକାର ତଥା ଏବର ପିଢ଼ି ସହିତ ଆଗାମୀ ପିଢ଼ିର ଜନତାଙ୍କ ସମାନ ଅଧିକାର ଉପରେ ଆଧାରିତ ଏକ ଗଣତାନ୍ତ୍ରିକ ବିଚାର। ଆନ୍ତଃରାଜ୍ୟ ନଦୀରୁ ଉପରମୁଣ୍ଡ ରାଜ୍ୟ ଅଧିକ ପାଣି ନେଇଯିବା ପରିବେଶ ନ୍ୟାୟର ଉଲ୍ଲଂଘନ। ସେହିପରି କଳକାରଖାନାଗୁଡ଼ିକ କୃଷକଙ୍କୁ କମ୍ ପାଣିଦେଇ ନିଜେ ନଦୀରୁ ଅଧିକ ପାଣି ନେଇଯିବା ପରିବେଶ ନ୍ୟାୟ ବିରୋଧୀ। ମୋଟାମୋଟି ଭାବେ ପରିବେଶ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ପରିବେଶ କ୍ଷତିରୁ ଲାଭବାନ ଗୋଷ୍ଠୀ, ସ୍ୱତନ୍ତ୍ର ଆର୍ଥିକ ଓ ବିକାଶ ଯୋଜନା ପ୍ରଦାନ କରିବା, ପରିବେଶ ନ୍ୟାୟଜନିତ କାର୍ଯ୍ୟକ୍ରମର ଏକ ପ୍ରମୁଖ ଅଂଶ।

ଜଳବାୟୁ ନ୍ୟାୟ ପରିବେଶ ନ୍ୟାୟର ଏକ ପ୍ରମୁଖ ଅଙ୍ଗରୂପେ ଆଜି ବିବେଚିତ ହେଉଛି। ଜଳବାୟୁ ବିଶେଷଜ୍ଞଙ୍କ ମତରେ ଗତ ପ୍ରାୟ ୨୦୦ ବର୍ଷରେ ବିଶ୍ୱର ଶିଳ୍ପାୟନ କାଳଖଣ୍ଡରେ ବିଶ୍ୱର ତାପମାତ୍ରା ୧ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଯଦି ବିଶ୍ୱର ତାପମାତ୍ରା ଏହିପରି ବୃଦ୍ଧିପାଏ ତେବେ ୨୦୫୦ବେଳକୁ ଏହା ୧.୫ ଡିଗ୍ରୀ ସେଲ୍‌ସିୟସ ଓ ୨୧୦୦ ବେଳକୁ ଏହା ୩ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇବ। ଗତ ୧୦,୦୦୦ ବର୍ଷ ମଧ୍ୟରେ ବିଶ୍ୱର ତାପମାତ୍ରା ଏହିପରି ବୃଦ୍ଧି ପାଇ ନ ଥିଲା। ତାପମାତ୍ରା ବୃଦ୍ଧିର କାରଣ ମଣିଷ ସମାଜରୁ ନିର୍ଗତ 'ଗ୍ରୀନ୍‌ହାଉସ୍ ଗ୍ୟାସ୍'। ବିକାଶଶୀଳ ଦେଶ ଭାରତ ଆଦିଙ୍କ ମୁଣ୍ଡପିଛା ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ବିକଶିତ ଦେଶମାନଙ୍କର ମୁଣ୍ଡପିଛା ନିର୍ଗମନ ହାରଠାରୁ ବହୁତ କମ୍। ଏହି ଗ୍ରୀନ୍‌ହାଉସ୍ ଗ୍ୟାସ୍‌ଗୁଡ଼ିକ ପୃଥିବୀ ଉପରେ ଏକ ଚାଦର ଭଳି ଢାଙ୍କି ହୋଇ ରହିବାରୁ ସୂର୍ଯ୍ୟର ଉତ୍ତାପ ପୃଥିବୀ ପୃଷ୍ଠରେ ପଡ଼ିରହି ବିଶ୍ୱର ଉତ୍ତାପ ବୃଦ୍ଧି କରିଥାଏ। ସମାଧାନର ବାଟହେଲା ଗ୍ରୀନ୍‌ହାଉସ୍ ଗ୍ୟାସର ନିର୍ଗମନକୁ କ୍ରମାଗତ ଭାବେ ହ୍ରାସ କରିବା, ପରିବେଶର ସୁସ୍ଥତା ବୃଦ୍ଧି କରିବା ଏବଂ ଲୋକଙ୍କୁ ଜଳବାୟୁ ବିପର୍ଯ୍ୟୟ ନିରୋଧୀ କରିବା। ଉଭୟେ ଧନୀ ଓ ବିକାଶଶୀଳ ରାଷ୍ଟ୍ରମାନେ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ଜଳବାୟୁ ନ୍ୟାୟ ନୀତି ଯୋଗୁ ଧନୀ ରାଷ୍ଟ୍ରମାନେ ବିକାଶଶୀଳ ଓ କମ୍ ବିକଶିତ ଦେଶମାନଙ୍କୁ ବିକଳ୍ପ ଆର୍ଥିକ ଓ ଶିଳ୍ପାୟାନ ଜନିତ ସହାୟତା ପ୍ରଦନା ନ କଲେ ସେମାନେ ଜଳବାୟୁ ଅନୁକୂଳ ଆର୍ଥିକ ବ୍ୟବସ୍ଥାକୁ ଯିବେ କିପରି?

ଆନ୍ତର୍ଜାତିକ ସ୍ତରରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ଏକ ଜଳବାୟୁ ଇମରଜେନ୍ସି ବା ଜରୁରିକାଳୀନ ସମସ୍ୟା ରୂପେ ବିଚାର କରି ମିଳିତ ଜାତିସଂଘ ବିଭିନ୍ନ ପଦକ୍ଷେପ ନେଉଛି। ନିରନ୍ତର ବିକାଶ ଲକ୍ଷ୍ୟ–୨୦୩୦ ଖସଡାରେ, ୧୩ ନମ୍ବର ଲକ୍ଷ୍ୟରୂପେ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପ ନେବାକୁ ଜାତିସଂଘ ଦେଶମାନଙ୍କୁ ପରାମର୍ଶ ଦେଇଛି, ଯାହାକୁ ଦେଶମାନେ ନିଜ ନିଜ ସ୍ତରରେ ବିଚାରକୁ ନେଇ ଜାତୀୟ ଓ ପ୍ରାନ୍ତୀୟ କାର୍ଯ୍ୟକ୍ରମମାନ ପ୍ରଣୟନ କରୁଛନ୍ତି। ୨୦୧୫ରେ ମିଳିତ ଜାତିସଂଘ ୟୁଏନ୍‌ଏଫ୍‌ସିସିସି(ୟୁନାଇଟେଡ୍ ନେଶନ୍ସ କ୍ଲାଇମେଟ ଚେଞ୍ଜ ଫ୍ରେମ୍‌ୱାର୍କ କନ୍‌ଭେନଶନ୍) ବା ମିଳିତ ଜାତିସଂଘ ଜଳବାୟ ପରିବର୍ତ୍ତନ ଢାଞ୍ଚାଗତ ନିୟମ, ପ୍ୟାରିସ୍‌ଠାରେ ୧୯୬ ଦେଶଙ୍କ ଦ୍ୱାରା ସ୍ୱାକ୍ଷରିତ କରାଇଲା, ଯାହା ନଭେମ୍ବର ୨୦୧୬ରୁ କାର୍ଯ୍ୟକାରୀ ହେଲା। ଏହାକୁ ପ୍ୟାରିସ୍ ଚୁକ୍ତିନାମା ମଧ୍ୟ କୁହାଯାଏ। ଏହା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ପ୍ରଥମ ଆନ୍ତର୍ଜାତିକ ଆଇନଗତ ଚୁକ୍ତି। ଏହାକୁ ପ୍ରତିବର୍ଷ ତଦାରଖ କରୁଛି ଜାତିସଂଘର ସିଓପି(କନ୍‌ଫରେନ୍ସ ଅଫ୍ ପାର୍ଟିଜ୍) କମିଟି। ସିଓପିର ପ୍ରଥମ ବୈଠକ ୧୯୭୯ରେ ବସିଥିବାବେଳେ ୨୮ତମ ବୈଠକ ନଭେମ୍ବର ୩୦ରୁ ୧୨ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ହେଉଛି। ଏହି ବୈଠକରେ ଦେଶମାନେ କେତେଦୂର ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ କାର୍ଯ୍ୟ କରୁଛନ୍ତି ଓ କ'ଣ କ'ଣ ଅସୁବିଧା ରହିଛି ତାହା ଉପରେ ଆଲୋଚନା ହେବା ସହିତ ଜଳବାୟୁ ନ୍ୟାୟଜନିତ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହେବ। ମିଳିତ ଜାତିସଂଘ ଏବେ 'ନେଟ୍ ଜିରୋ' ବା ଶୂନ୍ୟ ଗ୍ରୀନ୍‌ହାଉସ ଗ୍ୟାସ୍ ନିର୍ଗମନ ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ବିଶ୍ୱର ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବାକୁ ହେଲେ ୨୦୩୦ ସୁଦ୍ଧା ଗ୍ରୀନ୍‌ହାଉସ୍ ଗ୍ୟାସ୍‌କୁ ୪୫% ହ୍ରାସ ଏବଂ ୨୦୫୦ ସୁଦ୍ଧା ଶୂନ୍ୟସ୍ତରକୁ ଆଣିବାକୁ ହେବ। କିନ୍ତୁ ଏହି ଲକ୍ଷ୍ୟ ହାସଲ ହେବା ଏବେ ବି କଷ୍ଟକର ମନେହେଉଛି। ବିକାଶଶୀଳ ଓ କମ୍ ବିକଶିତ ରାଷ୍ଟ୍ରମାନେ ବିକଶିତ ରାଷ୍ଟ୍ରମାନଙ୍କଠାରୁ ଜଳବାୟୁ ନ୍ୟାୟ କ୍ଷେତ୍ରରେ ଆର୍ଥିକ, ବୈଷୟିକ ଓ ବାଣିଜ୍ୟିକ ସହାୟତା ମାଗୁଛନ୍ତି, ଯାହାକୁ ଧନୀ ରାଷ୍ଟ୍ରମାନେ କର୍ଣ୍ଣପାତ କରୁନାହାନ୍ତି।




ଭାରତ ସରକାର ଆନ୍ତର୍ଜାତିକ ଚୁକ୍ତିରେ ସ୍ୱାକ୍ଷର କରିଥିବାରୁ ଜଳବାୟ ପରିବର୍ତ୍ତନ ସଂକ୍ରାନ୍ତୀୟ ଜାତୀୟ ପଦକ୍ଷେପ ଖସଡ଼ା (ନ୍ୟାଶନାଲ ଆକ୍‌ଶନ ପ୍ଲାନ୍ ଫର୍ କ୍ଲାଇମେଟ୍ ଚେଞ୍ଜ) ପ୍ରସ୍ତୁତ କରି ରୂପାୟନ କରୁଛନ୍ତି। ଏଥିରେ ଜାତୀୟ ସୌର ମିଶନ, ହିମାଳୟ ପରିବେଶ ନିରନ୍ତର ବିକାଶ ମିଶନ, ସବୁଜ ଭାରତ ମିଶନ, ଶକ୍ତି ମିଶନ, ନିରନ୍ତର କୃଷି ମିଶନ ଆଦି ଅନ୍ତର୍ଭୁକ୍ତ। ଭାରତ ସରକାର ବିକଳ୍ପ ଶକ୍ତି ଉପରେ କାର୍ଯ୍ୟ କରୁଛନ୍ତି। ତେବେ କୋଇଲା ଓ ଗ୍ୟାସ୍ ଆଦି ହାଇଡ୍ରୋକାର୍ବନ୍ ଶକ୍ତି ଉପରେ ଦେଶ ବିକାଶର ନିର୍ଭରଶୀଳତାରୁ ସରକାର ହଠାତ୍ ବାହାରିପାରୁନାହାନ୍ତି, ଯାହାଫଳରେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଉନାହିଁ। କେନ୍ଦ୍ରଭଳି ରାଜ୍ୟ ସରକାରମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ 'ରାଜ୍ୟ ପଦକ୍ଷେପ ଖସଡ଼ା' ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ସରକାର ୨୦୧୮–୨୩ ଜଳବାୟୁ ପଦକ୍ଷେପ ଖସଡ଼ା ପ୍ରଚଳନ କରିଛନ୍ତି। ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ମଧ୍ୟ ଜଳବାୟୁ ବଜେଟ ଉପସ୍ଥାପନ କରୁଛି। ତେବେ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ନିରନ୍ତର ବିକାଶ ଲକ୍ଷ୍ୟ–୨୦୩୦ର ୨୦୧୯ ବର୍ଷର ସମୀକ୍ଷାରେ ଜଳବାୟୁ ପରିବର୍ତ୍ତନ ପାଇଁ କାର୍ଯ୍ୟ କରିବା କ୍ଷେତ୍ରରେ ଓଡ଼ିଶା ଶୀର୍ଷରୁ ତୃତୀୟ ସ୍ଥାନରେ ଅଛି। ଓଡ଼ିଶା ସରକାରଙ୍କ ପାଇଁ ଆହ୍ୱାନ ହେଲା କିପରି ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧିତ ଆଗାମୀ 'ବିପର୍ଯ୍ୟୟ' ଲାଗି ପ୍ରସ୍ତୁତି କରିବେ ଓ କିପରି ଖଣିଖାଦାନ ତଥା ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ କରିବେ।

ବିଶ୍ୱର ଜଳବାୟୁ ନ୍ୟାୟକୁ ଲାଗୁ କରିବାରେ ପ୍ରତିବନ୍ଧକ ସାଜୁଛନ୍ତି ହାଇଡ୍ରୋକାର୍ବନ ଶକ୍ତି କମ୍ପାନୀ, ତେଲ ଓ କୋଇଲା ଖଣି ମାଲିକ, ଗାଡ଼ି ନିର୍ମାଣ କମ୍ପାନୀ, କୃଷି ବ୍ୟବସାୟୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଲାଭରେ ଥିବା କର୍ପୋରେଟ୍। ଲୋକେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିବା ଆରମ୍ଭ ହେଲାଣି ବୋଲି ଜାଣିପାରୁନାହାନ୍ତି। ଜଳବାୟୁ ନ୍ୟାୟ କ୍ଷେତ୍ରରେ ଗଣମାଧ୍ୟମର ମଧ୍ୟ ପ୍ରମୁଖ ଭୂମିକା ରହିଛି।

**ମୋ–୭୦୦୮୨୩୩୭୨୯**

## ଚିରନ୍ତନୀ

ଦୁନିଆ ଉପରେ ବଜାଇ ବିଜୟ ଭେରୀ
ଅନ୍ଧାର କୋଳୁଁ ଭାରତ ଆସିବ ଫେରି
ଆସିବ ଫେରି ସେ ନିଜ ଗଉରବେ
ଚକିତ ଧରାରେ ଚାହିଁବେ ସରବେ
ବିଶ୍ୱ ସଭାରେ ଆଦରେ ତାହାକୁ
ବସିବେ ସକଳେ ଘେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଖୋରଙ୍କୁ ସାବାଡ଼ କର

ମହାଶୟ,

ଓଡ଼ିଶା ରାଜ୍ୟ ସରକାର ଦୁର୍ନୀତିଖୋର ଲୋକମାନଙ୍କୁ ସାବାଡ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କେଇଟା ଦିନରେ ଅନେକ ଦୁର୍ନୀତି ଖୋର ସରକାରୀ ଚାକିରିଆ ଧରାପଡିଲେଣି ସେମାନଙ୍କ ମଧ୍ୟରୁ କେତେକଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି। ଅନେକଙ୍କୁ ନିଲମ୍ବନ ଆଦେଶ ଦେବା ସହ ସେମାନଙ୍କ ବିରୁଧରେ ଯାଞ୍ଚ ପରତାଳ ଜାରି ରହିଛି। ଅନ୍ୟ କିଛି କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବା ସହ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ହେଲେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ। ଦେଖିବାକୁ ଗଲେ କେବଳ କିଛି ଇଞ୍ଜିନିୟର, କିରାଣୀ, ପିଅନ, ଅମିନ ଓ ଆର୍‌ଆଇମାନେ ଯେ ଦୁର୍ନୀତି ବୋଲି ଭାବିନେଲେ ଠିକ୍ ହେବ ନାହିଁ। ଅନେକ ଉଚ୍ଚ ପ୍ରଦସ୍ତ ସରକାରୀ ଅଧିକାରୀ ବ୍ୟବସାୟୀ ଓ ରାଜନୀତିଜ୍ଞମାନେ ବଡ଼ ଧରଣର ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହି ରାଜ୍ୟକୁ ଶୋଷଣ କରିବାରେ ଲିପ୍ତ ରହୁଛନ୍ତି। ବଡ଼ ବଡ଼ ଅପରାଧିମାନେ ଧରାପଡ଼ିଲେ ଛୋଟ ଅପରାଧିମାନେ ଆପେ ସଜାଡି ହୋଇଯିବେ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡାଟା ଆନାଲିସିସ୍ ପରେ ତଥ୍ୟ ପ୍ରଦାନ ହେବ

## ରତ୍ନଭଣ୍ଡାର ଲେଜର ସ୍କାନିଂ

### ଶ୍ରୀମନ୍ଦିର ପ୍ରଶାସକ-ଏଏସ୍ଆଇ ମଧ୍ୟରେ ଆଲୋଚନା



**ପୁରୀ,୩୦।୧୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଅନୁସାରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର ପାର୍ଶ୍ୱର ଲେଜର ସ୍କାନିଂ କରାଯାଇଛି। ଏଏସ୍ଆଇର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ସ୍କାନିଂ କାର୍ଯ୍ୟ କରିଥିଲେ। ତେବେ ସ୍କାନିଂ କାର୍ଯ୍ୟ ସରିବା ପରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମଧ୍ୟରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଏସ୍ଆଇ ପକ୍ଷରୁ ହୋଇଥିବା ରତ୍ନଭଣ୍ଡାର ବାହାର ପାର୍ଶ୍ୱର ଲେଜର ସ୍କାନିଂ ସମ୍ପର୍କରେ ତଥ୍ୟଦେବା ନେଇ ବୈଠକରେ ଆଲୋଚନା ହୋଇଛି। ତେବେ ଲେଜର ସ୍କାନିଂକୁ ଅନୁଧ୍ୟାନ କରାଯିବାପରେ ସବିଶେଷ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ପ୍ରଦାନ କରିବ ବୋଲି ସୂଚନା ମିଳିଛି।

ଲେଜର ସ୍କାନିଂରୁ ତଥ୍ୟ ଆସିବା ପରେ ଯେଉଁ ସ୍ଥାନରେ ଫାଟ ରହିବ ତାର ମରାମତି ହେବ। ସେହିପରି ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ବେଢ଼ାରେ ଥିବା ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଲେଜର ସ୍କାନିଂ କରାଯିବ। ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥର ଉତ୍ତର ପୂର୍ବ, ଉତ୍ତର ପଶ୍ଚିମ ଓ ଉତ୍ତର ଭାଗର ୫ଡିଗ୍ରୀ କୋଣରେ ୪୫ଟି ପଏଣ୍ଟ ସହ ଯୋଡ଼େଇ ସ୍ଥାନରେ ଲେଜର ସ୍କାନିଂ କରାଯାଇଛି। ବୈଠକ ସମ୍ପର୍କରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡଃ ଡି.ବି. ଗଡ଼ନାୟକ ସୂଚନା ଦେଇ କହିଛନ୍ତି, ଦୁଇଦିନ ଧରି ହୋଇଥିବା ଲେଜର ସ୍କାନିଂ ସମ୍ପୂର୍ଣ୍ଣ ଶେଷ ହୋଇଛି। ଏହା ପରେ ରତ୍ନଭଣ୍ଡାରର ଲେଜର ସ୍କାନିଂକୁ ଡାଟା ପ୍ରୋସେସିଂ କରାଯାଇ ଡକ୍ୟୁମେଣ୍ଟେଶନ କରାଯିବ। ଡାଟାକୁ ଅନୁଧ୍ୟାନ କରିବା ପରେ ଯାହା ତଥ୍ୟ ଆସିବ ସେଗୁଡ଼ିକୁ ସମସ୍ତଙ୍କୁ ଅବଗତ କରାଯିବ। ଲେଜର ସ୍କାନିଂ ସମୁଦାୟ ୪୫ଟି ପଏଣ୍ଟରେ କରାଯାଇଛି। ଏହାଛଡ଼ା ଯୋଡ଼େଇ ବା ଜଏଣ୍ଟ ସ୍ଥାନର ମଧ୍ୟ ସ୍କାନିଂ କରାଯାଇଛି। ସମସ୍ତ ସ୍କାନିଂକୁ ବିସ୍ତୃତ ଭାବରେ କରାଯାଇଛି। ପ୍ରପର ଡାଟା ଆସିଛି କି ନାହିଁ ସେ ନେଇ ଅନୁଧ୍ୟାନ କରାଯିବ। ଅନୁଧ୍ୟାନ ପରେ ଯେଉଁ ଡାଟା ଆସିବ ତାହାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ। ରତ୍ନ ଭଣ୍ଡାରରେ ଫାଟ ଥିବା ପ୍ରଶ୍ନରେ ଗଡ଼ନାୟକ କହିଛନ୍ତି, ବର୍ତ୍ତମାନ ସ୍କାନିଂ କରାଯାଇଛି। ଡାଟାର ଅନୁଧ୍ୟାନ କରାଯାଇନି। ତେଣୁ ଫାଟ ଅଛି ବୋଲି କହିବା ଠିକ୍ ନୁହେଁ। ରିପୋର୍ଟ ଆସିବା ପରେ ତଥ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ। ଯଦି ଯେଉଁ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବ ତାହାର ମରାମତି ପାଇଁ ପଦକ୍ଷେପ ନିଆଯିବ। ସେହିପରି ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଖୁବଶୀଘ୍ର ଲେଜର ସ୍କାନିଂ କରାଯିବ। ଏହାଦ୍ୱାରା ପାର୍ଶ୍ୱ ଦେବଦେବୀ ମନ୍ଦିରର ସମ୍ପୂର୍ଣ୍ଣ ସ୍ଥିତି କିଭଳି ରହିଛି ତା'ର ତଥ୍ୟ ହାସଲ ହୋଇପାରିବ।

କାର୍ଯ୍ୟ କରିବା ପାଇଁ ସହଜ ହେବ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରାଜି ଅଛନ୍ତି ସ୍କାନିଂ କରିବା ପାଇଁ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ କରାଯାଇଥିବାବେଳେ ଶ୍ରୀମନ୍ଦିର ପ୍ରଶାସନର ଅନୁମତି ମିଳିଲେ ଭିତର ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯିବ ବୋଲି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ନାୟକ କହିଛନ୍ତି। ଅପରପକ୍ଷରେ ନାଟ ମଣ୍ଡପ ମରାମତି କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କାର୍ତ୍ତିକ ମାସ ଯୋଗୁ ପ୍ରବଳ ଭକ୍ତଙ୍କ ଗହଳି ପାଇଁ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଧିମା ଗତିରେ ଚାଲିଥିଲା। ତେଣୁ ଏହି କାର୍ଯ୍ୟକୁ ଦ୍ରୁତ ଗତିରେ କିଭଳି କରାଯିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି। ଯେପରି ନୀତିରେ କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ଗଡ଼ନାୟକ କହିଛନ୍ତି। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ରତ୍ନଭଣ୍ଡାର ଲେଜର ସ୍କାନିଂ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଏସ୍ଆଇ ଲେଜର ସ୍କାନିଂ କରିଛନ୍ତି, କିନ୍ତୁ ଡାଟାଗୁଡ଼ିକୁ ଆନାଲିସିସ୍ କରିନାହାନ୍ତି। ଆନାଲିସିସ୍ କଲାପରେ ପ୍ରଶାସନକୁ ତଥ୍ୟ ପ୍ରଦାନ କରିବେ। ତଥ୍ୟ ପ୍ରଦାନ କରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ନାଟ ମଣ୍ଡପ ମରାମତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ସୃଷ୍ଟି ହୋଇଥିବା ଫାଟର ମରାମତି କାର୍ଯ୍ୟ ସହ ନାଟମଣ୍ଡପ ଛାତ, ଅନ୍ୟ ବିମ୍ ଏବଂ କଲମଗୁଡ଼ିକର ମଧ୍ୟ ସ୍ଥିତି ଅନୁଧ୍ୟାନ ପାଇଁ ଏଏସ୍ଆଇକୁ କୁହାଯାଇଛି। କାର୍ଯ୍ୟ କରିବା ପାଇଁ ଅଧିକ ସମୟ ଚାହୁଁଛନ୍ତି। ଦିନକୁ ୧୦ ରୁ ୧୨ଘଣ୍ଟା କାର୍ଯ୍ୟ କରିବାକୁ ପଡିବ। ତେଣୁ ଦର୍ଶନ ସମୟ, ଭୋଗ ସମୟକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। ସେଥିପାଇଁ ସେବକମାନଙ୍କ ସହ ଆଲୋଚନା କରାଯାଇ ସମସ୍ତଙ୍କ ସହମତରେ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଦାଶ କହିଛନ୍ତି।

**ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ**

# ଛାତ ଡେଇଁ ଖସୁଥିଲେ, ଧରାପଡ଼ିଲେ



ଭୁବନେଶ୍ୱର ଜାଗମରାସ୍ଥିତ ଘର



ସୁନିଲ କୁମାର ପାଢ଼ୀ

**ଭୁବନେଶ୍ୱର,୩୦।୧୧ (ସତ୍ୟଜିତ୍ ରାଉତ)**

ସରକାରୀ ଚାକିରିରେ ରହି ଦୁର୍ନୀତିରେ ଲିପ୍ତ ହୋଇ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କଲେ। ଆଉ ଯେତେବେଳେ ଧରାପଡ଼ିଲେ ଭିଜିଲାନ୍ସ ହାତରୁ ଖସି ଯିବାକୁ ଉଦ୍ୟମ କରି ପଡ଼ୋଶୀ ଘର ଛାତ ଉପରକୁ ଡେଇଁଲେ। ହେଲେ କିଛି ସମୟ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଦ୍ୱାରା ଗୁରୁବାର ଧରାପଡ଼ିଥିବା ଏହି ସରକାରୀ ବାବୁ ଜଣକ ହେଉଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍) ଭୁବନେଶ୍ୱର ସର୍କଲର ସହକାରୀ ଯନ୍ତ୍ରୀ (ଏଇ) ସୁନୀଲ କୁମାର ପାଢ଼ୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ସୁନିଲଙ୍କ ଗଞ୍ଜାମ ଓ ଭୁବନେଶ୍ୱରର ୫ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କ ଗଞ୍ଜାମ ଜିଲା ଆସ୍କାସ୍ଥିତ ପୈତୃକ ଘର, ଭଞ୍ଜନଗରସ୍ଥିତ ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱର ସରକାରୀ ଅଫିସସ୍ଥିତ ଚାମ୍ବରରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୬ଜଣ ଡିଏସ୍‌ପି, ୩ଜଣ ଇନ୍ସପେକ୍ଟର, ୭ଜଣ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସକାଳେ ଚଢ଼ାଉ ବେଳେ ସୁନୀଲ ତାଙ୍କ ଭୁବନେଶ୍ୱର ଜାଗମରାସ୍ଥିତ ଘର ଛାତ ଉପରୁ ପଡ଼ୋଶୀଙ୍କ ଘର ଛାତକୁ ଡେଇଁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହୋଇଥିଲେ। ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ସୁନୀଲଙ୍କ ବହୁ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ଜାଗମରା ପ୍ଲଟ୍ ନଂ. ୫୦୦/୫୧୨୦ରେ ପ୍ରାୟ ୩ ହଜାର ୫୭୬ ବର୍ଗଫୁଟ୍‌ରେ ଥିବା ୧.୧୦ କୋଟି ଟଙ୍କାର ଏକ ୩ ମହଲା କୋଠା, ଆସ୍କାରେ ଗୋଟିଏ କୋଠା, ଆସ୍କା ବସ୍‌ଷ୍ଟାଣ୍ଡରେ ୭ହଜାର ବର୍ଗଫୁଟ୍‌ରେ ଥିବା ୯ ଦୋକାନ ଘର ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ଓ ବ୍ରହ୍ମପୁର ଟାଉନ ଅଞ୍ଚଳରେ ଥିବା ୫ ପ୍ଲଟ୍ ଠାବ ହୋଇଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ଉଇଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୭ଲକ୍ଷ ଟଙ୍କା ମଧ୍ୟ ଠାବ ହୋଇଛି। ଏଥିସହିତ ସୁନୀଲ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ୨୪ଟି ବ୍ୟାଙ୍କ ଆକାଉଣ୍ଟର ଦସ୍ତାବିଜ୍‌କୁ ମଧ୍ୟ ଭିଜିଲାନ୍ସ ଟିମ୍ ଜବତ କରି ଅଧିକ ଯାଞ୍ଚ କରୁଛି। ଏଥିସହ ତାଙ୍କ ପାଖରୁ ନଗଦ ୪ ଲକ୍ଷ ୫ ହଜାର ୩୧୮ ଟଙ୍କା ଜବତ ହୋଇଛି। ସେହିପରି ୨୦.୫୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ (ଗ୍ରାଣ୍ଡ ଆଇ-୧୦), ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ଆଦି ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଠାବ ହୋଇଥିବା ସମ୍ପତ୍ତିର ପରିମାଣ ୫କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ଶୁକ୍ରବାର ଅଧିକ ପ୍ରମାଣ ଯୋଗାଡ଼ କରି ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବାପାଙ୍କୁ ହୋଇଥିଲା ଜେଲ ଦଣ୍ଡାଦେଶ

ଭିଜିଲାନ୍ସ ଜାଲରେ ପଡ଼ିଥିବା ସୁନୀଲ କୁମାର ପାଢ଼ୀଙ୍କ ବାପା ଜଗବନ୍ଧୁ ପାଢ଼ୀ ମଧ୍ୟ ଦୁର୍ନୀତିରେ ଛନ୍ଦି ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ୨୦୦୯ ମେ' ୨୨ରେ ଜଗବନ୍ଧୁଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା। କୋର୍ଟ ଜଗବନ୍ଧୁଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୦ ଲକ୍ଷ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରିଥିଲେ। ଜଗବନ୍ଧୁ ଆର୍ ଉଦୟଗିରିର ରେଞ୍ଜ ଅଫିସର ଥିବା ବେଳେ ୧୯୯୯ ମସିହାରେ ଏହି ମାମଲା ହୋଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ASTHA School of Management
(Approved by AICTE, Govt. of India & Affiliated to BPUT, Govt. of Odisha)
261, Panchamukhi Vihar, Atala, Balianta, Bhubaneswar- 752101,
E-mail: asthaschoolmgm@gmail.com, www.asthaeducation.in
ISO 9001 : 2015 NAAC Accredited
MBA
2 Years Full-Time
Approved Annual Intake 180
NAAC Accredited
- Best Academic Institution in 2023.
- Best College – Placement & Pedagogy, 2022.
- Best Management Institute – Pedagogy & Placement, 2021.
- Best Educational Institute, 2020.
- Eduquest Odisha Excellence Award for Excellent Campus Recruitment, 2018.
- Top 20 B-School in Eastern India, 2014 & 2016.
- Best B-School (East), 2015.
- Emergent B-School, 2013.
Recruiters:

DSPL-428
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବିଶ୍ୱ ଏଡ୍‌ସ ଦିବସ
ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ଆମେ ପାଳନ କରୁଛୁ। ବିଗତ ବର୍ଷଗୁଡ଼ିକର ସଫଳ ପ୍ରୟାସ ଏ ଦିଗରେ ଆଜି ଆମର ମନୋବଳ ବୃଦ୍ଧି କରୁଛି ଏବଂ ଆଗାମୀ ଦିନରେ ଆମର ପ୍ରୟାସକୁ ଆହୁରି ବ୍ୟାପକ କରିବା ପାଇଁ ଉତ୍ସାହ ଦେଉଛି।

ଏଚ.ଆଇ.ଭି.ର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା, ଘୃଣା ଓ ଭେଦଭାବକୁ ଦୂର କରିବା ଏବଂ ସଂକ୍ରମିତ ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବାର ଆବଶ୍ୟକତା ରହିଛି।

ଏହି ଅଭିଯାନରେ ବିଭିନ୍ନ ଗୋଷ୍ଠୀଙ୍କ ନେତୃତ୍ୱ, ସେମାନଙ୍କ ନୂତନ ଚିନ୍ତାଧାରା, ସଚେତନତାର ଅଭିନବ ଉଦ୍ୟମ ଆଗାମୀ ଦିନରେ ଏହି ମହାମାରୀର ନିରାକରଣରେ ନିଶ୍ଚୟ ଅଧିକରୁ ଅଧିକ ସହାୟକ ହେବ। ବୃହତ୍ତର ଓ ସଂଘବଦ୍ଧ ସଚେତନତାରେ ସଫଳତା ଆହୁରି ବ୍ୟାପକ ହେବ।

ଆଜି ବିଶ୍ୱ ଏଡ୍‌ସ ଦିବସ ଅବସରରେ ଓଡ଼ିଶାକୁ ଏକ ସୁସ୍ଥ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ମୁଁ ଆହ୍ୱାନ କରୁଛି।

(ନବୀନ ପଟ୍ଟନାୟକ)

ଶ୍ରୀ ନିରଞ୍ଜନ ପୂଜାରୀ
ମନ୍ତ୍ରୀ
ସଂସଦୀୟ ବ୍ୟାପାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା



ବାର୍ତ୍ତା

ଆଜି ବିଶ୍ୱ ଏଡ୍‌ସ ଦିବସ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ବିରୁଦ୍ଧରେ ଆମର ଲଢ଼େଇ ଆଜି ବହୁମାତ୍ରାରେ ଫଳବତୀ ହୋଇଥିବା ବେଳେ ରୋଗରୁ ମୁକ୍ତ ହେବାର ବିପୁଳ ସମ୍ଭାବନା ଆଡ଼କୁ ଆମେ ଅଗ୍ରସର ହେବା ଆରମ୍ଭ କରିସାରିଛେ। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସଂଘର୍ଷ ଜାରି ରହିଛି।

ଏହି ସଂକ୍ରମଣ ବିରୁଦ୍ଧ ଲଢ଼େଇରେ ବିଜୟ ଆମର ବୋଲି ଏବେ ଆମେ ସମ୍ପୂର୍ଣ୍ଣ ଆଶାବାଦୀ। ତେବେ ଏବେ ସଚେତନତା ଓ ସଂଗ୍ରାମରେ ଗୋଷ୍ଠୀ ବା ସଂଘର ଭାଗିଦାରି ଦ୍ୱାରା ଏହି ଯୁଦ୍ଧରେ ଆମେ ଜୟଲାଭ କରିପାରିବା।

**'ମୁଁ ରୁ ଆମେ'** କୁ ଆସି ଆମେ ପରିବ୍ୟାପ୍ତ ହେବା। ଜଣେ ସଚେତନ ନାଗରିକ ଭାବେ ନିଜର ରକ୍ତ ପରୀକ୍ଷା କରାଇ ନିଜର ସ୍ଥିତି ବିଷୟରେ ଜାଣିବା। ଆସନ୍ତୁ ଏହି ଲଢ଼େଇରେ ଯେଉଁମାନେ ଆଗ ଧାଡ଼ିରେ ଅଛନ୍ତି ସେମାନଙ୍କୁ ସମର୍ଥନ କରିବା ଏବଂ କେହି ଯେପରି ପଛରେ ରହି ନ ଯାଆନ୍ତି ସେଥିପ୍ରତି ଧ୍ୟାନ ଦେବା। ସମାଜକୁ ମହାମାରୀ ବିରୁଦ୍ଧରେ ଆହୁରି ସଂଗଠିତ କରିବାକୁ ସଂକଳ୍ପ ନେବା।

ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଆଗାମୀ ଦିନରେ ଏଡ୍‌ସ ମୁକ୍ତ ସ୍ୱପ୍ନକୁ ସାକାର କରିବା ଏବଂ ଏଡ୍‌ସ ମୁକ୍ତ ଆଗାମୀ ପିଢ଼ିର ସ୍ୱପ୍ନକୁ ସାକାର କରିବା।

(ନିରଞ୍ଜନ ପୂଜାରୀ)
OIPR-10009/13/0006/2324

DSPL-427
ODISHA
INDIA'S BEST KEPT SECRET
କୋଣାର୍କ ଉତ୍ସବ
ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ଓଡ଼ିଶା
୧ ରୁ ୫ ଡ଼ିସେମ୍ବର, ୨୦୨୩
ସନ୍ଧ୍ୟା ୬.୦୦ ରୁ ୮.୩୦ ଘଟିକା



୧ ଡ଼ିସେମ୍ବର
ଓଡ଼ିଶୀ
ସୁର୍ ମନ୍ଦିର
ଜ୍ୟୋତ୍ସ୍ନାରାଣୀ ସାହୁ
ଏବଂ ନୃତ୍ୟବୃନ୍ଦ, କଟକ
ଭାରତନାଟ୍ୟମ୍
ଚିଥକଳା ସ୍କୁଲ ଅଫ୍ ଏକାଡେମୀ
ପ୍ରଭିନ୍ କୁମାର ଏବଂ ନୃତ୍ୟବୃନ୍ଦ
ବେଙ୍ଗାଲୁରୁ

୨ ଡ଼ିସେମ୍ବର
କୁଚିପୁଡ଼ୀ
କୁଚିପୁଡ଼ୀ ଡ୍ୟାନସ୍ ଏକାଡେମୀ
ଜୟ ରାମାରାଓ ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ
ଓଡ଼ିଶୀ
ଉତ୍କଳ ଏଜୁକେସନାଲ ଏଣ୍ଡ କଲଚରାଲ ସୋସାଇଟି
ରଞ୍ଜନା ଗୌହର ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

୩ ଡ଼ିସେମ୍ବର
ଓଡ଼ିଶୀ
ଦେବଦାସୀ
ରୋଜାଲିନ୍ ମହାପାତ୍ର ଏବଂ ନୃତ୍ୟବୃନ୍ଦ
ଭୁବନେଶ୍ୱର
ସତ୍ତ୍ରିୟ
କଳ୍ପବୃକ୍ଷ ଡ୍ୟାନ୍ସ ଏନ୍‌ସେମ୍ବଲ
ଅନ୍ୱେଷା ମହନ୍ତ ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

୪ ଡ଼ିସେମ୍ବର
ମୋହିନୀୟାଟ୍ଟମ
ଲାସ୍ୟ ଏକାଡେମୀ ଅଫ୍ ମୋହିନୀୟାଟ୍ଟମ
ପଲ୍ଲବୀ କ୍ରିଷ୍ଣନ୍ ଏବଂ ନୃତ୍ୟବୃନ୍ଦ
କେରଳ
ଓଡ଼ିଶୀ
କୈଶିକୀ ଡ୍ୟାନ୍ସ ଏକାଡେମୀ
ଦକ୍ଷା ମସ୍ରୁୱାଲା ଏବଂ ନୃତ୍ୟବୃନ୍ଦ
ମୁମ୍ବାଇ

୫ ଡ଼ିସେମ୍ବର
ଓଡ଼ିଶୀ
ଗୀତ ଗୋବିନ୍ଦ ଚାରିଟେବଲ୍ ଟ୍ରଷ୍ଟ
କୁମ୍‌କୁମ୍ ମହାନ୍ତି ଏବଂ ନୃତ୍ୟବୃନ୍ଦ
ଭୁବନେଶ୍ୱର
କଥକ
ପ୍ରେରଣା ସେଣ୍ଟର ଫର ପରଫରମିଙ୍ଗ୍ ଆର୍ଟସ୍
ଲୁନା ପୋଦାର ଏବଂ ନୃତ୍ୟବୃନ୍ଦ
କୋଲକାତା



ସୁଦର୍ଶନ ପଟ୍ଟନାୟକ (ପଦ୍ମଶ୍ରୀ ପୁରସ୍କୃତ)
ବ୍ରାଣ୍ଡ ଆମ୍ବାସଡର, ଆନ୍ତର୍ଜାତିକ ବାଲୁକାଶିଳ୍ପୀ

ପରିଦର୍ଶନ କରନ୍ତୁ
ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ
୧ ରୁ ୫ ଡିସେମ୍ବର, ୨୦୨୩
ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ଓଡ଼ିଶା

DD BHARATI
Live Telecast in DD Bharati and Live streaming in Odisha Tourism Social Media Pages

www.odishatourism.gov.in
info@odishatourism.gov.in
odishatourismofficial
odishatourismofficial
odisha_tourism
OIPR-37001/13/0034/2324

## ସଂକ୍ଷେପରେ

### ଝାଡ଼ଖଣ୍ଡ ରାସ୍ତାକୁ ସପ୍ତାହେ ଅବରୋଧ କଲେ ହାତୀ

**ଡାଲ୍‌ଟନ୍‌ଗଞ୍ଜ,୩୦।୧୧:** ଝାଡ଼ଖଣ୍ଡର ଦ୍ୱାରସେନି ଘାଟିରେ ପଲେ ହାତୀ ସପ୍ତାହେ ହେଲା ମେଳିକରି ରହିବାରୁ ପାଲାମୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଦେଇ ଯାଇଥିବା ରାଜ୍ୟ ରାଜପଥ ୯ରେ ଭୟର ବାତାବରଣ ସୃଷ୍ଟି ହୋଇଛି। ୬ଟି ହାତୀ, ୨ଟି ଦନ୍ତାହାତୀ ଏବଂ କେତେକ ମାଖନା ହାତୀ ସପ୍ତାହେ ହେଲା ବ୍ୟାଘ୍ର ସଂରକ୍ଷଣ ଦକ୍ଷିଣ ଡିଭିଜନର ବାରିସାନର ରେଞ୍ଜ ଅଧୀନ ରାଜପଥ ମଝିରେ ଛିଡ଼ାହୋଇ ରହିଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଲାମୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ପାଦରେ ଚାଲି ଯାଉଥିବା ଲୋକେ, ବାଇକ୍ ଆରୋହୀ ଓ ଅନ୍ୟମାନଙ୍କୁ ହାତୀ ଆକ୍ରମଣ କରିବା ଆଶଙ୍କା ରହିଛି। ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍‌ର କର୍ମଚାରୀ ମଙ୍ଗଳବାର ବାଣ ଫୁଟାଇ ସେମାନଙ୍କୁ ଘଉଡ଼ାଇଥିଲେ ମଧ୍ୟ ସେମାନେ ପୁଣି ଘାଟି ନିକଟକୁ ଚାଲିଆସିଥିଲେ।

### ପାର୍ଲାମେଣ୍ଟ ଅଧିବେଶନ ପାଇଁ ଶନିବାର ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ଶନିବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଲୋକ ସଭା ଏବଂ ରାଜ୍ୟ ସଭାର ସମସ୍ତ ରାଜନୈତିକ ଦଳର ନେତାଙ୍କୁ ବୈଠକକୁ ଡକାଯାଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ୧୫ଟି ସିଟିଂ ରହିବ। ଏଥିରେ ଉପନିବେଶ ସମୟର ଆପରାଧିକ ପରିବର୍ତ୍ତେ ୩ଟି ନୂଆ ବିଲ୍ ଉପରେ ବିଚାର କରାଯିବା ବିଶ୍ୱାସ କରାଯାଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବୈଠକର ଆୟୋଜନ କରୁଥିବାବେଳେ ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ପ୍ରମୁଖ ଯୋଗଦେବେ। ପାର୍ଲାମେଣ୍ଟରେ ମୋଟ ୩୭ ବିଲ୍ ବିଚାରାଧୀନ ରହିଥିବାବେଳେ ସେଥିରୁ ୧୨ଟିକୁ ବିଚାରକୁ ନିଆଯାଇ ଗୃହୀତ କରାଯିବାର ଯୋଜନା ରହିଛି। ୨୦୨୩-୨୪ ବର୍ଷ ଲାଗି ସରକାର ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିବା ଯୋଜନା ମଧ୍ୟ ରହିଛି।

### ୫ ରାଜ୍ୟରୁ ୧,୭୬୬ କୋଟି ଜବତ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ନିର୍ବାଚନ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଡ୍ରଗ୍ସ, ମଦ ଓ ନଗଦ ଅର୍ଥ ନିଆଯାଉଥିବାବେଳେ ଏହାକୁ ରୋକିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧,୭୬୬ କୋଟି ଟଙ୍କାର ନଗଦ ଅର୍ଥ ଓ ନିଶାଦ୍ରବ୍ୟ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) କହିଛନ୍ତି। ସ୍ଥାନୀୟ ନିର୍ବାଚନ କଳର ସୂଚନା ଓ ଅଭିଯୋଗ ଆଧାରରେ ଇସି ବିଭିନ୍ନ ରାଜନେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଥିଲା। ରବି ଋତୁରେ ତେଲଙ୍ଗାନାର ଚାଷୀମାନଙ୍କୁ ରାଇଥୁ ବନ୍ଧୁ ଯୋଜନାରେ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଇସି ଦେଇଥିବା ଅନୁମତିକୁ ପରେ ପ୍ରତ୍ୟାହାର କରିନେଇଥିଲେ। ସେହିପରି ପ୍ରସ୍ତାବିତ ବିକଶିତ ଭାରତ ସଂକଳ୍ପ ଯାତ୍ରା ନ କରିବା ପାଇଁ ନିର୍ବାଚନ କର୍ତ୍ତୃପକ୍ଷ ସରକାରଙ୍କୁ କହିଥିଲେ। ବିରୋଧୀ ନେତାମାନଙ୍କୁ ଅଭିଯୋଗ ଆଧାରରେ ଇସି ପୂର୍ବତନ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବିଆର୍ଏସ୍ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ନୋଟିସ ଜାରି କରିଥିଲେ।

### ଏନ୍ଏମ୍‌ସି ନୂଆ ଲୋଗୋରେ ହିନ୍ଦୁ ଦେବୀଙ୍କ ଫଟୋ

**ନୂଆଦିଲ୍ଲୀ,୩୦।୧୧:** ଡାକ୍ତରୀ ଶିକ୍ଷାକୁ ନିୟନ୍ତ୍ରଣ କରୁଥିବା ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍‌ସି)ର ଏକ ନୂଆ ଲୋଗୋକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଲୋଗୋରେ ଭାରତର ଜାତୀୟ ପ୍ରତୀକ ଅଶୋକସ୍ତମ୍ଭ ସ୍ଥାନରେ ହିନ୍ଦୁ ଦେବୀ ଧନ୍ୱନ୍ତରୀଙ୍କ ଫଟୋ ରହିଛି। ସଂସ୍ଥାର ନାଁ 'ନ୍ୟାଶନାଲ ମେଡିକାଲ କମିଶନ-ଇଣ୍ଡିଆ'ରୁ ଇଣ୍ଡିଆକୁ ବାଦ୍ ଦେଇ 'ଭାରତ' ଲେଖାଯାଇଛି। ଏହାକୁ ନେଇ ଡାକ୍ତର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବେଳେ ସମ୍ବିଧାନରେ ଇଣ୍ଡିଆ ସ୍ଥାନରେ ଭାରତ ଶବ୍ଦ ବ୍ୟବହାର କରିବାକୁ ଭାଜପା ଯୋଜନା କରୁଥିବା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ନୂଆ ଲୋଗୋ ଏନ୍ଏମ୍‌ସିର ସରକାରୀ ୱେବ୍‌ସାଇଟ୍‌ରେ ବ୍ୟବହାର କରାଯାଇଛି।

# ଆଗକୁ ଅଧିକ ଦୁଷ୍ପରିଣାମ

## ଜଳବାୟୁ ପରିବର୍ତ୍ତନର ଭୟାବହତା ନେଇ ଚେତାଇଲା ଡବ୍ଲ୍ୟୁଏମ୍ଓ




**ଦୁବାଇ/ୱାଶିଂଟନ୍/ ନୂଆଦିଲ୍ଲୀ, ୩୦।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୨୦୨୩କୁ ଅଦ୍ୟାବଧି ସବୁଠୁ ଉତ୍ତପ୍ତ ବର୍ଷ ରୂପେ ରେକର୍ଡ କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାକୁ ଦେଖିଲେ ଆଗକୁ ବନ୍ୟା, ବନାଗ୍ନି, ହିମବାହ ତରଳିବା ଓ ଅହେତୁକ ଉଷ୍ଣତା ବୃଦ୍ଧି ଭଳି ଜଳବାୟୁ ପରିବର୍ତ୍ତନର ଅଧିକ ଦୁଷ୍ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ଗୁରୁବାର ଜାତିସଂଘ ୱେଦର ଏଜେନ୍ସି ସତର୍କ କରାଇଛି।

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍ଓ) ମତରେ ପ୍ରାକ୍-ଶିଳ୍ପାୟନ ସମୟ ତୁଳନାରେ ଚଳିତବର୍ଷର ହାରାହାରି ତାପମାତ୍ରା ୧.୪ ଡିଗ୍ରୀ ସେଲ୍‌ସିୟସ୍ (୨.୫ ଡିଗ୍ରୀ ଫାରେନ୍‌ହିଟ୍) ବଢ଼ିଛି। ସଙ୍ଗଠନର ମହାସଚିବ ପେଟ୍ଟେରି ତାଲସ୍ କହିଛନ୍ତି, ଚଳିତବର୍ଷ ପ୍ରାରମ୍ଭରେ ଏଲ୍ ନିନୋ ଯୋଗୁ ପ୍ରଶାନ୍ତ ମହାସାଗର ଉପରେ ଜଳବାୟୁ ପରିବର୍ତ୍ତନର ଅତ୍ୟଧିକ ନକାରାତ୍ମକ ପ୍ରଭାବ ପଡ଼ିଥିଲା। ଏଥିଯୋଗୁ ଆସନ୍ତା ବର୍ଷ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀରୁ ଅଧିକ ରହିପାରେ। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇସ୍ଥିତ ଏକ୍ସପୋ ସିଟିରେ ଗୁରୁବାର ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ କପ୍୨୮ ଆରମ୍ଭ ହେବା ଅବସରରେ ଡବ୍ଲ୍ୟୁଏମ୍ଓର ଚେତାବନୀକୁ ହାଲୁକା ଭାବେ ନେବା ଅନୁଚିତ ବୋଲି କୁହାଯାଉଛି।

### ଦୁବାଇରେ କପ୍୨୮ ଆରମ୍ଭ

୨୦୨୩ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ବା କନ୍‌ଫରେନ୍ସ ଅଫ୍ ଦି ପାର୍ଟିଜ୍ ଅଫ୍ ଦି ୟୁଏନ୍ଏଫ୍‌ସିସିସି (କପ୍୨୮) ହେଉଛି ଏହି ଧରଣର ୨୮ତମ ସମ୍ମିଳନୀ, ଯାହାକି ଦୁବାଇର ଏକ୍ସପୋ ସିଟିରେ ନଭେମ୍ବର ୩୦ରୁ ଡିସେମ୍ବର ୧୨ ଯାଏ ଚାଲିବ। ୧୯୯୨ରେ ଜାତିସଂଘ ଜଳବାୟୁ ଚୁକ୍ତି ସମ୍ପାଦିତ ହେବା ପରେ ୧୯୯୫ରୁ ପ୍ରତିବର୍ଷ ଏହି ସମ୍ମିଳନୀ ଆୟୋଜିତ ହୋଇଆସୁଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ସୀମିତ ରଖି ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ପ୍ରଭାବ ସହ ଖାପ ଖୁଆଇ ଚଳିବା ପାଇଁ ନୀତିଗୁଡ଼ିକ ଉପରେ ସରକାରମାନଙ୍କୁ ସହମତ କରିବା କପ୍ କନ୍‌ଫରେନ୍ସର ଉଦ୍ଦେଶ୍ୟ। ଚଳିତ ବର୍ଷ ୟୁଏଇ ହେଉଛି କପ୍୨୮ର ଆୟୋଜକ ରାଷ୍ଟ୍ର। କପ୍୨୮ର ପ୍ରେସିଡେଣ୍ଟ ହେଉଛନ୍ତି ସୁଲତାନ୍ ଅଲ୍ ଜାବେର, ଯିଏକି ଏଡିଏନ୍ଓସି ମୁଖ୍ୟ ଭାବେ ବାଷ୍ପ ଓ ତୈଳ ଉତ୍ପାଦନର ବିସ୍ତାର କରିଛନ୍ତି। ତାହା ପୁଣି ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ନିଆଯାଉଥିବା ପଦକ୍ଷେପ ଯୋଗୁ ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକ ଚାପରେ ରହିଥିବା ସମୟରେ।


କପ୍୨୮ ପାଇଁ ସଜେଇ ହୋଇଛି ଦୁବାଇର ଏକ୍ସପୋ ସିଟି।

ବିଦେଶୀ ସରକାରମାନଙ୍କ ସହ ଅଏଲ୍ ଏବଂ ଗ୍ୟାସ୍ ଡିଲ୍ ପାଇଁ ବୁଝାଇବା ଲାଗି କପ୍୨୮କୁ ୟୁଏଇ ବ୍ୟବହାର କରିବାକୁ ଯୋଜନା କରିଥିବା ବିଷୟ କେତେକ ଦସ୍ତାବିଜରୁ ପ୍ରଘଟ ହୋଇଛି। ଉପରୋକ୍ତ ପୃଷ୍ଠଭୂମିରେ ସମ୍ମିଳନୀରେ ପ୍ରାୟ ୨୦୦ ଦେଶର ମୁଖ୍ୟ ଓ ପ୍ରତିନିଧିମାନେ ସାମିଲ ହୋଇଛନ୍ତି। ସେମାନେ ବିଶ୍ୱତାପନ ହ୍ରାସ ପାଇଁ ନିଜ ନିଜ ସରକାରମାନେ ନେଇଥିବା ପଦକ୍ଷେପ ଉପରେ ୨ ସପ୍ତାହ ଧରି ସମୀକ୍ଷା କରିବେ। ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ହାସଲ ଦିଗରେ ବିଶ୍ୱର ଗତି ସମ୍ପର୍କିତ ଏହି ପୁନଃ ମୂଲ୍ୟାଙ୍କନକୁ 'ଗ୍ଲୋବାଲ୍ ଷ୍ଟକ୍‌ଟେକ୍' କୁହାଯାଏ। ଷ୍ଟକ୍‌ଟେକ୍ ପରେ ସମ୍ମିଳନୀ ଶେଷରେ ଏକ ମିଳିତ ଯୋଜନାକୁ ନେଇ ସହମତ ହେବା କପ୍୨୮ର ସବୁଠୁ ବଡ଼ କାର୍ଯ୍ୟସୂଚୀ। ବିଶ୍ୱତାପନ ଉତ୍ସର୍ଜନକୁ ହ୍ରାସ କରିବା ଲାଗି ଆଗାମୀ କିଛି ବର୍ଷ ପାଇଁ ପ୍ରସ୍ତୁତ ଏହି ମଞ୍ଚରେ ଆସେସ୍‌ମେଣ୍ଟ ବେଳେ ରାଜନୈତିକ ମତଭେଦ ମଧ୍ୟ ଦେଖାଦେଇପାରେ।


କପ୍୨୮ରେ ଯୋଗଦେଇଥିବା ଜଣେ ପ୍ରତିନିଧି।

### ଗ୍ଲୋବାଲ୍ ଷ୍ଟକ୍‌ଟେକ୍‌ର ଗୁରୁତ୍ୱ

ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍) ଭିତରେ ସୀମିତ ରଖିବାକୁ ୨୦୧୫ ପ୍ୟାରିସ୍ ଚୁକ୍ତିରେ ସହମତି ପ୍ରକାଶ ପାଇଥିଲା। ଉକ୍ତ ରାଜିନାମା ଅନୁସାରେ ଲକ୍ଷ୍ୟ ଓ ନୀତିଗୁଡ଼ିକ ପାଇଁ ପ୍ରତ୍ୟେକ ଦେଶ ନିଜ ଟାର୍ଗେଟ ଧାର୍ଯ୍ୟ କରିଥାଆନ୍ତି। ୨୦୧୫ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ପାଇଁ ଉତ୍ସର୍ଜନ ହ୍ରାସ ଦିଗରେ ଚଳିତବର୍ଷର ଷ୍ଟକ୍‌ଟେକ୍ ରାଷ୍ଟ୍ରଗୁଡ଼ିକ ପାଇଁ ନୂଆ ମାର୍ଗଦର୍ଶିକା ହୋଇପାରେ। ଉଦାହରଣ ସ୍ୱରୂପ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟ କେବଳ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ନେଇ ନୁହେଁ, ବରଂ ଦେଶର ସମଗ୍ର ଅର୍ଥନୀତି ଉପରେ ପର୍ଯ୍ୟବସିତ ହେବା ଉଚିତ। କାରଣ ପ୍ୟାରିସ ଚୁକ୍ତି ପରଠୁ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟ ରଖିଥିବା ଦେଶଗୁଡ଼ିକର ସଂଖ୍ୟା ବଢ଼ିଥିଲେ ହେଁ ପୃଥିବୀର ତାପମାତ୍ରାକୁ ଅନ୍ୟୁନ ୨.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ାଇବା ଭଳି ଉତ୍ସର୍ଜନ ବର୍ତ୍ତମାନ ହେଉଥିବା ଜାତିସଂଘ ଆକଳନ କରିଛି।

ଗତ ସେପ୍ଟେମ୍ବରରେ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଦେଶଗୁଡ଼ିକୁ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନକାରୀ କୋଇଲା ଶକ୍ତିକୁ ୮୨% ପର୍ଯ୍ୟନ୍ତ ହ୍ରାସ ପାଇଁ ପରାମର୍ଶ ଦିଆଯାଇଛି, ଯାହାକି ୨୦୧୯ରେ ୬୭% ରହିଥିଲା। ଏଥିସହ ଗରିବ ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ୱଚ୍ଛ ଶକ୍ତି ଆପଣାଇବାକୁ ମଧ୍ୟ ଏଥିରେ ଆହ୍ୱାନ ଦିଆଯାଇଥିଲା। କାରଣ ଦେଶ ନିଜ ଅର୍ଥନୀତିକୁ ୨୦୩୦ ଓ ୨୦୫୦ ପାଇଁ ଆଗେଇ ନେବା ଲାଗି ପର୍ଯ୍ୟାପ୍ତ ସ୍ୱଳ୍ପକାଳୀନ ନୀତି ଏଯାଏ ଆପଣାଇ ନାହାନ୍ତି।

### ପରିବେଶ ଅନୁକୂଳ ନୀତିକୁ ଭାରତର ଗୁରୁତ୍ୱ

କପ୍୨୮ରେ ଲସ୍ ଆଣ୍ଡ ଡେମେଜ୍ ଫଣ୍ଡ (ଏଲ୍‌ଡିଏଫ୍), କ୍ଲାଇମେଟ୍ ଫାଇନାନ୍ସ ଓ ଉତ୍ସର୍ଜନ ହ୍ରାସ ଦିଗର ଜାତୀୟସ୍ତରରେ ରଖାଯାଇଥିବା ଲକ୍ଷ୍ୟ ଉପରେ ଆଲୋଚନା ପାଇଁ ଭାରତ ଗୁରୁତ୍ୱ ଦେବ ବୋଲି ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। କପ୍୨୮ର ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ପାଭିଲିଅନ୍‌ରେ ଭୂପେନ୍ଦ୍ର ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସବୁ ରାଷ୍ଟ୍ର ଆଗେଇ ଆସିବା ଉଚିତ ବୋଲି ଆହ୍ୱାନ ଦେଇଛନ୍ତି। ଏଥିସହ ପରିବେଶ ଅନୁକୂଳ ନୀତିଗୁଡ଼ିକ ଉପରେ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

# ଆଖି ଅସ୍ତ୍ରୋପଚାର ପାଇଁ ହାଇଦ୍ରାବାଦ ଯିବେ ୱାରାୱାରା ରାଓ

### ଅନୁମତି ଦେଲେ ଏନ୍ଆଇଏ କୋର୍ଟ



**ମୁମ୍ବାଇ,୩୦।୧୧**

ଭୀମା କୋରେଗାଁଓ ମାମଲାରେ ସାମାଜିକ କର୍ମୀ ୱାରାୱାରା ରାଓଙ୍କୁ ଆଖି ଅସ୍ତ୍ରୋପଚାର ଲାଗି ହାଇଦ୍ରାବାଦ ଯିବା ପାଇଁ ମୁମ୍ବାଇର ସ୍ୱତନ୍ତ୍ର ଏନ୍ଆଇଏ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ବାମ ଆଖି ଅସ୍ତ୍ରୋପଚାର ଲାଗି ୱାରାୱାରା ଡିସେମ୍ବର ୫ରୁ ୧୧ ତାରିଖ ମଧ୍ୟରେ ତେଲଙ୍ଗାନା ରାଜଧାନୀ ଗସ୍ତ କରିବାକୁ ଜଷ୍ଟିସ୍ ରାଜେଶ କାଟାରିୟାଙ୍କ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ଡିସେମ୍ବର ୪ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ରେ ରିପୋର୍ଟ କରିବା ସହ ଗସ୍ତ ସମ୍ପର୍କିତ ସବିଶେଷ ତଥ୍ୟ, ଠିକଣା, ରହିବାକୁ ଥିବା ସ୍ଥାନର ଯୋଗାଯୋଗ ନମ୍ବର ଦାଖଲ କରିବାକୁ କୋର୍ଟ କହିଛନ୍ତି। ଆକ୍ଟିଭିଷ୍ଟଙ୍କୁ ମିଳିବାକୁ ଥିବା ସ୍ୱାଧୀନତାର ସେ ଅପବ୍ୟବହାର କରିପାରିବେ ନାହିଁ ବୋଲି ବିଚାରପତି ସତର୍କ କରିଦେଇଛନ୍ତି। ୨୦୧୮ ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପୃକ୍ତ ମାମଲାରେ ୱାରାୱାରାଙ୍କୁ ଗିରଫ କରାଯାଇଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ବମ୍ବେ ହାଇକୋର୍ଟ ତାଙ୍କୁ ୨୦୨୧ ମାର୍ଚ୍ଚରେ ସାମୟିକ ଜାମିନ ପ୍ରଦାନ କରିଥିଲେ। ୨୦୨୨ ଅଗଷ୍ଟରେ ସୁପ୍ରିମକୋର୍ଟରୁ ତାଙ୍କୁ ନିୟମିତ ଜାମିନ ମିଳିଥିଲା।


ବିଶ୍ୱ ଏଡ୍‌ସ ଦିବସ ଅବ୍ୟବହିତ ପୂର୍ବରୁ ରାଜସ୍ଥାନର ବିକାନେରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରିଥିବା ଏନ୍‌ସିସି କ୍ୟାଡେଟ୍ସ।

### ପନ୍ନୁନ୍‌ଙ୍କ ହତ୍ୟା ଷଡ଼ଯନ୍ତ୍ର

## ଭାରତୀୟଙ୍କ ସମ୍ପୃକ୍ତି ଅଭିଯୋଗ ଚିନ୍ତାଜନକ: ନୂଆଦିଲ୍ଲୀ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଆମେରିକା ମାଟିରେ ଶିଖ୍ ଉଗ୍ରପନ୍ଥୀ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍‌ଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଭାରତୀୟ ନାଗରିକ ସମ୍ପୃକ୍ତ ଥିବା ଯୁକ୍ତରାଷ୍ଟ୍ର ଅଭିଯୋଗ କରିଥିବାରୁ ଏହା ଚିନ୍ତାଜନକ ବୋଲି ଗୁରୁବାର ନୂଆଦିଲ୍ଲୀ କହିଛନ୍ତି। ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ମାମଲାର ସବୁ ଦିଗକୁ ଅନୁଧ୍ୟାନ କରିବ। ପନ୍ନୁନ୍‌ଙ୍କୁ ହତ୍ୟା ପାଇଁ ଉଦ୍ୟମ ବିଫଳ ହୋଇଥିଲା। ଏଥିରେ ନିଖିଲ ଗୁପ୍ତା ନାମକ ଭାରତୀୟ ସମ୍ପୃକ୍ତ ଥିବା ବୁଧବାର ଆମେରିକା ଫେଡେରାଲ ପ୍ରସିକ୍ୟୁଶନ ଅଭିଯୋଗ ଆଣିଥିଲା। ନିଖିଲ ଭାରତ ସରକାରଙ୍କ ଜଣେ କର୍ମଚାରୀ। ଚେକ୍ ରିପବ୍ଲିକ୍ କର୍ତ୍ତୃପକ୍ଷ ନିଖିଲଙ୍କୁ ଗିରଫ କରିଥିବା ଆମେରିକାର ପ୍ରସିକ୍ୟୁଟର ମାନ୍‌ହାଟନ କୋର୍ଟଙ୍କୁ ଜଣାଇଥିଲେ। ଉକ୍ତ ଅଦାଲତରେ ନିଖିଲଙ୍କ ନାଁରେ ମାମଲା ରୁଜୁ ହୋଇଛି।

# ଉଚ୍ଚ ପଦବୀରେ ନିମ୍ନ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଲାଗି ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଯଥେଷ୍ଟ ନୁହେଁ

### କର୍ଣ୍ଣାଟକ ହାଇକୋର୍ଟଙ୍କ ମତ

**ବେଙ୍ଗାଲୁରୁ,୩୦।୧୧(ପି.ଟି.)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଥାଇ ବଦଳି ନିର୍ଦ୍ଦେଶ ଆଇନସଙ୍ଗତ ନୁହେଁ ବୋଲି କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। ଉଚ୍ଚତର ପଦବୀରେ ଜଣେ ନିମ୍ନ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦେବାର କୌଣସି କାରଣ ଏପର୍ଯ୍ୟନ୍ତ ରେକର୍ଡ ହୋଇ ନ ଥିବା ଜଣାପଡ଼ିଛି। ଅର୍ଡରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ରହିଥିଲେ ମଧ୍ୟ ଏଥିରେ ଉପଯୁକ୍ତ କାରଣ ଦର୍ଶାଯାଇ ନ ଥିବାରୁ ଏହାକୁ ଆଇନସଙ୍ଗତ କୁହାଯାଇପାରିବ ନାହିଁ। ଉଚ୍ଚତର ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କ ଅଭାବ ଥିବାରୁ ନିମ୍ନ କ୍ୟାଡରଙ୍କୁ ପୋଷ୍ଟିଂ କରାଗଲା ବୋଲି କାରଣ ଦର୍ଶାଯାଇ ନ ଥିବା ଜଷ୍ଟିସ୍ କେ. ସୋମଶେଖର



ଏବଂ ରାଜେଶ ରାୟ କେ'ଙ୍କ ଖଣ୍ଡପୀଠ କହିଛନ୍ତି। କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଗତ ଅଗଷ୍ଟ ୨ ତାରିଖର ବଦଳି ସମ୍ପର୍କିତ ଏକ ରାୟକୁ ଚ୍ୟାଲେଞ୍ଜ କରି କର୍ଣ୍ଣାଟକ ପ୍ରଶାସନିକ ସେବାର ଅଧିକାରୀ ଡ. ପ୍ରଜ୍ଞା ଆମେମ୍ବାଲା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୨.୨୩ ଲକ୍ଷ କୋଟିର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ପ୍ରତିରକ୍ଷା ବିଭାଗ ପାଇଁ ୨.୨୩ ଲକ୍ଷ କୋଟି ଟଙ୍କାର ଅସ୍ତ୍ର କ୍ରୟ ପ୍ରକଳ୍ପକୁ କେନ୍ଦ୍ର ସରକାର ଗୁରୁବାର ପ୍ରାଥମିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ଅର୍ଥରେ ୯୭ଟି ତେଜସ୍ ହାଲୁକା ଲଢ଼ୁଆ ବିମାନ, ୧୫୬ଟି ପ୍ରଚଣ୍ଡ ଲଢ଼ୁଆ ହେଲିକପ୍ଟର ସମେତ ଅନ୍ୟାନ୍ୟ ସରଞ୍ଜାମ କ୍ରୟ କରାଯିବ। ଏହା ବ୍ୟତୀତ ଭାରତୀୟ ବାୟୁସେନାର ସୁଖୋଇ-୩୦ ଯୁଦ୍ଧବିମାନଗୁଡ଼ିକର ଉନ୍ନତୀକରଣ ରାଷ୍ଟ୍ରାୟତ୍ତ ଏରୋସ୍ପେସ୍ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ଏଚ୍ଏଏଲ୍) ଦ୍ୱାରା କରାଯିବା ସହ ଦୁଇ ପ୍ରକାର ଟ୍ୟାଙ୍କ ବିଧ୍ୱଂସୀ ଅସ୍ତ୍ର କ୍ରୟକୁ ଅନୁମୋଦନ କରାଯାଇଛି। ସେହିପରି ଟି-୯୦ ଟ୍ୟାଙ୍କ ପାଇଁ ଅଟୋମେଟିକ୍ ଟାର୍ଗେଟ ଟ୍ରାକର (ଏଟିଟି) ଏବଂ ଡିଜିଟାଲ ବାସାଲ୍ଟିକ୍ କମ୍ପ୍ୟୁଟର କିଣାଯିବା ସହ ନୌସେନା ପାଇଁ ମଧ୍ୟମ ରେଞ୍ଜ୍‌ର ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର (ଏମ୍ଆର୍ଏଏସ୍ଏଚ୍ଏମ୍) କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।



ସଶସ୍ତ୍ର ବଳର ଆକ୍ରମଣ ସାମର୍ଥ୍ୟକୁ ଉଲ୍ଲେଖନୀୟ ଭାବେ ବଢ଼ାଇବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ୩ ବର୍ଷ ହେଲା ଚାଇନା ସହ ବିଭିନ୍ନ ସ୍ଥାନରେ ଭାରତୀୟ ସେନାର ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଉପରୋକ୍ତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୋଟ ୨.୨୩ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଅଧିଗ୍ରହଣର ୯୮ ପ୍ରତିଶତ ଘରୋଇ ଶିଳ୍ପରୁ କିଣାଯିବାକୁ ଥିବାରୁ ଏହାର ପ୍ରତିରକ୍ଷା ଶିଳ୍ପରେ ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣରେ ସଫଳ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୩୪ଜଣଙ୍କୁ ନିଯୁକ୍ତି ଦେଇଛନ୍ତି କିରଣ

## ସଂଘର୍ଷରୁ ସଫଳ ଉଦ୍ୟୋଗୀ

ରାୟଗଡ଼ା, (ଭାଗ୍ୟଶ୍ରୀ ମିଶ୍ର)

ଆଜିର ଯୁବପିଢ଼ି ଉଚ୍ଚଶିକ୍ଷା ପରେ ଚାକିରି ପାଇଁ ଦେଶ ଛାଡ଼ି ବିଦେଶ ଚାଲିଯାଉଛନ୍ତି। ଏହାଦ୍ୱାରା ଦେଶର ଭବିଷ୍ୟତ ଓ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। କିନ୍ତୁ ଯୁବପିଢ଼ିଙ୍କୁ ଷ୍ଟାର୍ଟଅପ୍ ଆଡ଼କୁ ପ୍ରୋତ୍ସାହିତ କରିବାକୁ ରାୟଗଡ଼ାର ସଫଳ ଉଦ୍ୟୋଗୀ କେ. କିରଣ କୁମାର ବ୍ୟବସାୟ ଆରମ୍ଭ କରିଛନ୍ତି। ସାଇପ୍ରିୟା ନଗରର ବି.ଟେକ୍ ଯୁବକ କିରଣ ଚାକିରି ପଛରେ ନ ଗୋଡ଼ାଇ ଅନ୍ୟକୁ ନିଯୁକ୍ତି ଦେବାରେ ଆନନ୍ଦ ପାଇଥାନ୍ତି ବୋଲି କହିଛନ୍ତି। ଇକୋ ଫ୍ରେଣ୍ଡଲି ୟୁପିଭିସି ଝରକା, କବାଟ ଉତ୍ପାଦନକରି ସେ କେବଳ ନିଜେ ଆତ୍ମନିର୍ଭର ହୋଇନାହାନ୍ତି ବରଂ ନିଜ ଅଧୀନରେ ୩୪ ଜଣଙ୍କୁ ନିଯୁକ୍ତି ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।



କେ. କିରଣ

କେ. କିରଣ ଜଣେ ମେଧାବୀ ଛାତ୍ର। ତାଙ୍କ ବାଲ୍ୟକାଳ ସଂଘର୍ଷରେ କଟିଥିଲା। କୋରାପୁଟରେ ତାଙ୍କ ପରିବାର ରୁହନ୍ତି। ଘରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ କିରଣ ତାଙ୍କ ଦାଦାଙ୍କ ଘରେ ରାୟଗଡ଼ାରେ ରହି ପଢ଼ିଛନ୍ତି। ରାୟଗଡା ଆଇଏସିଆର କଲେଜରେ ଇଲେକ୍ଟ୍ରିକାଲରେ ବି.ଟେକ କରିଛନ୍ତି। ପାଠପଢ଼ା ପରେ ହାଇଦ୍ରାବାଦରୁ ତାଙ୍କୁ ଚାକିରି ପାଇଁ ଅଫର ଆସିଥିଲା। ହେଲେ ସେ ଚାକିରି ନ କରି ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟକୁ କିପରି ସ୍ୱାବଲମ୍ବୀ କରିପାରିବେ ଚିନ୍ତା କରିଥିଲେ। କିରଣଙ୍କର ପାରମ୍ପରିକ କାଠ କାମ ଥିଲା। ସେହି ପାରମ୍ପରିକ କାର୍ଯ୍ୟକୁ ଅପ୍‌ଗ୍ରେଡ୍ କରି ନୂତନ ଭାବେ ବ୍ୟବସାୟ କରିବାକୁ ମନସ୍ଥ କରିଥିଲେ। ମଣିଷର ମୌଳିକ ଆବଶ୍ୟକତା ବାସଗୃହ ନିର୍ମାଣ ଲାଗି କବାଟ, ଝରକା ନିର୍ମାଣ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ଯାହା ପରିବେଶ ପାଇଁ ଶୁଭଙ୍କର ନୁହେଁ। ତେଣୁ କାଠର ବିକଳ୍ପ ୟୁପିଭିସିକୁ ସେ କବାଟ, ଝରକା ନିର୍ମାଣ ପାଇଁ ବାଛିଥିଲେ। ଯାହା ପ୍ଲାଷ୍ଟିକ ଫ୍ରି ଏବଂ ଇକୋ ଫ୍ରେଣ୍ଡଲି ବୋଲି ସେ କହିଛନ୍ତି। ମହାମାରୀ କରୋନା ସମୟରେ ସମସ୍ତଙ୍କର ଆର୍ଥିକ ସ୍ଥିତି ଦୋହଲି ଯାଇଥିବାବେଳେ ସେ ରାୟଗଡ଼ା ଶିଳ୍ପ କେନ୍ଦ୍ରକୁ ଯୋଗାଯୋଗ କରି ନିଜର ବ୍ୟବସାୟ ଯୋଜନା ବିଷୟରେ କହିଥିଲେ। ଶିଳ୍ପକେନ୍ଦ୍ର ପକ୍ଷରୁ ତାଙ୍କୁ ୨୫ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ୨୦୨୧ରେ ସେ ମା' ମାଝୀ ଗୌରୀ ଫର୍ନିଚର ୟୁନିଟ୍ ସ୍ଥାପନ କରିଥିଲେ। ଏଠାରେ ଘରର ମୁଖ୍ୟ କବାଟ, ଝରକା, ମଶାଜାଲି, ଝରକା ଫ୍ରେମ୍, ବାଥ୍‌ରୁମ୍ ଡୋର, ସ୍ଲାଇଡିଂ ଡୋର, ଫିକ୍ସଡ୍ ଝରକା, ସେପାରେସନ, ଗ୍ଲାସ୍, ଡେକ ରେଟ୍ ଆଦି ପାଇଁ ବ୍ୟବହୃତ ୟୁପିଭିସି ଉତ୍ପାଦନ କରାଗଲା। ହାଇଦ୍ରାବାଦରୁ ଆଇରନ, ଭୁବନେଶ୍ୱରରୁ ହାର୍ଡୱେର ଏବଂ ବିଶାଖାପାଟଣାରୁ ଗ୍ଲାସ୍ ଆଣି ରାୟଗଡ଼ାରେ ଉତ୍ପାଦନ କରାଯାଉଛି। ଏହା ଇକୋ ଫ୍ରେଣ୍ଡଲି ହୋଇଥିବାରୁ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱୀକୃତି ଦେଇଥିବା କିରଣ କହିଛନ୍ତି। ଉତ୍ପାଦନ ସାମଗ୍ରୀ ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ଆନ୍ଧ୍ରପ୍ରଦେଶର ବିଜୟନଗରମ ଏବଂ ପାର୍ବତୀପୁର ଯାଇଥାଏ। ୭ ଜଣ କର୍ମଚାରୀଙ୍କୁ ନେଇ କିରଣ ବ୍ୟବସାୟ ଆରମ୍ଭ କରିଥିବା ବେଳେ ଏବେ ପ୍ରାୟ ୩୪ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ୨୫ ଲକ୍ଷରୁ ଆରମ୍ଭ କରିଥିବା ବ୍ୟବସାୟ ଏବେ ଟର୍ନଓଭର ୩ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଥିବା କିରଣ କହିଛନ୍ତି। ପ୍ରତ୍ୟେକ ଯୁବକ ନିଜ ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଦ୍ୱାରା ଆବଶ୍ୟକ ସୁଯୋଗର ଅପେକ୍ଷା ନ କରି ସୁଯୋଗକୁ ନିଜେ ସୃଷ୍ଟି କରିବା ଦରକାର ବୋଲି କିରଣ କହିଛନ୍ତି। ଆଗକୁ ସରକାରୀସ୍ତରରେ ଅଧିକ ସହଯୋଗ ମିଳିଲେ ବ୍ୟବସାୟ ଆହୁରି ଆଗକୁ ବଢ଼ାଇବେ ବୋଲି ସେ କହଛନ୍ତି।

# 'ଓଡ଼ିଶାର ସବୁଜିମା ବିମୋହିତ କରିଛି'

## ବାଇକ୍‌ରେ ଭାରତ ଭ୍ରମଣ କରୁଛନ୍ତି ନେଦରଲାଣ୍ଡ ଦମ୍ପତି

ଢେଙ୍କାନାଳ,୩୦।୧୧
(ରତନ ନାୟାର)

ନେଦରଲାଣ୍ଡ ଆର୍ମଷ୍ଟ୍ରଙ୍ଗର ଦମ୍ପତି ସାଇମନ ଆଣ୍ଡରସନ୍(୭୦) ଓ ଏକ୍‌ଜାନିଆ ହେନେରୀ(୬୦) ବାଇକ୍‌ରେ ଭାରତ ଭ୍ରମଣ କରୁଛନ୍ତି। ଏହି ଅବସରରେ ଦୁହେଁ ଗୁରୁବାର ଢେଙ୍କାନାଳ ସହରରେ ପହଞ୍ଚି ବୋରାପଦାସ୍ଥିତ ଗଜଲକ୍ଷ୍ମୀ ପ୍ୟାଲେସରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨ ହଜାର କିଲୋମିଟର ଅତିକ୍ରମ କରିଥିବା ଏହି ଦମ୍ପତି ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବା ସହ ସବୁଜିମାମୟ ପରିବେଶ ଦେଖି ବିମୋହିତ ହୋଇଥିବା ପ୍ରକାଶ କରିଛନ୍ତି।



ସାଇମନ ଓ ଏକ୍‌ଜାନିଆ କହିଛନ୍ତି, ଭାରତକୁ ବେଶ୍ ଭଲ ପାଉ। ସେଥିପାଇଁ ବାଇକ୍‌ରେ ଏହି ଦେଶ ପରିଭ୍ରମଣ କରିବା ବହୁତ ଆନନ୍ଦ ଦେଉଛି। ଓଡ଼ିଶାର ଶିମିଳିପାଳ, ମନ୍ଦରମାଣି ଓ ଢେଙ୍କାନାଳର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିଛୁ। ଏହାର ସବୁଜିମା, ଘନଜଙ୍ଗଲ ଓ ପାହାଡ଼ ପ୍ରକୃତିର ବରଦାନ। ସହରର କୋଳାହଳ ଠାରୁ ଗ୍ରାମାଞ୍ଚଳ ଓ ଏହାର ସବୁଜ ପରିବେଶ ବହୁତ ଭଲ। ପଞ୍ଜାବ ଓ ହରିୟାଣାର ଲୋକମାନେ ନୂଆ ଲୋକଙ୍କୁ ଦେଖିଲେ ତାଙ୍କ ବିଷୟରେ ଜାଣିବାକୁ ଚାହାନ୍ତି। ସେଲଫି ନେବାକୁ ପସନ୍ଦ କରନ୍ତି। କିନ୍ତୁ ଓଡ଼ିଶାର ଲୋକମାନେ ନିଜ କାମକୁ ଅଧିକ ପସନ୍ଦ କରନ୍ତି। ୨୦ବର୍ଷ ତଳେ ଦେଖିଥିବା ଭାରତ ଓ ଆଜିର ଭାରତ ବହୁତ ଭିନ୍ନ। ଆଜିର ଯୁବପିଢି ପ୍ରତିଯୋଗିତାମୂଳକ ଯୁଗରେ ନିଜକୁ ସାମିଲ କରିଛନ୍ତି। ବର୍ତ୍ତମାନ ସେମାନେ ନିଜର ପରିଚୟ ନିଜେ ସୃଷ୍ଟି କରିବାକୁ ଲାଗି ପଡିଛନ୍ତି। ଢେଙ୍କାନାଳର ବରା, ପୁରି, ଦହି, ପରଟା, ଭାଜି ଓ ସିଙ୍ଗଡା ଖାଇବାକୁ ବହୁତ ଭଲ ଲାଗୁଛି। କଲେଜ ବାଇପାସ ଛକରେ ଜଣେ ମହିଳା ଚା' ଦୋକାନ କରିଥିବା ଦେଖି ଖୁସି ଲାଗିଲା। ସେଠାରେ ଚା' ପିଇଲୁ। ଢେଙ୍କାନାଳ ଜଙ୍ଗଲରେ ହାତୀ, ବଡ଼ ସାପ ଦେଖିଲୁ ବୋଲି ନେଦରଲାଣ୍ଡ ଆର୍ମଷ୍ଟ୍ରଙ୍ଗର ଦମ୍ପତି ପ୍ରକାଶ କରିଛନ୍ତି। ଗଜଲକ୍ଷ୍ମୀ ପ୍ୟାଲେସର ସ୍ୱତ୍ୱାଧିକାରୀ ଜିତେନ୍ଦ୍ର ପ୍ରସାଦ ସିଂହଦେଓ କହିଛନ୍ତି, ଏହି ବିଦେଶୀ ଦମ୍ପତି ୧୯୭୦ ମସିହାରେ ପ୍ରଥମେ ଭାରତ ଆସିଥିଲେ। ବର୍ତ୍ତମାନ ସେମାନେ ବାଇକ୍‌ରେ ଭାରତ ପରିଭ୍ରମଣ କରୁଛନ୍ତି। ଭାରତକୁ ଅତି ପାଖରୁ ଦେଖିବା ଉଭୟଙ୍କ ଏକ ନିଶାରେ ପରିଣତ ହୋଇଛି। ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ଚଳଣି ଓ ଜୀବନ ଜୀବିକା ସମ୍ପର୍କରେ ଅବଗତ ହେଉଛନ୍ତି। ଜଙ୍ଗଲ, ପାହାଡ଼ ପରିବେଶ ଦୁହିଁଙ୍କୁ ବେଶ୍ ଭଲଲାଗେ।



















## ସଂକ୍ଷେପରେ

### ଖବରଦାତାଙ୍କୁ ଛୁରାମାଡ଼, ଅଭିଯୁକ୍ତ ଅଟକ

ବିଞ୍ଝାରପୁର,୩୦।୧୧(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ୍ ଅଞ୍ଚଳର ଯୁବଖବରଦାତା ଶଙ୍କର୍ଷଣ ସାମଲଙ୍କୁ ଛୁରାମାଡ଼ କରାଯାଇଛି। ଏନେଇ ଅଭିଯୋଗ ହେବାପରେ ବିଞ୍ଝାରପୁର ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ଣରେ ଖବରଦାତା ଜଣକ ଖବର ସଂଗ୍ରହକରି ଫେରୁଥିଲେ। ଏହି ସମୟରେ ବାଟରେ ଜଣେ ମଟର ସାଇକଲ ଓ ଜଣେ ସାଇକଲ ଆରୋହୀଙ୍କ ମଧ୍ୟରେ ବଚସା ଚାଲିଥିଲା। ଏହାକୁ ଖବରଦାତା ମୋବାଇଲରେ କଏଦ କରିବାକୁ ଚେଷ୍ଟା କରିଥିଲେ। ଫଳରେ ଅଭୟ ବେହେରା ନାମକ ବ୍ୟକ୍ତି ଖବରଦାତାଙ୍କୁ ଗାଳି ଗୁଲଜ କରିବା ସହ ଏକ ଛୁରୀରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାମଲଙ୍କ ଡାହାଣ ହାତରେ ଗଭୀର କ୍ଷତ ହୋଇଛି। ଘଟଣାକୁ ବିଞ୍ଝାରପୁର ଖବରଦାତା ୟୁନିୟନ ଓ ଜିଲା ଖବରଦାତା ୟୁନିୟନ ସମେତ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ବିଞ୍ଝାରପୁର,୩୦।୧୧(ରାମକୃଷ୍ଣ ଦାସ): ବିଞ୍ଝାରପୁର ଭାଜପା ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଭାଜପା ଜିଲା ସଭାନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ମହିଳା ଓ ପୁରୁଷ କର୍ମୀ ମାଁସଡ଼ା ପଞ୍ଚାୟତ ଆଲାରପୁର ସମିଲ ଛକଠାରୁ ଏକ ଶୋଭାଯାତ୍ରାରେ ସରକାର ବିରୋଧୀ ନାରାଦେଇ ବ୍ଲକ ପରିସରରେ ପହଞ୍ଚିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ନେତା ଅମିୟ ମଲ୍ଲିକ, ଗୋପୀନାଥ ଯେନା, ପ୍ରଯୁକ୍ତି ବିଦ୍ୟା ରାଜ୍ୟ ସଂଯୋଜକ ଡ. ରବିନାରାୟଣ ବେହେରା, ପ୍ରାକ୍ତନ ସରପଞ୍ଚ ଭୁବନାନନ୍ଦ ସାମଲ, ମଣ୍ଡଳ ସଭାପତି ଦୀନବନ୍ଧୁ ଦାସ, ସୁଶାନ୍ତ ସାମଲ, ମଦନମୋହନ ଯେନା ଓ ଉପେନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଡିଓ ଦ୍ୟୁବେନ୍ଦୁ ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେଉରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନମିତା ନାୟକ, ଶାନ୍ତିଲତା ମିଶ୍ର, ପ୍ରେମଲତା ଯେନା, ଗୋକୁଳାନନ୍ଦ ଯେନା, ସୁବାସ ମହାନ୍ତି, ଶଶଧର ବେଉରିଆଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା ଧନ୍ୟବାଦ ଦେଇଥିଲେ।

### ଧର୍ମଶାଳା ମହିଳା କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଧର୍ମଶାଳା,୩୦।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ଧର୍ମଶାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ନମିତା ପରିଡ଼ା ଉଦ୍ଘାଟନ କରିଥିଲେ। ଅଧ୍ୟାପିକା,ଅଧ୍ୟାପକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ଓଡ଼ିଶା, ଯୁବ ଓଡ଼ିଶା ପରିକଳ୍ପନା କରାଯାଇ ଯୁବବର୍ଗଙ୍କ ମଧ୍ୟରେ ଥିବା ସୃଜନଶୀଳତାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ବିଶେଷ କରି ଏହା ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସଚେତନତା ସୃଷ୍ଟି ହେବ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

### କଲେଜ ଅଧ୍ୟକ୍ଷଙ୍କ ମାତୃ ବିୟୋଗ

ବରୀ,୩୦।୧୧(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ଅଧୀନ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କ ମା' ମୁକ୍ତା ରାଉତଙ୍କ ସାହାସପୁରସ୍ଥିତ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଜଣେ ମହିୟସୀ ମହିଳା ଥିଲେ। ତାଙ୍କ ତତ୍ତ୍ୱାବଧାନରେ ମୁକ୍ତା ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ ପାଉଥିଲା। ତାଙ୍କ ବିୟୋଗରେ ମହାବିଦ୍ୟାଳୟର କର୍ମକର୍ତ୍ତା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମଳୟ ଜେନା, ସହକର୍ମୀ, ଅଭିମନ୍ୟୁ ସାହିତ୍ୟ ପରିଷଦ କର୍ମକର୍ତ୍ତା, ବିଦ୍ୱାର ନିର୍ଦ୍ଦେଶକ ଶରତ କୁମାର ଜେନା ଓ ଜଗା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ଅଜୟ କୁମାର ଜେନା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ଡଙ୍କାରୀ ପାହାଡ଼ରେ କଳାପଥର ଲୁଟ୍

- ଲିଜ୍ ଅଞ୍ଚଳକୁ ବାଦ୍ ଦେଇ ପାଖ ଖାଦାନ ଛିନ୍‌ଭିନ୍
- ଅଭିଯୋଗ କଲେ ବି ଶୁଣୁନାହାନ୍ତି ଅଧିକାରୀ
- ଆଇନଗତ ଲିଜ୍‌ଧାରୀ ପ୍ରଭାବିତ, ବନ୍ଦ କରିବାକୁ ଚେତାବନୀ



ଡଙ୍କାରୀ ପାହାଡ଼ରୁ କଳାପଥର ଚାଲାଣ ହେଉଛି।

ଯାଜପୁର,୩୦।୧୧(ହର୍ଷବର୍ଦ୍ଧନ ବେହେରା) : ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟ କଳାପଥର, ବାଲି, ମୋରମ ଓ ମାଙ୍କଡ଼ା ପଥର ବହୁ ପରିମାଣରେ ଗଚ୍ଛିତ ରହିଛି। ତେବେ ଧର୍ମଶାଳା ତହସିଲ ଅଞ୍ଚଳରେ ରହିଥିବା ବହୁ ମୂଲ୍ୟବାନ କଳାପଥର ଚୋରି କାରବାର ଏବେ ଅଣାୟତ୍ତ ହେବାରେ ଲାଗିଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନିଜ ଲିଜ୍ ଏରିଆକୁ ଲାଗି ଅନ୍ୟ ଖାଦାନଗୁଡ଼ିକରୁ ଚୋରି କରୁଛନ୍ତି। ଏଭଳି ଗୁରୁତର ଅଭିଯୋଗ ସ୍ଥାନୀୟ ଅଞ୍ଚଳବାସୀଙ୍କ ବ୍ୟତୀତ କେତେଜଣ ଲିଜ୍‌ଧାରୀ ଖଣି ନିର୍ଦ୍ଦେଶକଙ୍କ ସମେତ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ଯାଜପୁର ଲଘୁ ଖଣିଜ ଦ୍ରବ୍ୟ ଉପ ନିର୍ଦ୍ଦେଶକ ଏବଂ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଅନୁଯାୟୀ ବେଆଇନ ଖାଦାନ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଆଇନଗତ ଲିଜ୍‌ଧାରୀମାନେ ବହୁଳ ଭାବେ ପ୍ରଭାବିତ ହେଉଛନ୍ତି। ଏହିକ୍ରମରେ କଳାପଥର ଚୋରି କାରବାରକୁ ବନ୍ଦ ଏବଂ ସେମାନଙ୍କ ବିରୋଧରେ ଜରିମାନା ନ କରିବା ପର୍ଯ୍ୟନ୍ତ ଉତ୍ତୋଳନ କାର୍ଯ୍ୟକୁ ବନ୍ଦ କରିବାକୁ ଅଭିଯୋଗକାରୀ ଲିଜ୍‌ଧାରୀମାନେ ଚେତାବନୀ ଦେଇଛନ୍ତି।

ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରାୟ ୯୦ଟି କଳାପଥର ଖାଦାନ ରହିଛି। ହେଲେ ଏଯାଏ ମାତ୍ର ୨୫ଟି ଖାଦାନକୁ ଲିଜ୍ ଦେଇ ଚୁକ୍ତି କରାଯାଇଛି। ଏହାର ସୁଯୋଗରେ ଅଣଲିଜ୍ ଖାଦାନଗୁଡିକୁ ନିୟମିତ ଭାବେ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଜରିମାନା ଭୟରେ ନିଜର ଲିଜ୍ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ଅଣଲିଜ୍ ଖାଦାନଗୁଡ଼ିକରୁ ଅନେକ ଲକ୍ଷ ଟଙ୍କାର କଳାପଥର ଚୋରି ହୋଇ ସାରିଛି। ଡଙ୍କାରୀ ପାହାଡ଼ର ୧୭ ନମ୍ବର, ୧/୪ ନମ୍ବର ଓ ୩/୯ ନମ୍ବର ଲିଜ୍‌ଧାରୀମାନେ ତଥା ପି.ଜେ. ମିନେରାଲ୍ସ କମ୍ପାନୀର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଜେନା ଓ ଜ୍ୟୋତ୍ସ୍ନାରାଣୀ ଜେନା ଏବଂ ନିରଞ୍ଜନ ରାଉତ ଏଭଳି ଲୁଟ୍ କାରବାରରେ ସଂପୃକ୍ତ ଥିବା ଅଭିଯୋଗ କରାଯାଇଛି। ଏପରି କି ଡଙ୍କାରୀ ପାହାଡ଼ର ୧୮ ନମ୍ବର ଖାଦାନକୁ ଲକ୍ଷ୍ମୀ ଏକ୍ସପୋର୍ଟ ସହ ଚୁକ୍ତି ହୋଇଥିଲେ ହେଁ ତାକୁ କଳାପଥର ଉତ୍ତୋଳନ କରିବାକୁ ଦିଆଯାଉନାହିଁ। ସେଠାରୁ ଜୋରଜବରଦସ୍ତ ଉପରୋକ୍ତ ଲିଜ୍‌ଧାରୀମାନେ କଳାପଥର ଚୋରି କରୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅନ୍ୟପକ୍ଷେ ଲିଜ୍‌ଧାରୀ ପି.ଜେ. ମିନେରାଲ୍ସର ଅନ୍ୟତମ ନିର୍ଦ୍ଦେଶକ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନାମରେ ପୂର୍ବରୁ ଅନୁମୋଦନଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହେବା ପ୍ରମାଣିତ ହେବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ୭୯ କୋଟି ଟଙ୍କାର ଜରିମାନା ନିର୍ଦ୍ଦେଶ ହୋଇଛି। କିନ୍ତୁ ପୁଣି କେମିତି ପି.ଜେ. ମିନେରାଲ୍ସ ନାମରେ ଡଙ୍କାରୀ ପାହାଡ଼ର ୧୭ ନମ୍ବର ଖାଦାନକୁ ଲିଜ୍ ସୂତ୍ରରେ ଦିଆଯାଇଛି ସେ ନେଇ ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଏହାଦ୍ୱାରା ମାଇନିଂ ରୁଲ୍ସ ଏବଂ ରେଗୁଲେଶନର ବିରୁଦ୍ଧାଚରଣ ହୋଇଛି ବୋଲି କୁହାଯାଇଛି। ଏଭଳି ଲୁଟ୍ କାରବାରକୁ ପ୍ରୋତ୍ସାହନ ଦେବାକୁ ଯାଇ ସଂପୃକ୍ତ ପ୍ରଶାସନିକ ଅଧିକାରୀମାନେ ଅଣଲିଜ୍ ଖାଦାନଗୁଡ଼ିକୁ ଲିଜ୍‌ସୂତ୍ରରେ ଦେବାକୁ ବିଳମ୍ବ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଲକ୍ଷ୍ମୀ ଏକ୍ସପୋର୍ଟକୁ ଡଙ୍କାରୀ ପାହାଡ଼ର ୫ ନମ୍ବର ଖାଦାନକୁ ଲିଜ୍ ଦିଆଯାଇଛି। କିନ୍ତୁ ଏହି ଖାଦାନରେ ମଧ ଚୋରି କାରବାର ଚାଲିଥିବାରୁ ସେଠାରୁ ଆଇନଗତ ଭାବେ କଳାପଥର ଉତ୍ତୋଳନ ହୋଇ ପାରୁନାହିଁ। ଏହାବାଦ୍ ରାହାଡ଼ପୁର, ଲୁଣିବର, ବାରମାଣ, ବରଡ଼ା, ବାଜବାଟି, ଆରୁହା ଓ ବିଛାଖଣ୍ଡି ପାହାଡ଼ରୁ ଅନେକ କୋଟି ଟଙ୍କାର କଳାପଥର ଚୋରି ହେଉଛି। ଏହିକ୍ରମରେ ଆଖପାଖ ଷ୍ଟୋନ୍ କ୍ରଶରଗୁଡ଼ିକରେ ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ପୋଲିସ ଷ୍ଟେଶନରେ ଏକାଧିକ ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ରାଜ୍ୟ ସରକାର ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପ୍ରମୁଖ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ଖଣି, ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗର ସଂପୃକ୍ତ ଅଧିକାରୀମାନେ ହାତରେ ହାତ ଦେଇ ବସିଥିବା ଆଲୋଚନା ହେଉଛି। ଫଳରେ ଏହାର ଉପଯୁକ୍ତ ପରିଚାଳନାର ଅଭାବ ଯୋଗୁ ନିୟମିତ ବ୍ୟବଧାନରେ ପଥର ଚାପାରେ ଶ୍ରମିକଙ୍କ ମୃତ୍ୟୁ ହେଉଥିବା ନଜିର ରହିଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ତଥାପି ଖୁବଶୀଘ୍ର ବେଆଇନ ଉତ୍ତୋଳନ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବେଦାନ୍ତ ପକ୍ଷରୁ ୧୨୬ ସୋଲାର ଲାଇଟ ସଂଯୋଗ




କାଳିଆପାଣି,୩୦।୧୧(ଅସିତ ମହାନ୍ତ): ଫେକର ବେଦାନ୍ତ କମ୍ପାନୀ ପକ୍ଷରୁ ଖଣି ପ୍ରଭାବିତ ଅଞ୍ଚଳର ବିଭିନ୍ନ ସ୍ଥାନରେ ସୋଲାର ଲାଇଟ୍ ଲଗାଯାଇଛି। କମ୍ପାନୀ ପକ୍ଷରୁ କାଳିଆପାଣି, ଟିଙ୍ଗୁଡ଼ିପାଳ, ଗାଁସୋଳ, କଂସ ପଞ୍ଚାୟତର ବିଭିନ୍ନ ଗାଁ ରାସ୍ତାକଡ଼, ମଣ୍ଡପ, ଚଉପାଢ଼ୀ, ମଠ ଓ ମନ୍ଦିର ଆଦି ସ୍ଥାନରେ ସୋଲାର ଲାଇଟ ଷ୍ଟାଣ୍ଡ ପୋଲରେ ସଂଯୋଗ କରି ସେବା ଯୋଗାଯଇଛି। 'ଫେକର୍ ସାଥୀ ଗାଁ କଲ୍ୟାଣ' ନାମରେ ଏହି ସେବା ଯୋଗାଇ ଦିଆଯାଇଛି। ୪ ପଞ୍ଚାୟତର ୧୨୬ ସ୍ଥାନରେ ଲାଇଟ ଯୋଗାଇଛି। ଆଗାମୀ ଦିନରେ ଆହୁରି ଅଧିକ ଲାଇଟ ସଂଯୋଗ କରାଯିବ ବୋଲି ଫେକର ବେଦାନ୍ତ ସୁକିନ୍ଦା ଖଣିର ଖଣି ମୁଖ୍ୟ ମୁଥୁମାରି ଏମ୍. ପ୍ରକାଶ କରିଛନ୍ତି।

# ସମ୍ବିଧାନ ସମ୍ପର୍କରେ ସଚେତନ କରାଇବା ଜରୁରୀ




ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରପତି ଓ ଅନ୍ୟମାନେ।

ଚଣ୍ଡିଖୋଲ,୩୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ସମ୍ବନ୍ଧୀୟ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ତାଲୁକ କେନ୍ଦ୍ର ଅଧ୍ୟକ୍ଷ ତଥା ସବ୍‌ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେଏମ୍ଏଫ୍‌ସି ପରବିନ ମଣ୍ଡଳ, କୋର୍ଟ ବାର୍ ଆସୋସିଏଶନ ସଭାନେତ୍ରୀ ରେଣୁବାଳା ମହାନ୍ତି, ପୂର୍ବତନ ସଭାପତି ଦେବରାଜ ବେହେରା, ରିଟେନର ପ୍ରତିମାରାଣୀ ସାହୁ, କିଶୋର କୁମାର ନାୟକ ଓ ଶ୍ୟାମପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ବିଧାନ ୧୯୪୯ରେ ସମ୍ବିଧାନ ସଭାରେ ଗୃହୀତ ହୋଇ ୧୯୫୦ରେ କାର୍ଯ୍ୟକାରୀ ହୋଇଥିଲା। ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ସମସ୍ତଙ୍କୁ ସମ୍ବିଧାନ ସମ୍ପର୍କରେ ସଚେତନ କରାଇବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିଶଙ୍କର ମହାପାତ୍ର, ଦୀନବନ୍ଧୁ ନାୟକ, ନଳିନୀକାନ୍ତ ମିଶ୍ର, କୁମାର ପ୍ରସାଦ ବେହେରା, ନିଗମ ପାତ୍ର ଓ ମନୋଜ ବଳସାମନ୍ତ ଯୋଗ ଦେଇଥିଲେ। ତାଲୁକ ସମ୍ପାଦକ କାରୁ ମାର୍ଣ୍ଡି ଧନ୍ୟବାଦ ଦେଇଥିଲେ।

## ଘର ଡିହ ସୀମାକୁ କେନ୍ଦ୍ରକରି ଗଣ୍ଡଗୋଳ, ୪ ଗୁରୁତର

ଯାଜପୁର ସଦର,୩୦।୧୧ (ସମର ବିଜୟ ଶରଣ): ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍ଗ ଗ୍ରାମରେ ଘରଡିହ ସୀମା ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୪ ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ନଂ.୨୯୧/୨୩ ଓ ୨୯୨/୨୩ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଗ୍ରାମର ଇତିଶ୍ରୀ ସାମଲ ଘରର ସିଡି ନିର୍ମାଣ ପାଇଁ ଜାଗା ଚିହ୍ନଟ କରୁଥିଲେ। ଏହି ସମୟରେ ଅପରପକ୍ଷ ଅଭିଯୋଗ କାରିଣୀ ପ୍ରଭାତୀ ସାମଲଙ୍କ ସ୍ୱାମୀ ସୁବେନ୍ଦୁ ସାମଲ ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟ ପରିବାର ମଧ୍ୟରେ ପ୍ରଥମେ ବଚସା ଓ ପରେ ବିଭିନ୍ନ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିଥିଲେ।

## ମହେଶ୍ୱରପୁର ରାହାସ ଉତ୍ସବ ଉଦ୍‌ଯାପିତ



ଉତ୍ସବରେ ଯୋଗଦେଇଥିବା ଅତିଥି ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଯାଜପୁର ସଦର,୩୦।୧୧(ସମର ବିଜୟ ଶରଣ): ଯାଜପୁର ବ୍ଲକ ମହେଶ୍ୱରପୁରଠାରେ ଚାଲିଥିବା ରାହାସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ ନାୟକ, ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟ ବିନୋଦ ମାଝି, ସଭ୍ୟା ସୁନୀତା ରାଉତ, ସରପଞ୍ଚ ସୁଜିତ ରାୟ, ବାଦଲ ଖୁଣ୍ଟିଆ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିଜୟ ଦଳେଇ ଓ ଯୁବନେତା ଗୌରାଙ୍ଗ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉତ୍ସବରେ ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ର ଓ ଉତ୍ସବର ମୁଖ୍ୟ ଆୟୋଜକ ଅମିତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ଭୁବନେଶ୍ୱରର ଗୀତ ଆୱାଜ ମେଲୋଡିର ଗାୟିକା ଅର୍ପିତା ଚୌଧୁରୀ ଓ ହାସ୍ୟାଭିନେତା ଗୋପୀ ଡିଂଡଙ୍ଗ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ କରିଥିଲେ। ଆସନ୍ତା ୧ରୁ ୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରାଯିବ ବୋଲି ଆୟୋଜକ ରାଉତ ସୂଚନା ଦେଇଛନ୍ତି।

# ଧର୍ମଶାଳା କଲେଜ ଅଧ୍ୟକ୍ଷଙ୍କ ଅବସର ଗ୍ରହଣ

ଧର୍ମଶାଳା,୩୦।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ତପନ କୁମାର ମିଶ୍ର ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହାପରେ ନୂତନ ଅଧ୍ୟକ୍ଷ ଭାବେ ରସାୟନ ବିଭାଗ ପ୍ରାଧ୍ୟାପକ ଜୟନ୍ତ କୁମାର ସାହୁ ଦାୟିତ୍ୱ ନେଇଛନ୍ତି। ଏନେଇ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ନୂତନ ଅଧ୍ୟକ୍ଷ ସାହୁ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର, ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ, ସ୍ୱରୁପାନନ୍ଦ ପଣ୍ଡା, ସୁରେଶ ଚନ୍ଦ୍ର ଦାସ, ଅରବିନ୍ଦ ମହାନ୍ତି, ବିଜୟ କୁମାର ସାମଲ, ଶୁଶାନ୍ତ କୁମାର ସାମଲ, ଅଧ୍ୟାପିକା ଅରତୀ ଶତପଥୀ ପ୍ରମୁଖ ଯୋଗଦେଇ ମିଶ୍ରଙ୍କ ଶିକ୍ଷାଦାନ ଓ ଦକ୍ଷତାର ସହ ମହାବିଦ୍ୟାଳୟ ପରିଚାଳନା ଉପରେ ଆଲୋକପାତ କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ମିଶ୍ର ଏହି ମହାବିଦ୍ୟାଳୟରେ ୨୦।୮।୧୯୮୭ରେ ଗଣିତ ବିଭାଗ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ୩୦।୧୦।୨୦୨୦ରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଅଧ୍ୟକ୍ଷତା ସମୟରେ ମହାବିଦ୍ୟାଳୟର ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଛି। ସେଥି ମଧ୍ୟରୁ ଉଷା ଗ୍ରାଣ୍ଟ, ବିଶ୍ୱବ୍ୟାଙ୍କ ଗ୍ରାଣ୍ଟ ପାଇପାରିଛି। ମହାବିଦ୍ୟାଳୟରେ ରାଜ୍ୟ ଓପନ ୟୁନିଭରସିଟି ଦ୍ୱାରା ମୁକ୍ତ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ଖୋଲାଯାଇଛି। ମହାବିଦ୍ୟାଳୟରେ ଉନ୍ନତମାନର କ୍ୟାଂଟିନ, ଭଲିବଲ, ବାସ୍କେଟ ବଲ, ବ୍ୟାଡମିଣ୍ଟନ ବୋର୍ଡ ନିର୍ମାଣ କରାଯାଇଛି।



## ଡେକୋ କମ୍ପାନୀର କାର୍ଯ୍ୟ ବନ୍ଦ ନୋଟିସ

କାଳିଆପାଣି,୩୦।୧୧(ବିକାଶ ମଲ୍ଲିକ): ସୁକିନ୍ଦା ଖଣି ଅଞ୍ଚଳର ସମସ୍ତ ଖଣିରେ କ୍ରୋମ ଉତ୍ତୋଳନ ଓ ପରିବହନ କାର୍ଯ୍ୟରେ ନିୟୋଜିତ ଡେକୋ (ଧନେଶ୍ୱର ଇଞ୍ଜିନିୟର ପ୍ରାଇଭେଟ ଲିମିଟେଡ) ନିଜର କାର୍ଯ୍ୟ ବନ୍ଦ କରିବାକୁ ନୋଟିସ ଜାରି କରିଛି।

କମ୍ପାନୀ ୨୦୨୦ରେ ଟାଟାଷ୍ଟିଲ କମ୍ପାନୀର ସୁକିନ୍ଦା, ସରୁଆବିଲ ଓ କମର୍ଦା ଖଣିରେ କ୍ରୋମାଇଟ ଉତ୍ତୋଳନ, ପରିବହନ ସହ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହୋଇଥିଲା। ପରବର୍ତ୍ତୀ ସମୟରେ ଓଏମସି (ଓଡ଼ିଶା ଖଣି ନିଗମ)ର ସୁକୁରଙ୍ଗି ଖଣିରେ କାର୍ଯ୍ୟ କରିଥିଲା। ସମସ୍ତ ଖଣିରେ ୧୨୦୦ରୁ ଅଧିକ କର୍ମଚାରୀ କମ୍ପାନୀ ଅଧୀନରେ କାର୍ଯ୍ୟ କରୁଛନ୍ତି। ତେବେ କୌଣସି କାରଣ ନ ଜଣାଇ କମ୍ପାନୀ ହଠାତ୍ କାର୍ଯ୍ୟବନ୍ଦ ନୋଟିସ ଦେବାରୁ କର୍ମଚାରୀମାନେ ହତାଶ ହୋଇ ପଡ଼ିଛନ୍ତି। କମ୍ପାନୀ ପତ୍ର ସଂଖ୍ୟା:୨୪୧ -୨୦୨୩/୨୪ ଅନୁଯାୟୀ, ଟାଟାଷ୍ଟିଲ ଖଣି ମୁଖ୍ୟ, ଶ୍ରମ ବିଭାଗ ଭୁବନେଶ୍ୱର, ଯୁଗ୍ମ ଶ୍ରମ ବିଭାଗ ଅନୁଗୋଳ ଓ ଶ୍ରମିକ ସଂଘଙ୍କୁ ଲିଖିତ ଭାବେ ଜଣାଇବା ସହ ୨୦୨୪ ଜାନୁୟାରୀରୁ କାବ ବନ୍ଦ ରହିବ ବୋଲି ଦର୍ଶାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କମ୍ପାନୀ ପ୍ରୋଜେକ୍ଟ ମ୍ୟାନେଜର ମନୋରଞ୍ଜନ ନାଥଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

ବରୀ,୩୦।୧୧(ମହେନ୍ଦ୍ର ସ୍ୱାଇଁ): ବରୀ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ବରୀ ବ୍ଲକର ୨୯ ଓ ରସୁଲପୁର ବ୍ଲକ୍‌ର ୧୦ ପଞ୍ଚାୟତର କର୍ମୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ୩ ଦିନ ଧରି ଚାଲିଥିଲା। ବରୀ ବ୍ଲକ୍‌ଅଧୀନ କିମ୍ବିରିଆପାଳ ପଞ୍ଚାୟତଠାରେ ଅନୁଷ୍ଠିତ ଶିବିରରେ ଖଣ୍ଡପଡ଼ାର ପ୍ରାକ୍ତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସରୋଜ କୁମାର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ କିଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେନେଇ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ।

ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଦଳକୁ ମଜଭୁତ କରିବା କ୍ଷେତ୍ରରେ କର୍ମୀମାନଙ୍କ ବହୁ ଭୂମିକା ରହିଛି ବୋଲି ମତ ରଖିଥିଲେ। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ପ୍ରଶିକ୍ଷଣ ଯୋଗୁ ଦଳର କର୍ମୀମାନେ ଦଳକୁ ସୁଦୃଢ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ବ୍ଲକ ବିଜେଡି ସଭାପତି କେଦାର ସାମଲ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ସରପଞ୍ଚ ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ପ୍ରଜ୍ଞାପରମିତା ପରିଡ଼ା, ଚପଳା ମଲ୍ଲ, ଜଗଦୀଶ ଜେନା, ଶରଳା ମଲ୍ଲିକ, ରେବତୀ ଜେନା, ଶଙ୍କର୍ଷଣ ସ୍ୱାଇଁ, ସବିତା ବେହେରା, ହରପ୍ରିୟା ସାହୁ, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟାଦର୍ଶିନୀ ଦାସ, ରମେଶ ସାହୁ, ସୁଧାଂଶୁବାଳା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡ଼େଇ, ଯୁବ ବିଜେଡିର ବିରେନ ରାଉତ, ବିଜୟ କୁମାର ସାହୁ, ସ୍ମୃତିରଞ୍ଜନ ପରିଡ଼ା, ଗୁରୁଚରଣ ଦାସ, ପର୍ଶୁରାମ ଜେନା ଓ ବାବୁଲି ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଶିକ୍ଷକ ଦ୍ୱୟଙ୍କୁ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଫଟୋଚିତ୍ର, ବୌଦ୍ଧ ମୂର୍ତ୍ତି ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକଙ୍କ ମୃତ୍ୟୁ

ଡେରାବିଶ, ୩୦।୧୧
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ସାନ ଫୋଗଳ ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬ବର୍ଷର ବାଳକଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଗ୍ରାମର ସନ୍ତୋଷ କୁମାର ହୋତାଙ୍କ ଏକମାତ୍ର ପୁଅ ସ୍ୱୟଂପ୍ରକାଶ। ସୂଚନା ଅନୁଯାୟୀ, ସକାଳ ୭ ଟାରେ ଗୁରୁବାର ଓଷା ପାଇଁ ଘରର ସଦସ୍ୟମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ଥିବା ବେଳେ ହଠାତ ଏହି ଦୁଃଖଦ ଘଟଣା ଘଟିଥିଲା। ପୂଜାର୍ଚ୍ଚନାରେ ବ୍ୟସ୍ତ ଥିବା ଘରର ସଦସ୍ୟମାନଙ୍କ ଅଜାଣତରେ ସ୍ୱୟଂପ୍ରକାଶ ଟିଭି ଦେଖିବାକୁ ବିଦ୍ୟୁତ ବୋର୍ଡରେ ତାର ସଂଯୋଗ ପାଇଁ ଉଦ୍ୟମ କରିଥିଲେ। ହେଲେ ଏହି ସମୟରେ କୁନି ବାଳକ ଜଣକ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଏହା ଜାଣି ପରିବାର ସଦସ୍ୟମାନେ ତାକୁ ତୁରନ୍ତ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେନ୍ଦ୍ରାପଡ଼ା ସଦର ମହକୁମାସ୍ଥିତ ଏକ ଘରୋଇ ପ୍ଲେ ସ୍କୁଲରେ ଏଲକେଜିରେ ପାଠ ପଢୁଥିବା ଛାତ୍ରଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବାପା ସନ୍ତୋଷ ଚଣ୍ଡିଖୋଲ–ପାରାଦୀପ ୫୩ ନଂ. ଜାତୀୟ ରାଜପଥର ଓଲଡ଼ି ଛକ ନିକଟରେ କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ କରି ପରିବାର ପ୍ରତିପୋଷଣ କରୁଥିଲେ।

### ଅନ୍ତର୍ଜାତୀୟ କୋଣାର୍କ ବାଲୁକା କଳା ପ୍ରଦର୍ଶନୀରେ ଭାଗ ନେବେ ଆଳିର ଯତୀନ ଦାସ

ଆଳି,୩୦।୧୧(ବନମାଳୀ ସେନାପତି)

ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ କୋଣାର୍କରେ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀରେ କେନ୍ଦ୍ରାପଡ଼ା ଜିଲା ଆଳିର ବାଲୁକା ଶିଳ୍ପୀ ଯତୀନ ଦାସ ଭାଗ ନେବେ। ଏହି ବାଲୁକା କଳା ପ୍ରଦର୍ଶନୀରେ ଜାତୀୟ ଅନ୍ତର୍ଜାତୀୟ ସ୍ତରରୁ ଶତାଧିକ ବାଲୁକା ଶିଳ୍ପୀ ଯୋଗଦେବେ ଯାହାକି ଆଗାମୀଦିନରେ ବାଲୁକା ଶିଳ୍ପୀଙ୍କୁ ପ୍ରୋତ୍ସାହନ ଦେବା ସହ ଏହା ଓଡ଼ିଶା ଓ ଭାରତର କଳା ଗାରିମାକୁ ବୃଦ୍ଧି କରିବ। ଆଳି ଧାନମଣ୍ଡଳ ଗ୍ରାମର ବାଲୁକା ଶିଳ୍ପୀ ଯତୀନ ଏହି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡ଼ିବା ପରେ ଆଳି ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି। ଯତୀନ ଦୀର୍ଘଦିନ ହେବ ବାଲୁକା କଳା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିଲେ। ଆଳିଅଞ୍ଚଳର ଛାତ୍ରୀଛାତ୍ରମାନେ କିପରି ଏହି କଳା ପ୍ରତି ଆକୃଷ୍ଟ ହେବେ ସେ ନେଇ ଡାକବଙ୍ଗଳା ଛକରେ ଜେଡ଼ି ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟରେ ପିଲାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଯତୀନ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ବାଲୁକା କଳା ପ୍ରଦର୍ଶନ କରି ସମ୍ମାନିତ ହେଇଛନ୍ତି। କୋଣାର୍କରେ ହେବାକୁ ଥିବା ବାଲୁକା କଳା ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ସୁଯୋଗ ମିଳିଥିବାରୁ ଯତୀନ ନିଜକୁ ଗର୍ବିତ ଅନୁଭବ କରିବା ସହ ଏହି ପ୍ରଦର୍ଶନୀ ଅନେକ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି।

### ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର

ରାଜନଗର, ୩୦।୧୧
(ଭାସ୍କର ରାଉତରାୟ)

ରାଜନଗର ବନଖଣ୍ଡ ପକ୍ଷରୁ କନିକା ରେଞ୍ଜ ପରିସର ମଧ୍ୟରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ଶିବିରରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଇଁଛମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେ ନେଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ଗଗନ ବିହାରୀ ମଲ୍ଲିକ, ପୁନମହୀରା ହାଁସଦା, କେନ୍ଦ୍ରାପଡ଼ା ଇକୋ କ୍ଲବର ସଂଯୋଜକ ଗୋପୀନାଥ ଦାସ, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ନାଥ ସ୍ୱାଇଁ, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓମପ୍ରକାଶ ବାରିକ, ରାଜନଗର ସହକାରୀ ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ କଇଁଛଙ୍କ ସୁରକ୍ଷା ଉପରେ କହିଥିଲେ। ଏଥିରେ ତାଳଚୁଆ ଟ୍ରଲର ଆସୋସିଏଶନର ଟ୍ରଲର ମାଲିକ, ଡ୍ରାଇଭର, ପାରମ୍ପାରିକ ମତ୍ସ୍ୟଜୀବୀ, ଯନ୍ତ୍ରଚାଳିତ ବୋଟ ସଂଘର ବୋଟ ମାଲିକ, କର୍ମଚାରୀ, ପରିବେଶବିତ୍‌ଙ୍କ ସମେତ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ରେଞ୍ଜ ଅଫିସର ମାନସ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ରାତ୍ରିରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡାକ୍ତର, କର୍ମଚାରୀଙ୍କ ଧାରଣା

ରାଜନଗର, ୩୦।୧୧
(ଭାସ୍କର ରାଉତରାୟ)


ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରତ ଡାକ୍ତର, ନର୍ସ ଓ କର୍ମଚାରୀମାନେ।

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବିଳମ୍ବିତ ରାତ୍ରିରେ କେତେଜଣ ଯୁବକ ପହଞ୍ଚି ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ସହ ମାରିବାକୁ ଗୋଡାଇ ଥିଲେ। ଏପରିକି ଡାକ୍ତରଙ୍କ କାନ୍ଧରେ ହାତ ପକାଇ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସମସ୍ତ ଡାକ୍ତର, ନର୍ସ ଓ ଡାକ୍ତରଖାନାର କର୍ମଚାରୀ ଗୁରୁବାର ସକାଳୁ ମଧ୍ୟାହ୍ନ ୧୨ଟା ଯାଏ ଧାରଣାରେ ବସିଥିଲେ। ବିଧାୟକ ଘଟଣାସ୍ଥଳରେ ପହଞ୍ଚି ରାତ୍ରିକାଳୀନ ସୁରକ୍ଷା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ଡାକ୍ତରମାନେ ଧାରଣାରୁ ଉଠିଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତିଙ୍କ ଏତଲା ଉପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମହାନ୍ତିଙ୍କ ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ସାଢେ ୧୧ଟାରେ ମରିଚାପଲ୍ଲୀ ଗାଁର ମୁନା ପାଳ ଓ ମଙ୍ଗରାଜପୁର ଗାଁର ଦେବାଶିଷ ରାଉତଙ୍କ ସହ ୬ଜଣ ହଠାତ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସା ଦାୟିତ୍ୱରେ ଥିବା ଡା. ଆଶୁତୋଷ ବାରିକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ଡାକ୍ତରଙ୍କ କାନ୍ଧରେ ହାତ ପକାଇ ଭାଇଙ୍କୁ ଦେଖାକର ବୋଲି କହିଥିଲେ। ସେମାନେ ମଦ ପିଇଥିବା ବେଳେ ଡାକ୍ତର ଓ କର୍ମଚାରୀଙ୍କୁ ଗାଳି ଗୁଲଜ କରିଥିଲେ। ଖବରପାଇ ମୁଖ୍ୟ ଚିକିତ୍ସାଧିକାରୀ ମହାନ୍ତି ପହଞ୍ଚିବା ପରେ ତାଙ୍କୁ ମଧ୍ୟ ଗାଳି ଗୁଲଜ କରିବା ସହ ମାରିବା ପାଇଁ ଗୋଡାଇ ଥିଲେ। ସେ ଜୀବନ ରକ୍ଷା କରିବା ପାଇଁ ଦୌଡି ଦୌଡି ଅଫିସ ଭିତରକୁ ଚାଲି ଯାଇଥିଲେ। ୭ଦିନ ତଳେ ମଧ ଏମାନେ ରାତିରେ ପହଞ୍ଚି ଦାୟିତ୍ୱରେ ଥିବା ନର୍ସଙ୍କୁ ଖରାପ ବ୍ୟବହାର କରିଥିଲେ। ଆମକୁ ରାତ୍ରିକାଳିନ ସୁରକ୍ଷା ଓ ଅଭିଯୁକ୍ତଙ୍କୁ ଗିରଫ ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ଡାକ୍ତର ଓ କର୍ମଚାରୀମାନେ ଧାରଣାରେ ବସିଛୁ ବୋଲି କହିଥିଲେ। ଘଟଣାସ୍ଥଳରେ ବିଧାୟକ ଧ୍ରୁବ ସାହୁ, ଆଇଆଇସି ଅଜୟ କୁମାର ଜେନା ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିବା ସହ ସୁରକ୍ଷା ଓ ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ଡାକ୍ତରମାନେ ଧାରଣାରୁ ଉଠିଥିଲେ।

# ସଂସ୍କୃତି ସର୍ବଦା ସତ୍ୟ, ଚିରନ୍ତନ

## ମାର୍ଶାଘାଇ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ


କଲେଜର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

ମାର୍ଶାଘାଇ,୩୦।୧୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜାଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର କମଳା ନେହେରୁ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ବ୍ୟଙ୍ଗକବି ଡ. ରମାକାନ୍ତ ମହାପାତ୍ର ଯୋଗଦେଇ ସମୀକ୍ଷା, ଆତ୍ମଚିନ୍ତନ ସହଯୋଗ ଓ ସହଭାଗିତା ଶିକ୍ଷାନୁଷ୍ଠାନ ପ୍ରଗତିର ଆଧାର। ସଂସ୍କୃତି ସଦାସର୍ବଦା ସତ୍ୟ ଓ ଚିରନ୍ତନ। ଏହାର ବିଲୟ ନାହିଁ। ଏହାର ସୁରକ୍ଷା ମଣିଷର ବ୍ୟବହାରିକତା ଉପରେ ନିର୍ଭର କରେ ବୋଲି କହିଥିଲେ। ଅଧ୍ୟକ୍ଷ ପରିଜା ଏହି ମହାବିଦ୍ୟାଳୟର ଗଠନରେ ମୁଖ୍ୟ ଭୂମିକା ନେଇଥିବା ପୂର୍ବସୁରୀମାନଙ୍କର ତ୍ୟାଗ, ନିଷ୍ଠା, ସ୍ୱପ୍ନ, ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ପଣ୍ଡା ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଟପ୍ପର ଓ ମହାବିଦ୍ୟାଳୟର ଟପ୍ପରମାନଙ୍କୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ପୁରସ୍କୃତ କରିଥିଲେ। ଝୋଟି ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଜୟ କୁମାର ପାତ୍ର, ଉମେଶ ଚନ୍ଦ୍ର ଦାଶ, ଡ. ପ୍ରଭାତ ରଞ୍ଜନ ଲେଙ୍କା, ପ୍ରାଧ୍ୟାପିକା ନିରୁପମା ରଥ, ମେନେକା ପାଲ, ସଂଯୁକ୍ତା ଜେନା, ବସନ୍ତ ମିଶ୍ର, ଦୀପକ ମହାନ୍ତି, ଖଗେଶ୍ୱର ନାୟକ, ଶାଶ୍ୱତ ସାମନ୍ତରାୟଙ୍କ ସମେତ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରତିକୂଳ ପରିବେଶରେ ସକାରାତ୍ମକ ଭାବନାରେ ଆଗକୁ ବଢ଼

## ପଟ୍ଟାମୁଣ୍ଡାଇ ଏସଆଇପିଟିରେ ଯୁବ ବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୩୦।୧୧ କଳ୍ପତରୁ ନାୟକ



ଯୁବ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ–ଓ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଓଡ଼ିଶାର ଏକମାତ୍ର ପାଣି ପାଇପ କାରିଗର ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସଆଇପିଟି) ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ସଞ୍ଜୀବ କୁମାର ରାୟସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ ଏମ୍ଏନ୍ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଯୁବଶକ୍ତି ଦେଶ ପ୍ରଗତିର କର୍ଣ୍ଣଧାର ବୋଲି କହିଥିଲେ। ପ୍ରତିକୂଳ ପରିବେଶରେ ସକାରାତ୍ମକ ଭାବନା ନେଇ ଆଗକୁ ବଢ଼ି ଦେଶ ପ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି କହିବା ସଙ୍ଗେ ସଙ୍ଗେ ଅସମ୍ଭବ କାର୍ଯ୍ୟ ଯୁବଶକ୍ତି ନିକଟରେ ହିଁ କେବଳ ସମ୍ଭବ ହୋଇଥାଏ। ନିଜକୁ ଚିହ୍ନି ଲକ୍ଷ୍ୟ ଓ ସାଧନା ପଥକୁ ଆଗେଇ ନେବା ସେତେ ସହଜ ନ ହେଲେ ମଧ ଏହା ଯୁବଶକ୍ତିଙ୍କ ନିକଟରେ ସଫଳ ରୂପାୟନ ହୋଇଥାଏ। ଏହାଦ୍ୱାରା ନିଜ ମାଟି ମାଆ, ଶିକ୍ଷାନୁଷ୍ଠାନ ଓ ଦେଶ ପ୍ରଗତିରେ ସହାୟକ ହେବା ସହ ଉତ୍ତରପିଢି ପାଇଁ ସୁନ୍ଦର ପଥ ଛାଡ଼ ଯାଇଥାଏ ବୋଲି କହିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଯୋଗଦେଇ କହିଥିଲେ, ସମସ୍ତ ପ୍ରାଚୁର୍ଯ୍ୟରେ ଭରପୁର ଓଡ଼ିଶାର ଯୁବଶକ୍ତି ପ୍ରକୃତ ଶକ୍ତି ହୋଇଥିବାରୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ରାଜ୍ୟର ପ୍ରଶିକ୍ଷିତ ଯୁବଶକ୍ତିଙ୍କୁ ଚିହ୍ନଟ କରିବାକୁ ୩୮୫କୋଟି ଟଙ୍କା ବ୍ୟୟ ବରାଦ କରିଥିବା ସୂଚନା ଦେଇଥିଲେ। ଜିଲା ଦକ୍ଷତା ବିକାଶ ଅଧିକାରୀ ଘନଶ୍ୟାମ ସା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖେଳ ଶିକ୍ଷକ ଜଗନ୍ନାଥ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୩୦୦ ବାଳିକାବାଳକ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ନିଯୁକ୍ତିଭିତ୍ତିକ ବିକାଶ ତାଲିମ ପାଇଁ ପରାମର୍ଶ ଶିବିର

କେନ୍ଦ୍ରାପଡ଼ା, ୩୦।୧୧ (ଜଗନ୍ନାଥ ଧଳ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ସହଯୋଗରେ ନିଯୁକ୍ତି ଭିତ୍ତିକ ବିକାଶ ତାଲିମ ପାଇଁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଚୁକ୍ତି କରିଥିବା ତାଲିମ ପ୍ରଦାନକାରୀ ସଂସ୍ଥା ଓ କେନ୍ଦ୍ରାପଡ଼ାର ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ଏହି ଶିବିରରେ ଅଂଶଗ୍ରହଣ କରିବେ। ଶିବିରରେ ଜିଲାର ୫ମ ଶ୍ରେଣୀରୁ ସ୍ନାତକ ଓ ଆଇଟିଆଇ ପାସ କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ୧୮ରୁ ୩୫ବର୍ଷ ବୟସ୍କ ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସହ ଗୋଟିଏ ରଙ୍ଗୀନ ପାସପୋର୍ଟ ଫଟୋ ପଞ୍ଜୀକରଣ ପାଇଁ ଆଣିବାକୁ ହେବ। କେନ୍ଦ୍ରାପଡ଼ା ବ୍ଲକ ପାଇଁ ଡିସେମ୍ବର ୫ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଡେରାବିଶ, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା, ମାର୍ଶାଘାଇ, ମହାକାଳପଡ଼ା, ଗରଦପୁରରେ ଯଥାକ୍ରମେ ୬, ୭, ୮, ୧୨, ୧୩, ୧୪, ୧୫, ୧୬ ତାରିଖ ଚୂଡ଼ାନ୍ତ ହୋଇଛି। ସୂଚନାଯୋଗ୍ୟ, ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ନିଯୁକ୍ତି ଭିତ୍ତିକ ବିକାଶ ତାଲିମ ନିମନ୍ତେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଶିବିର ପାଇଁ ସକାଳ ୧୧ଟାରୁ ଅପରାହ୍ଣ ୩ଟା ସମୟ ଅବଧି ରହିଛି ବୋଲି ଜିଲା ନିୟୋଜନ ଅଧିକାରୀ ଘନଶ୍ୟାମ ସା ସୂଚନା ପ୍ରଦାନ କରିଛନ୍ତି।

# ସମନ୍ୱିତ ଯୁବ ବିକାଶ ଆନୁକୂଲ୍ୟରେ କ୍ରୀଡା ମହୋତ୍ସବ

ରାଜନଗର, ୩୦।୧୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ଚନ୍ଦ୍ରଶିଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ କ୍ରୀଡା ମହୋତ୍ସବ ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟ ହାତିନାର ପୂର୍ବତନ ପ୍ରଧାନ ଶିକ୍ଷକ ଗଣେଶ୍ୱର ନାୟକ, ପୂର୍ବତନ କ୍ରୀଡା ଶିକ୍ଷକ ବ୍ରହ୍ମାନନ୍ଦ ରାଉତ, ନୋଡାଲ ଅଫିସର ପ୍ରଦୀପ ପାଲ ପ୍ରମୁଖ ଯୋଗଦେଇ ଅଷ୍ଟଶମ୍ଭୁ ମନ୍ଦିରରୁ କ୍ରୀଡା ମହୋତ୍ସବର ଶୁଭାରମ୍ଭ ନିମନ୍ତେ ଜ୍ୟୋତି ଓ ମଶାଲ ରାଲିରେ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାର ନିୟମ ସଂକ୍ରାନ୍ତୀୟ ଶପଥ ପାଠ କରାଯାଇଥିଲା। ପ୍ରଥମେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ଛାତ୍ରମାନଙ୍କ ମଧ୍ୟରେ କ୍ରିକେଟ ଖେଳ ପ୍ରତିଯୋଗିତା କରାଯାଇଥିଲା। ଅନ୍ୟ ସମସ୍ତ କ୍ରୀଡା ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖରେ ଆୟୋଜନ କରାଯିବ ବୋଲି ନୋଡାଲ ଅଫିସର ପାଲ ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କ ପ୍ରକଳ୍ପ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସକୁ ମନୋନୀତ


ଅତିଥିମାନେ ଛାତ୍ରୀ ଦେବଶ୍ରୀ ରାଉତରାୟଙ୍କୁ ପୁରସ୍କୃତ କରୁଛନ୍ତି।

ଆଳି,୩୦।୧୧(ବନମାଳୀ ସେନାପତି)

ଆଳି ବ୍ଲକ ଗୋବିନ୍ଦପୁରର ଗୋଦାବରୀଶ ସଂଯୁକ୍ତ ବିଦ୍ୟାଭବନର ନବମ ଶ୍ରେଣୀର ଛାତ୍ରୀ ଦେବଶ୍ରୀ ରାଉତରାୟ ଓ ବିଜ୍ଞାନ ଶିକ୍ଷକ ଶୁଭେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଜ୍ଞାନ ପ୍ରକଳ୍ପ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛି। ଯାହାକି ଆଳି ଅଞ୍ଚଳ ପାଇଁ ଏକ ଗର୍ବର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ନଭେମ୍ବର ୧୩ରେ ଆଳି ବ୍ଲକର ଚକ୍ରଧର ନୋଡାଲ ଉଚ୍ଚ ବିଦ୍ୟାଳୟ ଦହିସାହିଠାରେ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ୨୦୨୩ରେ ୩୦ଜଣ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ। ୧୫ ନଭେମ୍ବରରେ କେନ୍ଦ୍ରାପଡ଼ାସ୍ଥିତ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କେନ୍ଦ୍ରାପଡ଼ା ଜିଲାର ୯ ଟି ବ୍ଲକରେ ୬୦ଜଣ ପ୍ରତିଯୋଗୀ ନିଜ ନିଜ ପ୍ରକଳ୍ପ ସହ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ପ୍ରତିଯୋଗୀ ରାଜ୍ୟ ସ୍ଥରକୁ ଉନ୍ନୀତ ହୋଇଥିବା ବେଳେ ଆଳି ବ୍ଲକରୁ ଜଣେ ପ୍ରତିଯୋଗୀ ଥିଲେ। ନଭେମ୍ବର ୧୮,୧୯ରେ ଡୁନ ଇଣ୍ଟର ନ୍ୟାଶନାଲ ବିଦ୍ୟାଳୟ ଭୁବନେଶ୍ୱରରେ ଅନୁଷ୍ଠିତ ୩୧ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ କେନ୍ଦ୍ରାପଡ଼ା ଜିଲାରୁ ରାଜ୍ୟ ସ୍ଥରକୁ ଯାଇଥିବା ୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଗୋବିନ୍ଦପୁରର ଗୋଦାବରିଶ ସଂଯୁକ୍ତ ବିଦ୍ୟା ଭବନର ନବମ ଶ୍ରେଣୀର ଛାତ୍ରୀ ଦେବଶ୍ରୀ ଓ ବିଜ୍ଞାନ ଶିକ୍ଷକ ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ପ୍ରକଳ୍ପ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଘଡେଇ ଓ ଜିଲା ଜାତୀୟ ଶିଶୁବିଜ୍ଞାନ କଂଗ୍ରେସର ସଂଯୋଜକ ପୀତବାସ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି।

# ପୂଜାମଣ୍ଡପରେ ଅଗ୍ନିକାଣ୍ଡ

ଡେରାବିଶ, ୩୦।୧୧
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ଶ୍ରୀଧରପୁର ଗ୍ରାମସ୍ଥିତ ବଟମହାପୁରୁଷଙ୍କ ପୀଠରେ ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କ ପୂଜା ମଣ୍ଡପରେ ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗି ସମସ୍ତ ସାଜସଜ୍ଜା ଉପକରଣ ପୋଡ଼ିଯାଇଛି। ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଘଟଣା ରାତିର ବିଳମ୍ବିତ ପ୍ରହରରେ ହୋଇଥିବାରୁ ସାଜସଜ୍ଜାରେ ଲାଗିଥିବା ପାଲ, କପଡ଼ା, ଲାଇଟ ସରଞ୍ଜାମ, ଡାକବାଜି ଯନ୍ତ୍ର ଇତ୍ୟାଦି ପୋଡ଼ି ଯାଇଛି। ଯାହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି।

# ସଡ଼କ ସୁରକ୍ଷା ସଚେତନତା




ରାଜକନିକା,୩୦।୧୧
(ସଞ୍ଜୟ କୁମାର ଦାଶ)

ଡିସେମ୍ବର ୧ରୁ ସପ୍ତାହେ ବ୍ୟାପି ଶୂନ୍ୟ ସଡ଼କ ମୃତ୍ୟୁ ସପ୍ତାହ ସାରା ଓଡ଼ିଶାରେ ପାଳନ ହେବ। ଗୁରୁବାର ରାଜକନିକା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଦିଲୀପ କୁମାର ଧଳଙ୍କ ସଂଯୋଜନାରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଥାନାର ଷ୍ଟାଫମାନେ ଏଥିରେ ସାମିଲ ହୋଇଥିଲେ। ସେମାନେ ମହାବିଦ୍ୟାଳୟ ପରିସରରୁ ଏକ ବିରାଟ ପଟୁଆରରେ ବାହାରି ହାତରେ ପ୍ଲାକାଡ ଧରି ହେଲମେଟ୍ ପିନ୍ଧନ୍ତୁ ସୁରକ୍ଷିତ ରୁହନ୍ତୁ, ମଦ ପିଇ ଗାଡି ନ ଚଳାଇବା ଭଳି ବିଭିନ୍ନ ପ୍ରକାର ସଚେତନତା ନାରା ଦେଇ କଲେଜ ଛକ, କଣ୍ଟପଡା ବଜାର, ଷ୍ଟ୍ରକଚର ଛକ, ଚନ୍ଦନ ପୋଖରୀ ଛକ, ଅଶୋକ ବଜାର ଦେଇ ଥାନା ନିକଟରେ ପହଞ୍ଚିଥିଲ। ରାସ୍ତାରେ ହେଲମେଟ୍ ନ ପିନ୍ଧିଥିବା ଗାଡ଼ି ଚାଳକଙ୍କୁ ହେଲମେଟ୍ ପ୍ରଦାନ କରିବା ସହ ହେଲମେଟ୍ ପିନ୍ଧିଥିବା ଓ ସିଟବେଲ୍ଟ ଲଗାଇଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଶେଷରେ ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲ ଛାତ୍ରୀଛାତ୍ର ସହାୟତାରେ ଓଳାଭର ମାର୍କେଟଠାରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏସ୍ଆଇ ଚିନ୍ମୟ କୁମାର ମହାନ୍ତି, ମିନତି ରାଉଳ, ଜଗନ୍ନାଥ ମହାଳିକ, ଜୟନ୍ତୀ ତିର୍କୀ ଓ ରତିକାନ୍ତ ସିଂ ପ୍ରମୁଖଙ୍କ ସମେତ ଥାନାର ସମସ୍ତ ଷ୍ଟାଫ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ



ରାଜନଗର, ୩୦।୧୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପରିସରରେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲା ଶ୍ରମ ଅଧିକାରୀ ଅଶୋକ ମୁର୍ମୁଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଁ ଗହଳିରେ କାମ କରୁଥିବା ଶ୍ରମିକମାନଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଏହା ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ନିଶାନ ମିଶ୍ର, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଡେରା ପଞ୍ଚାୟତ ସରପଞ୍ଚ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ୩୦୧ଜଣ ନିର୍ମାଣ ଶ୍ରମିକ, ତାଙ୍କ ପରିବାରକୁ ସହାୟତା ରାଶି ବଣ୍ଟନ କରାଯାଇଛି। ସେମାନଙ୍କ ମଧ୍ୟରେ ୯୦ଜଣଙ୍କୁ ପରିଚୟପତ୍ର ପ୍ରଦାନ, ୧୨୪ ଜଣଙ୍କୁ ୫୦ହଜାର ଟଙ୍କା ଲେଖାଏ ବିବାହ ପ୍ରୋତ୍ସାହନ ରାଶି, ୨୦ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରସୂତି ସହାୟତା, ୩୧ ଜଣଙ୍କୁ ଶିକ୍ଷା ସହାୟତା, ୭୫ଜଣଙ୍କୁ ମୃତ୍ୟୁକାଳୀନ ଆର୍ଥିକ ସହାୟତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଡିଏଲସି ପ୍ରଦୀପ ମହାନ୍ତି, କୋ ଅର୍ଡିନେଟର ରାକେଶ ସିଂ ପରିଚାଳନା କରିଥିଲେ।

# ବାଲିଆରେ ଶ୍ରୀରାଧାକୃଷ୍ଣ ମେଳଣ ଶେଷ

ଡେରାବିଶ, ୩୦।୧୧
(ବେବର୍ତ୍ତା ଅଜୟ ଦାସ)


ମେଳଣରେ ଯୋଗ ଦେଇଥିବା ବିଭିନ୍ନ ସ୍ଥାନରୁ ଆସିଥିବା ମେଢ ଓ ଲୋକମାନେ।

ଡେରାବିଶ ଥାନା ଅନ୍ତର୍ଗତ ବାଲିଆ ଯଜ୍ଞପଡ଼ିଆରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବା ବାଲିଆ ରାଧାକୃଷ୍ଣ ମେଳଣ ବୁଧବାର ବିଳମ୍ବିତ ରାତିରେ ଶେଷ ହୋଇଛି। ୭ ଦିନର ପୂଜାର୍ଚ୍ଚନା ପରେ ମେଳଣ କମିଟି ତତ୍ତ୍ୱାବଧାନରେ ବୁଧବାର ମଧ୍ୟାହ୍ନରୁ ଆରମ୍ଭ ହୋଇଥିବା ଏହି ମେଳଣରେ ବାଲିଆ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସାହିରୁ ୭ ଟି ସୁସଜ୍ଜିତ ରାଧାକୃଷ୍ଣଙ୍କ ମେଢ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାହିର ମୁରବୀଙ୍କ ନେତୃତ୍ୱରେ ପାରମ୍ପରିକ ବାଦ୍ୟ, ନୃତ୍ୟ ଗୀତ ଓ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରରେ ଠାକୁରଙ୍କ ସୁସଜ୍ଜିତ ମେଢ ସନ୍ଧ୍ୟାରେ ମେଳଣ ପଡ଼ିଆରେ ପହଞ୍ଚି ଥିଲା। ମେଳଣର ଥାନପତି ଭାବେ ବାଲିଆ ବଜାର ସ୍ଥିତ ମା' ମଙ୍ଗଳା ଯୁବକ ସଂଘ ମେଢ ପ୍ରଥମ କରି ପଡିଆରେ ପୂର୍ବରୁ ପ୍ରସ୍ତୁତ ଥିବା ବେଦୀରେ ଉପବେଶନ କରିଥିଲା। ପରେ କ୍ରମାନ୍ୱୟରେ ରାଉତ ସାହି, ସ୍କୁଲ ଛକ, ନାୟକ ସାହି, ସାମଲ ସାହି, ଗୁଡିଆ ସାହି ଓ ମୁଲଣାପାଟଣା ସାହିର ଶିବ ଶକ୍ତି ପୂଜା କମିଟି ପ୍ରଭୃତି ମେଢ଼ ଗୁଡିକ ମେଳଣ ପଡିଆରେ ପ୍ରବେଶ କରି ବିରାଜମାନ ହୋଇଥିଲେ। ଏହି ମେଳଣରେ ଉକ୍ତ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇ ଠାକୁର ଦର୍ଶନ କରିଥିଲେ। ଏହି ଅବସରରେ ମେଳଣ ପଡିଆରେ ଅନେକ ସଂଖ୍ୟାରେ ପସରା ମେଲାଇଥିବା ଦୋକାନରେ ମହିଳାପୁରୁଷ, ଯୁବତୀଯୁବକ ଓ ଛୋଟ ପିଲାମାନେ ଘରକରଣା, ଷ୍ଟେସନାରୀ, ବିଭିନ୍ନ ଖେଳଣା ସାମଗ୍ରୀମାନ କିଣାକଣି କରୁଥିବା ଦେଖାଯାଇଥିଲା। ମେଳଣରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମେଳଣ କମିଟି କର୍ମକର୍ତ୍ତା ଓ ଡେରାବିଶ ପୋଲିସ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ମେଳଣ କମିଟି ସଭାପତି ତଥା ସରପଞ୍ଚ ପ୍ରବୀର କୁମାର ସିଂହ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯଜ୍ଞ ପଡିଆରେ ପ୍ରଥମ ବାର୍ଷିକ ଏହି ମେଳଣର ଶୁଭାରମ୍ଭ କରିଥିଲେ। ସେହିପରି ପୂଜାର୍ଚ୍ଚନା ପରେ ମେଳଣ ଶେଷରେ ଥାନପତି ମେଢର କର୍ମକର୍ତ୍ତା ଫୁଲ ଚନ୍ଦନ ଦେଇ ଉପସ୍ଥିତ ଥିବା ଅନ୍ୟ ମେଢର କର୍ମକର୍ତ୍ତାଙ୍କୁ ଆସନ୍ତାବର୍ଷ ମେଳଣରେ ସାମିଲ ପାଇଁ ନିମନ୍ତ୍ରଣ କରିବା ପରେ ମେଳଣ ସମାପନ ହୋଇଥିଲା। ଏହି ଅବସରରେ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ ବଳ, କମିଟି କର୍ମକର୍ତ୍ତା ତ୍ରିଲୋଚନ ରାଉତ, ଖୁରସିଦ୍ ଆଲମ୍ ଖାଁ, ହରେକୃଷ୍ଣ ସ୍ୱାଇଁ, ସୁଶାନ୍ତ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି ମେଳଣ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମିଶ୍ରଙ୍କ ବୁଗୁଡ଼ା ସିମାଞ୍ଚଳ ମାର୍ଗସ୍ଥିତ ନିଜ ବାସଭବନରେ ୭୪ ବର୍ଷ ବୟସରେ ଗୁରୁବାର ପରଲୋକ ଘଟିଛି। ସେ ଖୋଳଖାଳି, ପଙ୍କଳବାଡ଼ି, ମରାଇପଲ୍ଲୀ, ହରିଶରଣପୁର, ବୁଗୁଡ଼ା ଗୋଲାସାହି ଓ ପରିଶେଷରେ ସୋଲଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ସମ୍ପନ୍ନ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ଅଞ୍ଚଳର ଶତାଧିକ ବ୍ୟକ୍ତି ଉପସ୍ଥିତ ହୋଇଥିଲେ। ମୃତ୍ୟୁ ବେଳେ ତାଙ୍କ ସହଧର୍ମିଣୀ ବିଚ୍ଛେଦ ମିଶ୍ର, ଜ୍ୟେଷ୍ଠ ପୁତ୍ର ବିଭୂତି ଭୂଷଣ ମିଶ୍ର, କନିଷ୍ଠ ପୁତ୍ର ବିନୋଦ ବିହାରୀ ମିଶ୍ର, ଷଡୁ ବିଶ୍ୱମୋହନ ମିଶ୍ର ଓ ସମସ୍ତ ପରିବାର ପରିଜନ ଉପସ୍ଥିତ ଥିଲେ।

### ପେଟ୍ରୋଲ ଢ଼ାଳି ଶ୍ୱଶୁର ଘରେ ପଶିଲେ ଜ୍ୱାଇଁ, ୪ ଆହତ

ଗୋପାଳପୁର,୩୦।୧୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଶ୍ୱଶୁର ଘରେ ଜ୍ୱାଇଁ ପଶିଯିବାରୁ ୪ ଜଣ ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଧିନ କେ ସୁବାଣୀ ଗ୍ରାମର ସନ୍ଧ୍ୟା ବେହେରାଙ୍କ ସହିତ ସେହି ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଗତ ତିନି ବର୍ଷ ତଳେ ବାହାଘର ହୋଇଥିଲା। ବିଭିନ୍ନ ସମୟରେ ପ୍ରଶାନ୍ତ ଓ ତାଙ୍କ ବାପା ଜଗନ୍ନାଥ ସନ୍ଧ୍ୟାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୨୬ ତାରିଖରେ କୌଣସି କଥାକୁ ନେଇ ଝଗଡ଼ା ହେବାରୁ ପ୍ରଶାନ୍ତ ଓ ବାପା ଜଗନ୍ନାଥ ମିଶି ସନ୍ଧ୍ୟାଙ୍କୁ ଘରୁ ତଡି ଦେଇଥିଲେ। ବୁଧବାର ରାତିରେ ସନ୍ଧ୍ୟା ମା ଘର ବାରଣ୍ଡାରେ ବସିଥିବା ବେଳେ ପ୍ରଶାନ୍ତ ନିଜ ଦେହରେ ପେଟ୍ରୋଲ ଢ଼ାଳି ହୋଇ ଶ୍ୱଶୁର ଘରେ ପଶି ଯାଇଥିଲେ। ଫଳରେ ତାଙ୍କ ଘରର ଚାରି ଜଣ ଆହତ ହୋଇଥିଲେ। ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଜୀବନ ସହିତ ପ୍ରଶାନ୍ତ ଲଢ଼େଇ କରୁଛନ୍ତି। ତାଙ୍କର ୭୦ ଶତକଡ଼ା ଦେହ ପୋଡ଼ି ଯାଇଛି। ଏ ନେଇ ସନ୍ଧ୍ୟାଙ୍କ ଭାଇଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୬୧୮/୨୩ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳେଇଛି। ଅନ୍ୟପଟେ ପ୍ରଶାନ୍ତଙ୍କୁ ଶଶୁର ଘର ଲୋକ ନିସ୍ଠୁକ ମାଡ଼ ମାରି ପେଟ୍ରୋଲ ଢ଼ାଳି ଦେଇଥିବା ନେଇ ଗୋଳନ୍ଥରା ଥାନାରେ ପ୍ରଶାନ୍ତଙ୍କ ପରିବାର ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୨୧/୨୩ରେ ଉଭୟ ମାମଲା ରୁଜୁ କରି ତଦନ୍ତ ଚଳେଇଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)– ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ଅନ୍ତର୍ଗତ ଜେଏକ ନିକଟରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଗ୍ରାମର ସୁଦର୍ଶନ ନାୟକ(୨୪) ଓ ଆହତ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡ଼ାର ସନ୍ତୋଷ ନାୟକ। ସନ୍ତୋଷ ତାଙ୍କ ଶ୍ୱଶୁର ଘର ଜଗନ୍ନାଥପ୍ରସାଦ ନିକଟ କୁମ୍ଭାପଡ଼ା ଗ୍ରାମରେ ସ୍ତ୍ରୀଙ୍କୁ ଛାଡ଼ି ବାଇକ ଯୋଗେ ଫେରୁଥିବା ବେଳେ ଗୁରୁବାର ଅପରାହ୍ନରେ ଜେଏକ ଗ୍ରାମରୁ ଉଦୟପୁର ଫେରୁଥିବା ସୁଦର୍ଶନଙ୍କ ବାଇକ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିଲା। ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ମେଡିକାଲ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩୦।୧୧(ଅଶେଷ ନାଥ ମିଶ୍ର)–ଦିଗପହଣ୍ଡି ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସସ୍ମିତା କୁମାରୀ ପାଠୀ ସଭାପତିତ୍ୱ କରିଥିଲେ। ଓଡ଼ିଆ ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ଏବଂ ଅର୍ଥନୀତି ଅଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅବସରଗ୍ରହଣ ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ନଗରପାଳ ହୃଦୟ ରଞ୍ଜନ ମେକାପ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଞ୍ଚା ମାଲର ଅଭାବ, ଚିନ୍ତାରେ ଶିଙ୍ଘ କାରିଗର

ପାରଳାଖେମୁଣ୍ଡି, ୩୦।୧୧ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଶିଂଘରେ ନିର୍ମିତ ଘରେଇ ସାଜସଜ୍ଜା ଉପକରଣ ପ୍ରସିଦ୍ଧି ଲାଭ କରିଛି। ଶିଙ୍ଘରେ ନିର୍ମିତ ଏହି ଘରୋଇ ଉପକରଣ ପ୍ରସ୍ତୁତ କାରୁକାର୍ଯ୍ୟ ପ୍ରାୟ ୨୦୦ ବର୍ଷ ପୁରୁଣା ଅଟେ। ତତ୍କାଳୀନ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏହି କାରିଗରମାନଙ୍କ ପ୍ରତି ବିଶେଷ ଦୃଷ୍ଟିଦେଇ ଘରୋଇ ସାଜସଜ୍ଜା ଉପକରଣଗୁଡ଼ିକୁ କାରିଗରମାନଙ୍କ ଦ୍ୱାରା ନିର୍ମାଣ କରାଇ ବିଶ୍ୱ ବିଖ୍ୟାତ କରାଇଥିଲେ। ମଇଁଷି ଶିଂଘରେ ନିର୍ମିତ ବିଭିନ୍ନ ଉପକରଣ ଯଥା ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା, ଚିଙ୍ଗୁଡ଼ି, ବଗ, ମୟୂର ଓ ଘରେ ଘରେ ଥିବା ଶିଂଘର ପାନିଆ ଲୋକଙ୍କୁ ଆକୃଷ୍ଟ କରୁଥିଲା। ପାରଳାଖେମୁଣ୍ଡିର ରାଜଦାଣ୍ଡ ସାହିର ପ୍ରାୟ ୮୦ ପରିବାର ଏହି କୌଳିକ ବୃତ୍ତି କରି ନିଜର ଜୀବିକା ନିର୍ବାହ କରୁଥିଲେ। କଞ୍ଚାମାଲର ଅଭାବ ସାଙ୍ଗକୁ ବ୍ୟବସାୟରେ ମାନ୍ଦାବସ୍ଥା ଯୋଗୁଁ କ୍ଷତି ସହି ଏହି ପରିବାରମାନେ ଧୀରେ ଧୀରେ ନିଜର କୌଳିକ ବୃତ୍ତି ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ପ୍ରାୟ ୨୦ ପରିବାର ବିଭିନ୍ନ ପ୍ରକାରର ସମସ୍ୟା ସହ ଲଢ଼େଇ କରି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ବେଳେ ବ୍ୟବସାୟ ପୁରା ମନ୍ଥର ଗତିରେ ଚାଲୁଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହେଉଛି ବୋଲି କୃଷ୍ଣଚନ୍ଦ୍ର ମହାରଣା, ଜୀବନ ମହାରଣା କହିଛନ୍ତ। ଯଦି ସରକାରଙ୍କ ତରଫରୁ କଞ୍ଚାମାଲ ଯୋଗାଇ ଦିଆଯାଏ ତେବେ ପାରଳାଖେମୁଣ୍ଡିର ଏହି ଶିଂଘ କାରୁକାର୍ଯ୍ୟ ପୁଣି ଥରେ ଏହାର ଗରିମା ଫେରିପାଇବ ଏବଂ ଏହି କାରିଗରମାନେ ମଧ୍ୟ ଭଲ ବ୍ୟବସାୟ କରି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ପାରିବେ ବୋଲି କହିଛନ୍ତି ପୂର୍ବତନ ସଭାପତି ପ୍ରଫୁଲ୍ଲ ମହାରଣା।



ଶିଂଘରେ ନିର୍ମିତ ଘରେଇ ସାଜସଜ୍ଜା।

# ଜି.ଉଦୟଗିରି ଏନ୍‌ଏସି ଉପନିର୍ବାଚନ
## ବିଜେଡି ପ୍ରାର୍ଥିନୀ ଦେବସ୍ମିତା ଶତପଥୀ ବିଜୟୀ

ଜି.ଉଦୟଗିରି,୩୦।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍‌ଏସି ଅଧ୍ୟକ୍ଷ ଉପ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା ହୋଇଛି। ବିଜେଡି ପ୍ରାର୍ଥିନୀ ଦେବସ୍ମିତା ଶତପଥୀ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ସାହୁ କହିଛନ୍ତି। ଦେବସ୍ମିତା ୩୧୧୧ଟି ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରଞ୍ଜିତା ନାୟକ ମାତ୍ର ୭୩୭ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରେସର ମଧୁଲିନା ଦିଗାଲ ୬୨୭ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ନୋଟାରେ ୪୪ଖଣ୍ଡ ଭୋଟ ପଡ଼ିଛି। ଦେବସ୍ମିତା ବିଜୟୀ ହେବା ପରେ ବିଜୟର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କୁ ଦେଇଛନ୍ତି।



# କେଶପୁର କଲେଜରେ ଆଇୱାଇଡିପି କାର୍ଯ୍ୟକ୍ରମ

ଖଲ୍ଲିକୋଟ,୩୦।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଇଣ୍ଟିଗ୍ରେଟେଡ଼ ୟୁଥ ଡେଭେଲମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ୩୦ ନଭେମ୍ବରରେ ଆରମ୍ଭ ହୋଇ ଡିସେମ୍ବର ୬ ଯାଏ ଚାଲିବ। କଲେଜ ଅଧ୍ୟକ୍ଷ ପ୍ରମୋଦ ଦୀକ୍ଷିତଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ବିଡିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି, ରେଡ଼କ୍ରସ ସୋସାଇଟିର ଜିଲ୍ଲା କୋଡିନେଟର ଗୋବିନ୍ଦ ରାଓ, ଶ୍ରୀକୃଷ୍ଣ ଶରଣପୁର ସରପଞ୍ଚ ରୁବିଲତା ସାହୁ, ସମିତିସଭ୍ୟ ରାଜୁ ତରେଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା କଲେଜ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ କରାଯାଉଥିବା ଏହି କାର୍ଯ୍ୟକ୍ରମର ବିଶଦ ଭାବେ ବୁଝାଇଥିଲେ ମୁଖ୍ୟଅତିଥି। ଛାତ୍ରୀଛାତ୍ର ପାଠପଢା ସହିତ ନିଜ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ଆବଶ୍ୟକ ବୋଲି ସମିତିସଭ୍ୟ ତରେଇ ପ୍ରକାଶ କରିଥିଲେ। କଲେଜ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହୋଇଥିଲା। କେତେକ ପ୍ରତିଯୋଗିତାରେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଅଧ୍ୟାପକ ଓ କଲେଜ କର୍ମଚାରି ପରିଚାଳନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ରବି ଚାଷକୁ ନେଇ ସାଧାରଣ ବୈଠକ

ବୁଗୁଡା ୩୦।୧୧(କାଳିଚରଣ ଦାଶ): ବୁଗୁଡା ଜଳସେଚନ କଲୋନୀସ୍ଥିତ କାର୍ଯ୍ୟାଳୟରେ ଜଳସେଚନ ବିଭାଗ ତରଫରୁ ରବି ଚାଷକୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବାଘୁଆ ଜଳସେଚନ ଉପବିଭାଜନର ଅଧ୍ୟକ୍ଷ ତଥା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କୃଷ୍ଣଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ହୋଇଥିବା ସ୍ଥଳେ ବର୍ତ୍ତମାନ ୪୪୪.୫୪ ହେକ୍ଟର ମିଟର ଜଳ ଗଚ୍ଛିତ ଅଛି, ଯାହାକି ଶତକଡା ୧୪.୩୪ ବୋଲି ସହକାରୀ ଯନ୍ତ୍ରୀ କହିଥିଲେ। ଆଗାମୀ ଗ୍ରୀଷ୍ମ ଋତୁରେ ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ପାନୀୟଜଳ ଯୋଗାଣକୁ ଦୃଷ୍ଟି ଆଗରେ ରଖି ଚଳିତ ରବି ଚାଷ ନିମନ୍ତେ ଜଳଭଣ୍ଡାରରୁ ଜଳ ଯୋଗାଣ ସମ୍ଭବ ହୋଇପାରିବ ନାହିଁ ବୋଲି ସେ ଚାଷୀମାନଙ୍କୁ ଅବଗତ କରାଇ ଥିଲେ। ବୈଠକରେ ବ୍ଲକ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ, କେଶବ ଚନ୍ଦ୍ର ଖଟାଇ, ବୈଜୟନ୍ତୀ ସାହୁଙ୍କ ସମେତ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ସହକାରୀ ଯନ୍ତ୍ରୀ କେଶବ ଚନ୍ଦ୍ର ଖଟାଇ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଧନ୍ୟବାଦ ଦେଇଥିଲେ।

# ବିଜେଡିର ବିଜୟ ଶୋଭାଯାତ୍ରା



ବିଜୟୀ ବିଜେଡି ୱାର୍ଡ ସଭ୍ୟ ପ୍ରାର୍ଥୀ।

ଚିକିଟି,୩୦।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୩ ନମ୍ବର ୱାର୍ଡ ସଭ୍ୟ ଉପନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ୱାର୍ଡ ସଭ୍ୟ ପ୍ରାର୍ଥୀ ହରପ୍ରସାଦ ଚୌଧୁରୀ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଏନେଇ ଗୁରୁବାର ବିଜେଡି ପକ୍ଷରୁ ଚିକିଟିରେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଦୀପା କୁମାରୀ ସାହୁଙ୍କ ସମେତ ସମସ୍ତ କାଉନସିଲର ଶୋଭାଯାତ୍ରରେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଚିକିଟି ଅଞ୍ଚଳବାସୀ ମଧ୍ୟ ନୂତନ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୬୫୪ ଭୋଟର ରହିଥିବା ବେଳେ ୫୦୧ ଭୋଟର ମତଦାନ କରିଥିଲେ। ସେଥିରୁ ବିଜେଡି ୱାର୍ଡ ସଭ୍ୟ ପ୍ରାର୍ଥୀ ହରପ୍ରସାଦ ଚୌଧୁରୀ ୪୮୪ ଭୋଟ ପାଇଥିବା ବେଳେ ଭାଜପା ୱାର୍ଡ ସଭ୍ୟ ପ୍ରାର୍ଥୀ ଅନନ୍ତରାମ ପାଣିଗ୍ରାହୀ ମୋଟ ୧୫ ଭୋଟ ପାଇଥିଲେ।

# ଆମ ପୋଲିସ ସମିତି ମାମଲାର ସମାଧାନ କରିବ

ଭଞ୍ଜନଗର, ୩୦।୧୧(ବାବୁଲା ପ୍ରଧାନ):

ଭଞ୍ଜନଗର ଆମ ପୋଲିସ ସମିତି ବୈଠକ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଭେଜିପୁଟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଭଗବାନ ପୂଜାରୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାନୁଆରୀ ପହିଲାରୁ ବିନା ହେଲମେଟରେ ଗାଡି ଛୁଇଁବା ନାହିଁ ବୋଲି ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ । ଆଗାମୀ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ମଦୁଆ ଗାଡି ଚାଳକଙ୍କୁ ଚିହ୍ନଟ କରିବା ପାଇଁ ଯାଞ୍ଚ କଡାକଡି ହେବ। ଯେଉଁମାନେ ମଦ ପିଇ ଗାଡି ଚଳାଉଥିବେ ସେମାନଙ୍କୁ ୧୦,୫୦୦ ଟଙ୍କା ଜରିମାନା ପକାଯିବ। ଜାନୁଆରୀ ପହିଲାରୁ ସାମାଜିକ ମାମଲାଗୁଡିକୁ ଭଞ୍ଜନଗର ଆମ ପୋଲିସ ସମିତି ମାଧ୍ୟମରେ ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ମାମଲା କମିବା ସହ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ବଢିବ। ଚଳିତ ବର୍ଷ ଆଜି ସୁଦ୍ଧା ୧୧ ମାସରେ ୧୧ ଜଣ ଦୁର୍ଘଟଣାରେ ପ୍ରାଣ ହରାଇଲେଣି। ତେଣୁ ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ପାଇଁ ଦ୍ରୁତ ଗାଡି ଚାଳକ, ନାବାଳକ ଗାଡି ଚାଳକ, ମଦୁଆ ଚାଳକ ଏବଂ ବିନା ହେଲମେଟରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଠାବ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂଜାରୀ କହିଥିଲେ। ବୈଠକରେ ଇନିସପେକ୍ଟର ହରସି ଜେନା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କୃତିବାସ ବିଶାଳ, ବିଭୁତି ଜେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାଣ୍ଡବ ସେଠୀ, ବିଦ୍ୟାଳୟ ସଭାପତି ରଞ୍ଜିତ କୁମାର ରାଉତ, ସନ୍ତୋଷ ଜେନା, ଧ୍ରୁବ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁପମ ବାନାର୍ଜୀ ସଭା ସଂଯୋଜନା କରିଥିବା ବେଳେ ସୁଶାନ୍ତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।



ଥାନା ଅଧିକାରୀ ଭଗବାନ ପୂଜାରୀ ଉଦବୋଧନ ଦେଉଛନ୍ତି।

## ବିଦ୍ୟୁତ୍ ଆଘାତରେ ବ୍ୟବସାୟୀ ଗୁରୁତର

ପୁରୁଷୋତ୍ତମପୁର,୩୦।୧୧(ସୀମାଞ୍ଚଳ ମିଶ୍ର)–ପୁରୁଷୋତ୍ତମପୁର ଅଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁବାର ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ନୟାଗଡ ଜିଲ୍ଲା ଭାପୁର ବ୍ଲକ ପିଠାଖାଇ ଗ୍ରାମର ପ୍ରମୋଦ କୁମାର ଲେଙ୍କା ( ୫୨)। ପୁରୁଷୋତ୍ତମପୁରରେ ବୁଧବାର ମରାମତି କାର୍ଯ୍ୟ ଲାଗି ଟାଟା ପାୱାର ଦିନ ତମାମ ବିଦ୍ୟୁତ୍‌କାଟ କରିଥିଲା। କିନ୍ତୁ ମରାମତି କାର୍ଯ୍ୟ କରାଗଲା ପରେ ଏହାକୁ ଠିକ୍ ଭାବେ ତଦାରଖ କରାଯାଇ ନ ଥିଲା। ଫଳରେ ସ୍ଥାନୀୟ କଲେଜ ଛକ ରାସ୍ତାକଡରେ ଥିବା ବିଦ୍ୟୁତ୍ ପୋଲରେ କରେଣ୍ଟ ଚାର୍ଜ ହୋଇଯାଇଥିଲା। ତେଣୁ ସେଠାରେ ବସି ବ୍ୟବସାୟ କରୁଥିବା ପ୍ରମୋଦ ନଡିଆ ବାହାର କରିବା ବେଳେ ବିଦ୍ୟୁତ୍ ପୋଲରେ ଲାଗିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଏଠାରେ ତୀବ୍ର ଜନଅସନ୍ତୋଷ ଦେଖାଦେବା ସହ ଲୋକେ ଟାଟା ପାୱାରକୁ ଦାୟୀ କରିଛନ୍ତି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତି

ଦିଗପହଣ୍ଡି,୩୦।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ ବିକାଶ କ୍ଷେତ୍ରରେ ଯୁବତୀମାନଙ୍କ ସକ୍ରିୟ ଅଂଶ ଗ୍ରହଣ ଉପରେ ଆଲୋକପାତ କରାଯିବା ସହ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ୱାଗତିକା ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ୩ ନୋଡାଲ ଅଫିସର ଉପେନ୍ଦ୍ର ପ୍ରଧାନ, ଅଧ୍ୟାପିକା ଡ.ସୁଜାତା ପାତ୍ର, ସସ୍ମିତା ପଟ୍ଟନାୟକ, ସୌଦାମିନୀ ବେହେରାଙ୍କ ସମେତ କାଳୀଚରଣ ପ୍ରଧାନ, ସଞ୍ଜୁ ଗୌଡ଼ ଉପସ୍ଥିତ ଥିଲେ।

## ବଡ଼ ଆଗୁଆ କୋଠିଶାଳ ଯାତ୍ରା ଉଦ୍‌ଯାପିତ

କବିସୂର୍ଯ୍ୟନଗର, ୩୦।୧୧ (କୃପାସିନ୍ଧୁ ସ୍ୱାଇଁ):

ଦକ୍ଷିଣ ଓଡିଶାର ଲୋକନୃତ୍ୟ, କୋଠିଶାଳ ବା ଓଷାକୋଠି ଯାତ୍ରା ବୁଧବାର କାର୍ତ୍ତିକ ପୂର୍ଣ୍ଣମା ତିଥିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରକାଶଥାଉ କି, ପ୍ରତିବର୍ଷ ଆଶ୍ୱିନ ପୂର୍ଣ୍ଣମୀ ତଥା କୁମାର ପୂର୍ଣ୍ଣମା ତିଥିରେ ବଡଆଗୁଳ ଗ୍ରାମ ଦେବତୀ, ମା' ବୁଢି ଠାକୁରାଣୀ ଓ ମା' ବ୍ରାହ୍ମଣୀ ଦେବୀ ଉଭୟଙ୍କୁ ବରଣ କରି ଗ୍ରାମର ମଝିଦାଣ୍ଡ କୋଠିଶାଳ କାନ୍ଥରେ ଦେବାଦେବୀଙ୍କ ଚିତ୍ର ଆଙ୍କି ମା'ମାନଙ୍କୁ କୁମ୍ଭ ଆକାରରେ ସ୍ଥାପନ କରାଯାଏ। ଏକ ମାସ ବ୍ୟାପୀ ପ୍ରତିଦିନ ବିଧିବିଧାନରେ ଘଣ୍ଟ ଘଣ୍ଟା ହୁଳହୁଳି ସହ ପୂଜାର୍ଚ୍ଚନା କରାଯାଇଥାଏ। ଶେଷରେ କାର୍ତ୍ତିକ ପୂର୍ଣ୍ଣମା ତିଥିରେ ସମସ୍ତ ଗ୍ରାମବାସୀ ବିଭିନ୍ନ ପ୍ରକାର ବେଶ, ପଟୁଆରରେ ମା'ମାନଙ୍କର ସ୍ଥାୟୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଏ। ମୁଖ୍ୟ କାଳିଶି ଭାବେ ଯୋଗୀ ଗୌଡ, ବିପିନ ଗୌଡ, ଲକ୍ଷ୍ମଣ ଗୌଡ, ସନ୍ତୋଷ ଗୌଡ, ଗୋଲା ଗୌଡ, ଶିବ ଗୌଡ, ଗଡଡ ପାଢି, ବାସୁ ପରିଡା, ସୁବାସ କରଣ, ଅନାଦି ଗୌଡ, ଗାଣ୍ଡୁ ନାହାକ ପ୍ରମୁଖ ମା'ଙ୍କ ଘଟ କଳସୀ ଧରି ସେବାରେ ଲାଗିଥାଆନ୍ତି। କୋଠିଶାଳର ଅଧିକାରୀ ଭାବେ ବନବାସୀ କରଣ ନାରୁସୁ ଗୌଡ, ପ୍ରକାଶ ପରିଡା, ପ୍ରକାଶ ଜେନା, ସୁବଳ ନାହାକ ପ୍ରମୁଖଙ୍କ ସହଯୋଗରେ ସମାପନ ହୋଇଯାଇଛି। ଶେଷ ଦିନରେ ଏକ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା। ଏହାକୁ ଗଜପତି ବିଶ୍ୱାଳ, ବାବୁ ପାଢି, ବିନୟ ପଟନାୟକ (ଟୁନା), ସୁଶାନ୍ତ କୁମାର ପ୍ରଧାନ, ବାବୁ ଗୌଡ, ମୁନା ନାହାକ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରମ୍ଭା,୨୯।୧୧(ବନବାସୀ ସେଠୀ): ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ନୋଡାଲ ଅଫିସର ଇଂଲିଶ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସଭା ସଯୋଜନା କରିଥିଲେ। ଏଥିରେ ଡ଼ଃ ରଞ୍ଜନ କୁମାର ଦାସ(ଅଧ୍ୟକ୍ଷ), କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳୟ, ଅଧ୍ୟକ୍ଷ ଅଭିମନ୍ୟୁ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମରତ କର୍ମଚାରୀ ସହଯୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟରେ ପ୍ରତିଯୋଗିତା ଓ ଅଂଶଗ୍ରହଣ କରିଥିବା ଲକ୍ଷ୍ୟ କରାଯାଇଛି।

# ଜିଲାପାଳଙ୍କୁ ଭେଟିଲେ ପାବେରି ଗ୍ରାମବାସୀ



ଖଜୁରିପଡ଼ା,୩୦।୧୧(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ପାବେରି ଗ୍ରାମବାସୀ ମଙ୍ଗଳବାର ଖଜୁରିପଡ଼ା ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ପାବେରି ଗ୍ରାମର ହରିଜନ ସାହିରେ ତ୍ରିନାଥ ମନ୍ଦିର ନିର୍ମାଣ କରିବା ପାଇଁ ୫–ଟି ସଚିବଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିଲା। କିନ୍ତୁ ସେହି ପ୍ରକଳ୍ପକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଖଜୁରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ତୁଙ୍ଗୁଡୁଙ୍ଗୁଙ୍କୁ ପଚାରିବାରୁ ମୁଁ ସେ ବିଷୟରେ ଜାଣିନାହିଁ, ଆମେ ତହସିଲଦାରଙ୍କୁ ଜାଗା ଚିହ୍ନଟ ପାଇଁ କହିଥିଲୁ। ତହସିଲଦାର ଜାଗା ଚିହ୍ନଟ କରି ନ ପାରିବାରୁ ସେହି ଅନୁଦାନକୁ ଅନ୍ୟତ୍ର ବଦଳେଇ ଦେଇଥିବା ଜଣାପଡ଼ିଛି। ଏ ନେଇ ଖଜୁରିପଡ଼ା ତହସିଲଦାର ଭିକାରୀ ଚରଣ ସାହୁଙ୍କୁ ପଚାରିବାରୁ ସେହି ସ୍ଥାନଟି ସର୍ବସାଧାରଣ ହୋଇଥିବାରୁ ସର୍ବସାଧାରଣ ଜାଗାରେ କୌଣସି ଧାର୍ମିକ ଅନୁଷ୍ଠାନ ନିର୍ମାଣ ହୋଇପାରିବ ନାହିଁ। ତେଣୁ ସେଠାରେ ଜମି ଚିହ୍ନଟ ହୋଇପାରିଲା ନାହିଁ ବୋଲି କହିଛନ୍ତି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆରମ୍ଭ

ଫୁଲବାଣୀ,୩୦।୧୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲ୍ଲା କରୋନେସନ୍ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ।

ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ମେଳାରୁ ମାଛ ଚାଷ ଏବଂ ପ୍ରାଣୀ ପାଳନ ପାଇଁ ସରକାରଙ୍କର କ'ଣ ସ୍କିମ୍ ରହିଛି, ସବ୍‌ସିଡି କେତେ ରହିଛି, ଚାଷ ପ୍ରଣାଳୀ, ଲାଭ ପରିମାଣ ବିଷୟରେ ଜାଣିବାକୁ ମିଳିବ। ସେହିପରି ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବା ସହିତ ତା'ର ପ୍ରୟୋଗ, ବିଭିନ୍ନ ବିଭାଗର ଥିବା ସ୍କିମରୁ ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ। ଜଣେ ଚାଷୀ ମତ୍ସ୍ୟ ପୋଖରୀ ଯୋଜନାରେ ଜଳ ଛାୟା ବିଭାଗ ତରଫରୁ ପୋଖରୀ ପାଇପାରିବେ। ମତ୍ସ୍ୟ ବିଭାଗ ମାଛ ଚାଷ ପାଇଁ ସହାୟତା ଯୋଗାଇଦେବ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସ୍ଥିତ ପ୍ରାଣୀ ଚିକିତ୍ସକଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶକ ଡଃ. ଜ୍ଞାନରଞ୍ଜନ ମିଶ୍ର ଯୋଗଦେଇ ସମନ୍ୱିତ ଚାଷ ଓ ଚାଷୀମାନେ କିପରି କମ୍ ମୂଳଧନରେ ଅଧିକ ଲାଭବାନ ହୋଇ ପାରୁଛନ୍ତି ସେ ବିଷୟରେ ବୁଝାଇଥିଲେ। ଦିନକୁ ଦିନ ଚାଷ ଜମି କମିବାରେ ଲାଗୁଛି। ଜଳସ୍ତର କମୁଛି। କିନ୍ତୁ ୧୪୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ପଡ଼ିବ। ସେଥିପାଇଁ ବୈଜ୍ଞାନିକ ପଦ୍ଧତି ନିହାତି ଆବଶ୍ୟକ। ସରକାର ଯେଉଁ ସବୁ ସୁବିଧା ଯୋଗାଉଛନ୍ତି, ଜଣେ ଚାହିଁଲେ କମ୍ କିମ୍ବା ବିନା ମୂଳଧନରେ ଉଦ୍ୟୋଗୀ ହୋଇପାରିବ। ଉତ୍ପାଦ, ମାର୍କେଟ୍, ବ୍ରାଣ୍ଡିଂ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବୈଷୟିକ ପରାମର୍ଶଦାତା ଡଃ.ଦିଗମ୍ବର ନାୟକ ଯୋଗଦେଇ ଜିଲାରେ ଗୋପାଳନ ସହିତ ଦୁଗ୍ଧ ସମିତି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ.ସିବ କୁମାର ପଟେଲ ସ୍ୱାଗତ ଅଭିଭାଷଣ, ଡଃ.ଅଳକା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଜିଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର ଧନ୍ୟବାଦ ଦେଇଥିଲେ।



ଜଣେ ଗୋପାଳକଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ ବେଳେ ରାଜପଥରୁ ବୃଦ୍ଧ ଉଦ୍ଧାର



ପାଣିକୋଇଲି,୩୦।୧୧(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ରାଜପଥ ପାଟ୍ରୋଲିଂ ଗାଡ଼ି ଦ୍ୱାରା ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ସାହାପୁର ନିକଟରେ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ଗାଁର ହୃଦାନନ୍ଦ ସାହୁ (୭୦) ପାରିବାରିକ କଳହରୁ ଘରୁ ଚାଲି ଆସି ରାଜପଥ ମଝି ରାସ୍ତାରେ ଗାଡ଼ି ଆଗରେ ଚାଲି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ କୋରାଇ ଅଞ୍ଚଳର ହରିହର ନାଥ ଅଟକାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳଙ୍କ ଜିମା ଦେଇଥିଲେ। ପାଟ୍ରୋଲିଂ ଅଧିକାରୀ ବଳ ତାଙ୍କୁ ଉଦ୍ଧାର କରି ପାଣିକୋଇଲି ଥାନା ଜିମା ଦେଇଥିଲେ। ତାଙ୍କ ପୁଅ ସୁବ୍ରତ ସାହୁଙ୍କ ପୋଲିସ ଥାନାକୁ ଡାକି ହୃଦାନନ୍ଦଙ୍କୁ ଜିମା ଦେଇଛି।

# ମନ୍ଥର ଗତିରେ ଚାଲିଛି ଜଳ ଯୋଗାଣ ପ୍ରକଳ୍ପ

ରସୁଲପୁର,୩୦।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ୨୪ ଉଚ୍ଚ କ୍ଷମତାସମ୍ପନ୍ନ ପିଇବା ପାଣି ଟାଙ୍କି ନିର୍ମାଣ ହେଉଛି। ଏଥିରୁ ୨୦୨୪ ସୁଦ୍ଧା ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ଆସନ୍ତା ଫେବୃୟାରୀ ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ ଠିକା ସଂସ୍ଥାକୁ ମହଲତ ଦିଆଯାଇଛି। ହେଲେ ଏବେ ବି ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ। ଅଧିକାଂଶ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ନିର୍ମାଣ ଦାୟିତ୍ୱ ବାହାର ରାଜ୍ୟର ଠିକା ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି। ହେଲେ ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

ବ୍ଲକ୍ ଅଧୀନ ଭୋଟକା ପଞ୍ଚାୟତରେ ନିର୍ମାଣାଧୀନ ଟାଙ୍କିକୁ ଏକ ଉଦାହରଣ ଭାବରେ ନିଆଯାଇପାରେ। ସେହିପରି ନରସିଂହପୁର ପଞ୍ଚାୟତର ହରିପୁରଠାରେ ପାଣିଟାଙ୍କି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏଭଳି ଭାବେ ବ୍ଲକ ଅଞ୍ଚଳର ଅଧିକାଂଶ ସ୍ଥାନରେ ପାଣିଟାଙ୍କି ନିର୍ମାଣର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ। ୫ରୁ ଊର୍ଦ୍ଧ୍ୱ ସ୍ଥାନରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। କେତେକ ସ୍ଥାନରେ ପାଣିଟାଙ୍କିଗୁଡ଼ିକ ନଦୀବନ୍ଧ ପାର୍ଶ୍ୱରେ ନିର୍ମାଣ କରାଯାଉଛି। ଏଭଳି ସ୍ଥାନରେ ନିର୍ମାଣ ହେଉଥିବା ପାଣିଟାଙ୍କି ଓ ନଦୀବନ୍ଧର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସବୁ ତ୍ରୁଟିବିଚ୍ୟୁତିକୁ ଠିକା ସଂସ୍ଥା ଓ ତଦାରଖ ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏପରି କି ନିର୍ମାଣ କାର୍ଯ୍ୟକୁ ଖୋଦ୍ ଠିକାସଂସ୍ଥା କରୁ ନ ଥିବା ଜଣାଯାଇଛି। ବିଭିନ୍ନ ସ୍ଥାନରେ ଟାଙ୍କି ନିର୍ମାଣ ଓ ପାଇପ୍ ବିଛା କାର୍ଯ୍ୟ ସ୍ଥାନୀୟ ଅଞ୍ଚଳର ପେଟି ଠିକାଦାରଙ୍କ ହାତକୁ ଟେକି ଦିଆଯାଇଛି। ପେଟି ଠିକାଦାରମାନେ ପାଇପ୍ ବିଛାଇବାବେଳେ ଗ୍ରାମ୍ୟରାସ୍ତାକୁ ଭାଙ୍ଗିରୁଜି ନଷ୍ଟ କରି ଦେଉଛନ୍ତି। ଆବଶ୍ୟକତାଠାରୁ କମ୍ ଗଭୀରତାରେ ପାଇପ୍ ବିଛାଉଛନ୍ତି। ଜଳ ଯୋଗାଇବା ଆଳରେ ବିଭିନ୍ନ ପଞ୍ଚାୟତର ସ୍ଥାୟୀ ସମ୍ପତ୍ତି ନଷ୍ଟ କରି ଦିଆଯାଉଛି। ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ସରପଞ୍ଚମାନଙ୍କୁ ଅବଗତ କରାଯାଉନାହିଁ। ଟାଙ୍କି ନିର୍ମାଣକୁ ନେଇ ହୋଇଥିବା ଆକଳନ, ଡିଜାଇନ ଓ ପଞ୍ଚାୟତର କେତେ ପରିବାରକୁ ପାଣି ଯୋଗାଇ ଦିଆଯିବ ସେ ନେଇ ପଞ୍ଚାୟତ ଅଫିସରେ ସ୍ପଷ୍ଟ ସୂଚନା ନାହିଁ। ବିଛା ଯାଇଥିବା ପାଇପ୍ ଅଧିକାଂଶ ଗଳିକନ୍ଦିକୁ ସଂଯୋଗ ହୋଇନାହିଁ। ଏ ଦିଗରେ ଠିକାସଂସ୍ଥାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଠିକା ସଂସ୍ଥାର ଏତାଦୃଶ କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ପ୍ରକଟିତ ହେଉଛି। ଏ ନେଇ ଠିକା ସଂସ୍ଥାର ପ୍ରକଳ୍ପ ପରିଚାଳକ ଅରବିନ୍ଦ କୁମାରଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୨୪ ଫେବୃୟାରୀରେ ଶେଷ ହେବ ବୋଲି ଚୁକ୍ତିନାମାରେ ଦର୍ଶାଯାଇଥିଲା। ମାତ୍ର ଉକ୍ତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପ୍ରତି ଘରକୁ ପାଣି ଯୋଗାଇବା ସମ୍ଭବପର ହୋଇପାରିବ ନାହିଁ। ଏଥିପାଇଁ ନିର୍ମାଣ କାର୍ଯ୍ୟ ଶେଷ ହେବା ଅବଧିକୁ ଆଉ ୧ ବର୍ଷ ବଢ଼ାଇ ଦିଆଯିବ। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ସ୍ୱାଗତିକା ପଟ୍ଟନାୟକଙ୍କୁ ପଚାରିବାରୁ ସେ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ବିଳମ୍ବ ହେଉଥିବାରୁ ପୁରା ପ୍ରକଳ୍ପ କାର୍ଯ୍ୟ ଧିମେଇଯାଇଛି। କାର୍ଯ୍ୟର ମାନ ଜଗିବା ପାଇଁ ବିଭାଗ ସହ ସରକାର ଆଉ ଏକ ଏଜେନ୍ସିଙ୍କୁ ନିଯୁକ୍ତ କରିଛନ୍ତି। କାମକୁ ନେଇ ଆସୁଥିବା ଅଭିଯୋଗକୁ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ମତ ରଖିଛନ୍ତି।

ପ୍ରକାଶଥାଉକି, ପ୍ରକଳ୍ପ ନିର୍ମାଣକୁ ନେଇ ବିଭାଗ ସହ ଠିକାସଂସ୍ଥାର ଚୁକ୍ତିନାମା ହୋଇଥିଲା। ଉକ୍ତ ଚୁକ୍ତିନାମା ମୁତାବକ ୨୦୨୪ରେ ସବୁ ଘରକୁ ପାନୀୟ ଜଳ ଯୋଗାଇ ଦେବେ ବୋଲି ସରକାର ଘୋଷଣା କରିଥିଲେ। ହେଲେ ଏଠାରେ ଠିକାସଂସ୍ଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ଶେଷ କରିବାକୁ ଅକ୍ଷମତା ପ୍ରକାଶ କରିଛି। ତେଣୁ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ବିଭାଗ ପକ୍ଷରୁ ସମୟସୀମାକୁ ବଢ଼ାଇବାକୁ ମସୁଧା କରାଯାଉଛି। ଏପରି କି ଠିକାସଂସ୍ଥାର ସବୁ ଭୁଲତ୍ରୁଟିକୁ ଅଣଦେଖା କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

- ଅବଧି ଭିତରେ ସରିବନି ନିର୍ମାଣ କାର୍ଯ୍ୟ
- ସମୟସୀମା ବଢ଼ାଇବାକୁ ମସୁଧା



ଭୋଟକା ପଞ୍ଚାୟତରେ ନିର୍ମାଣଧୀନ ପାନୀୟଜଳ ପ୍ରକଳ୍ପ ଅଧାପନ୍ତରିଆ ହୋଇରହିଛି।

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ



ପାଣିକୋଇଲି,୩୦।୧୧(ବିକାଶ ମଲ୍ଲିକ)

ଯାଜପୁର ଜିଲା ଦଶରଥପୁର ଥାନା ଅନ୍ତର୍ଗତ ଡାହାଣୀହତା ଗାଁର ଭିକାରୀ ଜେନା ଥାନାରେ ଅଭିଯୋଗ ପରେ କୌଣସି ସୁଫଳ ନ ପାଇବାରୁ ଗୁରୁବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଡାହାଣୀହତା ଗାଁର ଭିକାରୀଙ୍କ ଅଭିଯୋଗ ମୁତାବକ, ଗାଁର ବୁଲେଇ ଜେନା ପ୍ରଥମେ ତାଙ୍କ ଜାଗାରେ ବାଡ ବସାଇଥିଲେ। ଏହି ବିବାଦ କୋର୍ଟକୁ ଯାଇ ୧୪୪ ଧାରା ଲାଗୁ କରାଯାଇଥିଲା। ମାତ୍ର ବୁଲେଇ ଏହାକୁ ଭ୍ରୁକ୍ଷେପ ନ କରି ସେଠାରେ ଘର ନିର୍ମାଣ ପାଇଁ ଗାତ ଖୋଳିଥିଲେ। ଏ ନେଇ ଭିକାରୀ ଦଶରଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ବାଧ୍ୟ ହୋଇ ଭିକାରୀ ଏ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଚଣ୍ଡିଖୋଲ,୩୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ ହୋଇଛନ୍ତି। ଗିରଫ ପରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ। ଉକ୍ତ ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ସୁମିତ୍ରା ଜେନା ଏହି ଥାନା ଅନ୍ତର୍ଗତ ରଇପୁର ଗ୍ରାମର ମାର୍କଣ୍ଡ ମଲ୍ଲିକଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ସୁମିତ୍ରା ଶାଶୁ ଘର ଛାଡି ବାହାରେ ରହୁଥିଲେ। ଗତ କିଛି ଦିନ ତଳେ ସେ ବାପଘର ଚଣ୍ଡିଆକୁ ଆସିଥିଲେ। ଏହି ଖବର ପାଇ ମାର୍କଣ୍ଡ କେତେଜଣ ଯୁବକଙ୍କୁ ସାଥିରେ ନେଇ ଚଣ୍ଡିଆ ଗ୍ରାମରେ ପହଞ୍ଚି ସୁମିତ୍ରାଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ସୁମିତ୍ରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୦୬/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

### ଡକାୟତି ମାମଲାରେ ୪ କୋର୍ଟଚାଲାଣ

**କଳିଙ୍ଗନଗର,୩୦।୧୧(ଶୁଭାଶିଷ ରାଉତ):** କଳିଙ୍ଗନଗର ଥାନା ଗୋବରଘାଟି ଅଞ୍ଚଳରେ ଘଟିଥିବା ଏକ ଡକାୟତି ମାମଲରେ ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳକଣ୍ଠପୁର ଗ୍ରାମର ବବୁଲ ଜେନା(୨୦), ରଣାଗୁଣ୍ଡି ଗ୍ରାମର ବାପିନା ପେରେଇ (୨୨), ଡୁବୁରୀ ଅଞ୍ଚଳର ସିଦ୍ଧାନ୍ତ ବେହେରା (୨୪) ଏବଂ ରଗଡ଼ା ଗ୍ରାମର ବର୍ଷି ଜେନା (୨୦)। ଗତ ଜୁଲାଇ ୨୫ ତାରିଖରେ ଅଭିଯୁକ୍ତମାନେ ଗୋବରଘାଟି ଅଞ୍ଚଳର ସାବିତ୍ରୀ ବାନରାଙ୍କ ଘରେ ପଶି ସୁନା ଅଳଙ୍କାର, ସାମଗ୍ରୀ ଓ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ନଂ.୧୩୫/୨୩ ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଫେରାର ଅଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ୨୬୫ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ବିଞ୍ଝାରପୁର,୩୦।୧୧(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ କାମଦେବ ଧଳଙ୍କ ପୌରୋହିତ୍ୟରେ ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୬୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଅହଲ୍ୟା ସ୍ୱାଇଁ, ସମିତିସଭ୍ୟ ଅନନ୍ତ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର ସାହୁ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର



କନ୍ୟା ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନେ।

କାଏମା,୩୦।୧୧(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଅଧିକ ଛାତ୍ରୀ ଭାଗ ନେଇଥିଲେ। ମାତୃମଣ୍ଡଳୀମାନେ ସେମାନଙ୍କୁ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ନହଂଗାପାଟଣା ସରକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକ, ସହସମ୍ପାଦକ ପ୍ରଶାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା ଓ ପୂର୍ବତନ ସଙ୍କୁଳ ପ୍ରମୁଖ ଧ୍ରୁବଚରଣ ପୃଷ୍ଟି ଯୋଗଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଖୁଦୁରୁକୁଣୀ ଓଷା, ଗୁରୁବାର ମାଣବସା, ଝୋଟି ପକା, ରଜ ଦୋଳି, କୁମାର ପୂର୍ଣ୍ଣିମା, ପୁଚି ଖେଳ, ରଙ୍ଗୋଲି ଓ ପିଠାପଣା ଆଦି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁମନ୍ଦିରର ସମସ୍ତ ଗୁରୁଜୀଗୁରୁମା ଓ ସେବିକା ସହଯୋଗ କରିଥିଲେ।

### ୨୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଯାଜପୁରରୋଡ୍,୩୦।୧୧ (ପବିତ୍ର ରଞ୍ଜନ ମହାନ୍ତି):

ଡୋଲିପୁର ଅବକାରୀ ପକ୍ଷରୁ ଗୁରୁବାର ଅପରାହ୍ନ ୪ଟାରେ ବ୍ୟାସନଗର ସହରର ମିଟୁଆଣି ଗଡ଼ିଆ ଅଞ୍ଚଳରେ ଚଢ଼ାଉ କରାଯାଇ ଏକ ବାଇକ୍ ସହିତ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ସରୋଜ ପାତ୍ର। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ରୋଡ ରେଞ୍ଜ ଅବକାରୀ ଇନ୍ସପେକ୍ଟର ସମୀର କୁମାର ମହାନ୍ତିଙ୍କ ନେତୃତ୍ୱରେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ କୁମାର ପଣ୍ଡା ଚଢ଼ାଉ କରିଥିଲେ। ଏହି ସମୟରେ ସରୋଜ ବାଇକରେ ବ୍ରାଉନସୁଗାର ନେଇ ଆସୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ। ଏନେଇ ନଂ.୧୮୩/୨୩ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଆଇ କ୍ଷୀରୋଦ କୁମାର ସାହୁ, ବିଭୁପ୍ରସାଦ ସାହୁ, କର୍ମଚାରୀ ଲେବୋ ହେଂସା, ଚଗଲା ମଲ୍ଲିକ ସାମିଲ ହୋଇଥିଲେ।

### ପାଣିକୋଇଲି ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ

ପାଣିକୋଇଲି,୩୦।୧୧(ବିକାଶ ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ମହୋତ୍ସବ ୫ ଦିନ ବ୍ୟାପି ଜାନୁଆରୀ ୫ ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ଏଥିଲାଗି ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ସ୍ଥାନୀୟ ପାଣିକୋଇଲି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠାନର ସଦସ୍ୟ ତାରିଣୀ ପ୍ରସାଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ମହୋତ୍ସବକୁ ଆହୁରି ସରସ ସୁନ୍ଦର କରିବା ଲାଗି ବିଭିନ୍ନ ପଦକ୍ଷେପ ବିଷୟରେ ଆଲେଚନା ହୋଇଥିଲା। ଚଳିତବର୍ଷ ମହୋତ୍ସବରେ ରାଜ୍ୟସ୍ତରୀୟ ବିଭିନ୍ନ କଳା ସଂସ୍କୃତି ନାଟ୍ୟ ପରିଷଦକୁ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆମନ୍ତ୍ରଣ କରାଯିବା ସହ ଜିଲା ସ୍ତରୀୟ ଓ ସ୍ଥାନୀୟ ପ୍ରତିଭାମାନଙ୍କୁ ସୁଯୋଗ ଦିଆଯିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ କଳ୍ପତରୁ ମହାପାତ୍ର, ସୂର୍ଯ୍ୟମଣି ପଣ୍ଡା, ବିପିନ ଧଳ, ଉଦ୍ୟୋକ୍ତା ରାକେଶ ସାହୁ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ବେହେରା, ରାଜ କିଶୋର ମଲ୍ଲିକ, ଜହର ଅଲ୍ଲୀ ଖାନ, ମୁସ୍ତାକ ଅଲ୍ଲୀ ଖାନ, ପ୍ରେମେଶ ମହାକୁଡ଼, ରବୀନ୍ଦ୍ର ନାୟକ, ମାନସ ରାୟ, ସନ୍ତୋଷ ରାୟ, ପ୍ରଶାନ୍ତ ବିଶ୍ୱାଳ, ପଙ୍କଜ ସାହୁ, ରୁଦ୍ର ବେହେରାଙ୍କ ସମେତ ବହୁ ଅନୁଷ୍ଠାନ ଓ ସଂସ୍କୃତି ପ୍ରେମୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷାବିତ୍ ଅବଦୁଲ ସଏଦ ଖାନ ଧନ୍ୟବାଦ ଦେଇଥିଲେ।




# ଧର୍ମଶାଳା କଂଗ୍ରେସ ପକ୍ଷରୁ ତୁଳସୀ ସଂଗ୍ରହ



ଧର୍ମଶାଳା କଂଗ୍ରେସ କର୍ମୀମାନେ ତୁଳସୀ ସଂଗ୍ରହ କରୁଛନ୍ତି।

**ଧର୍ମଶାଳା,୩୦।୧୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ବିଭିନ୍ନ ଗ୍ରାମରୁ ତୁଳସୀ ସଂଗ୍ରହ କରାଯାଇଛି। ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ନେଇ କଂଗ୍ରେସ ପକ୍ଷରୁ ଦାବି ହୋଇ ଆସୁଥିଲେ ହେଁ ରାଜ୍ୟ ସରକାର କିମ୍ବା ମନ୍ଦିର ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି। ଏହାକୁ ବିରୋଧ କରି କଂଗ୍ରେସ ପକ୍ଷରୁ ତୁଳସୀ ଯାତ୍ରା କରିବାକୁ ଆହ୍ୱାନ ଦିଆଯାଇଛି। ଶୁକ୍ରବାର ରାଜ୍ୟ କଂଗ୍ରେସ ପକ୍ଷରୁ ପୁରୀଠାରେ ତୁଳସୀ ଯାତ୍ରା କରାଯିବ। ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ବ୍ଲକରେ ଏକ ସପ୍ତାହ ହେବ ତୁଳସୀ ସଂଗ୍ରହ ଯାତ୍ରା ଆରମ୍ଭ ହୋଇଥିଲା। ସମସ୍ତ ବ୍ଲକରୁ ସଂଗୃହୀତ ତୁଳସୀ ନିଆଯାଇ ଜଗନ୍ନାଥ ଧାମକୁ ଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କିଷାନ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ବ୍ଲକ ନିକଟ କୁମାରୀ ପଞ୍ଚାୟତର ଦେଉଳି ଗ୍ରାମ, ଚହଟା ପଞ୍ଚାୟତର ଭାଲୁଖାଇ, ଚୋରମୁହାଁ ପଞ୍ଚାୟତର ମଙ୍ଗଳପୁର ନରସିଂହପୁର ଓ ଗଡ଼ମଧୁପୁର ପଞ୍ଚାୟତସ୍ଥିତ ରାଜବାଟିରୁ ତୁଳସୀ ସଂଗ୍ରହ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଅପର୍ଣ୍ଣା ଧିରସିଂ ଭରଦ୍ୱାଜ, ରାଜ୍ୟ ଯୁବ କଂଗ୍ରେସ ପୂର୍ବତନ ମୁଖପାତ୍ର ମାନସ ରଞ୍ଜନ କର, କୃଷକ ନେତା ବସନ୍ତ କୁମାର ପରିଡା, ବ୍ଲକ କାର୍ଯ୍ୟକାରୀ ସଂଯୋଜକ ପ୍ରଫୁଲ କୁମାର ରାୟ, ଯୁବନେତା ଦୀପକ କୁମାର ବଳ, ଅମରେନ୍ଦ୍ର ସାମଲ, ପୂର୍ବତନ ସମିତିସଭ୍ୟ ନକୁଳ ଜେନା ଓ ବରିଷ୍ଠ କଂଗ୍ରେସ ନେତା ବିଚିତ୍ରାନନ୍ଦ କର ପ୍ରମୁଖ ସାମିଲ ହୋଇଥିଲେ।

**ଆଜି ପୁରୀ ପଠାଯିବ ତୁଳସୀ**

### ଏନ୍‌ଏସ୍‌ଏସ୍ ରାଜ୍ୟ ପ୍ରୋଗ୍ରାମ ସଂଯୋଜକଙ୍କ ବିଦ୍ୟାଳୟ ପରିଦର୍ଶନ

**ଝୁମ୍ପୁରୀ,୩୦।୧୧(ସରୋଜ ନାୟକ):** ଏନ୍‌ଏସ୍‌ଏସ୍‌ର ରାଜ୍ୟ ପ୍ରୋଗ୍ରାମ ସଂଯୋଜକ ଡ. ବିଶ୍ୱମୋହନ ଜେନା ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ପରେ ସେ ଏନ୍‌ଏସ୍‌ଏସ୍‌ର ଭଲ୍ୟୁଣ୍ଟରମାନଙ୍କ ସହିତ ମତ ବିନିମୟ କରିବା ସହ ଜାତୀୟ ଓ ରାଜ୍ୟସ୍ତରରେ ଏହାର ପ୍ରସାର ବ୍ୟାପକଭାବେ କିପରି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କାହ୍ନୁଚରଣ ମିଶ୍ରଙ୍କ ସଭାପତିତ୍ୱରେ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମର ଅଧିକାର କୈଳାସ ଚନ୍ଦ୍ର ସେନାପତି, ବିଭୁଦତ୍ତ ପଣ୍ଡା, ଶ୍ରୀଧର କୁମାର ବେହେରା ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।




କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ରାଜ୍ୟ ପ୍ରୋଗ୍ରାମ ସଂଯୋଜକ ଓ ଅନ୍ୟମାନେ।

# ବଡ଼ଚଣା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ଚଣ୍ଡିଖୋଲ/ବଡ଼ଚଣା,୩୦।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):

ବଡ଼ଚଣା ଭାଜପା ପକ୍ଷରୁ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଭିନ୍ନ ଦୁର୍ନୀତକୁ ବିରୋଧ କରି ଏହି ଆନ୍ଦୋଳନ କରାଯାଇଛି। କର୍ମୀ ଓ ନେତାମାନେ ଜାତୀୟ ରାଜପଥର ବଡ଼ଚଣା ଗଣ୍ଡି ଛକଠାରୁ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ମଣ୍ଡଳ ସଭାପତି ଲଲାଟେନ୍ଦୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ, ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ ଓ ବଡ଼ଚଣା ନେତା ଅମର ନାୟକ ପ୍ରମୁଖ ଯୋଗଦେଇ ବଡ଼ଚଣା ନିର୍ବାଚନମଣ୍ଡଳୀରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ଏପରିକି ଭାଜପା ସମର୍ଥିତ ସରପଞ୍ଚମାନଙ୍କୁ ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟ କରାଇ ଦେଉନାହାନ୍ତି। ଦଳୀୟ ଭିତ୍ତିରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନ କରାଯାଉଛି ବୋଲି ନେତାମାନେ କହିଥିଲେ। ଏହା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଭାଷଣ ମାଧ୍ୟମରେ ଚେତାଇ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ପ୍ରଦୀପ କୁମାର ସାମଲ, ସୀତାନାଥ ବଳସାମନ୍ତ, ସରପଞ୍ଚ ଜଗନ୍ନାଥ ଖଣ୍ଡେଇ, ସମରେନ୍ଦ୍ର ପରିଡ଼ା, ଜିଲା ସମ୍ପାଦକ ପ୍ରମୋଦ କୁମାର ଜେନା, ପ୍ରୀତମ କୁମାର ନାୟକ, ଅମିୟ ସାହାଣୀ, ଚିନ୍ମୟୀ ସାହୁ ଓ ନଟବର ରାଉତ ପ୍ରମୁଖ ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ସାମିଲ ହୋଇଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।



ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ମହିଳା ମୃତ, ରାସ୍ତାରୋକୋ

କଟକ ସଦର,୩୦ା୧୧(ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ୧୨ନଂ. ରାଜ୍ୟ ରାଜପଥର କମରପଦା ନିକଟରେ ଗୁରୁବାର ସକାଳେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କୃତାଙ୍ଗ ଗ୍ରାମର ସସ୍ମିତା ସାହୁ। ସେ ଦାଦାଙ୍କ ସହ ଶାଶୁ ଘରକୁ ସ୍କୁଟିରେ ଯାଉଥିବାବେଳେ କଟକ ଆଡୁ ଆସୁଥିବା ହାଇୱା (ନଂ. ଏପିଓ୩୯ଟି-୭୧୧୩) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଉମାକାନ୍ତ ଶାସମଲ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ସସ୍ମିତାଙ୍କ ଉପରେ ଗାଡ଼ି ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଲୋକମାନେ ମୃତଦେହ ରାସ୍ତା ଉପରେ ରଖି ରାସ୍ତାରୋକୋ କରିଥିଲେ। କିଶନ ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକ ହଟିଥିଲା।

### ଚେଲିତୋଳ ବାଲିଯାତ୍ରାର ୪ର୍ଥ ସାଂସ୍କୃତିକ ସନ୍ଧ୍ୟା

ତିର୍ତ୍ତୋଲ, ୩୦ା୧୧ (ଗୌରାଙ୍ଗ ଚରଣ ସ୍ୱାଇଁ): ଆମ ଅତୀତର କଳା, ସଂସ୍କୃତି ସହ ଆଗାମୀ ପିଢ଼ିକୁ ପରିଚିତ କରାଇବା ଲାଗି ବାଲିଯାତ୍ରା ଭଳି ଉତ୍ସବର ଆୟୋଜନ ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ଆମ ସମୃଦ୍ଧ ଅତୀତ ସହ ଆଗାମୀ ପିଢ଼ି ପରିଚିତ ହୋଇ ନିଜର ଗୌରମୟ ଇତିହାସ ସମ୍ପର୍କରେ ସଚେତନ ହୋଇପାରିବ ବୋଲି ଚେଲିତୋଳ ବାଲିଯାତ୍ରରର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା କହିଥିଲେ। ମୁଖ୍ୟ ବକ୍ତାଭାବେ ଜଗତ୍‌ସିଂହପୁର ଜିଲାପରିଷଦର ଅଧକ୍ଷା ସବିତା ମହାପାତ୍ର, ବିରିଡି ବ୍ଲକ ଅଧକ୍ଷା ମମତା ପାତ୍ର, ବିରିଡ଼ି ବ୍ଲକ ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ବ୍ଲକ ଜିଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାସ, ଶୁଭେନ୍ଦୁ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଜାତୀୟ ଫାର୍ମାସୀ ସପ୍ତାହ ପାଳନ

ତିର୍ତ୍ତୋଲ, ୩୦ା୧୧ (ଗୌରାଙ୍ଗ ଚରଣ ସ୍ୱାଇଁ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ସ୍ଥିତ ପାରାଦୀପ ଫାର୍ମାସୀ କଲେଜ ପରିସରରେ ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ରାଲି ସହ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ରମାନଙ୍କଠାରୁ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅଧକ୍ଷ ଦିପକ କୁମାର ସାହୁ, ଅଧାପକ ରାଜୀବ ସାହୁ, ଶିବାଶିଷ ବାରିକ, ନିଶିକାନ୍ତ ମିଶ୍ର, ବିନାୟକ ଦାସ, ସନ୍ତୋଷ କାନୁନଗୋ, ମମତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖଣ୍ଡିଏ ଭୋଟରେ ଜିତିଲେ ରୋଜାଲିନ୍

**ଜଗତ୍‌ସିଂହପୁର ପୌର ପରିଷଦ ୬ନଂ. ୱାର୍ଡ ଉପନିର୍ବାଚନ**

- ବିଜୟ ସତ୍ତ୍ୱେ ଦଳରେ ସନ୍ତୋଷଜନକ ଉତ୍ସାହ ନାହିଁ
- ଶ୍ରେୟ ନେବାକୁ ଟଣାଓଟରା

ଜଗତ୍‌ସିଂହପୁର, ୩୦ା୧୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୌର ପରିଷଦ ୬ନଂ. ୱାର୍ଡ ଉପନିର୍ବାଚନରେ ପୁଣି ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିଜେଡିର ରୋଜାଲିନ ଦାସ ମାତ୍ର ୧ ଖଣ୍ଡ ଭୋଟ ବ୍ୟବଧାନରେ କଂଗ୍ରେସର ଚିନ୍ମୟୀ ନନ୍ଦଙ୍କୁ ପରାସ୍ତ କରି କାଉନସିଲର ହେବାର ଗୌରବ ହାସଲ କରିଛନ୍ତି। ଏହି ୱାର୍ଡର ମୋଟ ୧୦୭୭ ଭୋଟରଙ୍କ ମଧ୍ୟରୁ ୭୭.୫୩% ଅର୍ଥାତ୍ ୮୩୫ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇଥିଲା। ଫଳାଫଳ ଘୋଷଣା ପରେ ରୋଜାଲିନ୍‌ଙ୍କୁ ୪୦୭, ଚିନ୍ମୟୀଙ୍କୁ ୪୦୬, ଭାଜପା ପ୍ରାର୍ଥିନୀ ବିଷ୍ଣୁପ୍ରିୟା ସିଂହଙ୍କୁ ୨୧ ଓ ନୋଟାରେ ୧ ଖଣ୍ଡ ଭୋଟ ଯାଇଥିଲା। ଏହି ଫଳ ଘୋଷଣା ପରେ କଂଗ୍ରେସ ନିରାଶ ଅନୁଭବ କରିଥିବା ବେଳେ ବିଜେଡି ଆଶାଜନକ ସନ୍ତୋଷ ପାଇପାରି ନାହିଁ। ଭାଜପା ପ୍ରାର୍ଥୀଙ୍କୁ ଗତ ନିର୍ବାଚନ ଅପେକ୍ଷା ୩ ଖଣ୍ଡ ଅଧିକ ଅର୍ଥାତ୍ ୧୮ରୁ ୨୧ ଖଣ୍ଡ ଭୋଟ ମିଳିଥିଲା। ବଡ କଥା ହେଲା ଏଥର ବିଜେଡି ଗଡ ଭାଙ୍ଗିବାକୁ କଂଗ୍ରେସ ପକ୍ଷରୁ ସତ ଚେଷ୍ଟା କରିଥିଲା। ମାତ୍ର ସଫଳତା ମିଳିପାରିନାହିଁ। ଅପରପକ୍ଷେ ରୋଜାଲିନଙ୍କ ଏହି ବିଜୟର ଶ୍ରେୟ କିଏ ନେବ ସେନେଇ ବିଜେଡିର ୨ ସମାନ୍ତରାଳ ଗୋଷ୍ଠୀ ଯଥା ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଏବଂ ପୂର୍ବତନ ଦଳ ଜିଲା ସଭାପତି ତଥା ପୂର୍ବତନ ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସଙ୍କଙ୍କ ଗୋଷ୍ଠୀ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଏହି ୱାର୍ଡର ପ୍ରମୁଖ ଗାଁ ସୁଜଙ୍ଗରେ ଅମରେନ୍ଦ୍ରଙ୍କ ନିଜ ଗାଁ ଏବଂ ତାଙ୍କ ସାହିରେ ୨୦/୨୫ ଖଣ୍ଡ ଭୋଟ ଗୁରୁତ୍ୱପୂର୍ଣ୍ଣ ଥିଲା।ଏହାକୁ ନେଇ ଅଙ୍କକଷା ଜୋର ଧରିଥିଲା। ବିଜେଡିର ବିଜୟ ପରେ ଶ୍ରେୟ ଅମରେନ୍ଦ୍ରଙ୍କ ସପକ୍ଷରେ ଯାଇଥିବା ଅନେକ ଦାବି କରୁଛନ୍ତି। ରୋଜାଲିନ ମଧ୍ୟ ଅମରେନ୍ଦ୍ରଙ୍କ ସହ ପ୍ରଚାରରେ ବୁଲିବା ସହ ବିଜୟ ପରେ ତାଙ୍କୁ ସାକ୍ଷାତ କରି ଆଶୀର୍ବାଦ ନେଇଛନ୍ତି।

ଏହି ୱାର୍ଡ ଉପନିର୍ବାଚନ ନିଆରା ଢଙ୍ଗରେ ହୋଇଥିଲା। ବିଧାୟକ ପ୍ରଶାନ୍ତ ଓ ପୂର୍ବତନ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ପୃଥକ ଭାବେ ବିଜେଡି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଥିଲେ। ଏନେଇ୨ ଗୋଷ୍ଠୀ ସେମାନଙ୍କ ସପକ୍ଷରେ ଭୋଟ ବ୍ୟାଙ୍କ ଥିବା ଦାବି କରିଥିଲେ। ଏହି ୨ ଗୋଷ୍ଠୀର ପୃଥକ୍ ପ୍ରଚାରର ଫାଇଦା ନେବାକୁ କଂଗ୍ରେସ ଚେଷ୍ଟା କରିଥିଲା। ବିଜେଡି ମଧ୍ୟ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ନାନା କୌଶଳ ଆପଣାଇଥିଲା। ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଦୀର୍ଘ ଦିନ ଧରି ନିର୍ବାଚନ ମଣ୍ଡଳୀର ସଙ୍ଗଠନଠାରୁ ଦୂରେଇ ଯାଇଥିଲେ ମଧ୍ୟ ତାଙ୍କ ପ୍ରଚାର ନିଆରା ବାର୍ତ୍ତା ଦେଇଥିଲା। ବିଶ୍ୱାଳଙ୍କୁ କଂଗ୍ରେସରୁ ନିଲମ୍ବନ କରାଯାଇଥିବାରୁ ସେ ଅନ୍ୟ ଦଳରେ ଯୋଗଦେବାର ସମ୍ଭାବନା ରହିଛି,ଏଣୁ ତାଙ୍କ ସମର୍ଥିତ କଂଗ୍ରେସ ପ୍ରାର୍ଥିନୀଙ୍କୁ ଭୋଟ ଦେଲେ । ଏହା ବୃଥା ହୋଇଯିବ ବୋଲି ବିଜେଡି ପକ୍ଷରୁ ପ୍ରଚାର କରାଯାଇଥିଲା। ଏହାସତ୍ତ୍ୱେ ଦୀର୍ଘ ୨୦ ବର୍ଷ ଧରି ୱାର୍ଡଟି ବିଜେଡି ଦଖଲରେ ଥିଲେ ସୁଦ୍ଧା ଏଥର କଣ୍ଟା ଟକ୍କର ଦେଖିବାକୁ ମିଳିଛି। କଂଗ୍ରେସର ଜଗତ୍‌ସିଂହପୁର ପୌରାଧକ୍ଷା ନିଜ ସ୍ଥିତି ମଜଭୁତ୍ ପାଇଁ ପୂରା ଦମ୍ ଲଗାଇଦେଇଥିଲେ। ଏଭିଳି ଅନେକ କାରଣରୁ ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଜୋର୍‌ଦାର ଟକ୍କର ଦେଖିବାକୁ ମିଳିଛି।


ନବନିର୍ବାଚିତ କାଉନ୍‌ସିଲର ରୋଜାଲିନ୍ ଦାସଙ୍କ ସହ ଅମରେନ୍ଦ୍ର ଦାସ ଓ ସମର୍ଥକମାନେ।

# ୫୭ ସ୍କୁଲରୁ ୮୨ ପ୍ରକଳ୍ପ ପ୍ରଦର୍ଶିତ

**ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ**

ରଘୁନାଥପୁର,୩୦ା୧୧
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନ ଓ ଚର୍ଚ୍ଚିକାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୭ ଟି ସ୍କୁଲର ଛାତ୍ରୀଛାତ୍ର ଭାଗନେଇ ୮୨ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପୂର୍ବାହ୍ନରେ ବିଡିଓ ନମିତା ବାରିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ସଭାରେ ପୌରୋହିତ୍ୟ କରିଥିଲେ। ତୃଣମୂଳସ୍ତରରେ ଥିବା ସୁପ୍ତ ପ୍ରତିଭାଙ୍କୁ ବିକଶିତ କରିବା ଅଭିଯାନର ଲକ୍ଷ୍ୟ ବୋଲି ବିଡିଓ ବାରିକ ବକ୍ତବ୍ୟରେ କହିଥିଲେ। ସେହିପରି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ଆଗାମୀ ଦିନରେ ଅନେକ କୁନି ବୈଜ୍ଞାନିକ ସୃଷ୍ଟି କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତହସିଲଦାର ଅଭିସ୍ମା ପଟ୍ଟନାୟକ ଓ ଅନ୍ୟତମ ଅତିଥି ଭାବେ ସହ ଶିକ୍ଷାଧିକାରୀ ମେନକା ମହାପାତ୍ର, ରଜନୀକାନ୍ତ ରାୟ, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ମୋ ସ୍କୁଲ ଅଭିଯାନ ସଭାପତି ମାନସ କୁମାର ମହାପାତ୍ର ଓ ସମ୍ପାଦକ ଜୟପ୍ରକାଶ ଜେନା ଏବଂ ଓଡିଶା ମୋ ପରିବାର ସଂଯୋଜକ ଡ. ସୁରେନ୍ଦ୍ରନାଥ ମହାପାତ୍ର ଯୋଗଦେଇଥିଲେ। ସଭାରେ ଶିକ୍ଷକ ନିର୍ମଳେନ୍ଦୁ ସୋମ୍ ଅତିଥି ପରିଚୟ ଓ ବିଜ୍ଞାନ ମେଳା କମିଟି ସମ୍ପାଦକ ଯଜ୍ଞବଲ୍କ ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ରେଢୁଆ କ୍ଲଷ୍ଟର ସିଆର୍‌ସିସି ତରୁଣ କୁମାର ଜେନା, ରେଢୁଆ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ ଓ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ସଭାରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରିନାରାଣୀ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଇଂ. ବାବାଜୀ ଚରଣ ଜେନା ଉପସ୍ଥିତ ଥିଲେ। ଶିକ୍ଷକ କୁଶ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୧ ଜଣ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ବିଜ୍ଞାନ ମେଳା କମିଟି କୋଷାଧକ୍ଷ ଅମୀୟ କୁମାର ଭୟା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ହିମାଂଶୁ ଶେଖର ଦ୍ୱିବେଦୀ, ରତ୍ନାକର ବେହେରାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।


ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥିମାନେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା: ୨୦୦ ପ୍ରକଳ୍ପ ପ୍ରଦର୍ଶିତ

ତିର୍ତ୍ତୋଲ, ୩୦ା୧୧
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଉଚ୍ଚବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୨୦୦ ଜଣ ବିଦ୍ୟାର୍ଥୀ ଯୋଗଦେଇ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବିଡିଓ ତପନ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଫକୀର ଚରଣ ସ୍ୱାଇଁ, ଏସ୍‌ଏମ୍‌ସି ସଭାପତି ବିଜୟ କେତନ ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, କଟରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସେଠୀ, ଶିକ୍ଷକ ସମୀର କୁମାର ପଟ୍ଟନାୟକ, ପ୍ରତାପ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ କମଳ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସିଆରସିସି ଅକ୍ଷୟ କୁମାର ନାୟକ ଅତିଥି ପରିଚୟ ଓ ଆଲୋକ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉଦଯାପନୀ ଉତ୍ସବରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ସତ୍ୟଜିତ ମହାପାତ୍ର, ମୁଖ୍ୟ ବକ୍ତାଭାବେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ପ୍ରଦିପ୍ତ ମାଝୀ, ସମ୍ମାନିତ ଅତିଥି ବିଆରସିସି ବିଷ୍ଣୁପ୍ରିୟା ଦେବୀ, ସମରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାସ୍ତରକୁ ରବିଶଙ୍କରଙ୍କ ଆଚାର୍ଯ୍ୟ, ସୌମ୍ୟା ପ୍ରିୟଦର୍ଶିନୀ କର, ରଜନୀକାନ୍ତ ସ୍ୱାଇଁ, ଦିପିକା ରୀତିପର୍ଣ୍ଣା ଦାସ, ଜଗନ୍ନାଥ ମହାପାତ୍ର, ପ୍ରଦିପ୍ତ କୁମାର ସେଠୀ, ସାଇଶୀ ଦାସ, ଅଭିପ୍ସା ବେହେରା, ତନ୍ମୟ ପାତ୍ର, ସ୍ୱରୂପ ଦାସ, ସାଇ ସ୍ୱସ୍ତିକା ଦାସ, ଶ୍ରୀଷ୍ଟି ମହାନ୍ତିଙ୍କ ପ୍ରକଳ୍ପ ମନୋନୀତ ହୋଇଥିବା ଘୋଷଣା କରାଯାଇଥିଲା।


ଜଣେ ଛାତ୍ରୀ ତାଙ୍କ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

### ଉମେଶ ସ୍ୱାଇଁ ବହୁମୁଖୀ ପ୍ରତିଭାର ଅଧିକାରୀ

ବାଲିକୁଦା,୩୦ା୧୧(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ମାଛଗାଁଠାରେ ପୂର୍ବତନ ବିଧାୟକ ଉମେଶ ସ୍ୱାଇଁଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଉମେଶ ସ୍ୱାଇଁ ଫାଉଣ୍ଡେଶନ ଆନୁକୂଲ୍ୟରେ ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ଅରୁଣ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଜଗତ୍‌ସିଂହପୁର ବିଧାୟକ ତଥା ଶାସକ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ସ୍ଥାନୀୟ ବିଧାୟକ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ବିଜେଡି ନେତା ସାରଦା ଜେନା, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ବରିଷ୍ଠ ଖବରଦାତା ମନୋଜ ଦାଶ, ଶଶାଙ୍କ ଶେଖର ପଣ୍ଡା, ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ମହେଶ୍ୱର ବେହେରା, ସରୋଜକାନ୍ତ ସ୍ୱାଇଁ, ଚଣ୍ଡେଶ୍ୱର ବେହେରା, ବିନୋଦ ବେହୁରା, ପୂର୍ବତନ ବ୍ଲକ ଅଧକ୍ଷା ସରୋଜିନି ଦାସ, ବିଜେଡି ଯୁବ ନେତା ଅଲେଖ ସ୍ୱାଇଁ, ତାମିଲ ପ୍ରଧାନ, ବିବେକାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଉମେଶ ସ୍ୱାଇଁ ବହୁମୁଖି ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସ୍ୱର୍ଗତ ସ୍ୱାଇଁଙ୍କ ବୋହୂ ଶିଖା ଉମେଶ ସ୍ୱାଇଁ ଓ ପୁଅ ଚିରାଗ ସ୍ୱାଇଁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭ୍ରମର ସାହୁ, ବସନ୍ତ ଜେନା, ବିଜୟ ଦାସ, ଯଜାତି ମହାନ୍ତି, ନିରଞ୍ଜନ ଦାଶ, କମଳାକାନ୍ତ ମହାପାତ୍ର, ରଜେନ୍ଦ୍ର ମିଶ୍ର, ରମେଶ ପାଇଟାଳ, ଭୋଳାନାଥ ମହାନ୍ତି, ଧର୍ମାନନ୍ଦ ରାଉତ, ମନ ମୋହନ ପରିଡ଼ା, କାର୍ତ୍ତିକ ଜେନା, ନଟବର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୮୯ ପ୍ରକଳ୍ପ



ମେଳାରେ ଉପସ୍ଥିତ ଅତିଥିମାନେ।

ବାଲିକୁଦା,୩୦ା୧୧(ତାପସ ସ୍ୱାଇଁ)

ବାଲିକୁଦା ଉଚ୍ଚ ବିଦ୍ୟାଳୟ ପରିସରେ ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁନନ୍ଦନ ଦାସ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀଙ୍କ ଅଧକ୍ଷତାରେ ସରୋଜକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ଯୁବ ସାମାଜିକ କର୍ମୀ ଗଙ୍ଗାଧର ବେହେରା, ଏବିଇଓ ଝରଣା ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସୁବୁଦ୍ଧି, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଜାଭୀର ଖାଁ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ୮୯ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୧୧ଟି ପ୍ରକଳ୍ପକୁ ଜିଲାସ୍ତରୀୟ ପ୍ରଦର୍ଶନୀକୁ ମନୋନିତ କରାଯାଇଥିଲା। ଛାତ୍ର ଶୁଭ୍ରଜିତ୍ ସେନାପତି ବେଦପାଠ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରସନ୍ନ ସାହୁ ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ତଥା ଉଦ୍‌ଯାପନୀ ସମାରୋହରେ ପ୍ରଧାନ ଶିକ୍ଷୟିତ୍ରୀ ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ବା ବେଳେ ବିଜ୍ଞାନକମିଟି ସମ୍ପାଦକ ରମାକା' ବାରିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ସରପଞ୍ଚ ରାଜକିଶୋର ସାହୁ, ମୁଖ୍ୟ ଅତିଥିଭାବେ ଡା. ମହେଶ୍ୱର ପ୍ରଧାନ, ସମ୍ମାନିତ ଅତିଥିଭାବେ ଏବିଇଓ ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପ୍ରିୟଜିତ୍ ବିଶ୍ୱାଳ, ଦୁର୍ଗାଚରଣ ଦାସ, ବାସୁଦେବ ସ୍ୱାଇଁ, ମାନସ ବାରିକ, ସୁଶ୍ରୀ ସ୍ମିତା ଦାସ, ବିଜୟ କେତନ ସ୍ୱାଇଁ, ତପନ ନାୟକ ପ୍ରମୁଖ ଯୋଗଦେଇଥିଲେ। ବାବନ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ୨ ପୋଖରୀକୁ ନିଲାମ ନ ଦେବାକୁ ଦାବି

**ବିଡିଓଙ୍କୁ ଦାବିପତ୍ର ପ୍ରଦାନ**

ନାଉଗାଁ,୩୦ା୧୧(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତର ବାଲିଆ ପୋଖରୀ ଓ ପଶ୍ଚିମ ପାର୍ଶ୍ୱ ପୋଖରୀକୁ ନିଲାମ ନ ଦେବା ପାଇଁ ପଞ୍ଚାୟତର ଗ୍ରାମ୍ୟ କମିଟି ସଦସ୍ୟ, ମହିଳା ସ୍ୱୟଂ ସହାୟିକା ଦଳ ଓ ଗ୍ରାମବାସୀ ବିଡିଓ ତପନ ମହାପାତ୍ରଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ମୁତାବକ, ଉକ୍ତ ପୋଖରୀକୁ ପ୍ରଶାସନ ପକ୍ଷରୁ କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନକୁ ନିଲାମରେ ଦେବାକୁ ସ୍ଥିର କରାଯାଇଛି। ଏହି ପୋଖରୀ ଦ୍ୱୟରେ ଜାମୁଗାଁ ପଞ୍ଚାୟତର ଲୋକେ ଗାଧୋଇବା ସହ ଶୌଚ ହୋଇଥାନ୍ତି। ସେହିପରି ଗୋପାଳକମାନେ ଉକ୍ତ ପୋଖରୀ ପାଣିକୁ ବ୍ୟବହାର କରି ଗାଈ ଓ ମଇଁଷି ଆଦି ଗାଧୋଇ ଦେଇଥାନ୍ତି। ଏଭଳିସ୍ଥିତିରେ କୌଣସି ସଙ୍ଗଠନ କିମ୍ବା ବ୍ୟକ୍ତି ବିଶେଷ ଉକ୍ତ ପୋଖରୀକୁ ଲିଜ ସୂତ୍ରରେ ନେଲେ ଗୋପାଳକ ଓ ଗ୍ରାମବାସୀ ବହୁ ଅସୁବିଧାରେ ସମ୍ମୁଖୀନ ହେବେ। ଏପରିକି ଲିଜ୍‌ଧାରୀ ଓ ପୋଖରୀ ପାଣି ବ୍ୟବହାରକାରୀଙ୍କ ମଧ୍ୟରେ ବିଶୃଙ୍ଖଳା ହେବାର ଆଶଙ୍କା ରହିଛି। ଏଭଳି ଅପ୍ରୀତିକର ପରିସ୍ଥିତିକୁ ରୋକିବା ପାଇଁ ଉକ୍ତ ପୋଖରୀ ଦ୍ୱୟକୁ ନିଲାମ ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ କମିଟି ସମ୍ପାଦକ ହୃଦାନନ୍ଦ ସ୍ୱାଇଁ, ସଭାପତି ସର୍ବେଶ୍ୱର ମହାରଣା, ନଳିନୀକାନ୍ତ ସ୍ୱାଇଁ, ପ୍ରତାପ ଚରଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ମହାପାତ୍ର କହିଛନ୍ତି, ପୋଖରୀ ଉପରେ ଅନୁଧାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# 'ସାହିତ୍ୟିକ ନିଜକୁ ଚିହ୍ନିଲେ ସୃଷ୍ଟିହେବ ସଫଳ ସାହିତ୍ୟ'

**ସୀତାକାନ୍ତ ସାହିତ୍ୟ ଆଲୋଚନାଚକ୍ର**

ଏରସମା,୩୦ା୧୧
(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅପରାହ୍ନରେ କବି ସୀତାକାନ୍ତ ମହାପାତ୍ରଙ୍କ କବିତା ସମଗ୍ରକୁ ନେଇ ସୀତାକାନ୍ତ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ସୀତାକାନ୍ତ ମହାପାତ୍ର ଯୋଗଦେଇ ନୂତନ ସାହିତ୍ୟିକମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ସାହିତ୍ୟିକ ଯେତେବେଳେ ନିଜକୁ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଚିହ୍ନିବ ସେତେବେଳେ ସଫଳ ସାହିତ୍ୟ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ସୃଜନର ସୁଗନ୍ଧ ସାହିତ୍ୟ ପରିବାର, ଏରସମା ସାହିତ୍ୟ ସଂସଦ, ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ, ଗଙ୍ଗୋତ୍ରୀ ସାହିତ୍ୟ ଅନୁଷ୍ଠାନ, ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ, ପୂଜ୍ୟ ପୂଜା ସଂସଦ,ଶ୍ରୀବନ୍ତ ସ୍ମୃତି ସଂସଦର ମିଳିତ କରିଥିଲେ। ଏଥିରେ ବସନ୍ତ ମଞ୍ଜରୀ ଦାସ, କୈଳାସ ଚନ୍ଦ୍ର ପ୍ରଧାନ, ହୃଷୀକେଶ ଜେନା, ମହେଶ୍ୱର ସ୍ୱାଇଁ, କୈଳାସ ଚନ୍ଦ୍ର ସାଇଁ,ଅମ୍ବିକା ପ୍ରସାଦ ମହାନ୍ତି, ଅରୂପାନନ୍ଦ ସ୍ୱାଇଁ, ଚନ୍ଦ୍ରଜିତ୍ ଦାସ, ଅଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୀତାକାନ୍ତଙ୍କ କବିତା, ପ୍ରବନ୍ଧ ଓ ଭ୍ରମଣ କାହାଣୀ ଉପରେ ଆଲୋକପାତ କରିଥିଲେ। ଶେଷରେ ଶୁଭ ନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ସାହିତ୍ୟିକମାନେ।

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ**

# ଉତ୍ତମ ଶିକ୍ଷା ପାଇଁ କ୍ରୀଡ଼ା ଜରୁରୀ

ଜଗତ୍‌ସିଂହପୁର, ୩୦ା୧୧
(ପ୍ରମୋଦ କୁମାର ନାୟକ)

ଉତ୍ତମ ଶିକ୍ଷା ପାଇଁ ଉତ୍ତମ ଶରୀର ଆବଶ୍ୟକ। ଶରୀର ସୁସ୍ଥ ରହିଲେ ମନ ସୁସ୍ଥ ରୁହେ। ଆଉ ମନ ସୁସ୍ଥ ରହିଲେ ଶିକ୍ଷା ଗ୍ରହଣ କରିହୁଏ। ତେଣୁ ପିଲାମାନେ ସବୁବେଳେ ଶାରୀରିକ ଅର୍ଥାତ୍ ଯୋଗ, ବ୍ୟାୟାମ, ଖେଳକୁଦ ଆଦି କରିବା ଦରକାର। ଗତ ୨୯ ତାରିଖରୁ ୨ ଦିନ ଧରି ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଅନୁଷ୍ଠିତ ୩୬ତମ ବାର୍ଷିକ କ୍ରୀଡ଼ା ସମାରୋହରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ପ୍ରତିଯୋଗିତାରେ ମୋଟ ୧୦୩୭ ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ୨୭୦ ଜଣ କୃତିତ୍ୱ ଅର୍ଜନ କରିଥିଲେ। ଗୁରୁବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜଗତ୍‌ସିଂହପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ପରିଚାଳକ ସୁଶାନ୍ତ କୁମାର ଅଧିକାରୀ ମୁଖ୍ୟଅତିଥି, ପରିଚାଳନା ସମିତିର ଉପସଭାପତି ଜ୍ୟୋତିର୍ମୟୀ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଗତ ୨୯ରେ ଡିଆଇପିଆର୍‌ଓ କାମିନୀ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଧାପକ ନିରଞ୍ଜନ ବିଶ୍ୱାଳ ଓ ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାଶ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଶ୍ରୀରଙ୍ଗ ଆଶିଷ ପାତ୍ର ଦୀପ ପ୍ରଜ୍ୱଳନ, ବିଦ୍ୟାଳୟ ଶାରୀରିକ ଶିକ୍ଷା ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ପଣ୍ଡା କ୍ରୀଡ଼ା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସମସ୍ତ ଆଚାର୍ଯ୍ୟା,ଆଚାର୍ଯ୍ୟ ଓ ସେବିକା ସେବକ ବାର୍ଷିକ କ୍ରୀଡା ଉତ୍ସବକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ସମାରୋହରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଉଦ୍‌ଘାଟିତ

ନୟାଗଡ଼,୩୦।୧୧
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨୯କୋଟି ୨୨ ଲକ୍ଷ ୫୦ ହଜାର ଅନୁଦାନରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ଆଭାସି(ଭିଡିଓ କନଫେରେନ୍ସ)ରେ ଉଦ୍‌ଘାଟନ କରିଛନ୍ତି । ଏ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା । ନୟାଗଡ଼ ମ୍ୟୁନସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଚିକିତ୍ସାଳୟ ପରିସରରେ ଫିତା କାଟି ଉଦ୍‌ଘାଟନ କରିଥିଲେ । ଏଥିରେ ନୟାଗଡ଼ ବିଧାୟକ କହିଥିଲେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଗୁରୁବାର ୧୧୪୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୧୪୦ କୋଟି ଟଙ୍କାରେ ୧୦୩ଟି ପ୍ରକଳ୍ପ ଉଦ୍‌ଘାଟନ ହୋଇଛି । ୧୪୦ କୋଟି ଟଙ୍କାରେ ନୟାଗଡ଼ ଜିଲାର ଭାଗ କେବଳ ୪୦ କୋଟି ରହିଥିଲା । ୪୦ କୋଟିରେ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨୯କୋଟି ୨୨ ଲକ୍ଷ ୫୦ ହଜାର ଅନୁଦାନରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ରହିଛି । ସେହିପରି ରଣପୁର ସମେତ ଆଉ କିଛି ପ୍ରକଳ୍ପ ଜିଲାରେ ଉଦ୍‌ଘାଟନ ହୋଇଛି । ଅବଶିଷ୍ଟ ୧ ହଜାର କୋଟି ବ୍ୟୟରେ ରାଜ୍ୟରେ ୩୭୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ହୋଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୫ଟି ଉପକ୍ରମରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପାନ୍ତରିତ ହୋଇ ପାରିଛି । ଏହା ଦ୍ୱାରା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲୋକଙ୍କର ଆସ୍ଥା ଓ ଚାହିଦା ବଢ଼ିବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ସୁଖି ଓଡିଶା ଓ ସୁସ୍ଥ ଓଡିଶା ଗଠନ କରିବାକୁ ଚାହାନ୍ତି ବୋଲି କହିଥିଲେ । ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ କହିଥିଲେ ପ୍ରସୂତି ମହିଳାଙ୍କୁ ଆଉ ବାହାରକୁ ପଠାଅ ନାହିଁ । ସରକାର ସବୁ ପ୍ରକାରର ସୁବିଧା ଯୋଗାଇ ଦେଇଥିବାରୁ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ଓ ରୋଗୀଙ୍କୁ ଚିକିତ୍ସା କରାନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସେହିପରି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଓ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡା ପ୍ରମୁଖ ସ୍ୱାସ୍ଥ୍ୟସେବା ଉପରେ ଟିପ୍ପଣୀ ଦେଇଥିଲେ । ଶୁକ୍ରବାର ଠାରୁ ୧୦୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର କାମ କରିବ । ପୂର୍ତ୍ତ ବିଭାଗର ଏସିଇ ମଞ୍ଚାସୀନ ଥିଲେ ।ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଧନ୍ୟବାଦ ଦେଇଥିଲେ ।

### ଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ

ରଣପୁର ବିଧାୟକ ଭାଷଣ ଦେଉଥିବାବେଳେ ମଞ୍ଚ ଲାଇନ ବାରମ୍ବାର କଟୁଥିଲା । ରଣପୁର ବିଧାୟକଙ୍କ ଭାଷଣ ଦେଉଥିବାବେଳେ ନୟାଗଡ଼ ବିଧାୟକ ଭାଷଣ ଦେବା ପାଇଁ ସଭାସ୍ଥଳରେ ପରିକ୍ରମା କରିଥିଲେ । ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଭାଷଣ କମ କରିବାକୁ ବାରମ୍ବାର କହିବା ସତ୍ତ୍ୱେ ରଣପୁର ବିଧାୟକ ଶୁଣି ନ ଥିଲେ । ବିଧାୟକଙ୍କ ଭାଷଣ ବନ୍ଦ କରିବାକୁ ଜାଣି ଶୁଣି ଲାଇନ କଟା ଯାଉଥିବା ଚର୍ଚ୍ଚା ହେଉଛି । କାରଣ ଅନ୍ୟ ଅତିଥିଙ୍କ ଭାଷଣ ସମୟରେ ମଞ୍ଚ ଉପର ବିଦ୍ୟୁତ୍ ଠିକ୍ ଥିଲା । ଶେଷରେ ରଣପୁର ବିଧାୟକ ଭାଷଣ କାଟ୍‌ଛାଟ କରି ବସି ପଡିଥିଲେ ।

# ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ବିଦ୍ୟାଳୟ ପରିଦର୍ଶନ

ନୂଆଗାଁ,୩୦।୧୧
(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ପ୍ରାଧିକରଣ ସଚିବ ବିଶେଷ କୁମାର ସାହୁ ଗୁରୁବାର ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲା ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ପରାମର୍ଶକ୍ରମେ ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ ନୂଆଗାଁ ବ୍ଲକ ଚାହାଳିସ୍ଥିତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଆୟୋଜିତ ଆଇନ ସେବା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଇନ ସେବା ସଚେତନତା ସଭାରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ଛାତ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ , ଶୁଭସ୍ମିତା ସାହୁ ,ଛାତ୍ର ଶକ୍ତି ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଜିଲା ପ୍ରାଧିକରଣ ସଚିବ ତଥା ବରିଷ୍ଠବର୍ଗ ବିଚାରପତି ସାହୁ ପୋକ୍‌ସୋ ଆଇନ, ମୌଳିକ କର୍ତ୍ତବ୍ୟ , ବାଲସୁଧାର ସତର୍କରେ ଜ୍ଞାନ ପ୍ରଦାନ କରିଥିଲେ । ସଚିବ ସାହୁ ବିଦ୍ୟାଳୟର ଶୈକ୍ଷିକ ପରିବେଶ ତଥା ପରିମଳ, ଜଳ ଯୋଗାଣ, ପାଠାଗାର ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଶୃଙ୍ଖଳା ଜ୍ଞାନକୁ ପ୍ରଶଂସା କରିଥିଲେ । ଆଇନ ସେବା ପରିଷଦର ସଦସ୍ୟ ମହମ୍ମଦ ଓମାର ମଲିକ ଜାତୀୟତା ଜ୍ଞାନ ହିଁ ସମାଜର ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ । ବିଦ୍ୟାଳୟର ସ୍କାଉଟ୍ ଗାଇଡ୍ , ଜୁନିୟର ରେଡ଼କ୍ରସ, ପୋଲିସ କ୍ୟାଡେଟର ଛାତ୍ରୀଛାତ୍ରମାନେ ପ୍ରଶ୍ନଉତ୍ତର ମାଧ୍ୟମରେ ବହୁ ତଥ୍ୟ ପାଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସତ୍ୟନାରାୟଣ ସାହୁ , ଶତ୍ରୁଘ୍ନ ପ୍ରଧାନ , ଲକ୍ଷ୍ମୀଧର ସାହୁ , ମନୋଜ କୁମାର ପଣ୍ଡା, ଚିନ୍ତାମଣୀ ମିଶ୍ର, କବିତା ବେହେରା , ନିହାରିକା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ ।

# କଂସା ପିତଳ କାରିଗରଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ ପାଇଁ ଦାବି

ଖଣ୍ଡପଡ଼ା,୩୦।୧୧
(ଅଜୟ କୁମାର ମହାରଣା)

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଦର୍ଶନା ଜର୍ଦୋସାଙ୍କୁ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ବିଶ୍ୱକର୍ମା ଯୋଜନାରେ କଂସା ପିତଳ କାରିଗରମାନଙ୍କୁ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି । ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ଓ ଖଳିସାହି ପଞ୍ଚାୟତରେ ହଜାରରୁ ଊର୍ଦ୍ଧ୍ୱ ପରିବାର କଂସା, ପିତଳ କାରିଗରୀ ଉପରେ ନିର୍ଭର କରି ଜୀବିକାନିର୍ବାହ କରିଥାଆନ୍ତି । ଏ ହସ୍ତଶିଳ୍ପ ସାରା ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଗୁରୁବାର ଏ ସଂକ୍ରାନ୍ତରେ ପଣ୍ଡା ବହୁ ସମୟ ପର୍ଯ୍ୟନ୍ତ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏକ ପତ୍ର ପ୍ରଦାନ କରିଛନ୍ତି । ଏହି ଯୋଜନାରେ କଂସା ପିତଳ କାରିଗରମାନେ ସାମିଲ ହେବା ପରେ କାରିଗରମାନଙ୍କ ପାଇଁ ମାଗଣା ଟ୍ରେନିଂ, ଲୋନ୍ ବ୍ୟବସ୍ଥା, ଯନ୍ତ୍ରପାତି କିଣିବା ପାଇଁ ଆର୍ଥିକ ସହାୟତା ମିଳିପାରିବ । ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଭାଜପା ସଙ୍ଗଠକ ପରମେଶ୍ୱର ମହାନ୍ତି, ପ୍ରକାଶ ସାହୁ, କାଶୀନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ପାରଳାଖେମୁଣ୍ଡି, ୩୦।୧୧
(ଗିରିଧାରୀ ପରିଛା)

ଗଜପତି ଜିଲା ଗାରାବନ୍ଧ ଥାନା ରାୟଗଡ଼ ବ୍ଲକ କଇଁପୁରୁ ପଞ୍ଚାୟତ ଅନ୍ତର୍ଗତ ଅମ୍ବରସିଂ ଗ୍ରାମରେ ଘଟିଛି ହତ୍ୟାକାଣ୍ଡ। ନିଜର ଦ୍ୱିତୀୟ ସ୍ତ୍ରୀଙ୍କୁ ନିଶାସକ୍ତ ହୋଇ ସ୍ୱାମୀ ପେଟକୁ ଲାତ ମାରି ଗୁରୁତର କରିଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ପାରଳାଖେମୁଣ୍ଡି ମୁଖ୍ୟ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ଦୁଶୀଳା ଶବର। ଏ ନେଇ ଗାରାବନ୍ଧ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଗୁରୁନାଥ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଶୀଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ନେତୃତ୍ୱରେ ପୋଲିସ ସହ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି।

# ବିଡିପୁରରେ ଆମ ପୋଲିସ ସମିତି ବୈଠକ



ଜଗନ୍ନାଥପ୍ରସାଦ, ୩୦।୧୧
(ବିଭୂପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ପୋଲିସ ପକ୍ଷରୁ ବିଡିପୁର ଆମ ପୋଲିସ ସମିତି ବୈଠକ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ଥାନା ଅଧିକାରୀ ଅରୁଣ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମହୋଦୟା ରଶ୍ମିତା ସାହୁ , ସମିତି ସଭ୍ୟା ଗୀତାରାଣୀ ବାରିକ, କନ୍ଧମାଳ ଏମପି ପ୍ରତିନିଧି ବିପ୍ର ଚରଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ସମସ୍ୟା, ପୋଲିସ ଓ ଜନସମ୍ପର୍କ, ବାଲ୍ୟ ବିବାହ ରୋକିବା ଓ ଗୁଣି ସନ୍ଦେହ, ସାମାଜିକ ବାସନ୍ଦ ସମ୍ପର୍କ, ଜନସାଧାରଣଙ୍କ ପୋଲିସ ପ୍ରତି ଥିବା ଭୟ ଦୂର କରିବା, ସାଇବର ଠକ ଉପରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା । କନେଷ୍ଟବଳ ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ସମେତ ପୋଲିସ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ୧୩ ବର୍ଷ ପରେ ରାୟ ପ୍ରକାଶ

## ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

ହିଞ୍ଜିଳିକାଟୁ, ୩୦।୧୧
(ଦ୍ୱିତୀକୃଷ୍ଣ ପଣ୍ଡା)

ଦୀର୍ଘ ୧୩ ବର୍ଷର ଆଇନଗତ ଲଢ଼େଇ ପରେ ବଳତ୍କାରୀଙ୍କୁ ଦଣ୍ଡ ପ୍ରଦାନ ହୋଇଛି। ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଞ୍ଚଳର ଜଣେ ବଳାତ୍କାରୀଙ୍କୁ ହିଞ୍ଜିଳିକାଟୁ ସବଜଜ୍ ଅବକାଶ ଚୌଧୁରୀ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି। ପ୍ରକାଶ ଯେ, ୨୦୧୦ ସେପ୍ଟେମ୍ବର ୧୩ରେ ହିଞ୍ଜିଳି ଥାନା ସୋମପୁର ଗ୍ରାମର ଜଣେ ମହିଳାଙ୍କୁ ସେହି ଗ୍ରାମର ରାଜୁ ଗୌଡ଼ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ରାମପ୍ରସାଦ ସାହୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଉକ୍ତ ମାମଲାରେ ୩୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସବଜଜ୍ ଚୌଧୁରୀ ଗୁରୁବାର ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଓକିଲ ପ୍ରମୋଦ କୁମାର ଦଳାଇ ମାମଲା ପରିଚାଳନା କରିଥିଲେ।

# ବାଇକ୍ ସହ ୭୫ଲିଟର ଦେଶୀମଦ ଜବତ



ଜବତ ମଦ ଓ ବାଇକ୍ ସହ ୩ ଅଭିଯୁକ୍ତ।

## ୩ ଯୁବକ ଜେଲ ଗଲେ

ରଣପୁର,୩୦।୧୧
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଅବକାରୀ ପୋଲିସ ଗୁରୁବାର ସକାଳୁ ଦୁଇଟି ସ୍ଥାନରେ ଚଢ଼ାଉ କରି ୭୫ ଲିଟର ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ୩ ଜଣ ଯୁବକଙ୍କୁ ଗିରଫ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ନରସିଂହପୁର ଗ୍ରାମର ଚିତ୍ତରଞ୍ଜନ ସାହୁ (୨୭), ଅମ୍ବଝର ଗ୍ରାମର ରାକେଶ କୁମାର ଶ୍ରୀଚନ୍ଦନ(୩୨) ଓ ଶରତ ଶ୍ରୀଚନ୍ଦନ (୨୯) । ଏ ସଂକ୍ରାନ୍ତରେ ରଣପୁର ଅବକାରୀ ଥାନାରେ ୨ଟି ମାମଲା (ନଂ.୧୪୨/ ୧୪୩/ ୨୦୨୩ ରୁଜୁ ହୋଇଛି ।

ସୂଚନା ଅନୁଯାୟୀ, ରଣପୁର ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବଢୁଛି । ଏହାକୁ ନେଇ ଅବକାରୀ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଗୁରୁବାର ସକାଳେ ରଣପୁର ଅବକାରୀ ପୋଲିସ ଅଧିକାରୀ ସୁରେଶ ଚନ୍ଦ୍ର ପାଣ୍ଡି, ଏଏସ୍‌ଆଇ ସୁବାସ ଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ରଣପୁର ଥାନା ଅନ୍ତର୍ଗତ ନରସିଂହପୁର ଗାଁ ମୁଣ୍ଡରେ ଜଗି ରହିଥିଲେ । ଚିତ୍ତ ରଞ୍ଜନ ଓ ରାକେଶ ଏକ ବାଇକ୍(ନଂ. OD୨୫C୬୪୫୪)ରେ ଜରାକିନିରେ ୫୦ ଲିଟର ଦେଶୀମଦ ଧରି ରଣପୁର ଅଭିମୁଖେ ଯାଉଥିଲେ । ଏହି ସମୟରେ ଅବକାରୀ ପୋଲିସ ସେମାନଙ୍କୁ ଅଟକାଇ ମଦ ଓ ବାଇକ୍‌କୁ ଜବତ କିରିବା ସହ ୨ ଯୁବକଙ୍କୁ ଗିରଫ କରିଥିଲା । ସେହିପରି ଆମ୍ବଝର ଗ୍ରାମ ଛକରେ ଗାଡ଼ିକୁ ଅପେକ୍ଷା କରିଥିବା ଶରତଙ୍କୁ ଗିରଫ କରାଯିବା ସହିତ ଏକ ଜାରକିନିରେ ସେ ରଖିଥିବା ୨୫ ଲିଟର ଦେଶୀମଦକୁ ଜବତ କରାଯାଇଛି ।

# ଜୁଆ ଆଡ୍ଡାରେ ଚଢ଼ାଉ,୪ ଗିରଫ

ଓଡ଼ଗାଁ,୩୦।୧୧
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ଥାନା ପୋଲିସ ବୁଧବାର ସନ୍ଧ୍ୟାରେ ଢୋଲମସ୍କା ପାହାଡ ଉପରେ ଚାଲିଥିବା ଜୁଆ ଆଡ୍ଡାରେ ଚଢାଉ କରି ୪ ଜଣକୁ ଗିରଫ କରିଛି । ଘଟଣାସ୍ଥଳରୁ ୧୨ ହଜାର ୬୬୬ ଟଙ୍କା ଜବତ କରିଛି । ଏଥିସହିତ ସହିତ ୩ଟି ମୋବାଇଲ ସହିତ ଓଡି ୧୦ ବି ୬୯୦୪ ଏବଂ ଓଆର ୦୨ ବି ଏସ ୫୨୦୭ ନମ୍ବର ବିଶିଷ୍ଟ ୨ ବାଇକ, ଓଡି ୨୫ ସି ୫୭୫୩ ସ୍କୁଟି, ଓଡି ୦୫ ଏପି ୭୦୩୯ ଡାଲାଅଟୋ, ଓଡି ୦୨ ଏୱାଇ ୯୦୫୫ ନମ୍ବରର ଏକ କାର ଜବତ କରାଯାଇଛି । । ଗିରଫ ବ୍ୟକ୍ତିମାନେ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଠେଙ୍ଗାଧର ଗାଁର ପ୍ରମୋଦ କୁମାର ପ୍ରଧାନ(୫୨), ସେହିଥାନା ଇଙ୍ଗିନାଠୀ ଗାଁର ବିଷ୍ଣୁ କ୍ଷେତ୍ର(୪୨), ଓଡ଼ଗାଁ ଥାନା ପାଇକ ବାଙ୍କତରାର ପଦ୍ମନାଭ ଦଳବେହେରା(୪୭), ଓଡ଼ଗାଁ ପଟଣା ସାହିର ବିଜୟ ମହାରଣା(୫୮) । ସେମାନଙ୍କୁ ଗୁରୁବାର କୋଟ ଚାଲାଣ କରାଯାଇଥିଲା । ଶରଣକୁଳ ଏସଡିପିଓ ସୁଧାକର ସାହୁଙ୍କ ନେତୃତ୍ୱରେ ଓଡ଼ଗାଁ ଆଇଆଇସି ରଶ୍ମିରଞ୍ଜନ ଦାସ, ଏସ୍‌ଆଇ ଚକ୍ରଧର ପରିଡ଼ା, ଏସଆଇ ମନୋଜ କୁମାର ପାତ୍ରଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଚଢ଼ାଉ କରିଥିଲେ ।

# ବିଦ୍ୟା ଜ୍ୟୋତି ସମ୍ମାନ ସମାରୋହ

ଗଞ୍ଜାମ,୩୦।୧୧
(ବିଦ୍ୟାଧର ସାହୁ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟା ଜ୍ୟୋତି ସମ୍ମାନ-୨୦୨୩ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଭରସାର ସଭାପତି ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଜିଲା ପର୍ଯ୍ୟଟନ ଅଧିକାରୀ ତଥା ବିଇଏମ୍‌ସିର ଡେପୁଟି କମିଶନର ବିନୋଦ କୁମାର ବେହେରା, ମୁଖ୍ୟବକ୍ତା ଅନୀଲ କୁମାର ବିଷୋୟୀ (ଓଏଏସ), ସମ୍ମାନନୀୟ ଅତିଥି ରୂପେ ରାଜ୍ୟ ଗ୍ରୀଡକୋ ସିଏସ୍‌ଆର ମୁଖ୍ୟ ବିପିନ କୁମାର ମହାପାତ୍ର, ଗଞ୍ଜାମ କଲେଜ ଅଧ୍ୟାପକ





ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗିରିଶ କୁମାର ଆଚାର୍ଯ୍ୟ, ଗଞ୍ଜାମ ଥାନାଧିକାରୀ ସୁମିତ୍ରା ପାତ୍ର, ଶିକ୍ଷାବିତ୍ ଦୁର୍ଗାପ୍ରସାଦ ପଟ୍ଟନାୟକ, ଗ୍ରାସିମ କମ୍ପାନୀର ଶ୍ରମିକ ସଂଘ ସମ୍ପାଦକ ସନ୍ତୋଷ ରେଡ୍ଡୀ ଯୋଗଦେଇଥିଲେ। ମାଟ୍ରିକ ଟପ୍ପର ଗାୟତ୍ରୀ ମହାପାତ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଣଯୋଗାଯୋଗ ବିଭାଗରେ ସ୍ୱର୍ଣ୍ଣପଦକ ପାଇଥିବା ଅଖିଳ ତରେଇ, ଗଞ୍ଜାମ ବ୍ଲକ, ଏନଏସି ଓ ରମ୍ଭା ଏନଏସି ଅନ୍ତର୍ଗତ ୨୪ ଉଚ୍ଚ ବିଦ୍ୟାଳୟର ମାଟ୍ରିକ, ୭ କଲେଜ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଟପ୍ପର ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଟପ୍ପର, ୨ ଆଇ.ଟି.ଆଇ ଟପ୍ପରଙ୍କ ସମେତ ଗଞ୍ଜାମ ବ୍ଲକରେ ଓଏଏସ୍ ପାଇଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକରେ ଲଗାତର ଭାବେ ଷଷ୍ଠ ଥର ପାଇଁ ଟପ୍ପର ହୋଇଥିବା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଆଦିତ୍ୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇ ସ୍କୁଲକୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଅଧପନ୍ତରିଆ ଗୋଷ୍ଠୀ ଶୌଚାଳୟ

ନୂଆଗାଁ,୩୦।୧୧
( ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟ ଓ ସବ୍-ରେଜିଷ୍ଟର କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କ ସୁବିଧା ପାଇଁ ତହସିଲ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ଶୌଚାଳୟ ଦୀର୍ଘ ମାସ ହେଲା ଅଧପନ୍ତରିଆ ଭାବେ ପଡ଼ି ରହିଛି । ଫଳରେ କୌଣସି କାମରେ ଉକ୍ତ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ହଇରାଣ ହେଉଛନ୍ତି । ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଉକ୍ତ ଶୌଚାଳୟକୁ ପୂର୍ଣ୍ଣାଙ୍ଗ କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନୂଆଗାଁ ତହସିଲ କାର୍ଯ୍ୟାଳୟ ଓ ସବ୍-ରେଜିଷ୍ଟର କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ପ୍ରତିଦିନ ଅନେକ ଲୋକ ଆସୁଛନ୍ତି। ଜମିବାଡ଼ି କିଣାବିକା କରିବା ପାଇଁ ବହୁ ମହିଳା ବି ଅଫିସ ଆସୁଛନ୍ତି। ସେମାନଙ୍କ ସୁବିଧା ନିମନ୍ତେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ତରଫରୁ ଗୋଷ୍ଠୀ ଶୌଚାଳୟ ନିର୍ମାଣ



ତହସିଲ କାର୍ଯ୍ୟାଳୟ ପରିସରରେ ଅଧପନ୍ତରିଆ ଶୌଚାଳୟ।

ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା । ତେବେ ନିର୍ମାଣ ଆରମ୍ଭ କରିବା ପୂର୍ବରୁ ପ୍ରଥମେ କାର୍ଯ୍ୟର ଏଷ୍ଟିମେଟ କରି କାର୍ଯ୍ୟ ଆରମ୍ଭ କରିବାର ନିୟମ ରହିଥିବା ବେଳେ ତାହା ନ କରି ଠିକାଦାର ଓ ଯନ୍ତ୍ରୀ ମନଇଛା କାର୍ଯ୍ୟ କରିଥିଲେ । ଏହାପରେ ନିର୍ମାଣ କାର୍ଯ୍ୟକୁ ଅଧପନ୍ତରିଆ ଭାବେ ଛାଡି ଦେଇଥିଲେ। ପୁନର୍ବାର ଅନୁଦାନ ଆସିଲେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ ବୋଲି ଯନ୍ତ୍ରୀ କହୁଛନ୍ତି। ସାଧାରଣ ଲୋକଙ୍କୁ ମାତ୍ର ୧୨ ହଜାର ଟଙ୍କା ଅନୁଦାନ ଦେଇ ଶୌଚାଳୟ ନିର୍ମାଣ କରିବା ପାଇଁ କୁହାଯାଉଛି । ସେହିଭଳି ସାଧାରଣ ଲୋକକୁ ମାତ୍ର ୧ ଲକ୍ଷ ୩୦ ହଜାର ଟଙ୍କାରେ ୬ ମାସ ମଧ୍ୟରେ ଆବାସ ଗୃହ ନିର୍ମାଣ କରି ସେହି ଘରେ ରହିବାକୁ କୁହାଯାଉଛି । କିନ୍ତୁ ୩ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ସ୍ଥାନରେ ୩ ଶୌଚାଳୟ ନିର୍ମାଣ କରାଯାଇ ନ

**■ ଅଭିଯୋଗ ପରେ ବି ସୁଧୁରିଲାନି ସମସ୍ୟା**
**■ ହଇରାଣ ହେଉଛନ୍ତି ସାଧାରଣ ଜନତା**

ପାରିବା ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଶୌଚାଳୟରେ ଛାତ ପଡି ବାହାର କାନ୍ଥ ପ୍ଲାଷ୍ଟରରେ କାମ ଅଟକି ରହିଛି। ଏଥିପାଇଁ କୌଣସି କାମରେ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଅନେକ ଅସୁବିଧା ଭୋଗୁଛନ୍ତି । ପୁରୁଷମାନେ ବିଭିନ୍ନ ସ୍ଥାନରେ ପରିସ୍ରା କରୁଥିବା ବେଳେ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ମୋ ପାଖକୁ ଏ ଅଭିଯୋଗ ଆସି ନ ଥିଲା । ଏ ସଂକ୍ରାନ୍ତରେ ମୁଁ ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀଙ୍କ ସହ ଆଲୋଚନା କରିବି ଏବଂ ଶୌଚାଳୟକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି।

# ଲାଲ କଙ୍କଡ଼ାଙ୍କୁ ବର୍ଜ୍ୟବସ୍ତୁ କାଳ

■ ସମୁଦ୍ର ବେଳାଭୂମିର ସୁନ୍ଦରୀ ରାଣୀ 'ମେକ୍ରୋ ସେରା' ଜୀବନ ପ୍ରତି ବିପଦ

■ ସାମୁଦ୍ରିକ ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି



ମହାକାଳପଡ଼ା,୩୦।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ପ୍ରକୃତି ରାଣୀର ଅପୂର୍ବ ସୌନ୍ଦର୍ଯ୍ୟକୁ ଯିଏ ବି ଦେଖୁନା କାହିଁକି ଘଡ଼ିଏ ଅଟକି ଯିବ। ଆଉ ମନ ଭରି ଏହାକୁ ଉପଭୋଗ କରିବା ସହ ତା'ର ପ୍ରେମରେ ପଡ଼ିବା ସାର୍ ହେବ। ଏହି ଯେମିତି ଚତୁଃପାର୍ଶ୍ୱସ୍ଥ ସମୁଦ୍ରର ନୀଳ ଜଳରାଶିର ବିସ୍ତୀର୍ଣ୍ଣ ବେଳାଭୂମି ଆଉ ତାରି ଭିତରେ ମେକ୍ରୋ ସେରା ବା ଲାଲ୍ କଙ୍କଡାର ମେଳି ସମୁଦ୍ର ବେଳାଭୂମିର ଅନନ୍ୟ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରେ। ଏହି ଲାଲ୍ ରଙ୍ଗର କଙ୍କଡ଼ା ଓଡ଼ିଶା ଉପକୂଳର ବିଶେଷ ଭାବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ତଥା ହୁକିଟୋଲା, ମାଦଳୀ, ଲଞ୍ଚଘୋଲା, ତଣ୍ଡା, ଅଗରନାଶି ଆଦି ବାଲୁକା ଶଯ୍ୟାର ଗହୀର ଗାତ ଏମାନଙ୍କ ବାସସ୍ଥାନ ପାଲଟିଛି। ବାଲୁକା ଶଯ୍ୟା ଉପରେ ଲାଲ କଙ୍କଡାଙ୍କ ମେଳି ସୁନେଲି ବାଲି ଉପରେ ସେମାନଙ୍କ ଲୁଚକାଳି ଖେଳ ପରିବେଶ ଓ ପ୍ରକୃତିପ୍ରେମୀଙ୍କୁ ଆନମନା କରୁଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ କୂଳେ କୂଳେ ବିସ୍ତୀର୍ଣ୍ଣ ହେନ୍ତାଳ ଲୁଣା ଜଙ୍ଗଲ, ଜୈବ ବିବିଧତା ସାମୁଦ୍ରିକ ପରିବେଶ ସନ୍ତୁଳନ ରକ୍ଷା କରିବାରେ ଲାଲ୍ କଙ୍କଡ଼ା ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଏବେ ସେମାନଙ୍କ ପାଇଁ ବର୍ଜ୍ୟବସ୍ତୁ କାଳ ସାଜିଛି।

ଏହି ବିରଳ ପ୍ରଜାତିର ଲାଲ୍ ରଙ୍ଗର କଙ୍କଡାଗୁଡ଼ିକର ବିଶେଷ କରି ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଉପକୂଳ ଅଞ୍ଚଳରେ ପ୍ରଚୁର ପରିମାଣରେ ଦେଖିବାକୁ ମିଳନ୍ତି। ଏହି ବିରଳ ପ୍ରଜାତିର କଙ୍କଡା ଦୁଇରୁ ତିନି ଫୁଟ୍ ପର୍ଯ୍ୟନ୍ତ ବାଲିରେ ଗାତ ଖୋଳି ବାସସ୍ଥାନ ବନେଇଥାନ୍ତି। ମୃତ ଶୈବାଳ, ମଲା ମାଛ ଓ ଛୋଟ ଛୋଟ ସାମୁଦ୍ରିକ ଜୀବମାନଙ୍କୁ ଆହାର ରୂପେ ଗ୍ରହଣ କରିଥାନ୍ତି। ଏହି କଙ୍କଡାଙ୍କ ଲମ୍ବ ଦୁଇ ଇଞ୍ଚ ହୋଇଥିବା ବେଳେ ୨ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଏମାନେ ସଂଘବଦ୍ଧ ଭାବେ ବସବାସ କରିବା ପାଇଁ ପସନ୍ଦ କରନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଆସିବାର ଢେର୍ ପୂର୍ବରୁ ଏମାନେ ଆଗୁଆ ସୂଚନା ପାଇ ପାରନ୍ତି। ଶତ୍ରୁକୁ ଦେଖିବା ମାତ୍ରେ ଅତି କ୍ଷିପ୍ର ଗତିରେ ନିଜ ବାସସ୍ଥାନ ଗାତ କିମ୍ବା ସମୁଦ୍ର ଜଳକୁ ଚାଲିଯାଆନ୍ତି। ନବେ ଦଶକରେ ଏମାନଙ୍କ ସଂଖ୍ୟା ଢେର୍ ଅଧିକ ଥିଲା। ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ଝଡ଼ ବାତ୍ୟା ଓ ଅସନ୍ତୁଳିତ ପରିବେଶ, ଶିଳ୍ପ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ର ଜଳରେ ମିଶିବା ଦ୍ୱାରା ଏମାନଙ୍କ ବଞ୍ଚିବା ଓ ଜୀବନ ଶୈଳୀରେ ବାଧକ ସାଜିଛି। ଅପରପକ୍ଷେ ବେଳାଭୂମିର ତଟକ୍ଷୟ ଓ ପ୍ଲାଷ୍ଟିକଜାତ ସାମଗ୍ରୀ ସମୁଦ୍ର ଜଳରେ ଭାସି ଆସି ବେଳାଭୂମିରେ କୁଢ଼ କୁଢ଼ ଜମିବା ଦ୍ୱାରା ଏମାନଙ୍କ ଚଳ ପ୍ରଚଳରେ ବାଧା ସୃଷ୍ଟି ହେଉଛି। ଯାହା ଫଳରେ ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କଲେଣି। ସମୁଦ୍ର ବେଳାଭୂମିରେ ଏମାନେ ବିଚରଣ କରୁଥିବା ବେଳେ ଚିଲ, କୁଆ, ହେଏନା, ଫେରେଣ୍ଡା ଓ ଜଙ୍ଗଲୀ ଜନ୍ତୁମାନଙ୍କ ଦ୍ୱାରା ବେଳେ ବେଳେ ଶିକାର ହୋଇଥାନ୍ତି। ଏ ନେଇ ପରିବେଶବିତ୍ ସମରେନ୍ଦ୍ର ମାହାଲି କହିଛନ୍ତି, ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ। ସମୁଦ୍ରର ଆବର୍ଜନା ଦ୍ରବ୍ୟକୁ ଏମାନେ ଖାଇବା ଦ୍ୱାରା ସମୁଦ୍ର ପରିଷ୍କାର ରହିଥାଏ। ଏମାନଙ୍କର ସୁରକ୍ଷା ଓ ସଂରକ୍ଷଣର ଆବଶ୍ୟକତା ରହିଛି। ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ଦିନ ଥିଲା ଆମ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ଆଶାତୀତଠାରୁ ଢେର୍ ଅଧିକ ଥିଲା। ବିଭିନ୍ନ କାରଣରୁ ଏମାନଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇଛି। ବେଳ ଥାଉ ଥାଉ ଏହି ବିରଳ ଲାଲା କଙ୍କଡ଼ାଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସ୍ଥାନୀୟ ବନ ବିଭାଗ, ପର୍ଯ୍ୟଟକମାନେ ଆଗେଇ ଆସିଲେ ଏମାନଙ୍କ ବଂଶ ବିସ୍ତାର ହୋଇପାରିବ ନଚେତ ଭବିଷ୍ୟତ ପିଢ଼ିମାନେ କେବଳ ଛବିରେ ଦେଖିବା ସାର ହେବ।



ଗହୀରମଥା ସମୁଦ୍ର ବେଳାଭୂମି ବାଲୁକା ଶଯ୍ୟାରେ ଲାଲ କଙ୍କଡ଼ାଙ୍କ ମେଳି।

# ଗୋଆରେ ପ୍ରଶଂସା ସାଉଣ୍ଟିଲା 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'

**ଇଫି ଗୋଆ ଫିଲ୍ମ ବଜାର ପ୍ରିମିୟର ଶୋ'ରେ ଉଚ୍ଚ ପ୍ରଶଂସିତ**



କଳିଙ୍ଗନଗର,୩୦।୧୧(ଶୁଭାଶିଷ ରାଉତ):

ଦେବପ୍ରଭା ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ପ୍ରଥମ ଫିଚର୍ ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଅନ୍ତର୍ଜାତୀୟ ଗୋଆ ଫିଲ୍ମ ଫେଷ୍ଟିଭାଲ ଫିଲ୍ମ ବଜାରରେ ସଫଳତା ସାଉଣ୍ଟିଛି। ପ୍ରାୟ ୫୦ ଦେଶରୁ ଆସିଥିବା ଜୁରି ମେମ୍ବର, ଡିଷ୍ଟ୍ରିବ୍ୟୁଟର, ପ୍ରଡ୍ୟୁସର ଏବଂ ନିର୍ଦ୍ଦେଶକମାନଙ୍କ ଗହଣରେ ଓଡ଼ିଶାର ଏକମାତ୍ର ଫିଚର୍ ଫିଲ୍ମ ଭାବେ ଏହି ଫିଲ୍ମର ପ୍ରିମିୟର ଶୋ' କରାଯାଇଥିଲା। ସେମାନେ ଫିଲ୍ମଟିକୁ ଦେଖି ଉଚ୍ଚ ପ୍ରଶଂସା କରିଥିଲେ।

ଜଣେ ୧୦୪ ବର୍ଷୀୟ ବୃଦ୍ଧ ନନ୍ଦକିଶୋର ପୃଷ୍ଟି ନିଜର ଚାଟଶାଳୀ ମାଧ୍ୟମରେ କିପରି ୭୦ ବର୍ଷରୁ ଅଧିକ ସମୟ ଧରି ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରିଛନ୍ତି, ତାଙ୍କରି ଜୀବନୀକୁ ନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି। ଏହି ଶିକ୍ଷାଦାନ ନିମନ୍ତେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ମଧ୍ୟ ମିଳିଛି। ଫିଲ୍ମକୁ ସାମ୍ବାଦିକ ଅଭୟ ପତି ପ୍ରଯୋଜନା କରିଥିବାବେଳେ ଅନ୍ତର୍ଜାତୀୟସ୍ତରର ନିର୍ଦ୍ଦେଶକ ପ୍ରଣବ ଆଇଚ ନିର୍ଦ୍ଦେଶନାର ଭାର ସମ୍ଭାଳିଛନ୍ତି। ଅଭିନେତ୍ରୀ ନୈନା ଦାଶ ଏହାର ସହ ପ୍ରଯୋଜକ ଥିବାବେଳେ ଅସ୍ମିତା ପତି କାହାଣୀ ସଂଯୋଜନା କରିଛନ୍ତି। ଓଡ଼ିଶାର ଏକମାତ୍ର ଫିଲ୍ମ ଭାବେ ନ୍ୟାଶନାଲ ଫିଲ୍ମ ଲାଇବ୍ରେରି ଭିୟୁ ରୁମରେ ଏହା ସ୍ଥାନ ପାଇଛି। ଫିଲ୍ମ ପ୍ରିମିୟର ଶୋ'କୁ ଜର୍ମାନୀର ଲୀନା ଭୁର୍ମା, ଫିନଲାଣ୍ଡର ଲିଙ୍କା ଭେକଲଡି, ବିନୟ ଉମାପତି, ଓଡ଼ିଶାର ହିମାଂଶୁ ଖଟୁଆ ଓ ଜିତେନ୍ଦ୍ର ମିଶ୍ର ପ୍ରମୁଖ ଦେଖିବା ସହ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଡିସେମ୍ବରରେ କଲିକତାରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଆୱାର୍ଡ ସେରିମନିରେ ଏହାକୁ ଅଫିସିଆଲ ପ୍ରଦର୍ଶନ କରାଯିବ ବୋଲି ସୂଚନା ମିଳିଛି। ପ୍ରଥମଥର ପାଇଁ ଓଡ଼ିଶାରେ ଶିକ୍ଷା ଉପରେ ହୋଇଥିବା ଫିଲ୍ମ ଅନ୍ତର୍ଜାତୀୟସ୍ତରର ଏପରି ସଫଳତା ପାଇଥିବାରୁ ସବୁ ମହଲରେ ଏହାକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବ୍ରାହ୍ମଣୀ ନଦୀର ପୁନରୁଦ୍ଧାରକୁ ପରିବେଶବିତ୍‌ଙ୍କ ସ୍ୱାଗତ

କେନ୍ଦ୍ରାପଡ଼ା, ୩୦।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ବ୍ରାହ୍ମଣୀ ନଦୀର ଗୁରୁତ୍ୱ ଅଧିକ। ଏହି ନଦୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଜଳ ଉତ୍ସ ବିଭାଗ ସହ ଗୁଆହାଟୀ ଆଇଆଇଟି ସହ ଏମ୍‌ଓୟୁ ସ୍ୱାକ୍ଷରକୁ ଜିଲାର ପରିବେଶବିତ୍‌ମାନେ ସ୍ୱାଗତ କରିଛନ୍ତି। ବ୍ରାହ୍ମଣୀ ଉଦ୍ଧାର ହେଲେ ଜିଲାରେ ପାନୀୟ ଜଳ, କ୍ଷେତକୁ ଜଳସେଚନ ସହିତ ଭିତରକନିକାର ଜୈବ ବିବିଧତା ସୁରକ୍ଷିତ ହେବ ବୋଲି ସେମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଯୁବନେତା ରାଜେଶ କୁମାର ପଣ୍ଡା ପ୍ରମୁଖ କହିଛନ୍ତି, ବ୍ରାହ୍ମଣୀ ନଦୀ କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି, ସାମାଜିକ ଓ ପରିବେଶ ସହ ସମ୍ପୃକ୍ତ। ଓଡ଼ିଶାର ଏହି ଦ୍ୱିତୀୟ ବୃହତ୍ ନଦୀ ସୁନ୍ଦରଗଡ଼ ଜିଲା ରାଉରକେଲାରେ ଶଙ୍ଖ ଓ ଦକ୍ଷିଣ କୋଏଲର ସଙ୍ଗମସ୍ଥଳରୁ ବାହାରିଛି। ଓଡ଼ିଶାରେ ପ୍ରାୟ ୫୭ ପ୍ରତିଶତ ଅଞ୍ଚଳକୁ ବିସ୍ତାର କରିଥିବା ବେଳେ ଝାଡଖଣ୍ଡରେ ୪୦ ଓ ଛତିଶଗଡ଼ ରାଜ୍ୟରେ ୩ ପ୍ରତିଶତ ଅବବାହିକା ଅଛି। ସୁନ୍ଦରଗଡ଼, ଦେଓଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ଦେଇ ପ୍ରବାହିତ ହେଉଛି। ୧୩୯ କିଲୋମିଟର ଲମ୍ବର ଏହି ନଦୀରେ ରେଙ୍ଗାଲି ଡ୍ୟାମ୍, ସମଲ ବ୍ୟାରେଜ ଅଛି। ପଙ୍କପାଳଠାରେ ଦକ୍ଷିଣରେ ବ୍ରାହ୍ମଣୀ ଓ ବାମପାର୍ଶ୍ୱରେ ଖରସୁଆଁ ବିଭକ୍ତ ହୋଇ ପ୍ରବାହିତ ହେଉଛି। ସେହିପରି ବ୍ରିଟିଶ ଅମଳରୁ ଜେନାପୁରଠାରେ ବ୍ରାହ୍ମଣୀ ଓ ଜୋକଡିଆଠାରେ ଆନିକଟ ଅଛି। ଏହି ନଦୀରେ ବନ୍ୟା ଆସିଲେ କେନ୍ଦ୍ରାପଡ଼ା ଜିଲାର ଅନେକ ଗ୍ରାମ ଜଳମଗ୍ନ ହେଉଛି। ସେହିପରି ବ୍ରାହ୍ମଣୀର ଜଳ କ୍ଷେତ, ପାନୀୟ ଜଳ ଓ ଭିତରକନିକା ଆର୍ଦ୍ରଭୂମିକୁ ଜଳ ଯୋଗାଉଛି। ତେବେ ଅଣ ମୌସୁମୀ ସମୟରେ ଜଳଧାର ହ୍ରାସ ହେବାରୁ ଏହି ଜିଲାକୁ ପର୍ଯ୍ୟାପ୍ତ ଜଳ ମିଳୁନାହିଁ। ଅପରପକ୍ଷରେ ବ୍ରାହ୍ମଣୀ ନଦୀ ନିକଟରେ ରହିଥିବା ଶିଳ୍ପ ନଦୀରୁ ଜଳ ଶୋଷୁଥିବା ବେଳେ ଶିଳ୍ପ ନିର୍ଗତ ବିଷାକ୍ତ ପଦାର୍ଥ ଜଳରେ ମିଶୁଛି। ଫଳରେ ଜିଲାବାସୀ ଏହି ନଦୀ ଉପରେ ନିର୍ଭର କରୁଥିଲେ ମଧ୍ୟ ବିଷାକ୍ତ ଜଳ ହେତୁ ବ୍ୟବହାର କରିବାକୁ ପଛାଉଛନ୍ତି। ଗତ ସୋମବାର ହୋଇଥିବା ଏମ୍‌ଓୟୁ ଫଳରେ ଏହାର ଜଳକୁ ସୁପରିଚାଳନା ଓ ବିଷାକ୍ତ ପଦାର୍ଥ ଉପରେ ତୀକ୍ଷ୍ଣ ନଜର ରଖି ଗୁଆହାଟୀ ଆଇଆଇଟି ନିରାକରଣ ପାଇଁ ପ୍ରସ୍ତାବ ରଖିବ। ଯାହା ଜିଲାବାସୀଙ୍କ ପାଇଁ ଖୁସି ଆଣିଥିବା ବେଳେ ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ସୁଯୋଗ ମିଳିବ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ରାଜକୁମାର



@ ଧୃତିସୁନ୍ଦର



@ ଶକ୍ତିପ୍ରଜ୍ଞା



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଙ୍ଗଲୀ ମହୁମାଛି ଆତଙ୍କ: ଧାନ ବୋଝେଇ ଟ୍ରାକ୍ଟରରେ ମହୁଫେଣା



ଖରିନାସୀ ଗ୍ରାମ ବାରଶହ ଏକର ଜଙ୍ଗଲ ଜମି ନିକଟରେ ଧାନ ବୋଝେଇ ଟ୍ରାକ୍ଟରରେ ଜଙ୍ଗଲୀ ମହୁମାଛି।

## ଅଟକିଲା ଟ୍ରାକ୍ଟର, ଚିନ୍ତାରେ ଚାଷୀ

ମହାକାଳପଡ଼ା,୩୦।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ଖରିନାସୀ ଗ୍ରାମ ବାର ଶହ ଏକର ଜଙ୍ଗଲର ପାର୍ଶ୍ୱ ଜମିରୁ ସ୍ଥାନୀୟ ଚାଷୀମାନେ ଧାନ ଚାଷ କରିଥିଲେ। ଏବେ ଅମଳ ସମୟ ହୋଇଥିବାରୁ ଜମିରୁ କଟା ଯାଇଥିବା ଧାନକୁ ଏକ ଟ୍ରାକ୍ଟରରେ ବୋଝେଇ କରି ଚାଷୀ ଘରକୁ ଫେରୁଥିଲେ। ହେଲେ ଗୁରୁବାର ପୂର୍ବାହ୍ନରେ ହଠାତ ଏକ ଜଙ୍ଗଲୀ ମହୁମାଛି ଦଳ ଧାନ ବୋଝେଇ ଟ୍ରାକ୍ଟରକୁ ଘେରି ଯାଇଥିଲେ। ଫଳରେ ଚାଳକ ଭୟରେ ଟ୍ରାକ୍ଟର ଛାଡ଼ି ଘରକୁ ଆସିଥିଲେ। ଖରିନାସୀ ଗ୍ରାମର ଚାଷୀ ଚନ୍ଦ୍ରଶେଖର ଦାସ କିଛି ଉପାୟ ନ ପାଇ ଗାଡ଼ିରେ ମହୁମାଛି ଲାଗିଥିବା ସ୍ଥାନରେ ନିଆଁ ଧୂଆଁ ଦେଇଥିଲେ ମଧ୍ୟ ସେମାନଙ୍କର କିଛି ପ୍ରଭାବ ପଡ଼ି ନ ଥିଲା। ଏହି ମହୁମାଛି ଆତଙ୍କ ସୃଷ୍ଟି ପରେ ପଛରେ ଥିବା ୨ରୁ୩ଟି ଗାଡ଼ିରେ ପାଚିଲା ଧାନ ବୋଝେଇ ହୋଇଥିଲେ ମଧ୍ୟ ଭୟରେ ଉକ୍ତ ବାଟ ଦେଇ ଯାତାୟାତ ବନ୍ଦ ରହିଛି। ରିପୋର୍ଟ ଲେଖା ହେବା ବେଳକୁ ମହୁମାଛି ଟ୍ରାକ୍ଟରରେ ଲାଗି ରହିଥିବା ଦେଖିବାକୁ ମିଳିଥିଲା ବୋଲି ସ୍ଥାନୀୟ ବାସିନ୍ଦା ସୁଜିତ କୁମାର ମଣ୍ଡଳ କହିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ପୌର ପରିଷଦ ଶିଶୁ ଉଦ୍ୟାନ

■ ରକ୍ଷଣାବେକ୍ଷଣ ଅଭାବ

■ ୨୦୧୮ରେ ହୋଇଥିଲା ଉଦ୍‌ଘାଟନ

■ ଖେଳ ଉପକରଣ ଭାଙ୍ଗି ଶ୍ରୀହୀନ ହୋଇ ପଡ଼ିଛି



ଶିଶୁ ଉଦ୍ୟାନ ଭିତରେ ଶୋଇ ପଡ଼ିଥିବା ଶିଶୁ ଗଛ।

ପଟ୍ଟାମୁଣ୍ଡାଇ,୩୦।୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଲୋନିରେ ଥିବା ପୌରପରିଷଦ ଶିଶୁଉଦ୍ୟାନ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଓ ସୌନ୍ଦର୍ଯ୍ୟହୀନ ହୋଇ ପଡ଼ିରହିଛି। ପିଲାମାନଙ୍କ ମନୋରଞ୍ଜନ ପାଇଁ କରାଯାଇଥିବା ଶିଶୁ ଉଦ୍ୟାନ ପାର୍କ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଖେଳ ଉପକରଣ ସବୁ ଭାଙ୍ଗି ଯାଇଛି। ଫଳରେ ପିଲାଙ୍କ ଜୀବନ ପ୍ରତି ବିପଦ ଦେଖାଯିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହା ନିର୍ମାଣ ହୋଇଥିଲା ତାହା ବିଫଳ ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅଭିଭାବକ ଅଶୋକ ଲେଙ୍କା କହିଛନ୍ତି, ଶିଶୁମାନଙ୍କ ମନୋରଞ୍ଜନ ପାଇଁ ପୌର ପରିଷଦ ପକ୍ଷରୁ ଏହି ଶିଶୁ ଉଦ୍ୟାନ ୨୦୧୮ରେ ଉଦ୍‌ଘାଟନ କରାଯାଇଥିଲା। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପୌର ପରିଷଦ ହାତରେ ନ୍ୟସ୍ତ ଥିଲା। ମାତ୍ର ବର୍ଷବର୍ଷ ହେବ ଶିଶୁ ଉଦ୍ୟାନର କୌଣସି ମରାମତି କିମ୍ବା ଉନ୍ନତୀକରଣ କାର୍ଯ୍ୟ କରାଯାଇ ନ ଥିବାରୁ ଗୋଟିଏ ପରେ ଗୋଟିଏ ଉପକରଣ ଭାଙ୍ଗି ଚାଲିଛି। ଅବସ୍ଥା ଏଭଳି ହେଲାଣି କେତେକ ଉପକରଣ ମାଟିରେ ମିଶିବାକୁ ବସିଲାଣି। ପୌର କର୍ମଚାରୀଙ୍କ ରକ୍ଷଣାବେକ୍ଷଣ ଅଭାବରୁ ପାର୍କରେ ପିଲାଙ୍କ ପାଇଁ ଥିବା ଖେଳ ସାମଗ୍ରୀ, ଯୁବକଙ୍କ ପାଇଁ ଥିବା ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର ଓ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ୱାଟର ଫାଉଣ୍ଟେନ ସବୁକିଛି ନଷ୍ଟ ହୋଇଯାଇଛି। କେବଳ ଲୁହା ଖୁଣ୍ଟ ଛିଡ଼ା ହୋଇଛି। ପୌରସଂସ୍ଥାର ବେପରୁଆ ମନୋଭାବ ଯୋଗୁ ଏହା ଏବେ ଶିରୀ ହରାଇଛି। କିଛି ମାସ ତଳେ ପୌର ପରିଷଦ ପକ୍ଷରୁ ଏହାର ଉନ୍ନତୀକରଣ ପାଇଁ ରଙ୍ଗ ଲେପା ଯାଇଥିଲା। ହେଲେ ଫଟା ଭଙ୍ଗା ଉପକରଣଗୁଡ଼ିକର ମରାମତି କରାଯାଇନାହିଁ। ଏକଦା ଶିଶୁଙ୍କ ଧାଁ ଦଉଡ଼, ହର୍ଷୋଲ୍ଲାସରେ ଫାଟି ପଡୁଥିବା ଏହି ପାର୍କ ପୌରସଂସ୍ଥାର ଅବହେଳା କାରଣରୁ ଶୂନ୍‌ଶାନ୍ ହୋଇପଡ଼ିଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପୌର ପରିଷଦ କାର୍ଯ୍ୟାଳୟ ପାଖ ଅଫିସରମାନଙ୍କ କଲୋନି ଭିତରେ ଥିବା ସହରବାସୀ ପ୍ରଥମ ପସନ୍ଦର ଶିଶୁ ଉଦ୍ୟାନଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଉଜୁଡ଼ି ଗଲାଣି। ଏହି ଉଦ୍ୟାନ ଭିତରେ ଥିବା ୫ଟି ମୂଲ୍ୟବାନ ଶିଶୁ ଗଛକୁ କିଏ କାଟି ଚୋରି କରି ନେଇଛନ୍ତି। ୪ ମାସ ହେବ ଏକ ଶିଶୁ ଗଛ ଉଦ୍ୟାନ ଭିତରକୁ ଶୋଇରହିଛି। ଫଳରେ ଉଦ୍ୟାନର ଶୋଭା ଶ୍ରୀହୀନ ହୋଇପଡ଼ିଛି। ଏହି ଶିଶୁ ଉଦ୍ୟାନକୁ କାର୍ଯ୍ୟକ୍ଷମ କରାଯାଇପାରୁନାହିଁ କି ପିଲାଙ୍କ ମୁହଁରେ ହସ ଫୁଟାଇବା ଉଦ୍ୟମ ନାହିଁ। ପିଲାଙ୍କ ଖେଳିବା, ଅବସର ସମୟ କାଟିବା ପାଇଁ ଥିବା ଏହି ଶିଶୁ ଉଦ୍ୟାନ ଖାଁ ଖାଁ ହୋଇପଡ଼ିଛି। ବୁଦ୍ଧିଜୀବୀ ଅନନ୍ତ ଦାଶ କହିଛନ୍ତି, ଅପରାହ୍ନ ହେଉ କିମ୍ବା ରବିବାର ଛୁଟିଦିନରେ ଅଭିଭାବକମାନେ ପିଲାଙ୍କୁ ଧରି ସେଠାକୁ ଛୁଟି ଆସୁଥିଲେ। କିଏ ଦୋଳି ଖେଳୁଥିଲା ତ ଆଉ କିଏ ଖସଡ଼ାରେ ଖସୁଥିଲା। ଅଭିଭାବକମାନଙ୍କର ମଧ୍ୟ କିଛି ସମୟ ଅତିବାହିତ ହେଉଥିଲା। କିନ୍ତୁ ଦୋଳି, ଖସଡ଼ା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ସେଗୁଡ଼ିକର ମରାମତି କରାଯାଉନାହିଁ। ଛୋଟ ପିଲା ଗଲେ ଖେଳି ନ ପାରି ନିରାଶ ହୋଇ ଫେରୁଛନ୍ତି। ଏପରିକି ଭଙ୍ଗା ସାମଗ୍ରୀ ପାଚେରି କଡ଼ରେ ଗଦା ହୋଇଛି। ଘାସ ଓ ଅଳିଆ ମଧ୍ୟ ପଡ଼ି ସ୍ଥାନ ପରିତ୍ୟକ୍ତ ହେଲାଣି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରପରିଷଦକୁ ପିଲାଙ୍କ ଖେଳିବା ଲାଗି ଏ ପର୍ଯ୍ୟନ୍ତ ଏକ ସୁନ୍ଦର ପାର୍କର ବ୍ୟବସ୍ଥା ଜୁଟିନି। ଏ ସମସ୍ତ ସମସ୍ୟା ସମ୍ପର୍କରେ ବିକାଶ ପରିଷଦ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ନିଦ୍ରା ବିଷ୍ଟ ହୋଇ ପୌର ପରିଷଦ ବସିରହିଛି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ ଏହାର ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।



ଶିଶୁ ଉଦ୍ୟାନରେ ପିଲାଙ୍କ ଖେଳ ପାଇଁ ଥିବା ଖସଡ଼ା ଭାଙ୍ଗି ପଡିଛି।



ବ୍ୟାୟାମ ପାଇଁ ଥିବା ସାମଗ୍ରୀ ଜଙ୍ଗ ଲାଗି ଯାଇଛି।



ପିଲାଙ୍କ ଖେଳିବାକୁ ଥିବା ଉପକରଣ ଉପରେ ଘାସ, ଲତା ମାଡିଯାଇଛି।

# ଫେରିଲା ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ

- ଡିସେମ୍ବର ୧ରୁ ୭ ହେବ କାର୍ଯ୍ୟାନୁଷ୍ଠାନ
- ୯ ବ୍ଲାକ୍ସ୍ପଟ୍‌ରେ ହେବ ଯାଞ୍ଚ କଡାକଡି
- ଚିନ୍ତା ବଢ଼ାଇଲା ଦୁର୍ଘଟଣାଜନିତ ମୃତ୍ୟୁ




ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼,୩୦।୧୧
(ଲୋକନାଥ ମିଶ୍ର)

ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି। ଏ ପରିପ୍ରେକ୍ଷୀରେ ଡିସେମ୍ବର ୧ରୁ ୭ ଦିନ ଅର୍ଥାତ୍ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳନ ହେବ। ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳନ ଅବସରରେ ହେଲମେଟ, ମଦ୍ୟପାନକରି ଗାଡି ଚାଳନା, ସିଟ୍‌ବେଲ୍ଟ ଧରପଗଡ, ଓଭର ସ୍ପିଡ୍, ଓଭରଲୋଡ୍, ନାବାଳକ ଗାଡ଼ି ଚାଳନା, ଗାଡ଼ି ଚାଳନାବେଳେ ମୋବାଇଲରେ କଥାବାର୍ତ୍ତା ଧରପଗଡକୁ ଗୁରୁତ୍ୱ ଦିଆଯିବ ବୋଲି ଗୁରୁବାର ସନ୍ଧ୍ୟାରେ ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଖବରଦାତା ସମ୍ମିଳନୀ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣା ରୋକିବାକୁ ଜିଲା ପ୍ରଶାସନ ନେଇଥିବା ପଦକ୍ଷେପ ଉପରେ ଟିପ୍ପଣୀ ଦେଇଥିଲେ। ବୈଠକରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ, ଆରଟିଓ ପ୍ରଶାନ୍ତ ପରିଡ଼ା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ଜିଲାପାଳ, ଏସ୍‌ପି ଓ ଆର୍‌ଟିଓଙ୍କ ସୂଚନା ଅନୁସାରେ ନାବାଳିକା ଓ ନାବାଳକଙ୍କୁ ଗାଡ଼ି ଚାଳନା ନ କରିବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରୀଛାତ୍ର ଧରାପଡିଲେ ସ୍କୁଲ ଓ କଲେଜର ମୁଖ୍ୟଙ୍କୁ ଦାୟୀ କରାଯିବ।

ଗତ ଏପ୍ରିଲ ୧ରୁ ୭ଦିନ ଧର ଦୁର୍ଘଟଣା ଜନିତ ମୃତ୍ୟୁଶୁନ୍ୟ ସପ୍ତାହରେ ସୁଫଳ ମିଳିଥିଲା। ଆଦୌ ଦୁର୍ଘଟଣା ଘଟି ନ ଥିଲା ବୋଲି ଜିଲାପାଳ କହିଥିଲେ। ଚଳିତ ଥର ସେପରି ସଫଳତା ପାଇବାକୁ ଆଶ ରଖା ଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ସହଯୋଗରେ ଜିଲାର ବିଭିନ୍ନ ସ୍ଥାନରେ ୭ଦିନ ଧରି ଚଢ଼ାଉ ଜାରି ରହିବ। ସଡ଼କ ଆଇନକୁ ଅଣଦେଖା କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ୨୦୨୨ରେ ଜିଲାରେ ୧୨ଟି ବ୍ଲାକ୍‌ସ୍ପଟ(କଳାଦାଗ କ୍ଷେତ୍ର) ଚିହ୍ନଟ ହୋଇଥିବାବେଳେ ୨୦୨୩ ଏପ୍ରିଲରେ ୯ଟି ଚିହ୍ନଟ ହୋଇଥିଲା। ଏହି ବ୍ଲାକ୍‌ସ୍ପଟ୍‌ଗୁଡିକ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ବୁଗୁଡ଼ା, ଟାକେରା, ଏସ୍‌ଆର ପେଟ୍ରୋଲପମ୍ପ ଓ ସୁବଳୟା, ନୂଆଗାଁ ଥାନାର ଲୁଣିସରା ଓ ସମ୍ପଡା, ନୟାଗଡ଼ ସଦର ଥାନାର ଶିମଳିସାହି, ଇଟାମାଟି ଥାନାର ଇଟାମାଟି ସିନେମାହଲ ଛକ ଠାରୁ ଖୁସି ଢ଼ାବା ପର୍ଯ୍ୟନ୍ତ ଓ ପଣ୍ଡୁସରଠାରୁ ହରେକୃଷ୍ଣପୁର ପର୍ଯ୍ୟନ୍ତ ରହିଛି। ସେହିପରି ବ୍ଲାକ୍‌ସ୍ପଟ୍‌କୁ ସଂଶୋଧନ କରାଇବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲାକ୍‌ସ୍ପଟ୍ ଅଞ୍ଚଳରେ ଆମ୍ବୁଲାନ୍ସ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି। ଦୁର୍ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ ଆହତଙ୍କୁ ତୁରନ୍ତ ମେଡିକାଲକୁ ପଠାଇ ବଞ୍ଚାଇବାକୁ ପ୍ରଚେଷ୍ଟା କରାଯିବ। ପୋଲିସ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବ୍ଲାକ୍‌ସ୍ପଟ୍‌ରେ ଯାଞ୍ଚ କଡାକଡି କରାଯିବ।

## ୧୩୨୮ ଚାଳକଙ୍କ ଲାଇସେନ୍ସ ରଦ୍ଦ

ନୟାଗଡ଼ ଜିଲାରେ ବେଆଇନ ଗାଡ଼ି ଚାଳନା କରି ୨୦୨୩ ଜାନୁୟାରୀରୁ ନଭେମ୍ବର ୨୯ ପର୍ଯ୍ୟନ୍ତ ୧୩୨୮ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଛି । ହେଲମେଟ ନ ଥାଇ ୫୭୮,ଓଭର ସ୍ପିଡ୍ ଗାଡିଚାଳନା କରି ୪୯୩ ଟି ଡ୍ରାଭିଂ ଲାଇସେନ୍ସ ରଦ୍ଦ ହୋଇଛି । ସେହିପରି ମୋବାଇଲ ଫୋନ ବ୍ୟବହାର କରି ଗାଡ଼ି ଚାଳନା କରିବାରୁ ୫୨ଜଣଙ୍କ, ମଦ୍ୟପାନ କରି ଗାଡ଼ି ଚାଳନା କରି ୧୧୯ଜଣଙ୍କ, ଓଭର ଲୋଡିଂ ଯୋଗୁ ୭୦ଜଣ ଚାଳକଙ୍କ ଲାଇସେନ୍ସ ବାତିଲ ହୋଇଛି । ଅଜଣା ଗାଡ଼ି ଧକ୍କାରେ ୨୦୨୩-୨୪ ବର୍ଷରେ ପ୍ରାଣ ହରାଇଥିବା ପରିବାର ସୋଲାସିୟମ ଫଣ୍ଡରେ ସହାୟତା ପାଇବା ପାଇଁ ୮ଜଣ ଆବେଦନ କରିଛନ୍ତି ।

## ୩୫ମାସରେ ୨୫୮ ମୃତ

ନୟାଗଡ଼ ଜିଲାରେ ୨୦୨୧ ଜାନୁୟାରୀରୁ ୨୦୨୩ ନଭେମ୍ବର ୨୯ ପ୍ରାୟ ୩୫ ମାସ ଭିତରେ ୨୫୮ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତେବେ ଜିଲାରେ ୬୦ ଟି ଦୁର୍ଘଟଣା ଘଟି ଯାଇଛି। ୨୦୨୩ ବର୍ଷର ମାର୍ଚ୍ଚ ମଧ୍ୟରେ ସବୁଠାରୁ ବଡ଼ ଦୁର୍ଘଟଣା ମାର୍ଚ୍ଚ ମାସରେ ଓଡ଼ଗାଁ ଆଦର୍ଶ ଥାନା ଅଧୀନ ଓଡ଼ଗାଁ-ଭଞ୍ଜନଗର ରାସ୍ତାର ପଥରା ବୃଦ୍ଧାଶ୍ରମ ନିକଟରେ ଘଟିଥିଲା। ବରଗଛକୁ ବାଇକ୍ ଧକ୍କା ଦେବା ଫଳରେ ଚାଳକଙ୍କ ସମେତ ସ୍ଥାନୀୟ ରୋହିବାଙ୍କ ପଞ୍ଚାୟତ ମହେଶ୍ୱରପୁର ଗାଁର ମାଧବ ପ୍ରଧାନ(୨୦), ସୂର୍ଯ୍ୟକାନ୍ତ ପ୍ରଧାନ(୧୯) ଓ ରାଜେଶ ନାୟକ(୧୯)ଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଜିଲାରେ ୨୦୨୧ ବର୍ଷରେ ୭୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୭୬ ଆହତ ହୋଇଥିଲେ। ୧୯୮ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିଲା। ସେହିଭଳି ୨୦୨୨ ବର୍ଷରେ ୯୫ଜଣଙ୍କ ଜୀବନ ଯାଇଥିବାବେଳେ ୧୫୫ ଆହତ ହୋଇଥିଲେ। ୨୫୪ ମାମଲା ରୁଜୁ ହୋଇଥିଲା। ୨୦୨୩ ନଭେମ୍ବର ୨୯ ସୁଦ୍ଧା ୮୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮୬ ଜଣ ଆହତ ହୋଇଥିଲେ। ୧୭୭ ମାମଲା ରୁଜୁ ହୋଇଥିଲା।

# ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା




ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ନୟାଗଡ଼, ୩୦।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଥିଲା। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ବୟସ୍କ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ଅଧିସ୍ୱୀକୃତି କମିଟି ପୁନଃ ଗଠନ ଓ ବ୍ଲକ ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ ପରି ଦାବି ରହିଛି। ସେହିପରି ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନିର୍ଭରଶୀଳ ସନ୍ତାନମାନଙ୍କୁ ସାମିଲ କରିବା, ପ୍ରେସ ଏକାଡେମୀ ଗଠନ ସହ ଭୁବନେଶ୍ୱରରେ ଏକାଡେମୀ କାର୍ଯ୍ୟାଳୟ ସ୍ଥାପନ ଆଦି ଦାବିରେ ଜିଲାର ୮ଟି ବ୍ଲକର ସାମ୍ବାଦିକମାନେ ଧାରଣା ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନରେ ଧାରଣା ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟନାୟକ,ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଆଦର୍ଶ ପଟ୍ଟନାୟକ, ନୟାଗଡ଼ ଜିଲା ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ବୈଦ୍ୟଭୁଷଣ ମହାପାତ୍ର, ଓଡ଼ଗାଁ ସଂଘ ସଭାପତି ଅଶୋକ ମହାପାତ୍ର, ଦଶପଲାର ପ୍ରଶାନ୍ତ କୁମାର ସାହୁ, ନୂଆଗାଁର ଶିବଦତ୍ତ ପାତ୍ର,ଖଣ୍ଡପଡ଼ାର ଭବାନୀ ଶଙ୍କର ସିଂସାମନ୍ତ,ଭାପୁର ଶିଶିର ସାହୁ, ସାମ୍ବାଦିକ ରଜତ କୁମାର ପଟ୍ଟନାୟକ, ଅନୀଲ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ଅଶୋକ ମହାପାତ୍ର, ରାମକୃଷ୍ଣ ରଥ, ରବିନ୍ଦ୍ର ଦାସଙ୍କ ସମେତ ୧୦୦ ରୁ ଊର୍ଦ୍ଧ୍ୱ ଧାରଣାରେ ସାମିଲ ହୋଇଥିଲେ ।

# ନୟାଗଡ଼ ଜଙ୍ଗଲରେ କଳା କଲରାପତରିଆ ବାଘ

- ବଢ଼ି ଚାଲିଛି କଳାବାଘଙ୍କ ସଂଖ୍ୟା
- ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ନୟାଗଡ଼,୩୦।୧୧
(ଲୋକନାଥ ମିଶ୍ର)



ରାଜ୍ୟରେ ବାଘ ଗଣନା ଚାଲିଥିବାବେଳେ କଳା କଲରାପତରିଆ ବାଘର ଫଟୋ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ କ୍ୟାମେରା ଟ୍ରାପ୍‌ରେ ଧରାପଡ଼ିଛି। ଏହି ବିରଳ ପ୍ରଜାତିର ବାଘ ବଂଶ ନୟାଗଡ଼ ଜଙ୍ଗଲରେ ବଢ଼ି ଚାଲିଛି। ନୟାଗଡ଼ରେ ଗୋଟିଏ ନୁହେଁ,ଏକାଧିକ ଏପରି ବାଘ ଥିବା କେତେଜଣ ଦେଖଣାହାରି କହିଛନ୍ତି। ହେଲେ ଏପରି ବାଘ ତଥ୍ୟକୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଗୋପନ ରଖିଛି। ୨୦୧୫ରେ ଓ ୨୦୨୧ରେ ବନବିଭାଗର ଟ୍ରାପ୍ କ୍ୟାମେରାରେ ଦଶପଲ୍ଲାର ବାଣୀଗୋଛା (ପଶ୍ଚିମ) ବନାଞ୍ଚଳରେ ପ୍ରଥମେ ଏପରି ବାଘ ନଜରକୁ ଆସିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି କଳା ବାଘ ଦେଖାଦେଇଛି। ତେବେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କଳା ବାଘକୁ ନେଇ ଟୁଇଟ୍ କରିବା ପରେ ଚଳିତବର୍ଷ ପୁଣି ଥରେ ସେହି ପ୍ରଜାତିର ପ୍ରାଣୀ ସାମ୍ନାକୁ ଆସିଛି। ଏ ସଂକ୍ରାନ୍ତରେ ଗୁରୁବାର ଧରିତ୍ରୀର ପ୍ରଥମ ପୃଷ୍ଠାରେ ରାଜ୍ୟରେ କଳା କଲରାପତରିଆ ବାଘ ଶୀର୍ଷକରେ ଏକ ରିପୋର୍ଟ ଫଟୋ ସହିତ ପ୍ରକାଶ ପାଇବା ପରେ ଚର୍ଚ୍ଚା ଜୋର ଧରିଛି। କଳାବାଘଟି ନୟାଗଡ଼ ଜିଲା ଗଣିଆ ବ୍ଲକର ଛାମୁଣ୍ଡିଆ ଜଙ୍ଗଲିଆ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବନବିଭାଗର ଟ୍ରାପ୍ କ୍ୟାମେରାରେ ଧରାପଡ଼ିଥିଲା। ସେତେବେଳେ ବନାଞ୍ଚଳ କର୍ତ୍ତୃପକ୍ଷ କଳା ଚିତାବାଘ ବୋଲି କହିଥିଲେ, ଯାହାକି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏବେ କିନ୍ତୁ ଏହାକୁ କଳା କଲରାପତରିଆ ବାଘ ବୋଲି କୁହାଯାଇଛି। ତେବେ ଛାମୁଣ୍ଡିଆ ଓ ବଡ଼ମୂଳ ଆଖପାଖରେ ବଂଶ ବିସ୍ତାର କରୁଥିବା ଏପରି ବାଘର ସୁରକ୍ଷା ନେଇ ଉଠିଛି ପ୍ରଶ୍ନ। ବାଘ ବଂଶର ସୁରକ୍ଷା ନ କଲେ ଏହା ଲୋପ ପାଇଯିବେ ବୋଲି ପ୍ରାଣୀପ୍ରେମୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭-୧୮ ବାଘ ଗଣନା ଅନୁସାରେ ନୟାଗଡ଼ରେ ୧୭ଟି କଲରାପତରିଆ ବାଘ ଥିଲେ। ପ୍ରତି ୪ ବର୍ଷରେ ଥରେ ବାଘ ଗଣନା ହେଉଥିବାବେଳେ ୨୦୨୧-୨୨ରେ ବାଘ ଗଣନା ଶେଷ ହୋଇଛି। ଅନ୍ୟପକ୍ଷେ ପ୍ରତିବର୍ଷ ଜୁନ ପୂର୍ବରୁ ଓ ଡିସେମ୍ବରରେ ବାଘ ଗଣନା ମଧ୍ୟ ଅନୁରୂପ ଭାବେ ହୋଇଥାଏ। ବାଘ, ବିରଳ କଳା ବାଘ, ହାତୀ ଭଳି ବନ୍ୟପ୍ରାଣୀଙ୍କ ପାଇଁ ଟ୍ରାପ୍ କ୍ୟାମେରା ଲଗାଇ ଗଣନା କରାଯାଉଛି। ଏନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଫାଲଗୁନୀ ସାରଥି ମଲ୍ଲିକ କଳା କଲରାପତରିଆ ବାଘ ନୟାଗଡ଼ ଜଙ୍ଗଲରେ ରହିଥିବା କଥାକୁ ସ୍ୱୀକାର କରିଛନ୍ତି। ତେବେ କେତେ କଳା କଲରାପତରିଆ ବାଘ ଅଛନ୍ତି ସେନେଇ କିଛି କହିନାହାନ୍ତି। ତଥାପି ୪ ବର୍ଷ ମଧ୍ୟରେ ନୟାଗଡ଼ରେ ବାଘ ସଂଖ୍ୟା ବଢ଼ିଛି ବୋଲି ସେ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଦିତ୍ୟ



@ ରାଜକୁମାର



@ ଧୃତିସୁନ୍ଦର



@ ଶକ୍ତିପ୍ରଜ୍ଞା



@ ସଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦଶପଲ୍ଲା ରେଳଷ୍ଟେଶନ ଉଦ୍‌ଘାଟନ ଘୁଞ୍ଚିଲା

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)

ରେଳମନ୍ତ୍ରୀ ଡିସେମ୍ବର ୧ରେ ଦଶପଲ୍ଲା ରେଳଷ୍ଟେଶନ ଉଦ୍‌ଘାଟନ କରିବାର ଥିଲା। ତେବେ ଡିସେମ୍ବର ୪ରୁ ଲୋକସଭା ଅଧିବେଶନ ବସୁଥିବାରୁ ପ୍ରଶ୍ନୋତ୍ତର ପ୍ରସ୍ତୁତି ପାଇଁ ରେଳମନ୍ତ୍ରୀଙ୍କ ଦଶପଲ୍ଲା ଗସ୍ତ ବାତିଲ ହୋଇଯାଇଛି। ଏଣୁ ଦଶପଲ୍ଲା ରେଳଷ୍ଟେଶନ ଉଦ୍‌ଘାଟନ ପୁଣି ଘୁଞ୍ଚିଛି। ବାରମ୍ବାର ଦଶପଲ୍ଲା ରେଳଷ୍ଟେଶନ ଉଦ୍‌ଘାଟନ ଘୁଞ୍ଚି ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍‌ରେ ଅଗ୍ନିକାଣ୍ଡ

## ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜଳିଗଲା

ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)



ପୋଡ଼ିଯାଇଥିବା ୱାଶିଂ ମେଶିନ।

କିଛିଦିନ ତଳେ ନୟାଗଡ଼ ସହର ଖଣ୍ଡପଡ଼ା ରୋଡ୍‌ର ଏକ ବସ୍ତ୍ରାଳୟ ସହ ଡ୍ରେସ୍ ଦୋକାନରେ ନିଆଁ ଲାଗି ପ୍ରାୟ ୨କୋଟି ଟଙ୍କାର ସାମଗ୍ରୀ ଜଳିଯାଇଥିଲା। ସେହି ଘଟଣା ମନରୁ ନ ଲିଭୁଣୁ ଓଡ଼ଗାଁ ଛକରେ ଏକ ଇଲେକ୍ଟ୍ରୋନିକ୍ସ ଶୋ'ରୁମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୧କୋଟି ଟଙ୍କାର ଫ୍ରିଜ, କୁଲର, ୱାସିଂ ମେଶିନ ପରି ସାମଗ୍ରୀ ଜଳିଯାଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ସହର ଓଡ଼ଗାଁ ଛକ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ସମ୍ମୁଖ ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍‌ରେ ବୁଧବାର ରାତି ପ୍ରାୟ ୩ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ନୟାଗଡ଼ ଦମକଳ କେନ୍ଦ୍ରର ୨ ଗାଡ଼ି ପହଞ୍ଚିବା ସହିତ ୧୦ ଜଣ କର୍ମଚାରୀ ପ୍ରାୟ ଅଢ଼େଇ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍‌ର ଗ୍ରାଉଣ୍ଡ ଫ୍ଲୋରରେ ଡେକୋରେଶନ କାମ ଚାଲିଥିବାରୁ ୨ୟ ଓ ତୃତୀୟ ମହଲାରେ ଉପରୋକ୍ତ ସାମଗ୍ରୀ ରଖାଯାଇଥିଲା। ଶୋ'ରୁମର ପ୍ରଥମ ଫ୍ଲୋରରେ କେହି ନ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ମହଲାରେ ଥିବା ବୈଦ୍ୟୁତିକ ଉପକରଣ ଜଳି ଯାଇଛି। ଶୋ'ରମ୍ ମାଲିକ ଶକ୍ତି ପ୍ରାସାଦ ମହାପାତ୍ରଙ୍କ ସୂଚନା ଅନୁଯାୟୀ,ସୋରମ୍ କାମ ଶେଷ ପରେ ବୁଧବାର ରାତି ସାଢ଼େ ୮ଟାରେ ଘରକୁ ଫେରିଥିଲି। ରାତି ୩ଟାରେ ଜଣେ ସାଧାରଣ ଲୋକ ଫୋନ କଲେ ଶୋ'ରୁମ ଜଳୁଛି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରୁଥିଲେ।

# ପୁଣିଥରେ ତଦନ୍ତ କଲେ ଅଧୀକ୍ଷଣ ଯନ୍ତ୍ରୀ

## ଖଇରଗାଡ଼ିଆ ୨୪ ଲକ୍ଷ ଟଙ୍କାର ଫଲ୍ସ ବିଲ୍ ପ୍ରସଙ୍ଗ

ଭାପୁର, ୩୦।୧୧
(ଭରତ କୁମାର ବେହେରା)



ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା କାମର ତଦନ୍ତ କରୁଛନ୍ତି।

ନୟାଗଡ଼ ଜିଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗ୍ରାମରେ ଦୁଇଟି ପୋଖରୀ ଓ ଗୋଟିଏ ରାସ୍ତା ନ କରି ୨୪ଲକ୍ଷ ଟଙ୍କାର ଫଲ୍ସ ବିଲ କରାଯିବା ଅଭିଯୋଗର ପୁଣି ଥରେ ତଦନ୍ତ କରିଛନ୍ତି ଅଧୀକ୍ଷଣ ଯନ୍ତ୍ରୀ। ଗୁରୁବାର ମଧ୍ୟାହ୍ନରେ ନୟାଗଡ଼ ଜିଲା ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଳ ତଦନ୍ତ କରି ଫେରିଛନ୍ତି । ଏହି ତଦନ୍ତରେ ଭାପୁର ବ୍ଲକର ଆସିଷ୍ଟାଣ୍ଟ ଇଞ୍ଜିନିୟର ମହେଶ ପ୍ରସାଦ ନାୟକ, ଭାପୁର ବ୍ଲକର ଏପିଓ ଅରୁଣ କୁମାର ଚିନାରା ଓ ଜେଇ ରଶ୍ମୀରଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ଖଇରଗାଡ଼ିଆ ଗ୍ରାମରେ କୁଆ ଓ ରାସ୍ତା ନିର୍ମାଣ ନ କରି ୨୪ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିଲା । ଏଥିରେ ବ୍ଲକ ପ୍ରଶାସନ ଓ କେତେଜଣ ରାଜନୈତିକ ବ୍ୟକ୍ତି ସମ୍ପୃକ୍ତ ଥିଲେ ବୋଲି ଖଇରଗାଡିଆ ଗ୍ରାମବାସୀ ୨୦୨୧ ଡିସେମ୍ବର ୧୩ରେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ୧୦ଦିନ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍କାଳୀନ ବିଡ଼ିଓ ଜନ୍ମେଜୟ ସାହୁ, ଓବ୍ୟୁସମ୍ୟାନ ଗିରିଶ ଚନ୍ଦ୍ର ଦାସ ଓ ଭାପୁର ବ୍ଲକ ଏମ୍‌ଜିଏନ୍‌ଆରଜିଏସ୍ ମୁଖ୍ୟ ଅରୁଣ କୁମାର ଚିନରା ତଦନ୍ତ କରିଥିଲେ । ହେଲେ କିଛି ସୁଫଳ ମିଳି ନ ଥିଲା । ଭାପୁର ବ୍ଲକରେ ଜନଶୁଣାଣୀ ଶିବିରରେ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ସୁବାସ ରାୟଙ୍କ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଜିଲା ପ୍ରଶାସନ ତରଫରୁ ପୁଣିଥରେ ତଦନ୍ତ କରାଯାଇଥିଲା । ସେତେବେଳେ ତଦନ୍ତ ଟିମ୍‌ରେ ଡିଆରଡିଏର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରଣା ,ଭାପୁର ଏମ୍‌ଜିଏନ୍‌ଆରଇଜିଏସ୍ ମୁଖ୍ୟ ଅରୁଣ କୁମାର ଚିନରା, ଏମ୍‌ଜିଏନ୍‌ଆରଇଜିଏସ୍ କୋଡିନଟର ମିତାଲି ଜେନା ,ରଓଜିତା ପ୍ରିୟଦର୍ଶନୀ, ଅଶୋକ କୁମାର ମିଶ୍ର, ଜିଆରଏସ୍ ଜିତେନ୍ଦ୍ର କୁମାର ଚୌଧୁରୀ ,କମ୍ପ୍ୟୁଟର ପ୍ରୋଗ୍ରାମର ସୁନୀଲ କୁମାର ନାୟକ ତଦନ୍ତ କରିଥିଲେ। ଗ୍ରାମବାସୀ ସୂଚନା ଅଧିକାର ବଳରେ ଜାଣିବାକୁ ପାଇଥିଲେ, ୨୦୨୦-୨୧ ଆର୍ଥିକ ବର୍ଷରେ ପାଣି କୁଆ କାର୍ଯ୍ୟାଦେଶ ନମ୍ବର ୨୪୨୨୦୧୦/ ଡବ୍ଲ୍ୟୁଏଚ୍/ ୧୦୨୯୩୧୭୫ରେ ୮ଲକ୍ଷ ଓ ନିମକୂଆ ପୋଖରୀ କାର୍ଯ୍ୟାଦେଶ ୨୪୨୨୦୧୦/ ଡବ୍ଲ୍ୟୁଏଚ୍/ ୧୦୨୯୩୧୭୮ରେ ୮ ଲକ୍ଷ ଓ ଖଇରିଗାଡିଆ ଠାରୁ ମନ୍ଦାରବେଣୀ ରାସ୍ତା କାର୍ଯ୍ୟାଦେଶ ନମ୍ବର ୨୪୨୨୦୧୦/ ଡବ୍ଲ୍ୟୁଏଚ୍/ ୩୧୦୫୨୪୫ରେ ୮ ଲକ୍ଷ ଏପରି ମୋଟ ୨୪ ଲକ୍ଷ ଟଙ୍କା କାମ ନ ହୋଇ ଅର୍ଥ ଆତ୍ମସାତ ହୋଇଥିଲା। ଏହି ତଦନ୍ତ ସମୟରେ ଖଇରଗାଡିଆ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ତଦନ୍ତ ସମୟରେ ଅଧିକାରୀମାନେ ମାଟି ଗାଣ୍ଡୁଏ ଉଠି ନ ଥିବା ଜାଣି ବିରକ୍ତି ହୋଇଥିଲେ। ଅଭିଯୋଗ କରିବାର ଦୀର୍ଘ ୨ବର୍ଷ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଉଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

ଭାପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା ଅଭିଯୋଗ କରିଥିଲେ, ତାଙ୍କର ଅଗୋଚରରେ ଦସ୍ତଖତ କରି ୮୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି । ଏହାପରେ ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ ବୃଦ୍ଧି ପାଇଥିଲା। ତଦନ୍ତ ପରେ କାମ ହୋଇ ନ ଥିବା ଜଣାପଡିବାରୁ ଭାପୁର ତତ୍କାଳୀନ ବିଡ଼ିଓ ସତ୍ୟ ସୁନ୍ଦର ରାଉତଙ୍କଠାରୁ ୭ ଲକ୍ଷ ୫୯ହଜାର ୮ଶହ ୪୬ ଟଙ୍କା, ନିର୍ବାହୀ ଯନ୍ତ୍ରୀ ବୈଷ୍ଣବ ପ୍ରସାଦ ରଥ ୨ ଲକ୍ଷ ୫୯ହଜାର ୪୪୬ଟଙ୍କା , ସହକାରୀ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କଠାରୁ ୫ ଲକ୍ଷ ୨୧ ହଜାର ୬୨୫ , ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କଠାରୁ ୫ ଲକ୍ଷ ୩୧ହଜାର ୬୨୭, ଓ ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀଙ୍କ ଠାରୁ ୨ ଲକ୍ଷ ୫୯ହଜାର ୮୫୯ ଟଙ୍କା ରିକଭରି ହୋଇଥିଲା। ଜିଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ୪ ଜଣିଆ ଟିମ ଖଇରିଗାଡିଆ ଗ୍ରାମକୁ ଆସି ତଦନ୍ତ କରିଥିଲେ । ଏହି ତଦନ୍ତରେ ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ମହାନ୍ତିଙ୍କ ନେତୃତ୍ୱରେ ଦଶପଲ୍ଲା ଏନ୍‌ଏସି ସହକାରୀ ଯନ୍ତ୍ରୀ ଅଶୋକ ଦଳବେହେରା, ରଣପୁର ଜେଇ ଦିଲୀପ ଉଦିନ, ନୟାଗଡ଼ ଏପିଓ ମିଟନ ମହାପାତ୍ର, ଭାପୁର ବ୍ଲକର ଏପିଓ ଅରୁଣ କୁମାର ଚିନାରା ଓ ଭାପୁର ପଞ୍ଚାୟତ ଜେଇ ରଶ୍ମୀରଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ରାଜନନ୍ଦୀନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଡିପି ଅଭିବୃଦ୍ଧି ୭.୬%

**ନୂଆଦିଲ୍ଲୀ,୩୦।୧୧ (ଅଭୟ ଦାଶ)**

ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକ)ରେ ଦେଶର ଆର୍ଥିକ ଅଭିବୃଦ୍ଧି (ଜିଡିପି) ୭.୬% ରହିଛି। ଏପରିକି ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ଜିଡିପି ହାର ୬.୨% ରହିଥିଲା। ଏ ନେଇ ଗୁରୁବାର ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଜିଡିପି ତଥ୍ୟ ବିସ୍ତୃତ ଭାବେ ଜାରି କରାଯାଇଛି। ଏପରିକି ଏନ୍‌ଏସ୍‌ଓର ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଦେଶର ଜିଡିପି ପରିମାଣ ୪୧.୭୪ ଲକ୍ଷ



କୋଟି ପାର୍ କରିଛି, ଯାହା ଗତ ବର୍ଷ ସମାନ ଅବଧିରେ ୩୮.୭୮ଲକ୍ଷ କୋଟି ଥିଲା। ଆହୁରି ଦ୍ୱିତୀୟ ତ୍ରୈମାସିକରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ବୃଦ୍ଧି ସମ୍ପର୍କରେ ମଧ କୁହାଯାଇଛି, ଯେଉଁଥିରେ ମ୍ୟାନୁଫ୍ୟାକଚରିଂ ସେକ୍ଟରରେ ବୃଦ୍ଧି ଦର ୧୩.୯%, କୃଷି କ୍ଷେତ୍ରରେ ୧.୨%, ନିର୍ମାଣ କ୍ଷେତ୍ରରେ ୧୩.୩ % ଆଦି ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟ୍ରେଡ୍, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସହ ଜଡ଼ିତ ସେବାର ଅଭିବୃଦ୍ଧି ହାର ୪.୩% ରହିଥିବାବେଳେ ଗ୍ୟାସ୍, ବିଜୁଳି ଜଳ ଯୋଗାଣ ଭଳି କ୍ଷେତ୍ରରେ ଅଭିବୃଦ୍ଧି ହାର ୧୦.୧% ରହିଛି। ଅପରପକ୍ଷରେ ଜିଡିପି ଅଭିବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକାଶ କରିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ କହିଛନ୍ତି, ବୈଶ୍ୱିକସ୍ତରରେ କଠିନ ସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ଆମର ଶକ୍ତିକୁ ଦର୍ଶାଉଛି। ଆମେ ସୁଯୋଗ ସୃଷ୍ଟି କରିବା,ଦାରିଦ୍ର୍ୟ ସମାପ୍ତ କରିବା ଏବଂ ନିଜ ଲୋକଙ୍କ ଜୀବନଯାପନରେ ସୁଧାର ଆଣିବାରେ ବିକାଶ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

ଉଲ୍ଲେଖଯୋଗ୍ୟ, ଦେଶର ଅର୍ଥବ୍ୟବସ୍ଥା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ସେପ୍ଟେମ୍ବର) ରେ ୭.୭% ହାରରେ ବଢ଼ିଥିଲାବେଳେ ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହାର ପରିମାଣ ୯.୫% ରହିଥିଲା। ଏହା ସହ ଭାରତ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ସବୁଠୁ ଦ୍ରୁତ ଆର୍ଥିକ ବୃଦ୍ଧି ଦର ହାସଲ କରିଥିବା ଦେଶ ହୋଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୩୦।୧୧**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୭ (୮୬.୫୩) ପଏଣ୍ଟ ବଢି ୬୬,୯୮୮ (୬୬,୯୮୮.୪୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୩୭ (୩୬.୫୫) ପଏଣ୍ଟ ବୃଦ୍ଧି ଘଟି ୨୦,୧୩୩(୨୦,୧୩୩.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡ

**ନୂଆଦିଲ୍ଲୀ,୩୦।୧୧**

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏହି ନୂତନ ଫଣ୍ଡ ହେଉଛି ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍, ଯାହା ଭାରତର ନିର୍ମାଣ ବିଷୟବସ୍ତୁର ପ୍ରତିନିଧିତ୍ୱ କରୁଛି ଏବଂ ଏହା ନିଫ୍ଟି ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଟିଆର୍‌ଆଇ ବିରୋଧରେ ମାନକ ହେବ। ଏପରିକି ଏହି ଏନ୍‌ଏଫ୍‌ଓ ୨୦୨୩ ଡିସେମ୍ବର ୧ରେ ଖୋଲିବ। ସେହିଭଳି ଉକ୍ତ ଫଣ୍ଡ ନିବେଶକଙ୍କୁ ଭାରତର ଉତ୍ପାଦନ ବିଷୟବସ୍ତୁର କ୍ଷମତାକୁ ଉପଯୋଗ କରିବା ପାଇଁ ସକ୍ଷମ କରିବା ଲାଗି ଲକ୍ଷ୍ୟ ରଖିଛି, ଯାହା ଆଗାମୀ ବର୍ଷଗୁଡିକରେ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଏହି ଏନ୍‌ଏଫ୍‌ଓ ଆସନ୍ତା ଡିସେମ୍ବର ୧୫ ପର୍ଯ୍ୟନ୍ତ ଖୋଲା ରହିବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ବି.ଗୋପ କୁମାର କହିଛନ୍ତି,ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି,ଯେତେବେଳେ ଭାରତର ଅର୍ଥନୀତି ମେକ୍ ଇନ୍ ଇଣ୍ଡିଆ ଓ ଏକାଧିକ ସୁଧାର ଭଳି ରଣନୈତିକ ପଦକ୍ଷେପଗୁଡିକ ଦ୍ୱାରା ତ୍ୱରାନ୍ୱିତ ହେଉଛି। ଏହି ଥିମାଟିକ୍ ଫଣ୍ଡକୁ ଭାରତର ବର୍ଦ୍ଧିତ ସଫଳତାରୁ ପୁଞ୍ଜି ହାସଲ କରିବା ପାଇଁ ଡିଜାଇନ କରାଯାଇଛି।

# ଜବ୍ ହେ ସହ ୱିର ବୁଝାମଣା

**ନୂଆଦିଲ୍ଲୀ,୩୦।୧୧:** ଦେଶର ପ୍ରମୁଖ ଘରୋଇ କମ୍ପାନୀ ଇନ୍‌ଫୋ ଏଜ୍ ଇଣ୍ଡିଆ ଲିମିଟେଡ୍‌ର ସହାୟକ ସଂସ୍ଥା ଜବ୍ ହେ ଏବଂ ଟେଲିକମ୍ କମ୍ପାନୀ ୱି ମଧରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ନିଯୁକ୍ତି ଆଶାୟୀଙ୍କୁ ସୁଯୋଗ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଏକ ବିପ୍ଳବ ଆଣିବାକୁ ଉକ୍ତ ବୁଝାମଣା ବା ସହଭାଗିତାରେ ଲକ୍ଷ୍ୟ ରଖାଯାଇଛି। ୱି ଆପ୍‌ରେ ଥିବା ୱି ଜବ୍‌ସ ଆଣ୍ଡ ଏଜୁକେଶନ ସହିତ ଜବ୍ ହେ ସମନ୍ୱୟ ହୋଇରହିବ। ଜବ୍ ହେ ବର୍ତ୍ତମାନ ଦିଲ୍ଲୀ, ନୋଏଡା, ଗୁଡ୍‌ଗାଁଓ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ, ଅହମଦାବାଦ, ଜୟପୁର, ଚଣ୍ଡିଗଡ଼, ଭୋପାଳ, କୋଚି, ପୁଣେ, ନାଗପୁର ଭଳି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ସହରର ୧ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ପଞ୍ଜୀକୃତ ରହିଛି। ଜବ୍ ହେ ପକ୍ଷରୁ ଦେଶର ୫୦ରୁ ଅଧିକ ସହରରେ ୪୫ ପ୍ରକାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଉଛି, ଯେଉଁଥିରେ ଟେଲିକଲର, ସେଲ୍‌ସ, ବିଜ୍‌ନେସ୍ ଡେଭେଲପମେଣ୍ଟ, ବ୍ୟାଙ୍କ ଅଫିସ, ଗ୍ରାଫିକ ଡିଜାଇନର, ଡେଲିଭରି, ସିକ୍ୟୁରିଟି ଗାର୍ଡ ଭଳି ଚାକିରି ସାମିଲ ରହିଛି। ବିଭିନ୍ନ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବା ଲାଗି ଜବ୍ ହେ ଡଟ୍ କମ୍‌ର ସେବା ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ବେଳେ ୧୦ଟି ଆଞ୍ଚଳିକ ଭାଷାରେ ତାହା ଉପଲବ୍ଧ ହୋଇଛି।


CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଦେବରାଜ ବରିସଲ**
କୁଦିଆରୀ, ଜଟଣୀ
ଆବିର୍ଭାବ: ୧୪।୦୪।୧୯୫୫
ତିରୋଧାନ: ୧୨।୧୧।୨୦୨୨

ଚାହୁଁ ଚାହୁଁ ବର୍ଷେ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପତ୍ନୀ: ପ୍ରଭାତୀ ବରିସଲ, ପୁଅ-ବୋହୂ- ଚିନ୍ନୁ,ରେଶମା, ଝିଅ-ଜ୍ୱାଇଁ:ଅଶୋକ-ଡଲି, ମାନସ-ରିଙ୍କି, ନାତି-ନାତୁଣୀ-ଦକ୍ଷିତ, ମାହିର, ଅସିତ, ଅଭିପସା ଏବଂ ବରିସଲ ପରିବାର

ଧ-୧୯୨୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ମନୋରମା ପଣ୍ଡା**
ରାଣିକୋଠି ଖୁଣ୍ଟିଆ ସାହି, ପୁରୀ
ଆବିର୍ଭାବ: ୨୯।୦୭।୧୯୫୪
ତିରୋଧାନ: ୧୨।୧୧।୨୦୨୨

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

**-:ଶୋକସନ୍ତପ୍ତ:-**
ଶ୍ରୀକାନ୍ତ, ସବିତା, ଅନିତା, ବାପୁନି, ସୋମ, ସାନ୍, ଭୂମିକା ଓ ସ୍ୱାମୀ ବିଜୟ କୁମାର ପଣ୍ଡା

ଧ-୭୩୫୫୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଇଂ. ତ୍ରିଲୋଚନ ସିଂହ**
ତିରୋଧାନ: ୨୧.୧୧.୨୦୨୩
(କାର୍ତ୍ତିକ ମାସ ଅଁଳାନବମୀ)

ତୁମର ଅନୁପସ୍ଥିତର ଶୂନ୍ୟତା ଅପୂରଣୀୟ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା,ତ୍ୟାଗ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଆମପାଇଁ ପ୍ରେରଣା ଦାୟକ ଏବଂ ଚିରସ୍ମରଣୀୟ ହୋଇ ରହିଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।

**-:ଶୋକସନ୍ତପ୍ତ:-**
ପତ୍ନୀ, ପୁଅ-ବୋହୂ, ଝିଅ- ଜ୍ୱାଇଁ, ନାତି, ଭାଇ ଭଉଣୀ ଓ ଆତ୍ମୀୟସ୍ୱଜନ

ଧ-୧୯୦୭


# ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ ହିମାଳୟାନ ଉନ୍ମୋଚିତ

**ନୂଆଦିଲ୍ଲୀ,୩୦।୧୧**



ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ହିମାଳୟାନ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଅଧିକ ପାୱାର ଓ ଟର୍କ ସହିତ ଉକ୍ତ ମଡେଲ ରୟାଲ ଏନ୍‌ଫିଲ୍ଡର ପ୍ରଥମ ଲିକ୍ୱିଡ-କୁଲ୍‌ଡ ଇଞ୍ଜିନ୍ ନୂଆ ୪୫୨ସିସି ସେର୍‌ପା ଇଞ୍ଜିନ୍ ସହିତ ଚମତ୍କାର କମ୍-ଆର୍‌ପିଏମ୍ ପ୍ରଦର୍ଶନ ପ୍ରଦାନ କରୁଛି। ବିଶେଷକରି ଏକ ନୂଆ ୬-ସ୍ପିଡ୍ ଗିଅରବକ୍ସ ଓ ଏକ ରାଇଡ୍-ବାଏ-ୱାୟାର ଫିଚର ସହିତ ଉନ୍ନତ ପାୱାର, ଆହ୍ୱାନପୂର୍ଣ୍ଣ ଭୂଭାଗଗୁଡିକରେ ପାୱାର ଓ ଟେରେନ୍‌ର ଉନ୍ନତ ଡେଲିଭରି ଏହା ପ୍ରଦାନ କରିଥାଏ। ସେହିଭଳି ନୂଆ ହିମାଳୟାନ୍‌ର ସମସ୍ତ ମଡେଲରେ ନୂଆ ଟ୍ରିପର୍‌ଡ୍ୟାଶ ଓ ୩୦ରୁ ଅଧିକ ଉତ୍ସାହଜନକ ନୂଆ ଜେନୁଇନ୍ ମୋଟରସାଇକେଲ ଆକ୍‌ସେସରି ସହ ଉକ୍ତ ମଡେଲ ବଜାରକୁ ଆସୁଛି। ସେହିପରି ଅଲ୍ ନ୍ୟୁ ହିମାଳୟାନ୍‌କୁ ୩ଟି ସ୍ୱତନ୍ତ୍ର ଭାରିଆଣ୍ଟ ଯଥା ବେସ୍, ପାସ୍ ଓ ସମିଟ୍ ଆଦିରେ ଉପଲବ୍ଧ ହେଉଥିବାବେଳେ ଉକ୍ତ ମଡେଲ ୫ଟି ସ୍ୱତନ୍ତ୍ର କଲର ଯଥା କାଜା ବ୍ରାଉନ୍ (ବେସ୍ ଭାରିଆଣ୍ଟ), ପପି ବ୍ଲୁ ଓ ହିମାଳୟାନ୍ ସଲ୍ଟ ଅନ୍ତର୍ଭୁକ୍ତ ଥିବା ସ୍ଲେଟ୍ ସିରିଜ୍ (ପାସ୍ ଭାରିଆଣ୍ଟ) ଏବଂ ହାନ୍‌ଲେ ବ୍ଲାକ୍ ଓ କାମେଟ୍ ହ୍ୱାଇଟ୍ (ସମିଟ୍-ଟପ୍ ଭାରିଆଣ୍ଟ) ରଙ୍ଗରେ ଉକ୍ତ ମଡେଲଗୁଡିକୁ ଆକର୍ଷଣୀୟ ଡିଜାଇନିଂ କରାଯାଇଛି।ଏସିଆ-ପାସିଫିକ୍ ରିଜିଅନ୍ ଓ ଆମେରିକାର ଗ୍ରାହକମାନେ ଖୁବ୍‌ଶୀଘ୍ର ହିମାଳୟାନ୍‌ର ଆଡ୍‌ଭେଞ୍ଚର-ରେଡି ପ୍ରବୃତ୍ତିଗୁଡିକୁ ଅନୁଭବ କରିପାରିବେ, ଯାହା ଅନ୍ତର୍ଜାତୀୟ ରାଇଡରଙ୍କ ପ୍ରତି ରୟାଲ ଏନ୍‌ଫିଲ୍ଡର ପ୍ରତିବଦ୍ଧତାକୁ ସୁଦୃଢ କରୁଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଇଓ ବି.ଗୋବିନ୍ଦରାଜନ କହିଛନ୍ତି, ଆମେ ନୂଆ ହିମାଳୟାନ୍‌କୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଆମେ ନିକଟରେ ଗ୍ଲୋବ୍‌ଟ୍ରୋଟର୍, ଏକ୍ସପ୍ଲୋରର ଓ ଆଥ୍‌ଲେଟ୍‌ମାନଙ୍କ ସହ ନିୟୋଜିତ ହୋଇଛୁ। ଏଭଳି ତଥ୍ୟ ଏବଂ ହିମାଳୟରେ ଆମର ନିଜସ୍ୱ ଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଏହାର ଡିଏନ୍‌ଏର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡିକୁ ବଜାୟ ରଖିଛୁ ଏବଂ ନୂଆ ଓ ବିକଶିତ ହିମାଳୟାନ୍‌ରେ ପରିବର୍ତ୍ତନ ପାଇଁ ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିଛୁ, ଯାହା ହିମାଳୟ ପାଇଁ ନିର୍ଦ୍ଦିଷ୍ଟ ରୂପେ ଉଦ୍ଦେଶ୍ୟ-ନିର୍ମିତ ବୋଲି ସେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ବ୍ରାଣ୍ଡର ସବୁଠାରୁ ବଡ ମୋଟରସାଇକ୍ଲିଂ ଫେଷ୍ଟିଭାଲ ମୋଟୋଭର୍ସ-୨୦୨୩ରେ ଏହାର ଆଡ୍‌ଭେଞ୍ଚର୍ ଟୁଅରର୍ ଅଲ୍-ନ୍ୟୁ ହିମାଳୟାନ୍‌ର ଉନ୍ମୋଚନ କରାଯାଇଛି,ଯାହାକୁ ସମସ୍ତ ପ୍ରକାର ରାସ୍ତା ପାଇଁ ନିର୍ମାଣ କରାଯାଇଛି।


Classified Everyday
0674-2580101, 2549949



REAL ESTATE

**SALE**

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75067

Duplex sale and plot sale near AIIMS Hospital Bhubaneswar. 9777433701. D-75273

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809



Newly open spa positively Heath benefits with expert therapist. 9040286886. D-75173

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**Newly Healthcare benefited spa Experience Therapist in Bhubaneswar. Contact: 9938843929** D-75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**AFFIDAVIT**

By the virtue of an affidavit No-68AA 649800 Dated 28.11.2023 before the Notary Public, Bhubaneswar, I Mama Sahoo, D/o- Sukanta Sahoo, At- Budhapada, PO- Anakhia, PS- Biridi, Dist.- Jagatsinghpur, Odisha- 754102 have changed my name from Mama Sahoo to Suprava Sahoo. Henceforth, I shall be known as Suprava Sahoo for all future purposes. D- 1903

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ମୁଁ, ପ୍ରିୟବ୍ରତ ମହାନ୍ତି, ବୟସ ୩୮ ବର୍ଷ, ମୋ ପୁତ୍ରର ନାମ- ଆର୍‌ଭି ମହାନ୍ତି, ଠିକଣା- ଏମ୍-୮୯, ଫେଜ୍-II, ଜିବି ନଗର, ଛେଣ୍ଡ, ରାଉରକେଲା ଏକ୍ଜ୍ୟୁକେଟିଭ୍ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତା୦୬।୦୬।୨୦୧୮ରିଖର ସତ୍ୟପାଠ ନମ୍ବର ୪୨ଏଏ୬୦୮୩୮୧ ମାଧ୍ୟମରେ ମୋ ପୁତ୍ରର ନାମକୁ ଆର୍‌ଭି ମହାନ୍ତିରୁ ଆଦ୍‌ଭୟ ପ୍ରଣିକ୍ ମହାନ୍ତିକୁ ପରିବର୍ତ୍ତନ କରିଛି। ଏବେ ପରଠାରୁ ମୋ ପୁତ୍ର ସମସ୍ତ ଉଦ୍ଦେଶ୍ୟ ପାଇଁ ଆଦ୍‌ଭୟ ପ୍ରଣିକ୍ ମହାନ୍ତି ଭାବେ ପରିଚିତ ହେବ। ଧ-୧୯୧୮

By virtue of an affidavit sworn before Executive Magistrate, Bhubaneswar No-CF- 80/ 2023, Dated 10.07.2023, I Bibhuti Bhusan Behera, S/o Narayan Behera, At- 115, Suryanagar, near Governor, House Unit-6, Bhubaneswar, Khordha have changed my Daughter's name from Anvika BS Yadav to Anvika Behera. Henceforth, she shall be known as Anvika Behera, D/o Bibhuti Bhusan Behera for all future purposes. D- 75174

Affidavit No- 124952 Dated 18.10.2023 before Sri N. Mahanty, Notary, Bhubaneswar, my name has changed from Santana Beua, to Santana Dei. Henceforth, I shall be known as Santana Dei, W/o Pandab Nayak, At- Ranihat, Jay Mangala Sahi, PIN- 753007, Dist.- Cuttack for all purposes. D-1915

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏଲ୍‌ଆଇସିର ନୂତନ ଉତ୍ପାଦ



**ନୂଆଦିଲ୍ଲୀ,୩୦।୧୧**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ନୂତନ ଉତ୍ପାଦ 'ଜୀବନ ଉତ୍ସବ' ନିକଟରେ ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଗମର ପାଟନା ଡିଭିଜନ ପକ୍ଷରୁ ଏକ ସ୍ୱତନ୍ତ୍ର ଲୋକାର୍ପଣ ଉତ୍ସବ ସହ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଇଷ୍ଟ ସେଣ୍ଟ୍ରାଲ ଜୋନାଲ ଅଫିସ୍ ପାଟନାର ଜେଡ୍‌ଏମ୍ ସରୱନ୍ କୁମାର,ଆର୍‌ଏମ୍ (ମାର୍କେଟିଂ) ସନୋଜ କୁମାର ଏବଂ ଏସ୍‌ଡିଏମ୍ ପାଟନା ଡିଓ-୧ର ଭିନୀତ ସରନ୍ ପ୍ରମୁଖ ଉପସ୍ଥିତ ରହି ଏଲ୍‌ଆଇସି ଜୀବନ ଉତ୍ସବ(ପ୍ଲାନ୍ ନଂ. ୮୭୧)ର ସମସ୍ତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିଗମର ଏହି ନୂତନ ଯୋଜନା ୯୦ ଦିନରୁ ୬୫ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ଥିବାବେଳେ ଉକ୍ତ ଯୋଜନା ଜରିଆରେ ଆଜୀବନ ଗ୍ୟାରେଣ୍ଟିଯୁକ୍ତ ଆୟ ସହ ଲାଇଫ୍ ଟାଇମ ଇନ୍‌ସ୍ୟୁରାନ୍ସର ବ୍ୟବସ୍ଥା ରହିଛି। ସେହିଭଳି ସର୍ବନିମ୍ନ ୫ ବର୍ଷ ଏବଂ ସର୍ବାଧିକ ୧୬ ବର୍ଷ ପାଇଁ ଉକ୍ତ ବୀମାର ପ୍ରିମିୟମ ପ୍ରଦାନ କରାଯାଇପାରିବ। ଏପରିକି ପ୍ରିମିୟମ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ବର୍ଷ ପାଇଁ ପ୍ରତି ୧୦୦୦ ଟଙ୍କା ବୀମାରାଶିରେ ୪୦ ଟଙ୍କା ଗ୍ୟାରେଣ୍ଟେଡ୍ ଲାଭ ହିତାଧିକାରୀଙ୍କୁ ମିଳିଥାଏ। ସେହିପରି ପ୍ରିମିୟମ ଅବଧି ପରେ ମଧ ବୀମାଧାରୀ ଅନେକ ସୁବିଧାର ଚୟନ କରିପାରିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏଲ୍‌ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ନିଗମର ଉକ୍ତ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ଉତ୍ପାଦ ୨୦୨୩ ନଭେମ୍ବର ୨୯ରୁ ସର୍ବଭାରତୀୟ ସ୍ତରରେ ଉପଲବ୍ଧ। ବିଶେଷକରି ଏହା ଏକ ବ୍ୟକ୍ତିଗତ ଆଜୀବନ ସଞ୍ଚୟ ବୀମା ଯୋଜନା ହୋଇଥିବାବେଳେ ହିତାଧିକାରୀଙ୍କୁ ଅନେକ ସୁବିଧା ଓ ଫାଇଦା ପ୍ରଦାନ କରିଥାଏ ବୋଲି ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଭାରତୀୟ ମହିଳା ହକିରେ ବନ୍ଦନା କାଟାରିଆ ଏକ ପରିଚିତ ନାମ। ସଫଳତା ତାଙ୍କୁ କ୍ରମେ କିମ୍ବଦନ୍ତୀ ଖେଳାଳି ସ୍ତରକୁ ଉନ୍ନୀତ କରିଛି। ଦୀର୍ଘ ୧୩ବର୍ଷ ହେଲା ସେ ଜାତୀୟ ହକି ଦଳରେ ରହି ୩ଶହରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି...

# ବନ୍ଦନା କାଟାରିଆ

ଇଭାନ୍ କୁମାର

ଭାରତୀୟ ମହିଳା ହକିରେ ବନ୍ଦନା କାଟାରିଆ ଏକ ପରିଚିତ ନାମ। ସଫଳତା ତାଙ୍କୁ କ୍ରମେ କିମ୍ବଦନ୍ତୀ ଖେଳାଳି ସ୍ତରକୁ ଉନ୍ନୀତ କରିଛି। ଦୀର୍ଘ ୧୩ବର୍ଷ ହେଲା ସେ ଜାତୀୟ ହକି ଦଳରେ ରହି ୩ଶହରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଭାରତୀୟ ହକିରେ ଏହା ଏକ ମାଇଲଖୁଣ୍ଟ। ଏଥିରୁ ବନ୍ଦନାଙ୍କ ମନୋବଳ ଅନୁମାନ କରିହେଉଛି। ଅନ୍ତର୍ଜାତୀୟ ମ୍ୟାଚରେ ସର୍ବଦା ଭଲ ଖେଳିବା ଜଣେ ଖେଳାଳି ପକ୍ଷେ ସମ୍ଭବ ନୁହେଁ। ଫରୱାର୍ଡ ବନ୍ଦନା କାଟାରିଆ କିନ୍ତୁ ବ୍ୟତିକ୍ରମ। ଭାରତୀୟ ହକିରେ ସେ ଜଣେ ବହୁ ପରୀକ୍ଷିତ ଖେଳାଳି। ଗାଁଗହଳିର ପିଲାମାନେ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରୁଥିବା ଦେଖାଯାଉଛି। ବନ୍ଦନାଙ୍କ ଆଦ୍ୟ କ୍ରୀଡ଼ା ଜୀବନ ଗାଁରେ ଆରମ୍ଭ ହୋଇଥିଲା। ହକି କୌଶଳ ଓ ସ୍ଥିର ପ୍ରଦର୍ଶନ ତାଙ୍କୁ ଜାତୀୟ ଦଳରେ ଜଣେ ନିୟମିତ ଖେଳାଳି ରୂପେ ପ୍ରତିଷ୍ଠା ଦେଇଛି। ୩୧ବର୍ଷୀୟା ବନ୍ଦନା ଜାତୀୟ ଦଳର ବରିଷ୍ଠତମ ଖେଳାଳି। ଉତ୍ତରାଖଣ୍ଡର ହରିଦ୍ୱାରଠାରୁ ୧୫କି.ମି. ଦୂର ରୋଶନାବାଦ୍ ଗାଁ ତାଙ୍କ ଜନ୍ମସ୍ଥାନ। ରାଞ୍ଚିରେ ଏସୀୟ ଚାମ୍ପିୟନ୍ସ ଟ୍ରଫି ଖେଳି ସେ ତାଙ୍କ ଅନ୍ତର୍ଜାତୀୟ ମ୍ୟାଚ ସଂଖ୍ୟା ୩୦୩ରେ ପହଞ୍ଚାଇଛନ୍ତି। ବନ୍ଦନା ତାଙ୍କ ୩୦୦ତମ ମ୍ୟାଚ୍ ଜାପାନ ବିପକ୍ଷରେ ଖେଳିଥିଲେ। ଭାରତ ଏଥିରେ ବିଜୟୀ ହୋଇ ସେମିଫାଇନାଲକୁ ଉଠିଥିଲା।

ବନ୍ଦନାଙ୍କ ପିଲାବେଳର ହକି ଖେଳ ଭଲରେ କଟି ନ ଥିଲା। ତାଙ୍କ ଖେଳିବାକୁ ରକ୍ଷଣଶୀଳ ଗ୍ରାମବାସୀ ପସନ୍ଦ କରି ନ ଥିଲେ। ହେଲେ ବନ୍ଦନାଙ୍କଠାରେ ହକି ପ୍ରତିଭା ଭରିରହିଥିଲା। ଗାଁ ଲୋକଙ୍କ ନାପସନ୍ଦ ସତ୍ତ୍ୱେ ସେ ହକି ଷ୍ଟିକ୍ ଧରି ପଡ଼ିଆକୁ ଯିବା ଛାଡ଼ି ନ ଥିଲେ। ଦଳିତ ବର୍ଗର କନ୍ୟା ବନ୍ଦନା ତାଙ୍କ ବାପା ନହର ସିଂଙ୍କ ସମର୍ଥନ ପାଇ ଆଗକୁ ବଢିଥିଲେ। ପରିବାର ଏବଂ ଜାତୀୟ ଦଳର ସାଥୀ ଖେଳାଳିଙ୍କଠାରୁ ସହଯୋଗ ପାଇ ସେ ଆଜି ଏକ ଇତିହାସ ରଚିବାରେ ସଫଳ ହୋଇପାରିଛନ୍ତି। ୨୦୧୦ ମସିହାରେ ବନ୍ଦନା ଜାତୀୟ ଦଳରେ ପଦାର୍ପଣ କରିଥିଲେ। ଏହାର ବର୍ଷେ ପରେ ସିନିୟର ଦଳରେ ପ୍ରବେଶ କରିଥିଲେ। ୨୦୧୩ କନିଷ୍ଠ ବିଶ୍ୱ କପ୍ ବନ୍ଦନାଙ୍କ ଗତିପଥ ବଦଳାଇ ଦେଇଥିଲା। ଏଥିରେ ସେ ୫ଟି ଗୋଲ ସ୍କୋର କରିଥିଲେ। ଭାରତ ହାତରେ ଲାଗିଥିଲା କାଂସ୍ୟ ପଦକ। ୨୦୧୬ ରିଓ ଅଲିମ୍ପିକ୍ ହକିରେ ତାଙ୍କଠାରୁ ବିଶେଷ କିଛି ଦେଖିବାକୁ ମିଳି ନ ଥିଲା। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ତାଙ୍କ ପ୍ରକୃତ ଦକ୍ଷତା ଦେଖାଯାଇଥିଲା। ଏଠାରେ ସେ ଦକ୍ଷିଣ ଆଫ୍ରିକାକୁ ହ୍ୟାଟ୍ରିକ୍ ଗୋଲ ଦେଇ ବିଶ୍ୱ ନଜରକୁ ଆସିଥିଲେ। ଏହି କୃତିତ୍ୱ ପାଇବାରେ ବନ୍ଦନା ଭାରତର ପ୍ରଥମ ମହିଳ ହକି ଖେଳାଳି। ଟୋକିଓ ସେମିଫାଇନାଲ ମ୍ୟାଚର ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନାଠାରୁ ହାରିଯିବାରୁ ଭାରତ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲା। ଏହି ପରାଜୟ କିନ୍ତୁ ଭାରତୀୟ ଖେଳାଳିଙ୍କୁ ଅଶାନ୍ତିରେ ପକାଇ ଦେଇଥିଲା। ସେମାନଙ୍କୁ ଉଭୟ ଟୋକିଓ ଓ ଭାରତରେ ସମାଲୋଚନା କରାଯାଇଥିଲା। ଦଳରେ ଥିବା କେତେଜଣ ଦଳିତ ବର୍ଗର ଖେଳାଳିଙ୍କ ଯୋଗୁ ଭାରତ ହାରିଲା ବୋଲି ସ୍ୱର ଉଠିଥିଲା। ଏହି ସମାଲୋଚନାରୁ ବନ୍ଦନା ବାଦ୍ ପଡ଼ି ନ ଥିଲେ। ତାଙ୍କ ରୋଶନାବାଦ୍ ଗାଁ ଘର ଆଗରେ ଲୋକେ ନାରାବାଜି କରିବା ସହ ବାଣ ଫୁଟାଇଥିଲେ। ୨୦୧୬ ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଚାମ୍ପିୟନ ହୋଇଥିଲା ବେଳେ ୨୦୨୩ ରାଞ୍ଚି ସଂସ୍କରଣରେ ମଧ୍ୟ ସମାନ ସଫଳତା ପାଇଛି। ଏହାର ଫାଇନାଲ ମ୍ୟାଚରେ ଭାରତ ୪ ଗୋଲ ଦେଇ ଜାପାନକୁ ହରାଇଥିଲା। ମ୍ୟାଚର ଶେଷ ମିନିଟ୍‌ରେ ବନ୍ଦନା ଅନ୍ତିମ ଗୋଲ କରି ଟୁର୍ନାମେଣ୍ଟର ଯବନିକା ପକାଇଥିଲେ। ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ଏସୀୟ କ୍ରୀଡ଼ାରେ ରୌପ୍ୟ ଓ ୨୦୨୩ ହାଙ୍ଗଝୌ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଥିଲେ। ୨୦୨୧ରେ ଅର୍ଜୁନ ପୁରସ୍କାର, ୨୦୨୨ରେ ପଦ୍ମଶ୍ରୀ ଉପାଧିରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପ୍ରତି ବନ୍ଦନା କେନ୍ଦ୍ର ସରକାରଙ୍କ 'ବେଟୀ ବଚାଓ, ବେଟୀ ପଢ଼ାଓ' ଆନ୍ଦୋଳନର ବ୍ରାଣ୍ଡ୍ ଆମ୍ବାସାଡର। ଟୋକିଓ ଅଲିମ୍ପିକ୍ ପରାଜୟ ଦୁଃଖରୁ ବନ୍ଦନା ବର୍ତ୍ତି ନ ଥିଲେ। ସେଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଧିନାୟିକା ରାଣୀ ରାମପାଲଙ୍କ କ୍ଷୁବ୍ଧ ଚେହେରା ଦେଖାଯାଇଥିଲା। ସେ ବ୍ୟଥିତ କଣ୍ଠରେ ଯାହା କହିଲେ ସାରା ଭାରତ ପାଇଁ ଏକ ଶିକ୍ଷା ହୋଇଗଲା। ବନ୍ଦନାଙ୍କ ପରିବାର ପ୍ରତି ଘଟିଥିବା ଅସମ୍ମାନକୁ ସେ କଡ଼ା ନିନ୍ଦା କରିଥିଲେ। ରାଣୀ ନିଜ ନୈରାଶ୍ୟଭାବ ପ୍ରକାଶ କରି ଭାରତୀୟ ସମାଜରେ ଭେଦଭାବ, ଧର୍ମ ବିଭାଜନ ଓ ଜାତି ବିଦ୍ୱେଷ ପରି ସାମାଜିକ କୁସଂସ୍କାର ବନ୍ଦ ହେବା ଉଚିତ ବୋଲି କହିଥିଲେ। ବନ୍ଦନା ଭାରତୀୟ ରେଲ୍‌ୱେରେ ଅଫିସର ଭାବେ ଚାକିରି କରୁଛନ୍ତି।







ହାର୍ଦ୍ଦିକ ପାଣ୍ଡ୍ୟା

# ପ୍ଲେୟର୍ସ ଟ୍ରାନ୍ସଫର

ଆଇପିଏଲ୍‌ରେ ପ୍ଲେୟର୍ସ ଟ୍ରାନ୍ସଫରକୁ ଟ୍ରେଡ୍ ବୋଲି କୁହାଯାଉଥିବା ବେଳେ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍ ଏବଂ ଅନ୍ୟଟି ହେଉଛି ଅଲ୍ କ୍ୟାଶ୍ ଡିଲ୍ । ଆଇପିଏଲ୍‌ର ଗୋଟିଏ ସିଜନ ସମାପ୍ତ ହେବା ସହିତ ପରବର୍ତ୍ତୀ ସିଜନ ପାଇଁ ଟ୍ରେଡ୍ ୱିଣ୍ଡୋ ଖୋଲିଯାଏ...

କ୍ରୀଡ଼ା ଜଗତରେ ଖେଳାଳିମାନେ ଗୋଟିଏ ଦଳ ଛାଡି ଅନ୍ୟ ଦଳକୁ ଯିବାକୁ ପ୍ଲେୟର୍ସ ଟ୍ରାନ୍ସଫର ବୋଲି କୁହାଯାଏ। ଫୁଟବଲରେ ଏହା ଏକ ଅତ୍ୟନ୍ତ ସାଧାରଣ ଘଟଣା। ଏପରିକି ବିଶ୍ୱର ସବୁଠାରୁ ମହଙ୍ଗା ଟ୍ରାନ୍ସଫର ମଧ୍ୟ ଫୁଟବଲ ସହିତ ଜଡିତ। ବ୍ରାଜିଲର ଫରୱାର୍ଡ ନେମାର ଓ ଫ୍ରାନ୍ସର ତାରକା ଖେଳାଳି କିଲିଆନ୍ ଏମବାପେ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ନେମାର ୨୨୨ ମିଲିୟନ୍ ଡଲାରର ଟ୍ରାନ୍ସଫର ଫି' ସହିତ ପ୍ୟାରିସ୍ ସେଣ୍ଟ ଜର୍ମେନରେ ଯୋଗ ଦେଇଥିବା ବେଳେ ଏମ୍‌ବାପେ ୧୯୮ ମିଲିୟନ୍ ଡଲାରରେ ସମାନ ଦଳରେ ସାମିଲ ହୋଇଥିଲେ। ଫୁଟବଲରେ ଏହା ଏକ ବହୁଳ ବ୍ୟବହୃତ ଶବ୍ଦ ହୋଇଥିଲେ ମଧ୍ୟ କ୍ରିକେଟ ଦୁନିଆ ଦ୍ୱିତୀୟ ଥର ଏଭଳି କିଛି ଦେଖିଥିଲା। ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗ୍ ଆଇପିଏଲ୍‌ରେ ଏଭଳି ଘଟିଥିବା ବେଳେ ଏକ ନାଟକୀୟ ଅଲ୍ କ୍ୟାଶ ଟ୍ରାନ୍ସଫରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ହାତେଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଫ୍ରାଞ୍ଚାଇଜ ପର୍ସରେ ଆବଶ୍ୟକ ଅର୍ଥ ନ ଥିବା ବେଳେ କିଭଳି ଭାବରେ ଏହି ଟ୍ରାନ୍ସଫର ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏପରିକି କ୍ରିକେଟରେ ଟ୍ରାନ୍ସଫର କ'ଣ ଓ ଏହା କିଭଳି କାର୍ଯ୍ୟ କରିଥାଏ ତାକୁ ନେଇ ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଥିଲା। ଏହା କେତେ ପ୍ରକାରର ଓ କିଭଳି ଭାବରେ କାର୍ଯ୍ୟକାରୀ ହୋଇଥାଏ ତାହାକୁ ନେଇ ଉପସ୍ଥାପନା...

**ଟ୍ରେଡ୍:** ଆଇପିଏଲ୍‌ରେ ପ୍ଲେୟର୍ ଟ୍ରାନ୍ସଫରକୁ ଟ୍ରେଡ୍ ବୋଲି କୁହାଯାଉଥିବା ବେଳେ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍। ଅନ୍ୟ ଟ୍ରେଡ୍‌ଟି ହେଉଛି ଅଲ୍ କ୍ୟାଶ ଡିଲ୍। ଆଇପିଏଲ୍‌ର ଗୋଟିଏ ସିଜନ ସମାପ୍ତ ହେବା ସହିତ ପରବର୍ତ୍ତୀ ସିଜନ ପାଇଁ ଟ୍ରେଡ୍ ୱିଣ୍ଡୋ ଖୋଲିଯାଏ। ଖେଳାଳି ନିଲାମୀ ହେବାର ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଟ୍ରେଡ୍ ୱିଣ୍ଡୋ ଓପନ ରହଥାଏ।

**ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍:** ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପରେ ଦୁଇ ଦଳ ଜଣେ ବା ଏକାଧିକ ଖେଳାଳିଙ୍କୁ ପରସ୍ପର ସହିତ ବଦଳ କରିଥାନ୍ତି। ପ୍ରଥମ ଥର ପାଇଁ ୨୦୦୯ରେ ପ୍ଲେୟର ସ୍ୱାପ ଦେଖିବାକୁ ମିଳିଥିଲା। ଦିଲ୍ଲୀ ଡେୟାର ଡେଭିଲ୍ସର ଶିଖର ଧାୱନଙ୍କୁ ଆଣି ତାଙ୍କ ସହିତ ଆଶିଷ ନେହେରାଙ୍କୁ ସ୍ୱାପ୍ କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ। ତେବେ ଏ କ୍ଷେତ୍ରରେ ଜଣେ ଖେଳାଳିଙ୍କ ସହିତ ଏକାଧିକ ଖେଳାଳିଙ୍କୁ ସ୍ୱାପ କରିବା ସମ୍ଭବ ହେବ। ଏହା ସହିତ ଟ୍ରେଡ ହେଉଥିବା ଖେଳାଳିଙ୍କ ମଧ୍ୟରୁ ଜଣଙ୍କ ମୂଲ୍ୟ ଅଧିକ ରହିଥିଲେ ଅନ୍ୟ ଦଳକୁ ଏହା ଭରଣା କରିବାକୁ ପଡିଥାଏ। ଚଳିତ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶାହାବାଜ ଅହମଦଙ୍କୁ ରିଲିଜ କରି ପ୍ଲେୟର ସ୍ୱାପ୍ ମାଧ୍ୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦରୁ ମୟଙ୍କ ଡାଗରଙ୍କୁ ନିଜ ପାଖକୁ ଆଣିଛି।

**ଅଲ୍ କ୍ୟାଶ୍ ଡିଲ୍:** ଏହି ଚୁକ୍ତି ପୂର୍ବରୁ ୨୦୨୨ରେ ମଧ ହୋଇଥିଲା। ରେହମାନଉଲ୍ଲା ଗୁର୍‌ବାଜ ଓ ଲୋକି ଫର୍ଗୁସନଙ୍କୁ ଅଲ୍ କ୍ୟାଶ୍ ଡିଲ୍‌ରେ କିଣିଥିଲା କୋଲକାତା ନାଇଟ ରାଇଡର୍ସ। ତେବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଡିଲ୍ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲା। ଗୋଟିଏ ଦଳ ଅନ୍ୟ ଦଳରୁ ଖେଳାଳିଙ୍କୁ କିଣିବାକୁ ଚାହୁଁଥିଲେ ଏଥିପାଇଁ କୌଣସି ଖେଳାଳିଙ୍କୁ ସ୍ୱାପ୍ ନ କରି ଅର୍ଥ ପ୍ରଦାନ କରିଥାଏ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ମୁମ୍ବାଇ ପାଣ୍ଡ୍ୟାଙ୍କୁ କିଣିବା ପାଇଁ ତାଙ୍କର ବେସ୍ ପ୍ରାଇସ୍ ସହିତ ଏକ ଅଘୋଷିତ ମୂଲ୍ୟର ଅର୍ଥ ପ୍ରଦାନ କରିଥିଲା। ମୁମ୍ବାଇ ଏହି ଡିଲ୍ ପାଇଁ ତାରକା ଅଲ୍‌ରାଉଣ୍ଡର କାମେରନ୍ ଗ୍ରୀନ୍‌ଙ୍କୁ ମଧ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଟ୍ରେଡ୍ କରିଥିଲା।

**ଫାଇଦା:** ଅଲ୍ କ୍ୟାଶ୍ ଡିଲ୍‌ରେ ଯେ କେବଳ ଫ୍ରାଞ୍ଚାଇଜର ଫାଇଦାରେ ରହି ନ ଥାଏ ବରଂ ଖେଳାଳିଙ୍କୁ ମଧ ଫାଇଦା ମିଳିଥାଏ। ଯେଉଁ ଅଘୋଷିତ ମୂଲ୍ୟ ଫ୍ରାଞ୍ଚାଇଜକୁ ମିଳିଥାଏ ଖେଳାଳିଙ୍କୁ ଏହାର କିଛି ଅଂଶ ପ୍ରଦାନ କରାଯାଇଥାଏ। ସାଧାରଣତଃ ଏହା ୫୦ ପ୍ରତିଶତ ରହୁଥିବା ବେଳେ ଖେଳାଳିଙ୍କ ସହିତ ହୋଇଥିବା ଚୁକ୍ତି ଉପରେ ଏହା ନିର୍ଭର କରିଥାଏ।

**ବ୍ୟାନ୍ ହୋଇଥିଲେ ଜାଡେଜା:** ୨୦୧୦ରେ ରାଜସ୍ଥାନ ରୟାଲ୍ସ ଦଳର ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ ଆଇପିଏଲ୍‌ରୁ ୧ ବର୍ଷ ପାଇଁ ବ୍ୟାନ୍ କରାଯାଇଥିଲା। ରାଜସ୍ଥାନ ସହିତ ଡିଲ୍ ସାଇନ୍ ନ କରି ଭିତିରିଆ ମୁମ୍ବାଇ ସହିତ ଚୁକ୍ତି କରିବାକୁ ପ୍ରୟାସ କରିବା କାରଣରୁ ତାଙ୍କୁ ବ୍ୟାନ୍ କରାଯାଇଥିଲା।

**ଖେଳାଳିଙ୍କ ଇଚ୍ଛା:** ଯେ କୌଣସି ଟ୍ରାନ୍ସଫର ପାଇଁ ଖେଳାଳିଙ୍କ ସହମତି ଆବଶ୍ୟକ। ତେବେ ଫ୍ରାଞ୍ଚାଇଜର ମତାମତ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥାଏ। ଫ୍ରାଞ୍ଚାଇଜର ସହମତି ନ ରହିଲେ କୌଣସି ଖେଳାଳି ଦଳ ଛାଡି ପାରିବେ ନାହିଁ।

**ଅକ୍ସନ୍ ପର୍ସ ଉପରେ ପ୍ରଭାବ:** କୌଣସି ଖେଳାଳି ଯଦି ଅଲ୍ କ୍ୟାଶ୍ ଡିଲ୍‌ରେ ଆସୁଛନ୍ତି ତେବେ ଏହା ଅକ୍ସନ୍ ପର୍ସକୁ ପ୍ରଭାବିତ କରି ନ ଥାଏ। କେବଳ ଖେଳାଳିଙ୍କ ବେସ୍ ପ୍ରାଇସ୍ ହିଁ ଅକ୍ସନ ପର୍ସରୁ କଟିଥାଏ। ଫ୍ରାଞ୍ଚାଇଜକୁ ପ୍ରଦାନ କରାଯାଉଥିବା ଅଘୋଷିତ ଅର୍ଥର କିଛି ପ୍ରଭାବ ରହି ନ ଥାଏ।

ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଏପର୍ଯ୍ୟନ୍ତ ମାତ୍ର ୨ ସିଜନ ଖେଳିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ପ୍ରଥମ ବର୍ଷରେ ଟାଇଟଲ ଜିତିଥିବାବେଳେ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଛି। ଏବେ ଶୁବମନ ଗିଲ୍‌ଙ୍କ ମୁଣ୍ଡରେ ମୁକୁଟ। ତେଣୁ ଜଣେ ଖେଳାଳିଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଶୁବମନ ଆଗାମୀ ସିଜନରେ ଜଣେ ଅଧିନାୟକଭାବେ ନିଶ୍ଚିତ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ...

# ନୂଆ ଚ୍ୟାଲେଞ୍ଜ

କ୍ରିକେଟ ଜଗତର ସବୁଠାରୁ ବ୍ୟୟବହୁଳ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ଆଗାମୀ ସିଜନ ଆରମ୍ଭ ପୂର୍ବରୁ ଚର୍ଚ୍ଚାକୁ ଆସିଯାଇଛି। ଏବେ ଖେଳ ପାଇଁ ନୁହେଁ ବରଂ ପ୍ଲେୟର୍ସ ଟ୍ରାନ୍ସଫରକୁ ନେଇ ଆଲୋଚନା ବେଶ୍ ସରଗରମ ହୋଇଛି। ଅଲ୍ କ୍ୟାଶ୍ ଡିଲ୍‌ରେ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସକୁ ଯାଇଛନ୍ତି। ଫଳରେ ତାରକା ଓପନର ଶୁବମନ ଗିଲ୍‌ଙ୍କୁ ଟାଇଟନ୍ସ ଦଳର ଅଧିନାୟକ କରାଯାଇଛି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଏପର୍ଯ୍ୟନ୍ତ ମାତ୍ର ୨ ସିଜନ ଖେଳିଛି। ହାର୍ଦ୍ଦିକଙ୍କ ନେତୃତ୍ୱରେ ପ୍ରଥମ ବର୍ଷରେ ଟାଇଟଲ ଜିତିଥିବାବେଳେ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଛି। ଏବେ ଗିଲ୍‌ଙ୍କ ମୁଣ୍ଡରେ ମୁକୁଟ। ତେଣୁ ଜଣେ ଖେଳାଳିଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଶୁବମନ ଆଗାମୀ ସିଜନରେ ଜଣେ ଅଧିନାୟକଭାବେ ନିଶ୍ଚିତ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

୨୪ ବର୍ଷୀୟ ଗିଲ୍ ପ୍ରଥମଥରପାଇଁ ଆଇପିଏଲ୍‌ରେ ଅଧିନାୟକର ଗୁରୁଦାୟିତ୍ୱ ବହନ କରିବେ। ୨୦୧୮ରେ କୋଲକାତା ନାଇଟ ରାଇଡର୍ସ ଦଳରୁ ତାଙ୍କ ଆଇପିଏଲ୍ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୨୨ ଖେଳାଳି ନିଲାମ ପୂର୍ବରୁ ନାଇଟ ରାଇଡର୍ସ ତାଙ୍କୁ ରିଲିଜ୍ କରି ଦେଇଥିଲା। ନୂଆ ଫ୍ରାଞ୍ଚାଇଜ୍ ହୋଇଥିବାରୁ ଗୁଜରାଟ ଟାଇଟନ୍ସ ଖେଳାଳି ନିଲାମ ପୂର୍ବରୁ ୩ ଖେଳାଳିଙ୍କ ସହ ଚୁକ୍ତି କରିବାର ସୁଯୋଗ ପାଇଥିଲା। ଏହି କ୍ରମରେ ଗୁଜରାଟ ଫ୍ରାଞ୍ଚାଇଜ୍ ୭ କୋଟି ଟଙ୍କାରେ ଗିଲ୍‌ଙ୍କ ସହ ଚୁକ୍ତି କରିଥିଲା। ହାର୍ଦ୍ଦିକ ଏବଂ ରଶିଦ ଖାଁଙ୍କ ସହ ୧୫ କୋଟି ଲେଖାଏ ଟଙ୍କାର ଚୁକ୍ତି ହୋଇଥିଲା। ୨୦୨୨ ଆଇପିଏଲ୍‌ରେ ଗିଲ୍ ୧୬ ମ୍ୟାଚରୁ ୪୮୩ ରନ କରି ଗୁଜରାଟ ଦଳର ଟପ୍ ସ୍କୋରର ହୋଇଥିଲେ। ରାଜସ୍ଥାନ ରୟାଲ୍ସ ବିପକ୍ଷ ଫାଇନାଲରେ ସେ ୪୫ ରନକରି ଅପରାଜିତ ରହିଥିଲେ ଏବଂ ଗୁଜରାଟ ଚାମ୍ପିୟନ ହୋଇଥିଲା। ୨୦୨୩ ଆଇପିଏଲ୍‌ରେ ସେ ୧୭ ଇନିଂସରୁ ୮୯୦ ରନ କରି ଟପ୍ ସ୍କୋରର ହୋଇଥିଲେ। ଏହା ମଧ୍ୟରେ ୩ ଶତକ ସାମିଲ ଥିଲା। ଫାଇନାଲରେ ଚେନ୍ନାଇଠାରୁ ହାରି ଟାଇଟନ୍ସ ରନରଅପ୍ ହୋଇଥିଲା। ମାତ୍ର ଦଳକୁ ଫାଇନାଲକୁ ଆଣିବାରେ ଗିଲ୍‌ଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ଗତ ୬ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଲେ ଗିଲ୍ ଟପ୍ ରନ୍ ସ୍କୋରରଙ୍କ ମଧ୍ୟରେ ୫ମ ସ୍ଥାନରେ ରହିବେ। ଲୋକେଶ ରାହୁଲ, ଶିଖର ଧାୱନ, ବିରାଟ କୋହଲି ଓ ଫାଫ୍ ଡୁ'ପ୍ଲେସିଙ୍କ ପରେ ତାଙ୍କ ନାଁ ଆସିବ। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ବିରାଟ କୋହଲି ସର୍ବାଧିକ ୭୨୬୩ ରନ କରି ଶୀର୍ଷସ୍ଥାନରେ ରହିଛନ୍ତି। ଶିଖର ଧାୱନ (୬୬୧୭) ଓ ଡେଭିଡ ୱାର୍ନର (୬୩୯୭) ପରବର୍ତ୍ତୀ ୨ ସ୍ଥାନରେ ଅଛନ୍ତି। ଏ କ୍ଷେତ୍ରରେ ଗିଲ୍ (୨୭୯୦) ୨୮ତମ ସ୍ଥାନରେ ରହିଛନ୍ତି। ଶୁବମନ ଏପରି ଏକ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି ଯେଉଁଥିରେ କେନ୍ ୱିଲିୟମସନ, ରଶିଦ ଖାଁ, ଡେଭିଡ ମିଲର, ମାଥ୍ୟୁ ୱାଡେ ଓ ଋଦ୍ଧିମାନ ଶାହାଙ୍କ ପରି ବହୁ ଅଭିଜ୍ଞ ତାରକା ଖେଳାଳି ରହିଛନ୍ତି। ଆବଶ୍ୟକ ସ୍ଥଳେ ସେମାନଙ୍କ ପରାମର୍ଶ ମଧ୍ୟ ସେ ନେବେ ବୋଲି ଆଶା କରାଯାଉଛି। ଏଥିରୁ ତାଙ୍କୁ ଅନେକ କିଛି ଶିଖିବାକୁ ମିଳିବ। ଏହା ପୂର୍ବରୁ ଘରୋଇ କ୍ରିକେଟରେ ସେ ଦିଲୀପ ଟ୍ରଫି ଏବଂ ଦେଓଧର ଟ୍ରଫିରେ ଦଳର ନେତୃତ୍ୱ ନେବାର କିଛି ଅଭିଜ୍ଞତା ମଧ ରଖିଛନ୍ତି। ଗିଲ୍‌ଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଦୃଢ଼ ଆଶା ପୋଷଣ କରାଯାଇଛି।




ଶୁବମନ ଗିଲ୍

## ନିଶା

ୱାର୍ଲ୍ଡର ପ୍ରଥମ
ଟ୍ରାନ୍ସଜେଣ୍ଡରଭାବେ
ଅଷ୍ଟ୍ରେଲିଆ ଡାନିଏଲ
କାନାଡ଼ା ମହିଳା ଗ୍ରୁପ୍‌ରେ
ଖେଳି
କରିଥିଲା ସେ କମାଲ




ଆଇସିସି କଲବଲ
ମେଲ୍ ଟୁ ଫିମେଲ ରୁଲ୍ ନିଜେ
ବ୍ୟାନ୍ କଲା
ଅଲିମ୍ପିକ୍ସ ପାଇଁ ଝୁଲ।

ପୁରୁଷ ଭାବେ ଯୌବନ ପାଇ
ନ ଖେଳିବେ
ଲେଡି କ୍ରିକେଟରେ କେହି
ଦି' ହଜାର ଅଠେଇଶ
ଅଲିମ୍ପିକ୍ସରେ
କ୍ରିକେଟ ସାମିଲ ନେଇ
ମହିଳା ଆଥଲେଟ୍ ପାଇଁ
ଟେଷ୍ଟୋଷ୍ଟେରନ ଟୁ ପଏଣ୍ଟ
ପାଞ୍ଚ ନାନୋ
ମୋଲ ଲିଟରରେ ଥାଇ।

ସତ୍‌ଚାଳିଶ ବର୍ଷ ପରେ
ଇଟାଲୀକୁ
ପ୍ରଥମ ଡେଭିସ୍ କପ୍
ଜାନିକ ସିନର
କ୍ୟାପ୍‌ଟେନଶିପ୍‌ରେ
ଏ ଅଧୁରା ହିଷ୍ଟ୍ରି ବାପ
ଖେଳାଳି ପେସେନ୍ସ ମାପ
ୱିନ୍ ନିଶା କେବେ ବୃଥା
ଯାଏନାହିଁ
ନଶା ମିଶା ଅଭିଶାପ।

-ସୁବାସ ଚନ୍ଦ୍ର ପ୍ରଧାନ

# ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଦଳ ଘୋଷଣା

## ରାହୁଲ ଦିନିକିଆ ଦଳ ଅଧିନାୟକ

■ ଟେଷ୍ଟ ଦଳରେ ନାହାନ୍ତି ରାହାନେ, ପୂଜାରା
■ ଋତୁରାଜ, ରିଙ୍କୁ, ରଜତ, ସାଇ ସୁଦର୍ଶନଙ୍କୁ ଡାକରା


ଲୋକେଶ ରାହୁଲ

ନୂଆଦିଲ୍ଲୀ,୩୦।୧୧(ପି.ଟି.)

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ଭଳି ବରିଷ୍ଠ ଖେଳାଳି ବାଦ ପଡିଥିବା ବେଳେ ଋତୁରାଜ ଗାଏକ୍ୱାଡଙ୍କୁ ପ୍ରଥମ ଥର ଟେଷ୍ଟ ଦଳକୁ ଡାକରା ମିଳିଛି। ସେହିପରି ଟି୨୦ରେ ଫିନିଶର ଭୂମିକା ନିଭାଉଥିବା ରିଙ୍କୁ ସିଂ, ସାଇ ସୁଦର୍ଶନ ଓ ଏନ୍. ଜଗଦୀଶାନଙ୍କୁ ଦିନିକିଆ ଦଳକୁ ଡାକରା ମିଳିଛି। ଗୁରୁବାର ଚୟନକର୍ତ୍ତାଙ୍କ ବୈଠକ ବସିଥିବା ବେଳେ ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଭାରତ ଓ ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଭାରତୀୟ ଦଳ ଏହି ଗସ୍ତରେ ଯାଇ ୩ଟି ଲେଖାଏ ଦିନିକିଆ ଓ ଟି ୨୦ ମ୍ୟାଚ୍ ସହିତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସୀମିତ ଓଭର ଦଳରୁ ବିଶ୍ରାମ ପାଇଁ ଅନୁରୋଧ କରିଥିବାରୁ ଦିନିକିଆ ଓ ଟି୨୦ ପାଇଁ ଉଭୟଙ୍କ ନାମ ବିଚାରକୁ ନିଆ ଯାଇ ନ ଥିଲା। ଉଭୟ ଟେଷ୍ଟ ଦଳରେ ସାମିଲ ଥିବା ବେଳେ ରୋହିତ ଟେଷ୍ଟ ଟିମ୍‌ର ଅଧିନାୟକ ରହିଛନ୍ତି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବଙ୍କୁ ଟି୨୦ ଦଳର ଅଧିନାୟକ ଘୋଷଣା କରାଯାଇଛି।


ଋତୁରାଜ ଗାଏକ୍ୱାଡ୍


ରିଙ୍କୁ ସିଂ


ସାଇ ସୁଦର୍ଶନ


ରଜତ ପଟିଦାର

### ଦିନିକିଆରେ ନବାଗତଙ୍କୁ ସୁଯୋଗ

ଭାରତୀୟ ଚୟନକର୍ତ୍ତା ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଏକାଧିକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ୨୦୨୭ ପାଇଁ ଦଳ ଘୋଷଣାକୁ ପ୍ରାଧାନ୍ୟ ଦେବା ସହିତ ଦିନିକିଆ ଦଳରେ ରିଙ୍କୁ ସିଂ, ରଜତ ପଟିଦାର ଓ ସାଇ ସୁଦର୍ଶନଙ୍କୁ ସାମିଲ କରାଯାଇଛି। ଉଇକେଟ କିପର ଭାବରେ ଲୋକେଶ ରାହୁଲ ପ୍ରଥମ ପସନ୍ଦ ରହିଥିବା ବେଳେ ସଞ୍ଜୁ ସାମସନ ଦ୍ୱିତୀୟ ଉଇକେଟ କିପର ଭାବରେ ଦଳରେ ଅଛନ୍ତି। ଯଶପ୍ରୀତ ବୁମରା, ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅର୍ଶଦୀପ ସିଂ, ମୁକେଶ କୁମାର, ଯୁଜବେନ୍ଦ୍ର ଚହଲ ଓ ଦୀପକ ଚହରଙ୍କୁ ସ୍ଥାନ ମିଳିଛି।

### ରାହାନେ, ପୂଜାରାଙ୍କ ସମୟ ଶେଷ

ଟେଷ୍ଟ ଦଳରେ ଦୁଇ ଭେଟେରାନ୍ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ସମୟ ଆପାତତଃ ଶେଷ ହୋଇଛି। ଉଭୟ ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଅଣଦେଖା କରିଛନ୍ତି ଚୟନକର୍ତ୍ତା। ପୂଜାରା ଶେଷ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦଳର ସଦସ୍ୟ ରହିଥିବା ବେଳେ ରାହାନେ ଭାରତୀୟ ଦଳ ସହିତ ୱେଷ୍ଟଇଣ୍ଡିଜ୍ ଗସ୍ତ କରିଥିଲେ। ମହମ୍ମଦ ଶାମିଙ୍କୁ ଟେଷ୍ଟ ସିରିଜ୍ ପାଇଁ ଦଳରେ ସାମିଲ କରାଯାଇଥିଲେ ହେଁ ସେ ଫିଟ ରହିଲେ ଖେଳିବେ ବୋଲି ଘୋଷଣା କରାଯାଇଛି। ଟି୨୦ ପାଇଁ ଘୋଷଣା କରାଯାଇଥିବା ଦଳରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ରଖାଯାଇଛି। ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଜାଡେଜାଙ୍କୁ ଉପ ଅଧିନାୟକ ଘୋଷଣା କରାଯାଇଛି।

**ଟେଷ୍ଟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ୍ ଆୟର, ଋତୁରାଜ ଗାଏକ୍ୱାଡ, ଇଶାନ କିଶନ (ଉଇକେଟ କିପର), ଲୋକେଶ ରାହୁଲ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ମୁକେଶ କୁମାର, ମହମ୍ମଦ ଶାମି, ଯଶପ୍ରୀତ ବୁମରା (ଉପ ଅଧିନାୟକ), ପ୍ରସିଦ୍ଧ କ୍ରିଷ୍ଣା।

**ଟି୨୦ ଦଳ:** ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାଡ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ରିଙ୍କୁ ସିଂ, ଶ୍ରେୟସ ଆୟର, ଇଶାନ କିଶନ (ଉଇକେଟ କିପର), ଜିତେଶ ଶର୍ମା (ଉଇକେଟ କିପର), ରବୀନ୍ଦ୍ର ଜାଡେଜା (ଉପ ଅଧିନାୟକ), ୱାଶିଂଟନ୍ ସୁନ୍ଦର, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ମୁକେଶ କୁମାର, ଦୀପକ ଚହର।

**ଦିନିକିଆ ଦଳ:** ଋତୁରାଜ ଗାଏକ୍ୱାଡ, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ରିଙ୍କୁ ସିଂ, ଶ୍ରେୟସ ଆୟର, ଲୋକେଶ ରାହୁଲ (ଅଧିନାୟକ,ଉଇକେଟ କିପର), ସଞ୍ଜୁ ସାମସନ (ଉଇକେଟ କିପର), ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୁକେଶ କୁମାର, ଆଭେଶ ଖାନ୍, ଅର୍ଶଦୀପ ସିଂ, ଦୀପକ ଚହର।

# ପ୍ରିୟାଂଶୁ କ୍ୱାର୍ଟରଫାଇନାଲରେ

ଲକ୍ଷ୍ନୌ, ୩୦।୧୧(ପି.ଟି.)

ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସରେ ତିଷ୍ଠି ରହିଥିବା ଏକମାତ୍ର ଭାରତୀୟ ଖେଳାଳି ପ୍ରିୟାଂଶୁ ରାଜାୱତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସରେ ସେମାନଙ୍କ ମ୍ୟାଚ ଜିତିଛନ୍ତି। ଚଳିତବର୍ଷ ଓର୍ଲିନ୍ସ ମାଷ୍ଟର୍ସ ଜିତିଥିବା ପ୍ରିୟାଂଶୁ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୨୧-୧୮, ୧୧-୬ରେ ଅଗ୍ରଣୀ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଖେଳାଳି ସତୀଶ କୁମାର ଆଘାତପ୍ରାପ୍ତ ହୋଇ ରିଟାର୍ଡ ନେଇଯାଇଥିଲେ। ଫଳରେ ପ୍ରିୟାଂଶୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଖେଳାଳି କ୍ୱାର୍ଟରଫାଇନାଲରେ ଇଣ୍ଡୋନେସିଆର କ୍ୱାଲିଫାୟର ଅଲୱି ଫରହାନ୍‌ଙ୍କୁ ଭେଟିବେ। ଏଠାରେ ଚତୁର୍ଥ ସିଡ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ତ୍ରିସା ଓ ଗାୟତ୍ରୀ ନିଜ ଦେଶର ଧାନ୍ୟା ନନ୍ଦକୁମାର ଓ ରିଦ୍ଧି କୌର ତୁର୍‌ଙ୍କୁ ୨୧-୯, ୨୧-୫ରେ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ମଧ୍ୟ ସେମାନେ ଏକ ଭାରତୀୟ ଯୋଡ଼ିଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ ଡ୍ର'ରେ ୧୦ ଭାରତୀୟ ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱର ୧୨ ନମ୍ବର ଜାପାନିଜ ଖେଳାଳି କେଣ୍ଟା ନିଶିମୋତୋ ଏବଂ ବିଶ୍ୱର ୧୪ ନମ୍ବର ଚୋଉ ତିନ୍ ଚେନ୍ ହେଉଛନ୍ତି ବିଶ୍ୱର ଦୁଇ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି। ଏଚ.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ୍ ଶେଷ ମୁହୂର୍ତ୍ତରେ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ପ୍ରିୟାଂଶୁଙ୍କୁ ଛାଡ଼ିଦେଲେ ଅନ୍ୟ ଭାରତୀୟମାନେ ଏହି ସୁପର ୩୦୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହାନ୍ତି। ଚଳିତବର୍ଷ ଡେନମାର୍କ ମାଷ୍ଟର୍ସ ଜିତିଥିବା ବିଶ୍ୱର ୪୦ ନମ୍ବର ଖେଳାଳି କିରନ ଜର୍ଜ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ବିଶ୍ୱର ୩୬ ନମ୍ବର ତାଇୱାନର ଚିଆ ହାଓ ଲି'ଙ୍କଠାରୁ ୧୬-୨୧, ୨୧-୧୮, ୨୦-୨୨ରେ ହାରିଯାଇଥିଲେ। ମହିଳା ସିଙ୍ଗଲ୍ସରେ ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ ମଧ୍ୟ ଜଣେ ହେଲେ ଭାରତୀୟ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହାନ୍ତି। ବିଶ୍ୱର ୧୭ ନମ୍ବର ଖେଳାଳି ଜାପାନର ଆୟା ଓହୋରି ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି।



ପ୍ରିୟାଂଶୁ ରଜାୱତ୍

# ପଙ୍ଘାଲ, ଥାପା ସେମିଫାଇନାଲରେ

**ଶିଲଂ, ୩୦।୧୧ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍ ରନର ଅପ୍ ଅମିତ ପଙ୍ଘାଲ (୫୧କେଜି) ଓ ୨୦୨୧ ଏସିଆନ ଚାମ୍ପିୟନ(୯୨କେଜି) ପ୍ରଭାବୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ଜାତୀୟ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଏସ୍‌ଏସ୍‌ସିବ (ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ)ର ୧୨ଜଣ ବକ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଆସାମରୁ ପ୍ରତିନିଧିତ୍ୱ କରୁଥିବା ୬ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ଶିବ ଥାପା ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପଙ୍ଘାଲ ତାଙ୍କ ମୁକାବିଲାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଜମ୍ମୁ କଶ୍ମୀରର ମହମ୍ମଦ ଆରିଫ୍‌ଙ୍କ ବିପକ୍ଷ ମୁକାବିଲାକୁ ସେ ସହଜରେ ସର୍ବସମ୍ମତି ନିଷ୍ପତ୍ତିରେ ଜିତି ନେଇଥିଲେ।

# ଗାନେମତ-ଅଙ୍ଗଦ ଯୋଡ଼ିଙ୍କୁ ଟାଇଟଲ

ନୂଆଦିଲ୍ଲୀ, ୩୦।୧୧ (ପି.ଟି.)

ଯୁବ ଶୁଟର ଗାନେମତ ସେଖନ ଓ ତାଙ୍କ ପାର୍ଟନର ଅଙ୍ଗଦ ବୀର ସିଂ ବାଜୱା ଏଠାରେ ଚାଲିଥିବା ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ମିକ୍ସଡ ଟିମ୍ ଟାଇଟଲ ହାସଲ କରିଛନ୍ତି। ପଞ୍ଜାବର ଏହି ଯୋଡ଼ି କ୍ୱାଲିଫିକେଶନ ରାଉଣ୍ଡରେ ୧୪୦ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନେ ରାଜସ୍ଥାନ ଯୋଡ଼ି ଦର୍ଶନ ରାଠୋର ଓ ଅନନ୍ତଜିତ୍ ସିଂ ନାରୁକାଙ୍କୁ ୪୭-୪୧ରେ ହରାଇ ଦେଇଛନ୍ତି। ଦର୍ଶନ ଓ ଅନନ୍ତଜିତ୍ କ୍ୱାଲିଫିକେଶନରେ ୧୩୮ ସ୍କୋର ସହ ପଞ୍ଜାବ ଯୋଡ଼ିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିଆନ ମୈରାଜ ଅହମଦ ଖାନ୍ ଓ ଆରିବା ଖାନ୍ ଉତ୍ତର ପ୍ରଦେଶ ପାଇଁ ବ୍ରୋଞ୍ଜ ପଦକ ଆଣି ଦେଇଛନ୍ତି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ସେମାନେ ହରିୟାଣାର ସଞ୍ଜନା ସୁଦ୍ ଓ ଇଶାନ ସିଂ ଙ୍କୁ ୪୪-୩୮ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଗାନେମତ ବୁଧବାର ତାଙ୍କର ପ୍ରଥମ ବ୍ୟକ୍ତିଗତ ଜାତୀୟ ସିନିୟର ମହିଳା ସ୍କିଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୬୦ଶଟ୍ ବିଶିଷ୍ଟ ଫାଇନାଲରେ ସେ ୫୬ ଟାର୍ଗେଟ ହାସଲ କରିପାରିଥିଲେ।


ଅଙ୍ଗଦ ବୀର ସିଂ ବାଜୱା ଓ ଗାନେମତ ସେଖନ।

# ସନ୍ତୋଷ ଟ୍ରଫିର ଫର୍ମାଟ ବଦଳିବ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫିର ଫର୍ମାଟ ବଦଳିବାକୁ ଯାଉଛି। ପ୍ରଥମ ପାଇଁ ଏହାର ନକ୍‌ଆଉଟ ଫର୍ମାଟକୁ ପରିବର୍ତ୍ତନ କରିବାକୁ ଗୁରୁବାର ନିଷ୍ପତ୍ତି ନେଇଛି ସର୍ବାଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍)। ପୂର୍ବରୁ ୧୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଉଥିବା ବେଳେ ବର୍ତ୍ତମାନ ଏହାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଏହା ପରଠାରୁ କ୍ୱାର୍ଟର ଫାଇନାଲ ଖେଳାଯିବ। ୬ଟି ଗ୍ରୁପ ପର୍ଯ୍ୟାୟ ବିଜେତା ଭାବେ ଗୋଆ, ଦିଲ୍ଲୀ, ମଣିପୁର, ଆସାମ, ସର୍ଭିସେସ ଓ ମହାରାଷ୍ଟ୍ର ଯୋଗ୍ୟତା ଅର୍ଜନ କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ୩ ଶ୍ରେଷ୍ଠ ଦଳ ମଧ୍ୟରେ ଅଛନ୍ତି କେରଳ, ମିଜୋରାମ ଓ ରେଲୱେଜ ରହିଛନ୍ତି। ଆୟୋଜକ ଦଳ ଭାବରେ ଅରୁଣାଚଳ ପ୍ରଦେଶ ଯୋଗ୍ୟତା ହାସଲ କରିଥିବା ବେଳେ ବିଗତ ସଂସ୍କରଣ ଚାମ୍ପିୟନ କର୍ନାଟକ ଓ ରନର ଅପ୍ ମେଘାଳୟ ମଧ୍ୟ ରହିଛନ୍ତି।

# ଷ୍ଟୋକ୍ସଙ୍କ ବାମ ଆଣ୍ଠୁରେ ଅସ୍ତ୍ରୋପଚାର

ଲଣ୍ଡନ,୩୦।୧୧(ପି.ଟି.)

ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବାମ ଆଣ୍ଠୁରେ ଅସ୍ତ୍ରୋପଚାର ସଫଳ ହୋଇଛି। ଆସନ୍ତାବର୍ଷ ଜାନୁୟାରୀରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ବେଳକୁ ସେ ଫିଟ୍ ହୋଇଯାଇଥିବେ। ଏହି ୩୨ ବର୍ଷୀୟ ଷ୍ଟାର ଅଲରାଉଣ୍ଡର ଚଳିତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ୩ ଆଶେସ ଟେଷ୍ଟରେ ବୋଲିଂ କରିବାରେ ଅସମର୍ଥ ଥିଲେ। ନିକଟରେ ଭାରତରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ମାତ୍ର ଆଣ୍ଠୁ ସମସ୍ୟା ଯୋଗୁ ବୋଲିଂ କରି ନ ଥିଲେ। ବିଶ୍ୱକପ୍ ପରେ ସେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରିବେ ବୋଲି ମାସ ଆରମ୍ଭରେ ଘୋଷଣା କରିଥିଲେ। ଷ୍ଟୋକ୍ସଙ୍କ ରିହାବିଲିଟେଶନ ଆରମ୍ଭ ହୋଇଛି। ଲଣ୍ଡନର କ୍ରମୱେଲ୍ ହସ୍ପିଟାଲ ବାହାରେ ସେ ଆଶାବାଡ଼ି ସହ ଉଠାଇଥିବା ତାଙ୍କର ଏକ ଫଟୋକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭାରତରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜାନୁୟାରୀ ୨୫ରୁ ହାଇଦ୍ରାବାଦଠାରେ ଆରମ୍ଭ ହେବ। ଭାରତରେ ପହଞ୍ଚିବା ପୂର୍ବରୁ ଆରବ ଏମିରେଟ୍ସ (ୟୁଏଇ)ରେ ଇଂଲଣ୍ଡ କ୍ରିକେଟ ଦଳ ଦୁଇ ସପ୍ତାହ ପାଇଁ ଆୟୋଜିତ ଏକ ୱାର୍ମଅପ୍ କ୍ୟାମ୍ପରେ ଯୋଗ ଦେବ। ୱାର୍କଲୋଡ୍ ଓ ଫିଟ୍‌ନେସ୍‌ଜନିତ କାରଣରୁ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ପାଇଁ ଉପଲବ୍ଧ ହେବେ ନାହିଁ ବୋଲି ଷ୍ଟୋକ୍ସ ଗତ ସପ୍ତାହରେ ଘୋଷଣା କରିଥିଲେ। ଷ୍ଟୋକ୍ସ ୨୦୨୩ରେ ଚେନ୍ନାଇ ସୁପର କିଙ୍ଗ୍ସର ସବୁଠାରୁ ଦାମୀ ଖେଳାଳି ଥିଲେ। ମାତ୍ର ଇଞ୍ଜୁରି ଯୋଗୁ ସେ ମାତ୍ର ଦୁଇଟି ମ୍ୟାଚରେ ଖେଳିପାରିଥିଲେ।



# ଶାନ୍ତୋଙ୍କ ଶତକ: ଦୃଢ଼ ସ୍ଥିତିରେ ବାଂଲାଦେଶ


ମୁଶଫିକୁର ରହିମ ଓ ନଜମୁଲ ହୋସେନ୍ ଶାନ୍ତୋ।

ସିଲହଟ୍,୩୦।୧୧(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତୋଙ୍କ ଶତକ ବଳରେ ଦୃଢ ସ୍ଥିତିରେ ରହିଛି ବାଂଲାଦେଶ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୭ ରନ୍‌ର ଅଗ୍ରଣୀ ହାସଲ କରିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୩ ଉଇକେଟ ହରାଇ ୨୧୨ ରନ୍ ସଂଗ୍ରହ କରିଛି। ହାତରେ ୭ ଉଇକେଟ ବାକି ଥାଇ ବାଂଲାଦେଶ ୨୦୫ ରନ୍‌ରେ ଆଗୁଆ ରହିଛି। ପିଚ୍‌ରେ ବଲ୍ ସ୍ପିନ୍ ହେଉଥିବାରୁ ବାଂଲାଦେଶ ଯଦି ୩୦୦ରୁ ଅଧିକ ରନ୍ ସ୍କୋର କରେ ତେବେ ନ୍ୟୁଜିଲାଣ୍ଡ ଅସୁବିଧାରେ ପଡିବ।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୬୬/୮ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଆଉ ୫୧ ରନ୍ ଯୋଡିଥିଲା। ଅଧିନାୟକ ଟିମ୍ ସାଉଦି ଚମତ୍କାର ୩୫ ରନ୍‌ର ଇନିଂସ ଖେଳିଥିଲେ। ନିୟମିତ ବୋଲର ଏହି ଯୋଡି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ। ତେବେ ପାର୍ଟ ଟାଇମର ମୋମିନୁଲ୍ ହକ୍ ଉଭୟ ଟିମ୍ ସାଉଦି ଓ କାଇଲ ଜେମିସନ୍(୨୩)ଙ୍କୁ ଆଉଟ କରିଥିଲେ। ବାଂଲାଦେଶ ଇନିଂସ ଆରମ୍ଭ କରିଥିବା ବେଳେ ଦୁଇ ଓପନର ମାତ୍ର ୨୬ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଜାକିର ହସନ(୧୭)ଙ୍କୁ ଏଜାଜ ପଟେଲ ଲେଗ୍ ବିଫୋର କରିଥିଲେ। ମହମ୍ମଦୁଲ ହସନ ଜୟ ୮ ରନ୍ କରି ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିଲେ। ତେବେ ଏହାପରେ ନବନିଯୁକ୍ତ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତୋ ଖେଳିଥିଲେ ଏକ ଚମତ୍କାର ଇନିଂସ। ଅପରାଜିତ ୧୦୪ ରନ୍‌ର ଇନିଂସ ଖେଳିବା ସହ ବାଂଲାଦେଶକୁ ସଙ୍କଟରୁ ଉଦ୍ଧାର କରିଥିଲେ। ମୋମିନୁଲ୍ ହକ୍(୪୦)ଙ୍କୁ ସାଥୀ କରି ତୃତୀୟ ଉଇକେଟରେ ୯୦ ରନ୍ ଯୋଡିଥିଲେ ଶନ୍ତୋ। ତେବେ ମୋମିନୁଲ ଭୁଲ ବୁଝାମଣା କାରଣରୁ ରନଆଉଟ ହେବା ପରେ ମୁଶଫିକୁର ରହିମଙ୍କ ସହ ଆଉ ଏକ ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ମୁଶଫିକୁର ୪୩ ରନ୍ କରିଥିବା ବେଳେ ଉଭୟ ଚତୁର୍ଥ ଉଇକେଟରେ ଅବିଭାଜିତ ୯୬ ରନ୍ ଯୋଡିଛନ୍ତି। ଶାନ୍ତୋ ୧୯୩ ବଲ୍ ଖେଳି ୧୦ ଚୌକା ସହ ୧୦୪ ରନ୍‌ରେ ବ୍ୟାଟିଂ କରୁଛନ୍ତି।

# ସେଲ୍ ହକି ଏକାଡେମୀକୁ ଡବଲ ଟାଇଟଲ

ଭୁବନେଶ୍ୱର, ୩୦।୧୧
(ତପନ ସ୍ୱାଇଁ)

ତାମିଲନାଡୁର କୋଭିଲପଟ୍ଟିଠାରେ ଅନୁଷ୍ଠିତ ସର୍ବପ୍ରଥମ ହକି ଇଣ୍ଡିଆ ଏକାଡେମୀ ଚାମ୍ପିୟନଶିପ୍ (ଜୋନ-ବି)ରେ ସେଲ୍ ହକି ଏକାଡେମୀ ଡବଲ ଟାଇଟଲ ହାସଲ କରିଛି। ଏହି ଦଳ ଉଭୟ ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛି। ସବ୍‌ଜୁନିୟର ବର୍ଗ ଫାଇନାଲରେ ସେଲ୍ ଏକାଡେମୀ ୪-୧ ଗୋଲରେ ରାୟପୁରର ସ୍ମାର୍ଟ ହକି ଏକାଡେମୀକୁ ପରାସ୍ତ କରିଛି। ସେହିପରି ତୀବ୍ର ସଂଘର୍ଷପୂର୍ଣ୍ଣ ଜୁନିୟର ବର୍ଗର ଫାଇନାଲରେ ସେଲ୍ ଏକାଡେମୀ ୩-୨ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି)କୁ ହରାଇ ଦେଇଛି। ସବ୍‌ଜୁନିୟର ବର୍ଗର ପ୍ଲେ-ଅଫ୍‌ରେ ତାମିଲନାଡୁ ହକି ଏକାଡେମୀ ୩-୧ ଗୋଲରେ ଲକ୍ଷ୍ମୀ ଅମଲ ସ୍ପୋର୍ଟ୍ସ ଏକାଡେମୀକୁ ହରାଇ ବ୍ରୋଞ୍ଜ ପଦକ ପାଇଛି। ସେହିପରି ଜୁନିୟର ବର୍ଗର ପ୍ଲେ-ଅଫ୍‌ରେ ହୁବଳି ହକି ଏକାଡେମୀ ବିଦର୍ଭର ବେରାର ହକି ଏକାଡେମୀକୁ ୨-୧ ଗୋଲରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି।



ଜୁନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ସେଲ୍ ହକି ଏକାଡେମୀ ଦଳ ଅତିଥିଙ୍କ ଗହଣରେ।

# 'ମିଶନ ସୁଡ଼ଙ୍ଗ'ରେ ଅକ୍ଷୟଙ୍କ ମୁଖ୍ୟ ଭୂମିକା

**ମୁମ୍ବାଇ:** ଉତ୍ତରାଖଣ୍ଡର ଟନେଲ୍‌ରେ ଉଦ୍ଧାର କାର୍ଯ୍ୟର ସଫଳତା ପରେ ଏହାକୁ ନେଇ ଫିଲ୍ମ ହେବାକୁ ଯୋଜନା ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ ଏହି ଉଦ୍ଧାର କାର୍ଯ୍ୟ ଉପରେ ଖୁବ୍‌ଶୀଘ୍ର ଏକ ଫିଲ୍ମ ନିର୍ମାଣ କରାଯିବ। ଜଣାପଡ଼ିଛି ଯେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଉଦ୍ଧାର କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତାଙ୍କୁ ଟନେଲ୍ ବିଶେଷଜ୍ଞ ଅନୋଲ୍ଡ ଡିକ୍ସଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଦାବି ହୋଇଛି। ହେଲେ ଏ ପର୍ଯ୍ୟନ୍ତ ଅକ୍ଷୟଙ୍କଠାରୁ କୌଣସି ସୂଚନା ମିଳିନାହିଁ। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଦାବି ହୋଇଛି ଯେ କେବଳ ଫିଲ୍ମର ନାମ ନୁହେଁ ତା'ର ଶୁଟିଂ ପାଇଁ ସ୍ଥାନ ମଧ୍ୟ ସ୍ଥିର କରାଯାଇଛି। ଫିଲ୍ମର ନାମ 'ମିଶନ ସୁଡ଼ଙ୍ଗ' ରଖାଯିବ। ୧୯୯୧ରେ ଅକ୍ଷୟ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା କରି ଦର୍ଶକଙ୍କ ପ୍ରିୟ ପାଲଟିଛନ୍ତି। ସେ ବହୁତ ଥର ହାସ୍ୟରସ ଭୂମିକାରେ ନଜରକୁ ଆସି ଦର୍ଶକଙ୍କୁ ହସାଇ ନାକେଦମ୍ କରିଛନ୍ତି। ଅକ୍ଷୟ ହାଉସଫୁଲ, ଏଣ୍ଟରଟେନ୍‌ମେଣ୍ଟ ଭଳି ଫିଲ୍ମ କରି ଲୋକଙ୍କୁ ଖୁସି କରାଇଛନ୍ତି।
















# ସଚେତନତା ହିଁ ପ୍ରକୃତ ନିଦାନ

ଏଡସ ଏକ ଦୂରାରୋଗ୍ୟ ବ୍ୟାଧି। ଆକ୍ୱାର୍ଡ ଇମ୍ୟୁନୋଡେଫେସିସିଏନ୍ସି ସିଣ୍ଡ୍ରୋମ (ଏଡସ) ଇମ୍ୟୁନୋଡେଫେସିସିଏନ୍ସି ଭୁତାଣୁ(ଏଚଆଇଭି) ଦ୍ୱାରା ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଏଚଆଇଭି ମଣିଷର ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରି ଅନ୍ୟ ରୋଗର ପ୍ରତିରୋଧକୁ ହ୍ରାସ କରିଥାଏ। ଏକ୍ଷେତ୍ରରେ ସଚେତନତା ହିଁ ପ୍ରକୃତ ନିଦାନ ସାବ୍ୟସ୍ତ ହୋଇ ପାରିଥାଏ।

ବିଶ୍ୱସ୍ତରରେ ଏଡସର ମୁକାବିଲା ଲାଗି ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଥାଏ। ଏଥିରୁ ଦୂରେଇ ରହିବା ନେଇ ଲୋକଙ୍କୁ ସଚେତନ କରାଇବା ଏହି




ଦିବସ ପାଳନର ମୂଳ ଲକ୍ଷ୍ୟ। ୧୯୮୮ରେ ଏହି ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ପୂର୍ବରୁ ୧୯୮୭ ଅଗଷ୍ଟରେ ବିଶ୍ୱ ଏଡସ ଦିବସ ପାଳନ ପାଇଁ ସ୍ୱିଜରଲାଣ୍ଡର ଜେନେଭା ଠାରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡସ ଉପରେ ଗ୍ଲୋବାଲ ପ୍ରୋଗ୍ରାମ ପାଇଁ କାର୍ଯ୍ୟକରୁଥିବା ଦୁଇଜଣ ଜନ ସୂଚନା ଅଧିକାରୀ ଜେମ୍ସ ଡବ୍ଲୁ ବୁନ ଏବଂ ଥୋମାସ ନେଟରଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଯାଇଥିଲା। ସେମାନେ ଏଡସ ଗ୍ଲୋବାଲ ପ୍ରୋଗ୍ରାମର ନିର୍ଦ୍ଦେଶକ ଜୋନାଥନ ମାନଙ୍କୁ ଏନେଇ ସୂଚନା ପ୍ରଦାନ କରିଥିଲେ। ପରେ ଏହି ଦିବସ ପାଳନ କରିବାକୁ ଅନୁମୋଦନ ମିଳିଥିଲା। ରିପୋର୍ଟ ଅନୁସାରେ ୨୦୧୭ ସୁଦ୍ଧା, ଏଡସ ଯୋଗୁ ବିଶ୍ୱସ୍ତରରେ ୪୧.୫ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ଆନୁମାନିକ ୩୬.୭ ନିୟୁତ ଲୋକ ଏଚଆଇଭିରେ ସଂକ୍ରମିତ ଅଛନ୍ତି। ବିଶ୍ୱର ଅନେକ ଅଞ୍ଚଳରେ ଆଣ୍ଟିରେଟ୍ରୋଭାଇରାଲ ଚିକିତ୍ସା ଯୋଗୁ ୨୦୦୫ଠାରୁ ଏଡସ ମୃତ୍ୟୁ ହାର କମିବାରେ ଲାଗିଛି। ଏହି ଦିବସ ପାଳନ ଅବସରରେ ରେଡ ରିବନର ଆଇକନିକ ପ୍ରଦର୍ଶନ କରାଯାଇଥାଏ।

ଏଡସ ରୋକିବା ଏବଂ ଏହାର ନିୟନ୍ତ୍ରଣ ସମ୍ପର୍କିତ ଶିକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ହାରିବାନି ହରାଇବା ଭାନା ଜାଗ୍ରତ କରିବା ସୃଷ୍ଟି କରିବା ଲାଗି ପ୍ରୟାସ କରାଯାଇଥାଏ।



























ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ Bhubaneswar, Friday, December 1/ 2023

# ଯୁବ ବୋଲରଙ୍କ ଉପରେ ନଜର

ରାୟପୁର,୩୦।୧୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ଆଗୁଆ ସିରିଜ୍ ଜିତିବାକୁ ପ୍ରୟାସ କରିବ। ତେବେ ଭାରତର ଯୁବ ବୋଲିଂ ଲାଇନଅପ୍ ଉପରେ ସମସ୍ତଙ୍କ ନଜର ରହିବ। ଭାରତ ଏହାର ଦ୍ୱିତୀୟ ପସନ୍ଦର ବୋଲିଂ ଲାଇନ୍‌ଅପ୍ ସହିତ

**ଆଜି ୪ର୍ଥ ଟି୨୦**

**ମ୍ୟାଚ୍ ସ୍ଥାନ: ରାୟପୁର**
**ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ ସ୍ପୋର୍ଟ୍ସ ୧୮**

ଓହ୍ଲାଇଥିଲେ ମଧ୍ୟ ଅନ୍ତିମ ୨ ଓଭରରେ ୪୦ ରନ୍ ବ୍ୟୟ କରିବା ଗ୍ରହଣୀୟ ନୁହେଁ। ଖାସ୍ କରି ପ୍ରସିଦ୍ଧ କ୍ରିଷ୍ଣା ଶେଷ ମ୍ୟାଚ୍‌ରେ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ୪ ଓଭରରେ ସେ ୬୮ ରନ୍ ବ୍ୟୟ କରିଥିବା ବେଳେ ଅନ୍ତିମ ଓଭରରେ ୨୧ ରନ୍ ମଧ୍ୟ ଡିଫେଣ୍ଡ କରିପାରି ନ ଥିଲେ। ଦୀପକ ଚହର ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଗୋଟିଏ ମ୍ୟାଚ୍‌ର ବ୍ରେକ୍ ପରେ ମୁକେଶ କୁମାର ମଧ୍ୟ ଦଳକୁ ଫେରିଛନ୍ତି। ଉଭୟ ଖେଳାଳି ଏହି ମ୍ୟାଚ୍‌ରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ଚହର ପାୱାର ପ୍ଲେ ଓଭରରେ ବଲକୁ ଉଭୟ



ରାୟପୁରରେ ବ୍ୟାଟିଂ ଅଭ୍ୟାସ କରୁଛନ୍ତି ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର।

ଦିଗକୁ ସୁଇଂ କରିବାର ଦକ୍ଷତା ରଖନ୍ତି। ଅନ୍ୟପକ୍ଷରେ ମୁକେଶ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିଥାନ୍ତି। ପ୍ରସିଦ୍ଧ କ୍ରିଷ୍ଣା ଓ ଆଭେଶ୍ ଖାନ୍ ସର୍ଟ ଅଫ୍ ଲେଙ୍ଗ୍ଥ ବଲ୍ ଉପରେ ଅଧିକ ନିର୍ଭରଶୀଳ ରହୁଥିବା ବେଳେ ଭାରତୀୟ ପିଚ୍‌ରେ ଉଭୟ ବେଶ୍ ମହଙ୍ଗା ସାବ୍ୟସ୍ତ ହେଉଛନ୍ତି। ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ବିଶେଷ ପରିବର୍ତ୍ତନର ସମ୍ଭାବନା କମ୍। ଶ୍ରେୟସ୍ ଆୟର ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏକମାତ୍ର ଖେଳାଳି ଭାବରେ ତିଳକ ବର୍ମା ଟିମ୍‌ରୁ ବାହାରେ ବସିବେ। ଚଳିତ ସିରିଜରେ ଭାରତୀୟ ଟପ୍ ଅର୍ଡର ଜବରଦସ୍ତ ଫର୍ମରେ ରହିଛି। ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଦୁଇ ମ୍ୟାଚ୍‌ରେ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ଟି୨୦ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେହିପରି ଅଷ୍ଟ୍ରେଲୀୟ ବ୍ୟାଟିଂ ଲାଇନ୍ ଅପ୍‌ରେ ମ୍ୟାକ୍ସୱେଲଙ୍କ ଅନୁପସ୍ଥିତି ଭାରତୀୟ ବୋଲରଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ମ୍ୟାକ୍ସୱେଲଙ୍କ ସମେତ ଷ୍ଟିଭେନ୍ ସ୍ମିଥ୍ ଓ ଆଡାମ ଜାମ୍ପା ମଧ୍ୟ ଦଳରେ ନ ଥିବାରୁ ଏହା ଭାରତକୁ ମ୍ୟାଚ୍‌ର ଫେଭରିଟ୍ କରୁଛି। ଅଷ୍ଟ୍ରେଲିଆର ମଧ୍ୟକ୍ରମ ବ୍ୟାଟିଂ ଭାର ଟିମ୍ ଡେଭିଡ୍, ଜୋଶ ଫିଲିପ୍ ଓ ବେନ୍ ମ୍ୟାକଡେରମଟ୍‌ଙ୍କ ଉପରେ ରହିବ। ଗୁଆହାଟୀ ପରି ରାୟପୁରରେ ମଧ୍ୟ କାକରର ବଡ ଭୂମିକା ରହିବ। ରନ୍‌ର ପିଛା କରୁଥିବା ଦଳ ଏଠାରେ ମଧ୍ୟ ଫାଇଦାରେ ରହିବ। ୩ ମ୍ୟାଚ୍‌ର ୬ ଇନିଂସ ମଧ୍ୟରୁ ୫ଟିରେ ୨୦୦+ ସ୍କୋର ଦେଖିବାକୁ ମିଳିଛି। ରାୟପୁରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିବ।




ରାଜ୍ୟ ମ୍ୟୁଜିୟମସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରିରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଉପରେ ଆଧାରିତ ଫଟୋ ପ୍ରଦର୍ଶନୀ ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅବସରରେ ଦିଲୀପଙ୍କ ସହ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲର ତଥା ଜାତୀୟ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ୟୁନିଟ୍-୬, କିସ୍ ହାଇସ୍କୁଲ ସେମିରେ

ଭୁବନେଶ୍ୱର, ୩୦।୧୧

(ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ୟୁନିଟ୍-୬ ହାଇସ୍କୁଲ ଓ କିସ୍ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୬ ପ୍ରଥମ

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେଣ୍ଟିଆଲ ସ୍କୁଲକୁ ୫-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସପନ ଡାକୁଆ ଓ ସୂର୍ଯ୍ୟ ରଞ୍ଜନ ନାୟକ ୨ଟି ଲେଖାଏ ଏବଂ ସୋମୁ ମୁଦୁଲି ଗୋଟିଏ ଗୋଲ ସ୍କୋର କରିଥିଲେ। ଅବସରପ୍ରାପ୍ତ ଡେପୁଟି କମିଶନର ପ୍ରଣତି ମିଶ୍ର ଅତିଥିଭାବେ ଯୋଗଦେଇ ସୋମୁ ମୁଦୁଲିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।




ହ୍ୟାଟ୍ରିକ ଗୋଲ କରିଥିବା ରାମଚନ୍ଦ୍ର ବାସ୍କେଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କିସ୍ ହାଇସ୍କୁଲ ୩-୦ ଗୋଲରେ ୟୁନିଟ-୧ ହାଇସ୍କୁଲକୁ ହରାଇ ଦେଇଛି। କିସ୍ ପକ୍ଷରୁ ରାମଚନ୍ଦ୍ର ବାସ୍କେ ୩ଟି ଯାକ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆସୋସିଏଶନର କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ଦାସ ଉପସ୍ଥିତ ରହି ରାମଚନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ସରୋଜ ମହାରଣା, କୀର୍ତ୍ତି ରଞ୍ଜନ ସ୍ୱାଇଁ, ବରୁଣ ପ୍ରଧାନ, ସୁଦୀପ ଦାସ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ। କ୍ୟାପିଟାଲ ହାଇସ୍କୁଲ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ମଧ୍ୟରେ ଅନ୍ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ଉଗାଣ୍ଡାକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

ୱିଣ୍ଡହୋକ୍, ୩୦।୧୧(ପି.ଟି.)

ରୱାଣ୍ଡା ବିପକ୍ଷରେ ୯ ଉଇକେଟରେ ବିଜୟ ହାସଲ ପରେ ଉଗାଣ୍ଡା ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଚଳିତ ଆଫ୍ରିକାନ କ୍ୱାଲିଫାୟରରେ ନାମ୍ବିଆ ପରେ ଦ୍ୱିତୀୟ ଦଳ ଭାବେ ଉଗାଣ୍ଡା ମୁଖ୍ୟ ଟୁର୍ନାମେଣ୍ଟରେ ପ୍ରବେଶ କରିଛି। ଆଫ୍ରିକା କ୍ୱାଲିଫାୟର୍ସର ଆଞ୍ଚଳିକ ଫାଇନାଲରେ ରୱାଣ୍ଡାକୁ ହରାଇ ଦେବା ଦ୍ୱାରା ଉଗାଣ୍ଡା ଟପ୍ ଟୁ ଫିନିଶ କରିବ ବୋଲି ସ୍ପଷ୍ଟ ହୋଇଥିଲା। ୬ଟି ମ୍ୟାଚରେ ଏହା ହେଉଛି ଦଳର ୫ମ ବିଜୟ। ଗୁରୁବାର ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରୱାଣ୍ଡା ୧୮.୫ ଓଭରରେ ୬୫ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଉଗାଣ୍ଡା ୮.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟି୨୦ ବିଶ୍ୱକପ୍ ଖେଳିବାରେ ଉଗାଣ୍ଡା ୫ମ ଆଫ୍ରିକୀୟ ରାଷ୍ଟ୍ର ହେବାକୁ ଯାଉଛି। ଅନ୍ୟପକ୍ଷରେ ଆଫ୍ରିକା କ୍ୱାଲିଫାୟର ଫେଭରାଇଟ୍ ଜିମ୍ବାୱେ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ଏହି ଦେଶ ଖେଳିଥିବା ୫ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରିବା ସହ ଆଞ୍ଚଳିକ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଛି। ଆଫ୍ରିକାନ କ୍ୱାଲିଫାୟର ପରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ୨୦ଟି ଦଳର ସ୍ଥାନ ପୂରଣ ହୋଇଛି। ମୁଖ୍ୟ ଟୁର୍ନାମେଣ୍ଟ ଆସନ୍ତା ଜୁନ୍ ୪ରୁ ୩୦ ପର୍ଯ୍ୟନ୍ତ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ପରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ। ଟି୨୦ ବିଶ୍ୱକପ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକ ହେଲେ- ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆଫଗାନିସ୍ତାନ, ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ପପୁଆ ନ୍ୟୁ ଗିନି, କାନାଡା, ନେପାଳ, ଓମାନ, ନାମ୍ବିଆ ଓ ଉଗାଣ୍ଡା।

# ଭାରତର ନେତୃତ୍ୱ ନେବେ ହରମନ୍‌ପ୍ରୀତ

ନୂଆଦିଲ୍ଲୀ,୩୦।୧୧(ପି.ଟି.)

ସ୍ପେନ୍‌ର ଭାଲେନ୍ସିଆରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ୨୪ ଜଣିଆ ଭାରତୀୟ ଦଳ ଗୁରୁବାର ଘୋଷଣା କରାଯାଇଛି। ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ ସିଂଙ୍କୁ ଏହି ଦଳର ଅଧିନାୟକ ରଖା ଯାଇଥିବା ବେଳେ ଓଡ଼ିଶାରୁ ଦୁଇ ଖେଳାଳି ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ୍ ସାମିଲ ଅଛନ୍ତି। ଭାରତ ବ୍ୟତୀତ ସ୍ପେନ୍, ଜର୍ମାନୀ, ଫ୍ରାନ୍ସ ଓ ବେଲଜିୟମ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଡିସେମ୍ବର ୧୫-୨୨ ମଧ୍ୟରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଅମିତ ରୋହିଦାସ ଏହି ଦଳରେ ଉପ ଅଧିନାୟକ ରହିଛନ୍ତି। ଦୁଇ ବରିଷ୍ଠ ଗୋଲକିପର ପି.ଆର. ଶ୍ରୀଜେସ୍ ଓ କ୍ରିଷନ୍ ବାହାଦୁର ପାଠକଙ୍କ ସହିତ ସୂରଜ କାରକେରା ତୃତୀୟ ଗୋଲକିପର ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍‌ର ପ୍ରସ୍ତୁତି ଭାବେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ବୋଲି କହିଛନ୍ତି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ।




ହରମନ୍‌ପ୍ରୀତ୍ ସିଂ

**ପଞ୍ଚରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ**

**୨୪ ଜଣିଆ ଦଳରେ ଓଡ଼ିଶାରୁ ଅମିତ, ନିଲମ ସଞ୍ଜୀପ**

**ଭାରତୀୟ ଦଳ:**
ଗୋଲକିପର୍ସ: ପି.ଆର. ଶ୍ରୀଜେସ୍, କ୍ରିଷନ୍ ବାହାଦୁର ପାଠକ ଓ ସୂରଜ କାରକେରା।
ଡିଫେଣ୍ଡର୍ସ: ଜରମନପ୍ରୀତ୍ ସିଂ, ଯୁଗରାଜ ସିଂ, ଅମିତ ରୋହିଦାସ, ହରମନ୍‌ପ୍ରୀତ୍ ସିଂ(ଅଧିନାୟକ), ବରୁଣ କୁମାର, ସୁମନ୍ତ, ସଞ୍ଜୟ, ନିଲମ ସଞ୍ଜୀପ ଖେସ୍।
ମିଡ୍‌ଫିଲ୍ଡର୍ସ: ଯଶଦୀପ ସିୱାଚ୍, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ଶମଶେର ସିଂ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍।
ଫରୱାର୍ଡ୍ସ: ମନଦୀପ ସିଂ, ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, କାର୍ଥି ସେଲଭମ୍, ଦିଲପ୍ରୀତ ସିଂ, ଆକାଶଦୀପ ସିଂ।

# ଆଜିଠୁ ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ):** ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଗତ ଅକ୍ଟୋବରରେ ଭୁବନେଶ୍ୱର 'ବି' ଡିଭିଜନ ଲିଗ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। 'ଏ' ଡିଭିଜନ ଲିଗ୍‌ରେ ଏଥର କିଶୋର କ୍ଲବ, ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ, କ୍ଲବ-୭୩, କିସ୍ ଫୁଟ୍‌ବଲ ଦଳ, ଘାଟିକିଆର ବଜରଙ୍ଗ କ୍ଲବ ଓ ଏଜି ରିକ୍ରିଏଶନ କ୍ଲବ ଆଦି ୬ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଓ ଏଜି ରିକ୍ରିଏଶନ କ୍ଲବ ମଧ୍ୟରେ ଫ୍ଲଡ୍ ଲାଇଟରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ ଏବଂ ଏହି ଲିଗ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାସ କହିଛନ୍ତି।

# ଭାରତର ୮ ବକ୍ସରଙ୍କ ପଦକ ପକ୍କା

ନୂଆଦିଲ୍ଲୀ, ୩୦।୧୧ (ପି.ଟି.)

**ବିଶ୍ୱ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍**

ଆର୍ମେନିଆର ୟେରେଭାନ୍‌ଠାରେ ଚାଲିଥିବା ଆଇବିଏ ଜୁନିୟର ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍ ୨୦୨୩ର ୬ଷ୍ଠ ଦିବସରେ ଭାରତର ୮ଜଣ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛନ୍ତି। ଟୁର୍ନାମେଣ୍ଟରେ ଭାଗ ନେଇଥିବା ୮ଜୁନିୟର ବାଳିକାଙ୍କ ମଧ୍ୟରୁ ୬ ଜଣ ସେମିଫାଇନାଲରେ ପ୍ରବେଶ କରିବା ଏକ ଉଲ୍ଲେଖନୀୟ ସଫଳତା। ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ର ଦୁଇ ସ୍ୱର୍ଣ୍ଣ ବିଜେତା ପରୀ (୫୦କେଜି) ଓ ନିଧି (୬୬କେଜି) ଯଥାକ୍ରମେ ରୋମାନିଆର ମୁଲର ମିକାଏଲା ଓ ଚାଇନିଜ ତାଇପେର କାଓ ଚିନ୍ ଆଇଙ୍କ ବିପକ୍ଷରେ ସମାନ ୫-୦ରେ ସହଜ ବିଜୟ ହାସଲ କରିଛନ୍ତି। ପାୟଲ (୪୮କେଜି) ୫-୦ରେ ଆୟର୍ଲାଣ୍ଡର ଡୋହର୍ଟି ଲରେନଙ୍କୁ ପରାସ୍ତ କରିଥିବା ବେଳେ ବିଜୟ ହାସଲ କରିଥିବା ବେଳେ ଆମିଶା (୫୪କେଜି) ଏକ ସର୍ବ ସମ୍ମତି ନିଷ୍ପତ୍ତିରେ ଦକ୍ଷିଣ କୋରିଆର କିମ୍ ଜିଆଇଙ୍କୁ ହରାଇ ଦେଇଛନ୍ତି। ଏସିଆନ



ପରୀ

ଜୁନିୟର ରୌପ୍ୟ ପଦକ ବିଜେତା ନେହା ଲୁଥିନୀ (୪୬କେଜି) ବେଲାରୁଷର ହିକୋସ୍କାୟା ଆନହେଲିନାଙ୍କୁ ୪-୧ ବିଭାଜିତ ନିଷ୍ପତ୍ତିରେ ହରାଇ ଦେଇଛନ୍ତି।ଙ୍ ଅନ୍ୟପକ୍ଷରେ ପ୍ରାଚୀ (୫୪କେଜି) କାଜାଖସ୍ତାନର ସିଥାନକାଇଜିକ୍ ପାନାରଙ୍କ ବିପକ୍ଷରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ପ୍ରଥମ ରାଉଣ୍ଡରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ବିପକ୍ଷ ଖେଳାଳିଙ୍କ ଦୁର୍ବଳତା ଓ ଶକ୍ତିକୁ ସେ ପରଖି ନେଇଥିଲେ। ଶେଷ ଦୁଇ ରାଉଣ୍ଡରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ସେ ବିଭାଜିତ ରାୟ ୩-୨ରେ ମୁକାବିଲା ଜିତି ନେଇଥିଲେ। ଭାରତର ଏକମାତ୍ର ମହିଳା ଜୟଶ୍ରୀ ଦେବୀ ଏକତରଫା ମୁକାବିଲାରେ ରୁଷିଆର ଲିଓନେଭା କିରାଙ୍କଠାରୁ ୧-୪ରେ ହାରିଯାଇଛନ୍ତି। ବାଳକ ବିଭାଗରେ ୪ ଭାରତୀୟ ବକ୍ସର ପଦକ ରାଉଣ୍ଡକୁ ଉନ୍ନୀତ ହେବାରେ ସଫଳ ହୋଇଛନ୍ତି। ବାଳକ ବିଭାଗରେ ୪ ଭାରତୀୟ ବକ୍ସରଙ୍କ ମଧ୍ୟରୁ ୨ଜଣ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏସିଆନ ଜୁନିୟର ସ୍ୱର୍ଣ୍ଣ ବିଜେତା ହାର୍ଦ୍ଦିକ ପନୱାର (୮୦କେଜି) ଓ ଯତିନ (୫୪କେଜି) ଚମତ୍କାର ପ୍ରଦର୍ଶନ ସହ ଯଥାକ୍ରମେ ଦକ୍ଷିଣ କୋରିଆର ପାର୍କ ଡାମିୟନ ଏବଂ ଜର୍ଜିଆର ମୁସ୍କୁଡିଆନି ଡେଭିକ୍‌ଙ୍କୁ ସର୍ବସମ୍ମତି ନିଷ୍ପତ୍ତିରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବ୍ରିଜେଶ ଟାମଟା (୪୬କେଜି) ଓ ଡିଭାଶ କାଟାରେ (୫୦କେଜି) ଏହି ଦୁଇ ବକ୍ସର କ୍ୱାର୍ଟରଫାଇନାଲରେ ପରାଜିତ ହୋଇଛନ୍ତି। ସେମିଫାଇନାଲ ଡିସେମ୍ବର ୨ରେ ଫାଇନାଲ ଡିସେମ୍ବର ୩ରୁ ୪ ଅନୁଷ୍ଠିତ ହେବ।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ